ଧରିତ୍ରୀ 51 Years
ପୃଷ୍ଠା–୮+୮
# ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ଅକ୍ଟୋବର ୧୭/୨୦୨୫ (୮+୮=୧୬ ପୃଷ୍ଠା) Bhubaneswar, Friday, October 17/2025 Page 16 ₹ 7.00 | SAMBALPUR
୫୧ଶ ଭାଗ ୩୨୧ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 51 ISSUE 321 ମୂଲ୍ୟ ₹୭/-







SAATCHI & SAATCHI

ଧରିତ୍ରୀ 51 Years
# ଧରିତ୍ରୀ DHARITRI
ଭୁବନେଶ୍ୱର, ଶୁକ୍ରବାର, ଅକ୍ଟୋବର ୧୭/୨୦୨୫ | Bhubaneswar, Friday, October 17/2025 | ପୃଷ୍ଠା-୧




କଟକ ବକ୍ସିବଜାରସ୍ଥିତ ରିଜର୍ଭ ପୋଲିସ ଗ୍ରାଉଣ୍ଡରେ ଗୁରୁବାର ୭୦ତମ ପୋଲିସ ବୃତ୍ତିଗତ ପ୍ରତିଯୋଗିତାର ଉଦ୍‌ଘାଟନୀ ସମାରୋହ ପରେଡ୍‌ରେ ଅଂଶଗ୍ରହଣ କରିଥିବା ପୋଲିସ ଶ୍ୱାନ ଟିମ୍‌। **(ଫଟୋ: ରାଜକିଶୋର ମହାନ୍ତି)**

# ମୋଦି କହିଛନ୍ତି, ଭାରତ କିଣିବନି ରୁଷୀୟ ତୈଳ: ଟ୍ରମ୍ପ୍‌

**ଭାରତ ରୁଷିଆଠାରୁ ତୈଳ କିଣିବା ବନ୍ଦ କରିଦେବ ବୋଲି 'ବନ୍ଧୁ' ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କୁ ପ୍ରତିଶ୍ରୁତି ଦେଇଥିବା ବୁଧବାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ ଦାବି କରିଛନ୍ତି। ୟୁକ୍ରେନ୍‌ ଆକ୍ରମଣକାରୀ ରୁଷିଆ ଉପରେ ଚାପ ସୃଷ୍ଟି ଦିଗରେ ଏହା ଏକ 'ବଡ଼ ପଦକ୍ଷେପ' ବୋଲି ଟ୍ରମ୍ପ୍‌ ଅଭିହିତ କରିଛନ୍ତି। ଏନେଇ କଂଗ୍ରେସ ମୋଦିଙ୍କୁ ଟାର୍ଗେଟ କରିଥିବାବେଳେ ଉକ୍ତ ପ୍ରସଙ୍ଗ ଦେଶରେ ରାଜନୈତିକ ହଟଚମଟ ସୃଷ୍ଟି କରିଛି। ଇତିମଧ୍ୟରେ ରାଷ୍ଟ୍ରପତି ଟ୍ରମ୍ପ୍‌ ଓ ପ୍ରଧାନମନ୍ତ୍ରୀ ମୋଦିଙ୍କ ମଧ୍ୟରେ ରୁଷୀୟ ତୈଳ କ୍ରୟ ବନ୍ଦ କରିବା ଉପରେ କୌଣସି ପ୍ରକାର ଟେଲିଫୋନିକ୍‌ ଆଲୋଚନା ହୋଇ ନ ଥିବା ନୂଆଦିଲ୍ଲୀ ସ୍ପଷ୍ଟ କରିଛି।**

ୱାଶିଂଟନ୍‌/ନୂଆଦିଲ୍ଲୀ/ମସ୍କୋ,୧୬।୧୦ (ବ୍ଲୁମ୍‌ବର୍ଗ/ରଏଟର୍ସ/ପି.ଟି.)

୨୦୨୨ ଫେବୃଆରୀ ୨୪ରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ନିର୍ଦ୍ଦେଶକ୍ରମେ ତାଙ୍କ ସେନା ୟୁକ୍ରେନ୍‌ ଉପରେ ଆକ୍ରମଣ କରିଥିଲା। ସେବେଠୁ ୧,୩୩୦ ଦିନ ଧରି ରୁଷିଆ-ୟୁକ୍ରେନ୍‌ ଯୁଦ୍ଧ ଜାରି ରହିଛି। ଯୁଦ୍ଧ ପରଠାରୁ ଚାଇନା ଓ ଭାରତ ରୁଷୀୟ ତୈଳର ବଡ଼ କ୍ରେତା ରହିଆସିଛନ୍ତି। ରିପବ୍ଲିକାନ୍‌ ଡୋନାଲ୍ଡ ଟ୍ରମ୍ପ୍‌ ଦ୍ୱିତୀୟ ଥର କ୍ଷମତାକୁ ଆସିଲେ ୟୁକ୍ରେନ୍‌ ଯୁଦ୍ଧ ବନ୍ଦ କରାଇବେ ବୋଲି ଗତ ନିର୍ବାଚନ ବେଳେ ପ୍ରତିଶ୍ରୁତି ଦେଇଥିଲେ। ଟ୍ରମ୍ପ୍‌ ୨୦୨୫ ଜାନୁଆରୀ ୨୦ରେ ରାଷ୍ଟ୍ରପତି ରୂପେ ପୁନଃ ଦାୟିତ୍ୱ ଗ୍ରହଣ କରିବା ପରଠାରୁ ଯୁଦ୍ଧ ବନ୍ଦ

## ମୋଦି-ଟ୍ରମ୍ପ୍‌ ଆଲୋଚନା ହୋଇନାହିଁ: କେନ୍ଦ୍ର

ଦିଗରେ ପଦକ୍ଷେପ ନେବା ସହ ରୁଷିଆ ପାଇଁ ଯୁଦ୍ଧର ଇନ୍ଧନ ରୂପକ ତୈଳ ନ କିଣିବାକୁ ଭାରତକୁ ପରାମର୍ଶ ଦେଇଆସିଛନ୍ତି। କିନ୍ତୁ ନୂଆଦିଲ୍ଲୀ ଦେଶର ଉପଭୋକ୍ତାମାନଙ୍କ ସ୍ୱାର୍ଥ ଦୃଷ୍ଟିରୁ ମସ୍କୋଠାରୁ ତୈଳ କିଣିବା ଜାରି ରଖିଛି। ଏହି ପୃଷ୍ଠଭୂମିରେ ଟ୍ରମ୍ପ୍‌ ଭାରତୀୟ ସାମଗ୍ରୀ ଉପରେ ୨୫% ଆମଦାନୀ ଶୁଳ୍କ ସହ ରୁଷୀୟ ତୈଳ କ୍ରୟ ବାବଦକୁ ଅତିରିକ୍ତ ୨୫% ଜରିମାନା କଷିଛନ୍ତି, ଯାହାକି ଗତ ଅଗଷ୍ଟ ଶେଷଭାଗରୁ ଲାଗୁ ହୋଇଛି। ☞ପୃଷ୍ଠା-୨

# ଜନଶୁଣାଣିକୁ ଗୁରୁତ୍ୱ ଦେଉନାହାନ୍ତି ୬ ବିଭାଗ

ଭୁବନେଶ୍ୱର,୧୬।୧୦(ରବିନାରାୟଣ ଜେନା)

ରାଜ୍ୟରେ ଲୋକଙ୍କ ଅଭିଯୋଗ ଶୁଣିବା ପାଇଁ ରାଜ୍ୟ ସରକାର ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି। ସୋମବାର ଅଭିଯୋଗ ପ୍ରକୋଷ୍ଠରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ତାଙ୍କ ମନ୍ତ୍ରୀ ପରିଷଦ ସମସ୍ତ ଅବହେଳିତ ବର୍ଗଙ୍କୁ ଭେଟି ଗୁହାରି ଶୁଣୁଛନ୍ତି ଏବଂ ତା'ର ତ୍ୱରିତ୍‌ ସମାଧାନ ଦିଗରେ ବିଭାଗୀୟ ସଚିବଙ୍କୁ ନିର୍ଦ୍ଦେଶ ଦେଉଛନ୍ତି। ହେଲେ ୬ଟି ବିଭାଗ ଲୋକଙ୍କ ଅଭିଯୋଗର ସମାଧାନ ଦିଗରେ ଗୁରୁତ୍ୱ ଦେଉ ନାହାନ୍ତି, ଯେଉଁଥିପାଇଁ ପ୍ରାୟ ୩୮ହଜାର ଲୋକଙ୍କ ଅଭିଯୋଗର ସମାଧାନ ହୋଇପାରୁନାହିଁ। ଏନେଇ ସରକାରଙ୍କ ପକ୍ଷରୁ ବାରମ୍ବାର ପତ୍ର ଲେଖାଗଲେ ମଧ୍ୟ କର୍ଣ୍ଣପାତ କରୁ ନ ଥିବାରୁ ଏହାକୁ ନେଇ ଗତ ୧୫ ତାରିଖରେ ସମ୍ପୃକ୍ତ ବିଭାଗୀୟ ମୁଖ୍ୟଙ୍କୁ ପୁନର୍ବାର ପତ୍ର ଲେଖି ତାଗିଦ୍‌ କରାଯାଇଛି।

ସାଧାରଣ ଅଭିଯୋଗ ନିର୍ଦ୍ଦେଶକ ସୁକାନ୍ତ କୁମାର ବେହେରା ମଙ୍ଗଳବାର ସମସ୍ତ ବିଭାଗୀୟ ମୁଖ୍ୟଙ୍କୁ ପତ୍ର ଲେଖି ଦର୍ଶାଇଛନ୍ତି, ଜନଶୁଣାଣି ହେଉଛି ଓଡ଼ିଶା ସରକାରଙ୍କ ସର୍ବୋତ୍ତମ କାର୍ଯ୍ୟକ୍ରମ ମଧ୍ୟରୁ ଅନ୍ୟତମ। ଏହା ମାଧ୍ୟମରେ ନାଗରିକମାନଙ୍କୁ ଯେକୌଣସି ସ୍ଥାନରୁ ଏବଂ ଯେ କୌଣସି ସମୟରେ ରାଜ୍ୟର ପଦସ୍ଥ ସରକାରୀ ଅଧିକାରୀଙ୍କ ନିକଟରେ ସେମାନଙ୍କ ଅଭିଯୋଗ ପହଞ୍ଚିପାରିବ। ହେଲେ ପରିଲକ୍ଷିତ ହୋଇଛି, ଜଳସମ୍ପଦ, ମହିଳା ଓ ଶିଶୁ ବିକାଶ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ପଞ୍ଚାୟତିରାଜ, ଇସ୍ପାତ ଓ ଖଣି ଏବଂ ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗରେ ଅଭିଯୋଗ ସମାଧାନ ହାର ଅନ୍ୟାନ୍ୟ ବିଭାଗଠାରୁ ଯଥେଷ୍ଟ କମ୍‌ ରହିଛି। ଏହାକୁ ଦୃଷ୍ଟିରେ ରଖି ବାକି ପଡ଼ିଥିବା ଅଭିଯୋଗଗୁଡ଼ିକର ତ୍ୱରିତ୍‌ ସମାଧାନ କରିବା ଦିଗରେ ପଦକ୍ଷେପ ଗ୍ରହଣ କର।

ସେ ତଥ୍ୟ ସହିତ ଦର୍ଶାଇଛନ୍ତି, ପଞ୍ଚାୟତିରାଜ ବିଭାଗରେ ଏବେ ବି ୨୦ହଜାର ୫୪୪ଟି ଅଭିଯୋଗ ସମାଧାନ ହୋଇ ☞ପୃଷ୍ଠା-୨

# ରାଜ୍ୟ ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତାରେ ୩% ବୃଦ୍ଧି

## ଜୁଲାଇ ପହିଲାରୁ ପିଛିଲା ଭାବେ ପାଇବେ

ଭୁବନେଶ୍ୱର,୧୬।୧୦(ସୁନିତ୍‌ ମିଶ୍ର)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ଦୀପାବଳି ପୂର୍ବରୁ ରାଜ୍ୟ ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତାରେ ୩% ବୃଦ୍ଧି ନେଇ ଘୋଷଣା କରିଛନ୍ତି। ଏହା ଫଳରେ ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତା ୫୫ ରୁ ୫୮%କୁ ବୃଦ୍ଧି ପାଇଛି। ଏହା ଜୁଲାଇ ପହିଲା ୨୦୨୫ରୁ ପିଛିଲା ଭାବେ ଲାଗୁହେବ। ଏହି ବର୍ଦ୍ଧିତ ମହଙ୍ଗା ଭତ୍ତା ଚଳିତ ଅକ୍ଟୋବର ଦରମାରେ ନଗଦ ଆକାରରେ ମିଳିବ। ଏହା ସହ ପେନ୍‌ସନଭୋଗୀମାନଙ୍କ ଡିଆଇରେ ମଧ୍ୟ ୩ ପ୍ରତିଶତ ବୃଦ୍ଧି କରାଯାଇଛି। ସେମାନେ ମଧ୍ୟ ଅନୁରୂପ ଭାବେ ଅକ୍ଟୋବର ମାସ ପେନ୍‌ସନରେ ଏହି ବର୍ଦ୍ଧିତ ଡିଆଇ ପାଇବେ। ଏହାଦ୍ୱାରା ପ୍ରାୟ ସାଢେ ୮ ଲକ୍ଷ ସରକାରୀ କର୍ମଚାରୀ ଓ ପେନ୍‌ସନଭୋଗୀ ଉପକୃତ ହେବେ ବୋଲି ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

**ଆଜିର ସମ୍ପାଦକୀୟ** | ଅର୍ଥନୀତି ଓ ଅସମାନତା

# ଭାରତରେ ବନାଗ୍ନି: ବର୍ଷକରେ ୧.୫ କୋଟି ଲୋକ ପ୍ରଭାବିତ



- ୟୁପିରେ ସର୍ବାଧିକ ୪୬ ଲକ୍ଷ ଲୋକ ପ୍ରଭାବିତ
- ବିଶ୍ୱବ୍ୟାପୀ ୨୧୫ ବିଲିୟନ ଡଲାରର ସମ୍ପତ୍ତି କ୍ଷତିଗ୍ରସ୍ତ

ନୂଆଦିଲ୍ଲୀ,୧୬।୧୦(ପି.ଟି.)

ବର୍ଷ ୨୦୨୪-୨୫ରେ ଭାରତରେ ବନାଗ୍ନି ଯୋଗୁ ପ୍ରାୟ ୧.୫ କୋଟି ଲୋକ ପ୍ରଭାବିତ ହୋଇଛନ୍ତି। ଉତ୍ତରପ୍ରଦେଶରେ ସର୍ବାଧିକ ୪୬ ଲକ୍ଷ ଲୋକ ପ୍ରଭାବିତ ହୋଇଛନ୍ତି। ଗୁରୁବାର ଆର୍ଥ ସିଷ୍ଟମ ସାଇନ୍ସ ଡେଟା ନାମକ ଏକ ଜର୍ନାଲରେ ପ୍ରକାଶିତ 'ଷ୍ଟେଟ୍‌ ଅଫ୍‌ ୱାଇଲ୍ଡଫାୟାର୍ସ' ଶୀର୍ଷକ ଅଧ୍ୟୟନରୁ ଏହି ତଥ୍ୟ ସାମ୍ନାକୁ ଆସିଛି। ଫସଲ ଜାଳିବା, ପ୍ରଚଣ୍ଡ ତାତି, ଶୁଷ୍କ ଇନ୍ଧନ ସଂଗ୍ରହ ଆଦି ଯୋଗୁ ଉତ୍ତରପ୍ରଦେଶରେ ବନାଗ୍ନି ଘଟଣା ବଢ଼ିଛି ବୋଲି ଏହି ଅଧ୍ୟୟନରେ କୁହାଯାଇଛି। ସେହିପରି ଗତବର୍ଷ ବନାଗ୍ନି ଯୋଗୁ ପଞ୍ଜାବରେ ୩୫ ଲକ୍ଷ ଲୋକ ପ୍ରଭାବିତ ହୋଇଛନ୍ତି। ବ୍ରିଟେନ୍‌ର ୟୁନିଭର୍ସିଟି ଅଫ୍‌ ଇଷ୍ଟ ଆଙ୍ଗ୍ଲିଆ, ୟୁକେ ମେଟ୍‌ ଅଫିସର ଗବେଷକଙ୍କ ଦ୍ୱାରା ମିଳିତ ଭାବେ ଏହି ଅଧ୍ୟୟନ କରାଯାଇଛି।

ଅଧ୍ୟୟନ ଅନୁଯାୟୀ, ସାରା ବିଶ୍ୱରେ ହିଟ୍‌ ୱେଭ୍‌ ଏବଂ ମରୁଡ଼ି ଯୋଗୁ ବନାଗ୍ନି ଘଟଣା ଲଗାତର ବଢ଼ିବା ସହ ତୀବ୍ର ହେବାରେ ଲାଗିଛି। ଫଳରେ ନିଆଁ, ପ୍ରଦୂଷିତ ଧୂଆଁ ଆଦି ମାଧ୍ୟମରେ ଲୋକଙ୍କ ଜୀବନ ପ୍ରତି ବିପଦ ବଢୁଛି। ଏହା ଲୋକଙ୍କୁ ଆର୍ଥିକ ଭାବେ ଦୁର୍ବଳ କରିବା ସହ ☞ପୃଷ୍ଠା-୨







# ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ରାଜ୍ୟସ୍ତରୀୟ ସପ୍ତାହବ୍ୟାପୀ ଶ୍ରୀମଦ ଭାଗବତ ମହୋତ୍ସବ -୨୦୨୫, ସ୍ଥାନ: ଶ୍ରୀ ରାଧାକୃଷ୍ଣ ମନ୍ଦିର ପରିସର, ପ୍ରେସ କଲୋନୀ, ସମୟ: ଅପରାହ୍ନ ୪ଟା।
- ଟିଲୋ ଆଥଲେଟିକ୍ ଆସୋସିଏଶନ୍ ପକ୍ଷରୁ କନ୍‌କ୍ଲେଭ ଗେମ୍ ଚେଞ୍ଜର କାର୍ଯ୍ୟକ୍ରମ, ସ୍ଥାନ, ହୋଟେଲ୍ ତ୍ରୁରେନ୍, ସମୟ: ସନ୍ଧ୍ୟା ୬ଟା।
- ହିନ୍ଦୁସ୍ତାନୀ ସଙ୍ଗୀତ ସଭା ପକ୍ଷରୁ ୧୩ତମ ବାର୍ଷିକ ଉତ୍ସବ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା।
- ଭାଗବତ ସପ୍ତାହ ପାଳନ, ସ୍ଥାନ: ନୀଳକଣ୍ଠେଶ୍ୱର ମନ୍ଦିର, ପାଣିଟାଙ୍କି ପାଖ, ସମୟ: ସନ୍ଧ୍ୟା ୬ଟା ୩୦।

**କଟକ**

- ଓଡ଼ିଶା ପୋଲିସର କ୍ରାଇମବ୍ରାଞ୍ଚ ଶାଖା ଆନୁକୂଲ୍ୟରେ ୭୦ତମ ପୋଲିସ ବୃତ୍ତିଗତ ପ୍ରତିଯୋଗିତାର ଦ୍ୱିତୀୟ ଦିବସ, ସ୍ଥାନ: ରିଜର୍ଭ ପୋଲିସ ପଡ଼ିଆ, ବକ୍ସି ବଜାର, ସମୟ: ସକାଳ ୮ଟା।
- କଟକ ଜିଲାସ୍ତରୀୟ କଳା ଉତ୍ସବ ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ଖାନନଗର ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା ପ୍ରଶାସନ ପକ୍ଷରୁ କଟକ ନାଟ୍ୟୋତ୍ସବର ଦ୍ୱିତୀୟ ଦିବସ, ସ୍ଥାନ: ସେଭେନ୍ ପିଲର୍ସ ଅଫ୍ ୱିସ୍‌ଡମ ପ୍ରେକ୍ଷାଳୟ, ରେଭେନ୍‌ଶା ବିଶ୍ୱବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଆକାଶବାଣୀର ପୂର୍ବତନ ନିର୍ଦ୍ଦେଶକ ଡ. ହୃଷୀକେଶ ପଣ୍ଡାଙ୍କ ୮ମ ଶ୍ରାଦ୍ଧ ବାର୍ଷିକୀ, ସ୍ଥାନ: ରାଇସିନା ମଣ୍ଡପ, ସିଡିଏ ସେକ୍ଟର-୯, ସମୟ: ଅପରାହ୍ନ ୫ଟା।

**ବାଲେଶ୍ୱର**

- ଶିଶୁ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ 'ଉତ୍ସାହ', ସ୍ଥାନ: ସ୍ପୋର୍ଟସ୍ ହଷ୍ଟେଲ କ୍ୟାମ୍ପସ, ଭୀମପୁରା, ବାଲେଶ୍ୱର, ସମୟ: ସକାଳ ୯ଟା ୩୦।
- ବାଲେଶ୍ୱର ବିଧାନସଭା ନିର୍ବାଚନମଣ୍ଡଳୀ ବିକାଶ କମିଟି ବୈଠକ, ସ୍ଥାନ: ଜିଲାପାଳଙ୍କ ଅଡିଟୋରିୟମ୍ ହଲ୍, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ସ୍ମରଣିକା ଉନ୍ମୋଚନ ଉତ୍ସବ, ସ୍ଥାନ: ରାଣୀପାଟଣାସ୍ଥିତ ପ୍ରେସ ଇମ୍ପ୍ରେସ କାର୍ଯ୍ୟାଳୟ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।

**ଭଦ୍ରକ**

- କ୍ଲଷ୍ଟରସ୍ତରୀୟ ସୁରଭି ମହୋତ୍ସବ, ସ୍ଥାନ: ସରସଦା, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୦ଟା।
- କଂଗ୍ରେସର ଖବରଦାତା ସମ୍ମିଳନୀ, ସ୍ଥାନ: ଜିଲା କଂଗ୍ରେସ କାର୍ଯ୍ୟାଳୟ, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା ୩୦।

**କେନ୍ଦୁଝର**

- ସମ୍ବର୍ଦ୍ଧନା ସଭା ଓ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଘାଟନ,ସ୍ଥାନ: ସେଣ୍ଟ ମେରିଜ୍ ସ୍କୁଲ୍, ବଡ଼ବିଲ,ସମୟ:ସକାଳ ୮ଟା।

**ମୟୂରଭଞ୍ଜ**

- ହସ୍ତତନ୍ତ ଓ ହସ୍ତଶିଳ୍ପ ମେଳା,ସ୍ଥାନ: ଛଉ ପଡ଼ିଆ,ବାରିପଦା,ସମୟ: ପୂର୍ବାହ୍ନ ୧୧ଟା।

**ବ୍ରହ୍ମପୁର**

- ଭାଜପା ପକ୍ଷରୁ ସ୍ମୃତି ଚାରଣ ସଭା, ସ୍ଥାନ: ୧୬ ନଂ. ଜାତୀୟ ରାଜପଥସ୍ଥିତ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।

**କନ୍ଧମାଳ**

- ବ୍ଲକ୍‌ସ୍ତରୀୟ ସୁରଭି କାର୍ଯ୍ୟକ୍ରମ, ସ୍ଥାନ: ବ୍ଲକ୍ କଲୋନୀ ପ୍ରାଥମିକ ବିଦ୍ୟାଳୟ କ.ନୂଆଗାଁ, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକ୍ ସ୍ତରୀୟ ସୁରଭି କାର୍ଯ୍ୟକ୍ରମ, ସ୍ଥାନ: ଦାରିଙ୍ଗବାଡ଼ି ବିଇଓଙ୍କ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।

**ଜଗତ୍‌ସିଂହପୁର**

- ପାରାଦୀପ ପୌରପରିଷଦ ଆଗଧାଡିର କର୍ମଚାରୀଙ୍କ ପାଇଁ ସହଯୋଗ ଅଭିଯାନ କାର୍ଯ୍ୟକ୍ରମ, ସ୍ଥାନ: ସମ୍ମିଳନୀ କକ୍ଷ, ପୌର କାର୍ଯ୍ୟାଳୟ, ପାରାଦୀପ, ସମୟ: ପୂର୍ବାହ୍ନ ୧୦ଟା।

**କେନ୍ଦ୍ରାପଡ଼ା**

- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଶ୍ୟାମସୁନ୍ଦରପୁର, କେନ୍ଦ୍ରାପଡ଼ା, ମହାକାଳପଡ଼ା, ସମୟ: ସନ୍ଧ୍ୟା ୬ଟା।

**ଯାଜପୁର**

- ଜିଲା ପ୍ରଶାସନ ପକ୍ଷରୁ ଯାଜପୁର ଟାଉନରେ ଲକ୍ଷ୍ମୀନାରାୟଣ ଓ କାଳୀ ପୂଜା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ : ଜିଲା ପରିଷଦ ସମ୍ମିଳନୀ କକ୍ଷ। ସମୟ : ଅପରାହ୍ନ ୫ଟା।

**ନୟାଗଡ଼**

- ସତ୍ୟସାଇ ବାବାଙ୍କର ଦିବ୍ୟ ପାଦୁକା ଯାତ୍ରା, ସ୍ଥାନ:ନାରୁଗାଁ, ସୁବଳୟା,ସଜନାପଡା, ରଘୁନାଥପୁର, ଅଁଳାମଡା, ମେଳାମ୍ବ, ଅରାସାହି, ଆଙ୍କୁଲା ପାଟଣା, ସମୟ: ସକାଳ ୮ଟା ରୁ ରାତି ୯.୩୦।
- ଜ୍ୟୋତି କଳସ ରଥଯାତ୍ରା ଓ ପଞ୍ଚ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ, ସ୍ଥାନ: ନୟାଗଡ ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ଶିଶୁ ମହୋତ୍ସବ ସୁରଭି, ସ୍ଥାନ: ନୂଆଗାଁ ବ୍ଲକ ନୂଆଗାଁ ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।
- କାଉନସିଲ ବୈଠକ, ସ୍ଥାନ: ନୟାଗଡ ମ୍ୟୁନିସିପାଲିଟି ସମ୍ମିଳନୀ କକ୍ଷ, ସମୟ:ପୂର୍ବାହ୍ନ ୧୦.୩୦।
- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ପ୍ରସ୍ତୁତି ବୈଠକ, ସ୍ଥାନ: ନୂଆଗାଁ ବ୍ଲକ ସଭାଗୃହ, ସମୟ:ପୂର୍ବାହ୍ନ ୧୧ଟା।
- ପୋଷାକ ବିତରଣ, ସ୍ଥାନ:ନୀଳମାଧବ ନୋଡାଲ ସ୍କୁଲ କଣ୍ଟିଲୋ, ସମୟ: ପୂର୍ବାହ୍ନ ୧୧ଟା।
- ଜଗନ୍ନାଥ ମନ୍ଦିରରେ ଭାଗବତ ମହାପୁରାଣ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞ ଅବସରରେ ପ୍ରବଚନ, ସ୍ଥାନ: ନୟାଗଡ ପୁରୁଣା ସହର, ସମୟ: ସଂଧ୍ୟା ୭ଟା।
- ଶ୍ରୀରାମ ଚରିତ ମାନସ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞର ଅଷ୍ଟମ ଦିବସରେ ରାମ ଜଟାୟୁ ଉଦ୍ଧାର, ବାଲୀବଦ୍ଧ ଓ ସୁନ୍ଦରାକାଣ୍ଡ, ସ୍ଥାନ: ଶରଣକୁଳ ଲଡୁବାବାଙ୍କ ସମ୍ମୁଖ, ସମୟ: ସଂଧ୍ୟା ୭ଟା।

**ଅନୁଗୋଳ**

- ବ୍ଲକ୍‌ସ୍ତରୀୟ ସୁରଭି କାର୍ଯ୍ୟକ୍ରମ, ସ୍ଥାନ : ଆଠମଲ୍ଲିକସ୍ଥିତ ପିଏମ୍‌ଶ୍ରୀ ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟ, ସମୟ: ଅପରାହ୍ନ ୨ଟା।

**ରାୟଗଡ଼ା**

- ବ୍ଲକ୍‌ସ୍ତରୀୟ ସୁରଭି ମହୋତ୍ସବ-୨୦୨୫, ସ୍ଥାନ: ସରକାରୀ ନୋଲାଡ଼ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ମୁନିଗୁଡା, ସମୟ: ପୂର୍ବାହ୍ନ ୧୦ଟା ୩୦।

**ନବରଙ୍ଗପୁର**

- ଉମରକୋଟରେ ୬୯ ତମ ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ବ୍ୟାଡମିଣ୍ଟନ ଓ ସିପାକ୍ ଟାକ୍ରୋ ପ୍ରତିଯୋଗିତା ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ଉମରକୋଟ, ସମୟ: ସକାଳ ୯ଟା।
- ଭୀମଭୋଇ ଭିନ୍ନକ୍ଷମ ଶିବିର, ସ୍ଥାନ: ତେନ୍ତୁଳିଖୁଣ୍ଟି ପଞ୍ଚାୟତ ସମିତ, ସମୟ: ପୂର୍ବାହ୍ନ ୧୦ଟା।
- ପରିମଳ ମାଧ୍ୟମରେ ଗ୍ରାମୀଣ ସମୃଦ୍ଧି ନେଇ ତାଲିମ୍, ସ୍ଥାନ: ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ଆଞ୍ଚଳିକ ସାଧନ କେନ୍ଦ୍ର ସ୍ତରୀୟ ସୁରଭି କାର୍ଯ୍ୟକ୍ରମ, ସ୍ଥାନ: ସରକାରୀ ପ୍ରାଥମିକ ବିଦ୍ୟାଳୟ, ମହୁଲି୧୭, ଉମରକୋଟ, ସମୟ: ପୂର୍ବାହ୍ନ ୧୧ଟା।

**କୋରାପୁଟ**

- ବ୍ଲକ୍‌ସ୍ତରୀୟ ସୁରଭି କାର୍ଯ୍ୟକ୍ରମ, ସ୍ଥାନ: ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆ, ବନ୍ଧୁଗାଁ, ସମୟ: ପୂର୍ବାହ୍ନ ୧୦ଟା।
- ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- କ୍ଲଷ୍ଟରସ୍ତରୀୟ ସୁରଭି ମହୋତ୍ସବ, ସ୍ଥାନ: ଫୁଫୁଗାଁ ସଦର ମହକୁମା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, କୁନ୍ଦୁରା ବ୍ଲକ୍, ସମୟ: ଅପରାହ୍ନ ୩ଟା।

**ସମ୍ବଲପୁର**

- ଯୋଗ ପରିବାର ଆୟୋଜନରେ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ: ଗାନ୍ଧୀ ପାର୍କ ପରିସର, ସମୟ : ସକାଳ ୬ଟା।
- ମାତା ଭଗବତୀ ଦେବୀ ଏବଂ ଅଖଣ୍ଡ ଦୀପ ଜନ୍ମ ଶତାବ୍ଦୀ ବର୍ଷ ଉପଲକ୍ଷେ ରଥ ପରିକ୍ରମା କାର୍ଯ୍ୟକ୍ରମ, ସ୍ଥାନ : ସମ୍ବଲପୁର ଗାୟତ୍ରୀ ପୀଠ ସମ୍ମୁଖ ରାସ୍ତା, ସମୟ : ପୂର୍ବାହ୍ନ ୧୧ଟା।
- ଶ୍ରୀଜଗନ୍ନାଥ କଥା ମୃତ କାର୍ଯ୍ୟକ୍ରମ, ସ୍ଥାନ: କମିଶନର କଲୋନୀ ସ୍ଥିତ ଶ୍ରୀଶ୍ରୀ ଜ୍ଞାନ କ୍ଷେତ୍ର, ସମୟ: ଅପରାହ୍ନ ୫ଟା।
- ନବରତ୍ନ ସାଂସ୍କୃତିକ ଅନୁଷ୍ଠାନ ଆୟୋଜିତ ସମ୍ବଲପୁରୀ ନାଟକ ଶ୍ରୀରାମ ଅଯୋଦ୍ଧା ଫିରୁଛନ ମଞ୍ଚସ୍ଥ, ସ୍ଥାନ : ଗଙ୍ଗାଧରମୁକ୍ତ ମଞ୍ଚ, ସମୟ : ସନ୍ଧ୍ୟା ୭ଟା।
- ପ୍ରୟାସ ପରିବାର ପକ୍ଷରୁ କମ୍ବଳ ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ : ସମ୍ବଲପୁର ମହାନଗର କାର୍ଯ୍ୟାଳୟ ସମ୍ମୁଖ, ସମୟ : ସନ୍ଧ୍ୟା ୭ଟା।

**ବଲାଙ୍ଗୀର**

- ବୁର୍ଡା ପ୍ରାଥମିକ କୃଷି ସମବାୟ ସମିତି ବୋର୍ଡ ବୈଠକ,ସ୍ଥାନ: ବୁର୍ଡା ସମିତି କାର୍ଯ୍ୟାଳୟ,ଲୋଇସିଂହା ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ, ସ୍ଥାନ: ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଫିସ, ଡୁଡୁକା, ଆଗଲପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ମହାଶକ୍ତି ଫାଉଣ୍ଡେଶନ ୨୧ ତମ ବାର୍ଷିକୋତ୍ସବ ତଥା କନ୍‌କ୍ଲେଭ ୨୦୨୫, ସ୍ଥାନ: ସ୍ୱୟମ୍ ହୋଟେଲ ଏଣ୍ଡ ରିସର୍ଟ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଭୀମପାହାଡ ମହୋତ୍ସବ ୨୦୨୫ ଲୋଗୋ ଉନ୍ମୋଚନ ଉତ୍ସବ,ସ୍ଥାନ: ଭୀମପାହାଡ, ଦେଓଗାଁ ବ୍ଲକ,ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୧ଟା।

**ରାଉରକେଲା**

- ମା' ଦକ୍ଷିଣ କାଳୀଙ୍କ ଅଧିବାସ, ସ୍ଥାନ: ସେକ୍ଟର-୧, ସମୟ: ସକାଳ ୭ଟା।
- କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ, ସ୍ଥାନ: ରଘୁନାଥପାଲୀ ଉପ୍ରା ବିଦ୍ୟାଳୟ, ସମୟ: ସକାଳ ୯ଟା।
- କାଳୀପୂଜା ପ୍ରସ୍ତୁତି ବୈଠକ, ସ୍ଥାନ: ସେକ୍ଟର-୨୦ ଟିପ୍ ଟାଇପ୍ ମାର୍କେଟ, ସମୟ: ପୂର୍ବାହ୍ନ ୧୧ଟା।
- ହମ୍ ନିଶାଦ୍ ପକ୍ଷରୁ ଡିଲ୍ୟୁଗ୍-୨୦୨୫, ସ୍ଥାନ: ସେକ୍ଟର-୨୦ ରାଉରକେଲା କ୍ଲବ ମେନ୍ ହଲ୍, ସମୟ: ସନ୍ଧ୍ୟା ୬ଟା ୩୦।
- ପ୍ରଗତି ଉତ୍କଳ ସଂଘ ପକ୍ଷରୁ ଚନ୍ଦ୍ରଶେଖର ରଥଙ୍କ ଜନ୍ମ ଜୟନ୍ତୀ, ସ୍ଥାନ:ସେକ୍ଟର-୭, ପ୍ରଗତି ଉତ୍କଳ ସଂଘ କାର୍ଯ୍ୟାଳୟ ସମୟ: ସନ୍ଧ୍ୟା ୭ଟା।
- ଚକ୍ଷୁ ପରୀକ୍ଷା ଶିବିର, ସ୍ଥାନ: ଫର୍ଟିଲାଇଜର , ସମୟ: ପୂର୍ବାହ୍ନ ୧୧ଟା।
- ସାହିତ୍ୟ ସଭା, ସ୍ଥାନ: ନୋବେଲ ଆସୋସିଏଶନ, ଉଦିତନଗର, ସମୟ: ସନ୍ଧ୍ୟା ୭ଟା ୩୦।

**ସୁନ୍ଦରଗଡ଼**

- ଛାତ୍ର ଏବଂ ଶିକ୍ଷକମାନଙ୍କ ପାଇଁ ସ୍ଥାୟୀ ବିକାଶ ଲକ୍ଷ୍ୟ ଉପରେ ଏକ ଦିନିଆ ଜିଲା ସ୍ତରୀୟ କର୍ମଶାଳା, ସ୍ଥାନ: ସଂସ୍କୃତି ଭବନ, ସୁନ୍ଦରଗଡ଼,ସମୟ:ପୂର୍ବାହ୍ନ ୧୦ଟା।

**ବରଗଡ଼**

- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ବଗେଇବିରା ଖେଳ ପଡିଆ, ବରଗଡ଼, ସମୟ: ସକାଳ ୮ଟା।
- 'ସମ୍ଭବ' ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଉଦ୍‌ଯାପନୀ ସମାରୋହ, ସ୍ଥାନ: ପିଏମ୍‌ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ବରଗଡ଼, ସମୟ: ପୂର୍ବାହ୍ନ ୧୧ଟା।

**କଳାହାଣ୍ଡି**

- ବିକାଶ ଡିଗ୍ରୀ କଲେଜରେ ବୈଷୟିକ କର୍ମଶାଳା, ସ୍ଥାନ: ଭବାନୀପାଟଣା ବିକାଶ ଡିଗ୍ରୀ କଲେଜ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାପାଳଙ୍କ ସମୀକ୍ଷା ବୈଠକ, ସ୍ଥାନ: ଭବାନୀପାଟଣାସ୍ଥିତ ଯୋଜନା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

**ବୌଦ୍ଧ**

- ଜିଲାସ୍ତରୀୟ କପା ସଂଗ୍ରହ ବୈଠକ, ସ୍ଥାନ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ବୌଦ୍ଧ, ସମୟ: ପୂର୍ବାହ୍ନ ୧୦ଟା।

**ଦେବଗଡ଼**

- ଜିଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାର ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ସହର ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।

**ସୁବର୍ଣ୍ଣପୁର**

- ହନୁମାନପାଲିଠାରେ ସୀତା ବିବାହ ପାଇଁ ନିର୍ବନ୍ଧ କାର୍ଯ୍ୟକ୍ରମ, ସ୍ଥାନ: ହନୁମାନପାଲି, ବୀରମହାରାଜପୁର, ସମୟ: ସକାଳ ୮ଟା।
- ରାମାୟଣ ପାଠ ଓ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ:ବରିଷ୍ଠ ସଙ୍ଗଠନ କାର୍ଯ୍ୟାଳୟ ବୀରମହାରାଜପୁର, ସମୟ: ସକାଳ ୯ଟା।
- ସହିଦ ବିଭୀଷଣ ସାହୁ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଚତୁର୍ଥ ଦିବସ, ସ୍ଥାନ: ପଣ୍ଡିଆପାଲି, ବୀରମହାରାଜପୁର ବ୍ଲକ, ସମୟ:ପୂର୍ବାହ୍ନ ୧୧ଟା।
- ମାସ ବ୍ୟାପୀ ଅଖଣ୍ଡ ନାମଯଜ୍ଞର ଦଶମ ଦିବସ, ସ୍ଥାନ: ଖୁଣ୍ଟୁଲାପାଲି, ଉଲୁଣ୍ଡା, ସମୟ: ପୂର୍ବାହ୍ନ ୧୧ଟା।
- ଜଗନ୍ନାଥ ମନ୍ଦିରରେ ସୁନ୍ଦରକାଣ୍ଡ ପାରାୟଣ, ସ୍ଥାନ: ଜଗନ୍ନାଥ ମନ୍ଦିର ପରିସର ହନୁମାନ ମନ୍ଦିର, ବୀରମହାରାଜପୁର, ସମୟ: ସନ୍ଧ୍ୟା ୭ଟା।
- ହନୁମାନ ପାଲିଠାରେ ରାମଲୀଳାର ସୀତା ବିବାହ ନାଟକ ମଞ୍ଚସ୍ଥ, ସ୍ଥାନ : ହନୁମାନପାଲି ମନ୍ଦିର ସମ୍ମୁଖ, ସମୟ: ରାତି ୯ଟା।

**ନୂଆପଡ଼ା**

- ସୁରଭି କାର୍ଯ୍ୟକ୍ରମ, ସ୍ଥାନ: କୋମନା ବ୍ଲକ ସିଆଲଲଟି ପ୍ରାଥମିକ ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**

ଅତି ନିକଟତର ବନ୍ଧୁଙ୍କ ସମ୍ପର୍କକୁ ଅନ୍ୟମାନେ ଖରାପ ଦୃଷ୍ଟିରେ ଦେଖିବେ। କର୍ମକ୍ଷେତ୍ରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇ ପାରନ୍ତି। ପରିବାରରେ ଛୋଟ କଥାରେ ଚିହ୍ନା ପଡିଲେ ଅପଦସ୍ଥ ହେବେ। ବିନା କାରଣରେ ବନ୍ଧୁଙ୍କ ଉପରେ ବୃଥା ସନ୍ଦେହ କରନ୍ତୁ ନାହିଁ।

**ବୃଷ**

କର୍ମକ୍ଷେତ୍ରରେ ଫାଇଲ କାମ ବୃଦ୍ଧି ପାଇବା କାରଣରୁ ଘରକଥା ବୁଝିବା ପାଇଁ ସମୟ ପାଇବେ ନାହିଁ। ପାରିବାରିକ ସମସ୍ୟା ବୃଦ୍ଧି ପାଇବା କାରଣରୁ କୌଣସି କାମ ଶୃଙ୍ଖଳିତ ରହିବ ନାହିଁ। ଅର୍ଥ ଓ ସମ୍ମାନ ପାଇବେ,ବନ୍ଧୁବର୍ଗଙ୍କ ସହାନୁଭୂତି ଯୋଗୁ କର୍ମମୁଖର ହେବେ। ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହୋଇପାରନ୍ତି।

**ମିଥୁନ**

ସାଧାରଣ କଥାରେ ବନ୍ଧୁ ବିରକ୍ତ ପ୍ରକାଶ କରିପାରନ୍ତି। ଦୃଢ଼ ମନୋବଳ ଯୋଗୁ ବହୁ ବିପଦରୁ ରକ୍ଷା ପାଇବେ। ମାନସିକ ଦ୍ୱନ୍ଦ୍ୱ ବୃଦ୍ଧି ପାଇବା କାରଣରୁ ନିଷ୍ପତ୍ତି ନେବାରେ ବିଳମ୍ବ କରାଇବ। ମାନସିକ ସ୍ଥିତି ଠିକ୍ ରହିଲେ ମଧ୍ୟ ପାରିବାରିକ ସମସ୍ୟାଜଡିତ ରହିପାରନ୍ତି।

**କର୍କଟ**

ଯେଉଁ କାମ ପାଇଁ ଚେଷ୍ଟା କରୁଛନ୍ତି ସେଥିରେ ବିଳମ୍ବରେ ସଫଳତା ପାଇବେ। ସହକର୍ମୀମାନେ ସହଯୋଗର ହାତ ବଢାଇବେ, କିନ୍ତୁ ସହଜରେ କାମ ହାସଲ ହେବା କାଠିକର ପାଠ ହେବ। ପରିବାରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢିପାରେ। ନିଜ ଲୋକମାନଙ୍କ ମଧ୍ୟରେ ପ୍ରତିଯୋଗିତା ମନୋଭାବ ଉପୁଜିପାରେ।

**ସିଂହ**

କର୍ମକ୍ଷେତ୍ରରେ ଟେନ୍‌ସନ କମିଯିବ ଏବଂ ସହଯୋଗ ଭିତ୍ତିରେ କାମ କଲେ ଉପକାର ପାଇବେ। ସକାଳୁ ସକାଳୁ କୌଣସି ଶୁଭାକାଂକ୍ଷୀଙ୍କ ସାନ୍ନିଧ୍ୟ ଲାଭ କରିବେ। ଆର୍ଥିକ ଦିଗଟି ଭଲ ରହିବ, ମାତ୍ର ସ୍ୱାସ୍ଥ୍ୟ ହାନି ଘଟିବ। ରାଜନୈତିକ ସ୍ତରରେ କିମ୍ବା ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ।

**କନ୍ୟା**

ଯେତେଟା ପରିସ୍ଥିତିକୁ ଜଟିଳ ମନେକରୁଛନ୍ତି ବାସ୍ତବରେ ସେପରି କିଛି ହେବନି। କଥା ଦେଇଥିବା ବନ୍ଧୁ ପର କ୍ଷଣରେ ଓଲଟା କଥା କହିବେ। ପରିବାରରେ ଆତ୍ମୀୟସ୍ୱଜନଙ୍କ ପାଇଁ ଚିନ୍ତା ବଢିପାରେ। ପରିବହନରେ ଲାଗିରହିଥିବା ସମସ୍ୟା ସମାଧାନ ହୋଇଯିବ।

**ତୁଳା**

କର୍ମକ୍ଷେତ୍ରରେ ଦୁଃସାହସିକ ପଦକ୍ଷେପ ନେଇ ସମସ୍ୟାକୁ ସୁଧାରି ନେବେ। ପ୍ରିୟଜନଙ୍କ ସହ ଖୁସିଗପ କରିବାର ମଉକା ଜୁଟିବ ଓ ସାମୟିକ ଆନନ୍ଦ ପାଇବେ। ହାତରୁ ଖାଇ ପର ପାଇଁ ଖଟିବେ କିନ୍ତୁ ପ୍ରଶଂସା ବଦଳରେ ସମାଲୋଚିତ ହେବେ । ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମି ଯାଇପାରେ।

**ବିଛା**

ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବ। ପିଲାମାନଙ୍କ ବୈବାହିକ ସମ୍ବନ୍ଧ ସକାଶେ ନୂତନ ବନ୍ଧୁ ପ୍ରସ୍ତାବ ସ୍ଥିରୀକୃତ ହେବ। ପରିଜନମାନଙ୍କ ସହିତ ଦେବଦର୍ଶନ ସାଙ୍ଗକୁ ଭ୍ରମଣ ସୁଯୋଗ ଜୁଟିବ। ବନ୍ଧୁଙ୍କ ସହାୟତାରେ ପାରିବାରିକ ତିକ୍ତତାର ସମାପ୍ତି ଘଟାଇବେ।

**ଧନୁ**

ପଛକଥା ପଛକୁ ପକାଇ କାମ କରି ଚାଲନ୍ତୁ ଭଲ ହେବ। ପାରିବାରିକ ଜଞ୍ଜାଳ ବୃଦ୍ଧି ପାଇପାରେ କିନ୍ତୁ ସାମୟିକ ଆନନ୍ଦ ପାଇବେ। ଗଠନମୂଳକ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ଦେହ ଭଲ ରହିଲେ ମଧ୍ୟ ସାମୟିକ ପେଟ ଓ ମୁଣ୍ଡ ରୋଗରେ କଷ୍ଟ ପାଇବେ।

**ମକର**

କର୍ମକ୍ଷେତ୍ରରେ କେତେକ ପ୍ରତିବନ୍ଧକ ଦେଖାଦେଇପାରେ। ପରିବାରରେ ପୁତ୍ରକନ୍ୟାଙ୍କ ହେତୁକ ସମସ୍ୟା ଲାଗି ରହିବ। ପଡୋଶୀ କେହି ପ୍ରତିବାଦର ସ୍ୱର ଉତ୍ତୋଳନ କରିପାରନ୍ତି। ଆଜିର ଯାତ୍ରା, ପରିଭ୍ରମଣ, ମନୋରଞ୍ଜନ ପ୍ରୀତିପ୍ରଦ ହେବ। ବାକ୍ ସଂଯମତା ରକ୍ଷା ନ କଲେ ଅଯଥା କଳହ ସୃଷ୍ଟି ହୋଇପାରେ।

**କୁମ୍ଭ**

ସଭାସମିତିରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ। ପରିଜନଙ୍କ ସହିତ ଭ୍ରମଣ ହେତୁକ କ୍ଲାନ୍ତି ଓ ଅବସାଦ ଦେଖାଦେଇପାରେ। ବନ୍ଧୁମାନେ ଠିକ୍ ଖବର ଦେବାରେ ହେଳା କରିପାରନ୍ତି। ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହୋଇପାରନ୍ତି। ପୁରୁଣା ରୋଗ ପୀଡ଼ା ପାଇଁ ଟେନ୍‌ସନ୍ ବଢ଼ିଯାଇପାରେ।

**ମୀନ**

ନିଜଲୋକ କେହି ହଇରାଣରେ ପକାଇବାକୁ ଚେଷ୍ଟା କରିବେ। କର୍ମକ୍ଷେତ୍ରର ସମସ୍ୟା କମିବା ଫଳରେ ରହିଥିବା ଟେନ୍‌ସନ୍ କମିଯିବ। ପ୍ରତ୍ୟେକ କ୍ଷେତ୍ରରେ ସହଯୋଗ ଭିତ୍ତିରେ କାମ କଲେ ଉପକାର ପାଇବେ। କର୍ମକ୍ଷେତ୍ରର ସମସ୍ୟାକୁ ସୁଧାରି ନେବାରେ ସମର୍ଥ ହେବେ।

ଆଜି ଅକ୍ଟୋବର ୧୭ ତାରିଖ, ବିଶ୍ୱ ଦାରିଦ୍ର୍ୟ ଦୂରୀକରଣ ଦିବସ, ଗର୍ଭଣା ସଂକ୍ରାନ୍ତି, କାର୍ତ୍ତିକ କୃଷ୍ଣପକ୍ଷର ସର୍ବସମ୍ମତ ରମା ଏକାଦଶୀ ଯୁକ୍ତ ଦ୍ୱାଦଶୀ ଶୁକ୍ରବାର। ରାଶିନକ୍ଷତ୍ର-ଦିବା ଘ.୦୧।୫୮ ପର୍ଯ୍ୟନ୍ତ ମଘା/ସିଂହ, ଦ୍ୱାଦଶୀର ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫।୪୫ ଗତେ, ଘ.୦୬।୩୧ ମଧ୍ୟେ, ଘ.୦୭।୧୭ ଗତେ, ଘ.୦୮।୩୮ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୦।୦୫ ଗତେ, ଘ.୧୧।୩୧ ମଧ୍ୟେ ରାହୁକାଳ।

## ମୋଦି କହିଛନ୍ତି...

ପ୍ରଥମ ପୃଷ୍ଠାରୁ...

ଏଥିଯୋଗୁ ଭାରତକୁ ନିଜ ସାମଗ୍ରୀ ରପ୍ତାନି କରିବା କାଠିକର ହୋଇପଡ଼ିଛି। ଭାରତର ବାଣିଜ୍ୟିକ କାରବାର ଉପରେ ଏହାର ପ୍ରତ୍ୟକ୍ଷ ପ୍ରଭାବ ପଡ଼ିଛି। ୨୦୨୫ ସେପ୍ଟେମ୍ବରରେ ଭାରତର ବାଣିଜ୍ୟିକ ନିଅଣ୍ଟ ୩୨.୧୫ ବିଲିୟନ୍ ଆମେରିକୀୟ ଡଲାରକୁ ବୃଦ୍ଧି ପାଇଛି, ଯାହାକି ଗତ ୧୩ ମାସରେ ସର୍ବାଧିକ। ଭାରତ ଓ ଆମେରିକା ସମ୍ପର୍କରେ ତିକ୍ତତା ବୃଦ୍ଧିର ଅନ୍ୟତମ ପ୍ରମୁଖ କାରଣ ପାଲଟିଥିବା ରୁଷୀୟ ତୈଳ କ୍ରୟ ପ୍ରସଙ୍ଗରେ ବୁଧବାର ଟ୍ରମ୍ପ ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ ଦେଇଛନ୍ତି। ହ୍ୱାଇଟ୍‌ହାଉସ୍ ଓଭାଲ ଅଫିସରେ ଖବରଦାତାମାନଙ୍କୁ ଟ୍ରମ୍ପ କହିଛନ୍ତି, ଭାରତ ରୁଷୀୟ କ୍ରୁଡ୍ କିଣୁଥିବାରୁ ଏହା ୧୫ ଲକ୍ଷ ଲୋକଙ୍କ ଜୀବନ ଯାଇଥିବା ପୁଟିନ୍‌ଙ୍କ ହାସ୍ୟାସ୍ପଦ ଯୁଦ୍ଧ ପାଇଁ ଆର୍ଥିକ ସହାୟକ ହେଉଛି। ଏହାକୁ ନେଇ ଆମେରିକା ଅସନ୍ତୁଷ୍ଟ ବୋଲି ଟ୍ରମ୍ପ କହିଛନ୍ତି। ଟ୍ରମ୍ପ ମୋଦିଙ୍କୁ ତାଙ୍କର ଜଣେ ବନ୍ଧୁ ଦର୍ଶାଇ ଉଭୟଙ୍କ ମଧ୍ୟରେ ବହୁତ ଭଲ ସମ୍ପର୍କ ରହିଥିବା କହିଛନ୍ତି। ଟ୍ରମ୍ପ ଆହୁରି ଦାବି କରିଛନ୍ତି ଯେ, ଭାରତ ରୁଷିଆଠାରୁ ଆଉ କ୍ରୁଡ୍ ଅଏଲ୍ କିଣିବ ନାହିଁ ବୋଲି ବୁଧବାର ପ୍ରଧାନମନ୍ତ୍ରୀ ମୋଦି ତାଙ୍କୁ ଆଶ୍ୱାସନା ଦେଇଛନ୍ତି। ଏହା ଏକ ବଡ଼ ପଦକ୍ଷେପ। ବର୍ତ୍ତମାନ ଚାଇନା ମଧ୍ୟ ରୁଷୀୟ ତୈଳ କ୍ରୟ ବନ୍ଦ କରୁ।

ମୋଦିଙ୍କୁ ଜଣେ ମହାନ୍ ବ୍ୟକ୍ତି ଭାବେ ଅଭିହିତ କରି ଟ୍ରମ୍ପ କହିଛନ୍ତି, ସେ ଟ୍ରମ୍ପଙ୍କୁ ଭଲ ପାଆନ୍ତି। ତାଙ୍କ ରାଜନୈତିକ କ୍ୟାରିୟର ନଷ୍ଟ ନ କରିବାକୁ ଟ୍ରମ୍ପ ଚାହାନ୍ତି ନାହିଁ। ସେ ଭାରତକୁ ଅନେକ ବର୍ଷ ଧରି ଦେଖିଆସିଛନ୍ତି। ଏହା ଏକ ଅବିଶ୍ୱସନୀୟ ଦେଶ, ଯେଉଁଠି ପ୍ରତିବର୍ଷ ଜଣେ ନୂଆ ନେତା କ୍ଷମତାକୁ ଆସିଥାନ୍ତି। ଏପରି କି ସେମାନଙ୍କ ମଧ୍ୟରୁ କେତେଜଣ କିଛି ମାସ ଭିତରେ ବଦଳିଥାନ୍ତି। ବର୍ଷ ବର୍ଷ ଧରି ଏପରି ଚାଲିଆସିଥିବାବେଳେ ବନ୍ଧୁ ମୋଦି ଦୀର୍ଘ ସମୟ ହେଲା ପ୍ରଧାନମନ୍ତ୍ରୀ ରହିଆସିଛନ୍ତି। ମୋଦି ତାଙ୍କୁ ଆଗକୁ ରୁଷୀୟ ତୈଳ କ୍ରୟ କରାଯିବ ନାହିଁ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ପର୍ଯ୍ୟାୟକ୍ରମେ ତୈଳ କ୍ରୟ ବନ୍ଦ କରିବାକୁ ସମୟ ଲାଗିବ କିନ୍ତୁ ତାହା ଆରମ୍ଭ ହୋଇସାରିଛି ବୋଲି ମୋଦି କହିଥିବା ଟ୍ରମ୍ପ ପ୍ରକାଶ କରିଛନ୍ତି। ତେବେ ରୁଷିଆ-ୟୁକ୍ରେନ୍ ଯୁଦ୍ଧ ବନ୍ଦ ହେବା ପରେ ଭାରତ ମସ୍କୋ ସହ ଶକ୍ତି ବାଣିଜ୍ୟ ଜାରି ରଖିପାରିବ। ଭାରତ ଯଦି ତୈଳ ନ କିଣେ ତେବେ ସବୁ ସୁବିଧାଜନକ ହେବ ବୋଲି ଟ୍ରମ୍ପ କହିଛନ୍ତି।

ପ୍ରକାଶ ଯେ, ବିଶ୍ୱର ତୃତୀୟ ବୃହତ୍ ତୈଳ ଆମଦାନୀକାରୀ ରାଷ୍ଟ୍ର ଭାରତ ନିଜ ଚାହିଦା ପୂରଣ ପାଇଁ ପାରମ୍ପରିକ ଭାବେ ମଧ୍ୟପ୍ରାଚ୍ୟ ତୈଳ ଉପରେ ନିର୍ଭରଶୀଳ ରହିଆସିଥିଲା। ତେବେ ରୁଷିଆର ୟୁକ୍ରେନ୍ ଆକ୍ରମଣ ପରଠାରୁ ମସ୍କୋଠାରୁ ରିହାତି ମୂଲ୍ୟରେ ତୈଳ କ୍ରୟ ପରିମାଣ ଅହେତୁକ ବୃଦ୍ଧି ପାଇଛି। ପୂର୍ବରୁ ଭାରତ ରୁଷିଆଠାରୁ ୧% କ୍ରୁଡ୍‌ଅଏଲ୍ କିଣୁଥିବାବେଳେ ଏଥିରେ ହଠାତ୍ ପ୍ରାୟ ୪୦% ପର୍ଯ୍ୟନ୍ତ ବୃଦ୍ଧି ଦେଖିବାକୁ ମିଳିଛି। ତେବେ ଭାରତ ଏହାର ଜାତୀୟ ଶକ୍ତି ସୁରକ୍ଷା ଓ ଅପେକ୍ଷାକୃତ ସ୍ୱଳ୍ପ ମୂଲ୍ୟ ଯୋଗୁ ଏପରି କରୁଥିବା କହୁଛି। ଟ୍ରମ୍ପଙ୍କ ସଦ୍ୟ ମନ୍ତବ୍ୟ ପରେ ଭାରତ ସମାନ କଥା ଦୋହରାଇଛି। ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ ଗୁରୁବାର କହିଛନ୍ତି, ଭାରତ ନିଜ ବଜାର ଚାହିଦା ପୂରଣ ପାଇଁ ଶକ୍ତି କ୍ଷେତ୍ରରେ ଉତ୍ସର ବିବିଧତା ଉପରେ ଜୋର୍ ଦେଉଛି। ଏନର୍ଜି ବଜାରର ଉଠାପକା ଭିତରେ ଭାରତୀୟ ଉପଭୋକ୍ତାମାନଙ୍କ ସ୍ୱାର୍ଥ ଦୃଷ୍ଟିରୁ ଭିନ୍ନ ଆମଦାନୀ ନୀତି ଆପଣାଯାଉଛି। ଏହି କ୍ରମରେ ଆମେରିକା ସହ ମଧ୍ୟ ଶକ୍ତି ସମ୍ପର୍କକୁ ବ୍ୟାପକ କରିବାକୁ ନୂଆଦିଲ୍ଲୀ ଆଶାବାଦୀ ଥିବା ଜୟସ୍ୱାଲ ସ୍ପଷ୍ଟ କରିଛନ୍ତି। ଜୟସ୍ୱାଲ ଏପରି ସଫେଇ ଦେଉଥିବାବେଳେ କଂଗ୍ରେସ ନେତା ରାହୁଲ ଗାନ୍ଧୀ କହିଛନ୍ତି, ପ୍ରଧାନମନ୍ତ୍ରୀ ମୋଦି ଟ୍ରମ୍ପଙ୍କୁ ନେଇ ଭୟଭୀତ। ତେଣୁ ଭାରତର କୌଣସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପାଇଁ ଆମେରିକା ଉପରେ ନିର୍ଭରଶୀଳ ହୋଇପଡ଼ିଛନ୍ତି। ମୋଦି ସରକାରଙ୍କ ବିଦେଶ ନୀତି ସମ୍ପୂର୍ଣ୍ଣ ରୂପେ ଭୁଶୁଡ଼ିପଡ଼ିଛି। କେନ୍ଦ୍ର ସରକାର ବିରୋଧୀ ନେତାମାନଙ୍କୁ ବିଶ୍ୱାସକୁ ନେଇ ସର୍ବଦଳୀୟ ବୈଠକ ଡାକନ୍ତୁ, ନଚେତ୍ ସମସ୍ତଙ୍କ ସହ ଜଣ ଜଣକରି ଆଲୋଚନା କରନ୍ତୁ ବୋଲି ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଦାବି କରିଛନ୍ତି। ବିରୋଧୀଙ୍କ ସମାଲୋଚନା ପରେ ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଏକ ମିଡିଆ ବିବୃତିରେ ଟ୍ରମ୍ପ-ମୋଦି ଆଲୋଚନା ପ୍ରସଙ୍ଗକୁ ଖଣ୍ଡନ କରାଯାଇଛି। ଦୁଇ ନେତାଙ୍କ ମଧ୍ୟରେ ବୁଧବାର ଫୋନ୍‌ରେ ରୁଷୀୟ ତୈଳ କ୍ରୟ ସମ୍ପର୍କରେ କୌଣସି ପ୍ରକାର ଆଲୋଚନା ହୋଇନାହିଁ ବୋଲି କୁହାଯାଇଛି। ଇତିମଧ୍ୟରେ ନୂଆଦିଲ୍ଲୀରେ ଅବସ୍ଥାପିତ ରୁଷିଆ ରାଷ୍ଟ୍ରଦୂତ ଡେନିସ୍ ଅଲିପୋଭ୍ କହିଛନ୍ତି, ଆମେ କାହାର ବାଣିଜ୍ୟିକ କାରବାରରେ ହସ୍ତକ୍ଷେପ କରୁନାହୁଁ। ଭାରତ ନିଜ ଜାତୀୟ ସ୍ୱାର୍ଥ ଦୃଷ୍ଟିରୁ ଆମଠାରୁ ତୈଳ କିଣୁଛି। ତେବେ ରୁଷିଆ ଭାରତ ସହ ଶକ୍ତି ସହଯୋଗ ବଜାୟ ରହିବା ନେଇ ଆଶାବାଦୀ ଏବଂ ନୂଆଦିଲ୍ଲୀ ତୈଳ ଆମଦାନୀ ଜାରି ରଖିବ ବୋଲି ରୁଷିଆ ଉପପ୍ରଧାନମନ୍ତ୍ରୀ ଆଲେକ୍‌ଜାଣ୍ଡାର ନୋଭାକ୍ କହିଛନ୍ତି।

ସେପଟେ ବ୍ରିଟେନ୍ ରୁଷିଆର ସର୍ବବୃହତ୍ ତୈଳ ଉତ୍ପାଦନକାରୀଗୁଡ଼ିକ ସମେତ ଚାଇନାର ୨ଟି ଏନର୍ଜି ଫାର୍ମ ଏବଂ ଭାରତୀୟ ରିଫାଇନର୍ ନାୟରା ଏନର୍ଜି ଲିମିଟେଡ୍ ଉପରେ କଟକଣା ଜାରି କରିଛି। ରୁଷିଆ ସହ ତୈଳ କାରବାର ଯୋଗୁ ଏପରି ପଦକ୍ଷେପ ନିଆଯାଇଥିବା ବ୍ରିଟେନ୍ ସ୍ପଷ୍ଟ କରିଛି। ଏଭଳି ସ୍ଥିତିରେ ଅଶୋଧିତ ତୈଳ ମୂଲ୍ୟରେ ଅହେତୁକ ବୃଦ୍ଧି ଘଟିଛି। ଗୁରୁବାର ବ୍ରେଣ୍ଟ ବ୍ୟାରେଲ ପିଛା ୬୨ ଡଲାରର ନିକଟତର ହୋଇଛି। ଆଗକୁ ଏଥିରେ ଆହୁରି ବୃଦ୍ଧି ଘଟିପାରେ ବୋଲି ଜଣେ ବିଶେଷଜ୍ଞ ମତ ଦେଇଛନ୍ତି। କ୍ରୁଡ୍ ଓ ବ୍ରେଣ୍ଟ ଅଧିକ ମହଙ୍ଗା ହେଲେ ଏହା ଜୁଲାଇ ପରଠାରୁ ସର୍ବାଧିକ ହେବ ବୋଲି ସରକାରୀ ତଥ୍ୟରୁ ଜଣାପଡ଼ିଛି।

## ଜନଶୁଣାଣିକୁ ଗୁରୁତ୍ୱ...

ନ ଥିବାବେଳେ ମହିଳା ଓ ଶିଶୁ କଲ୍ୟାଣ ବିଭାଗରେ ୨ହଜାର ୩୧୯ ଅଭିଯୋଗ ଗଡୁଛି। ସେହିପରି ଜଳସମ୍ପଦ ବିଭାଗରେ ୧ହଜାର ୪୪୬, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗରେ ୪ହଜାର ୯୮୮, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗରେ ୮ହଜାର ୬୫୨ ଏବଂ ଖଣି ଓ ଇସ୍ପାତ ବିଭାଗରେ ୫୦୬ଟି ଅଭିଯୋଗ ଗଡୁଛି। ପଞ୍ଚାୟତିରାଜ ବିଭାଗକୁ ବାଦ୍ ଦେଇ ଅନ୍ୟ ୫ଟି ବିଭାଗରେ ଅଭିଯୋଗ ସମାଧାନ ହାର ୮୦ପ୍ରତିଶତରୁ କମ୍ ରହିଛି।

ଇତିମଧ୍ୟରେ ରାଜ୍ୟରେ ୪୦ଟି ବିଭାଗକୁ ୪ଲକ୍ଷ ୯୯ହଜାର ୮୫୧ଟି ଅଭିଯୋଗ ମିଳିଥିବାବେଳେ ଗତ ସେପ୍ଟେମ୍ବରରେ ୧୭ହଜାର ୧୧ଟି ଅଭିଯୋଗ ସରକାରଙ୍କ ହସ୍ତଗତ ହୋଇଛି। ସେପ୍ଟେମ୍ବର ମାସରେ ସରକାରଙ୍କ ହସ୍ତଗତ ହୋଇଥିବା ଅଭିଯୋଗର ସମାଧାନ ହାର ୧୧ପ୍ରତିଶତ ଭିତରେ ରହିଛି। ଅଧିକାଂଶ ବିଭାଗର ଅଭିଯୋଗ ସମାଧାନ ହାର ୩ରୁ ୫ପ୍ରତିଶତ ମଧ୍ୟରେ ରହିଛି। ସେପ୍ଟେମ୍ବର ସୁଦ୍ଧା ରାଜ୍ୟରେ ୬୬ହଜାର ୮୬୮ଟି ଅଭିଯୋଗ ୪୦ଟି ବିଭାଗରେ ଗଡୁଛି। ଅଭିଯୋଗ ସମାଧାନ ହାର ମଧ୍ୟରେ ସାଧାରଣ ଉଦ୍ୟୋଗ, ସୂଚନା ଓ ଲୋକସମ୍ପର୍କ, ହସ୍ତତନ୍ତ, ହସ୍ତଶିଳ୍ପ ଓ ବୟନଶିଳ୍ପ ବିଭାଗର ସମାଧାନ ହାର ୯୭ରୁ ୯୮ପ୍ରତିଶତ ମଧ୍ୟରେ ରହିଛି।

## ବର୍ଷକରେ ୧.୫ କୋଟି...

ଦେଶର ଅର୍ଥନୀତି ଏବଂ ପରିବେଶ ଉପରେ ପ୍ରତିକୂଳ ପ୍ରଭାବ ପକାଉଥିବା ନେଇ ଅଧ୍ୟୟନରେ କୁହାଯାଇଛି। ଗତବର୍ଷ ବନାଗ୍ନି ଯୋଗୁ ବିଶ୍ୱବ୍ୟାପୀ ୩୭ ଲକ୍ଷ ବର୍ଗ କି.ମି. ଅଞ୍ଚଳ ଜଳିଯାଇଥିଲା, ଯାହା ଭାରତର କ୍ଷେତ୍ରଫଳଠାରୁ ମଧ୍ୟ ଅଧିକ। ଏଥିରୁ ନିର୍ଗତ ହୋଇଥିବା ଅଙ୍ଗାରକାମ୍ଳ ୮ ବିଲିୟନ ଟନ୍‌ରୁ ଅଧିକ ବୋଲି ରିପୋର୍ଟରେ କୁହାଯାଇଛି। ଜଳବାୟୁ ପରିବର୍ତ୍ତନ ବିଶ୍ୱବ୍ୟାପୀ ବନାଗ୍ନି ଘଟଣାକୁ ବଢ଼ାଇବା ସହ ଏହାର ଗମ୍ଭୀରତାକୁ ବୃଦ୍ଧି କରିଛି ବୋଲି ଏହି ଅଧ୍ୟୟନ ସ୍ପଷ୍ଟ ଭାବେ ପ୍ରମାଣିତ କରିଥିବା ଅଧ୍ୟୟନର ମୁଖ୍ୟ ଲେଖକ ଡଗ୍‌ଲାସ କେଲୀ କହିଛନ୍ତି। ଗତବର୍ଷ ସାରା ବିଶ୍ୱରେ ୧୦ କୋଟି ଲୋକ ବନାଗ୍ନିର ସମ୍ମୁଖୀନ ହୋଇ ଏହାଦ୍ୱାରା ପ୍ରଭାବିତ ହୋଇଥିଲେ। ଦକ୍ଷିଣ ଏବଂ ଦକ୍ଷିଣପୂର୍ବ ଏସିଆ, ମଧ୍ୟ ଏବଂ ପୂର୍ବ ଆଫ୍ରିକାରେ ଏହି ସଂଖ୍ୟା ସର୍ବାଧିକ ଥିଲା ବୋଲି ଅଧ୍ୟୟନରେ କୁହାଯାଇଛି। ବନାଗ୍ନି ଯୋଗୁ ଭାରତ ଏବଂ ରିପବ୍ଲିକ ଅଫ୍ କଙ୍ଗୋରେ ସର୍ବାଧିକ ୧.୫ କୋଟି ଲେଖାଏ ଲୋକ ପ୍ରଭାବିତ ହୋଇଛନ୍ତି। ସେହିପରି ନାଇଜେରିଆ, ଚାଇନା, ମୋଜାମ୍ବିକ ଏବଂ ଦକ୍ଷିଣ ସୁଦାନରେ ୫୦ ଲକ୍ଷ ଲେଖାଏ ଲୋକ ପ୍ରଭାବିତ ହୋଇଥିବା ଏହି ଅଧ୍ୟୟନ କହିଛି। ବନାଗ୍ନି ଯୋଗୁ ଗତବର୍ଷ ବିଶ୍ୱବ୍ୟାପୀ ୨୧୫ ବିଲିୟନ ଡଲାର ମୂଲ୍ୟର ଘର ଏବଂ ଭିତ୍ତିଭୂମିକୁ କ୍ଷତି ପହଞ୍ଚିଛି। ଭାରତରେ ୪୪ ବିଲିୟନ ଡଲାର (ପ୍ରାୟ ୩.୬ ଲକ୍ଷ କୋଟି ଟଙ୍କା)ର ସମ୍ପତ୍ତି କ୍ଷତିଗ୍ରସ୍ତ ହୋଇଛି। ଏହାପଛକୁ ଆମେରିକାରେ ୨୬ ବିଲିୟନ ଡଲାର ଏବଂ ଚାଇନାରେ ୧୭ ବିଲିୟନ ଡଲାର ମୂଲ୍ୟର ସମ୍ପତ୍ତି କ୍ଷତିଗ୍ରସ୍ତ ହୋଇଥିବା ଏହି ରିପୋର୍ଟ କହିଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଈଶ୍ୱର ଚାହିଁଲେ ସବୁ ହୁଏ**
**ଦୂବ ମଧ୍ୟ ଦାରୁ ହୁଏ ।**

ଈଶ୍ୱର ସର୍ବଶକ୍ତିମାନ୍ ତଥା ସର୍ବବିଦ୍ୟମାନ୍। ତାଙ୍କରି ନିର୍ଦ୍ଦେଶରେ ସୂର୍ଯ୍ୟ ଚନ୍ଦ୍ର ଆତଯାତ ହେଉଥିବା ବେଳେ ତାଙ୍କ ବିନା ଇଚ୍ଛାରେ ଗଛରୁ ପତ୍ରଟିଏ ମଧ୍ୟ ଝଡ଼ିପାରି ନ ଥାଏ। ଈଶ୍ୱରଙ୍କ କୃପା ମିଳିଲେ ଦୂବ ଘାସଟି ମଧ୍ୟ ଦାରୁରେ ପରିଣତ ହୋଇଯାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଇଷ୍ଟ ରୁଷ୍ଟ ହେଲେ ସଂଶୋଧନ**
**ଇଷ୍ଟ ରୁଷ୍ଟ ହେଲେ ବୈକୁଣ୍ଠ ସମାନ ।**

ନିଜର ଭୁଲ୍ ଥିଲେ ବା ଦୋଷ ଥିଲେ ସେଥିରେ ଯୁକ୍ତିତର୍କ ନ କରି ତାହାର ସଂଶୋଧନ କରିବା ଉଚିତ୍ ହୋଇଥାଏ। ଏପରି କରିବା ଦ୍ୱାରା ବିବାଦ ଆଗକୁ ବଢ଼ି ନ ଥାଏ ଓ ଏହାଦ୍ୱାରା ଅନେକ ସୁଫଳ ମିଳିଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ




ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

**ନବୀନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ**

ଭୁବନେଶ୍ୱର,(ସୁନିତ୍ ମିଶ୍ର): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ଟେଲିଫୋନ ଯୋଗେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ସହିତ କଥା ହୋଇ ତାଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଛନ୍ତି। ଏହି ଅବସରରେ ସେ ନବୀନଙ୍କ ଦୀର୍ଘ ନିରାମୟ ଜୀବନ ପାଇଁ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିଥିବା କହିଛନ୍ତି।

# ଯୋଗଜନ୍ମା ପୁରୁଷ ଗଡ଼ଜାତ ଗାନ୍ଧୀ ସାରଙ୍ଗଧର ଦାସ



ନବୀନ ନନ୍ଦ

**(୧୩୮ତମ ଜୟନ୍ତୀ ଉପଲକ୍ଷେ)**

୧୮୮୭ ମସିହା ଅକ୍ଟୋବର ୧୭ରେ ଢେଙ୍କାନାଳ ଜିଲାର ହରେକୃଷ୍ଣପୁର ଗ୍ରାମରେ ହରେକୃଷ୍ଣ ଓ ମାଣିକ ଦେବୀଙ୍କ ଗର୍ଭରେ ଜନ୍ମନେଇଥିଲେ ଭାରତ ଭୂମିର ଏକ ଯୋଗଜନ୍ମା ପୁରୁଷ ସାରଙ୍ଗଧର ଦାସ। ରେଭେନ୍ଶା କଲେଜରେ ପଢ଼ିବା ସମୟରେ ସେ ଗୋପବନ୍ଧୁ ଓ ଆଚାର୍ଯ୍ୟ ହରିହର ଦାସଙ୍କ ସହିତ ଘନିଷ୍ଠ ହୋଇ ଦେଶସେବାର ଅଭିଳାଷ ଜନ୍ମାନ୍ତର କଲେ। ଆର୍ଥିକ ସଙ୍କଟ ମଧ୍ୟରେ ମଧ୍ୟ ସେ ଜାପାନକୁ ଯାଇ ଶିଳ୍ପ ଓ କୃଷି ବିଜ୍ଞାନରେ ଉଚ୍ଚଶିକ୍ଷା ଲାଭ କରିଥିଲେ, ପରେ ଆମେରିକାର ଷ୍ଟାନ୍‌ଫୋର୍ଡ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରି ଚିନି ଶିଳ୍ପରେ ପାରଙ୍ଗମ ହୋଇଥିଲେ।

୧୯୨୦ ମସିହାରେ ମାତୃ ଅସୁସ୍ଥତା ଖବର ପାଇ ଭାରତ ଫେରିଲେ ଓ ନିଜ ଜନ୍ମଭୂମି ଢେଙ୍କାନାଳରେ ଏକ ଚିନି କାରଖାନା ସ୍ଥାପନର ସ୍ୱପ୍ନ ଦେଖିଲେ। ରାଜା ସୁରପ୍ରତାପ ମହିନ୍ଦ୍ର ବାହାଦୁରଙ୍କ ପ୍ରୋତ୍ସାହନରେ ବ୍ରହ୍ମକୁଣ୍ଡ ପାଖରେ ଆଖୁଚାଷ ଓ ଚିନି ଶିଳ୍ପ ପାଇଁ ଜମି ପଟ୍ଟା ମିଳିଲା। କିନ୍ତୁ ନୂଆ ରାଜା ଶଙ୍କର ପ୍ରତାପଙ୍କ ଶାସନ ଓ ବ୍ରିଟିଶ ପଲିଟିକାଲ ଏଜେଣ୍ଟଙ୍କ ଅସହଯୋଗ ଫଳରେ ତାଙ୍କର ସ୍ୱପ୍ନ ଭାସିଗଲା। ସେହି ସମୟରେ ରାଜପରିବାର ତାଙ୍କୁ ଦେଶଦ୍ରୋହୀ ବୋଲି ଦେଖି ଚିନିକଳ ଯନ୍ତ୍ର ଭାଙ୍ଗିଦେଲେ, ଘରକୁ ନିଆଁ ଲଗାଇଦେଲେ ଓ ସମସ୍ତ ସମ୍ପତ୍ତି ହାତରୁ ଚାଲିଗଲା। ସେ ପରେ ବିହାରର ଚମ୍ପାରଣରେ ଚିନି କାରଖାନାରେ କାମ କଲାବେଳେ ମହାତ୍ମା ଗାନ୍ଧୀଙ୍କ ସହ ଯୋଗ ଦେଲେ ଓ ଗଡ଼ଜାତ ଆନ୍ଦୋଳନରେ ଅଗ୍ରଣୀ ଭୂମିକା ନେଲେ। ତାଙ୍କ ନେତୃତ୍ୱରେ ଢେଙ୍କାନାଳ ପ୍ରଜାମଣ୍ଡଳ ଗଠନ ହୋଇ ଗଡ଼ଜାତ ଗାନ୍ଧୀ ନାମରେ ସେ ଖ୍ୟାତିଲାଭ କଲେ।

୧୯୪୬ ମସିହାରେ ସାରଙ୍ଗଧର ବିଧାୟକ ରୂପେ ନିର୍ବାଚିତ ହେଲେ ଏବଂ କୃଷି ଓ ଶିଳ୍ପର ଉନ୍ନତି ପାଇଁ ଆଗ୍ରହ ଦେଖାଇଲେ। ପରେ ସୋସିଆଲିଷ୍ଟ ପାର୍ଟିରେ ଯୋଗ ଦେଇ ୧୯୫୨ ମସିହାରେ ଢେଙ୍କାନାଳ ପଶ୍ଚିମ କଟକ ଲୋକ ସଭା ଅଞ୍ଚଳରୁ ସାଂସଦ ହେଲେ। ଲୋକ ସଭାରେ ଭାରତର ଚିନି ଶିଳ୍ପ ଓ କୃଷିର ଉନ୍ନତି ବିଷୟରେ ତାଙ୍କ ଭାଷଣ ଆଜି ମଧ୍ୟ ସ୍ମରଣୀୟ।



୧୯୫୭ ମସିହାରେ ସେ ମୃତ୍ୟୁବରଣ କଲେ। ମୃତ୍ୟୁ ପୂର୍ବରୁ ସାରଙ୍ଗଧର ନିଜ ସମସ୍ତ ସମ୍ପତ୍ତିକୁ 'ଜାନକୀ ଦେବୀ ନାରୀ ଓ ଶିଶୁ କଲ୍ୟାଣ ସମିତି' ଏବଂ 'ଗଙ୍ଗାଧର ଶିଶୁ କଲ୍ୟାଣ ସମିତି' ନାମକ ଦୁଇ ଟ୍ରଷ୍ଟକୁ ଦାନକରି ଯାଇଥିଲେ, ଯାହା ମାଧ୍ୟମରେ ନାରୀ ଓ ଶିଶୁ କଲ୍ୟାଣ ପାଇଁ ତାଙ୍କ ସମ୍ପତ୍ତିର ଆୟ ଖର୍ଚ୍ଚ ହେବାକୁ ଇଚ୍ଛା କରିଥିଲେ। କିନ୍ତୁ ଦୁଃଖ ଯେ ଏହି ଟ୍ରଷ୍ଟଗୁଡ଼ିକ ତାଙ୍କ ଇଚ୍ଛା ଅନୁଯାୟୀ କାର୍ଯ୍ୟକାରୀ ହୋଇପାରିନାହିଁ ଓ ତାଙ୍କ ମହାନ୍ ଉଦ୍ଦେଶ୍ୟ ଅନର୍ଥକ ହୋଇ ରହିଛି।

ତାଙ୍କ ସ୍ମୃତିରେ କେବଳ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉଦ୍ୟମରେ ୨୦୨୩ ମସିହାରେ ଏକ ଡାକଟିକଟ ମୁକ୍ତି ପାଇଛି। ବର୍ତ୍ତମାନ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ରାଜ୍ୟ ସରକାର ପ୍ରତିବର୍ଷ ତାଙ୍କ ଜନ୍ମ ଓ ଶ୍ରାଦ୍ଧ ଦିବସକୁ ରାଜ୍ୟସ୍ତରରେ ପାଳନ କରିବାକୁ ନିଷ୍ପତ୍ତି ନେଇଛନ୍ତି, ଏହା ଗଡ଼ଜାତ ଗାନ୍ଧୀଙ୍କ ପ୍ରତି ଏକ ସତ୍ୟ ସମ୍ମାନ।

ସାରଙ୍ଗଧର ଦାସ ଆମ ଗଡ଼ଜାତ ଆନ୍ଦୋଳନର ଆତ୍ମା ଏବଂ ଓଡ଼ିଶାର ଶିଳ୍ପ, କୃଷି ଜାଗରଣର ପ୍ରଥମ ସ୍ୱପ୍ନଦର୍ଶୀ। ତାଙ୍କ ଆଦର୍ଶ ଓ ତ୍ୟାଗ ଆମ ଆଗାମୀ ପିଢ଼ି ପାଇଁ ପ୍ରେରଣା ହୋଇ ରହିବ।

ପୂର୍ବତନ ବିଧାୟକ, ଢେଙ୍କାନାଳ
୮୨୪୯୪୩୪୪୦୬

# ୨୫୮ ଗାଡ଼ିର ରେଜିଷ୍ଟ୍ରେଶନ ରଦ୍ଦହେବ

**ବାରମ୍ବାର ଟ୍ରାଫିକ୍ ନିୟମ ଉଲ୍ଲଂଘନ**

**ଏସ୍‌ଟିଏକୁ ଚିଠି ଲେଖିଲା କମିଶନରେଟ୍ ପୋଲିସ**

ଭୁବନେଶ୍ୱର,୧୬।୧୦ (ସତ୍ୟଜିତ ରାଉତ)

ବାରମ୍ବାର ଟ୍ରାଫିକ୍ ନିୟମ ଉଲ୍ଲଂଘନ ଏବଂ ଜରିମାନା ନ ଭରିବାରୁ ୨୫୮ଟି ଗାଡ଼ିର ରେଜିଷ୍ଟ୍ରେଶନ ରଦ୍ଦ କରାଯିବ। ଏନେଇ ଭୁବନେଶ୍ୱର-କଟକ କମିଶନରେଟ୍ ପୋଲିସ ପକ୍ଷରୁ ରାଜ୍ୟ ପରିବହନ ପ୍ରାଧିକରଣ(ଏସ୍‌ଟିଏ)କୁ ଚିଠି ଲେଖାଯାଇଛି। ଏହି ଅମାନିଆ ମାଲିକମାନଙ୍କ ଗାଡ଼ିର ରେଜିଷ୍ଟ୍ରେଶନ ସାର୍ଟିଫିକେଟ୍ ଓ ଫିଟ୍‌ନେସ୍ ସାର୍ଟିଫିକେଟ୍ ରଦ୍ଦ କରିବାକୁ ଅନୁରୋଧ କରାଯାଇଛି। ତେବେ ଏ ସମ୍ପର୍କରେ ଏସ୍‌ଟିଏ ପକ୍ଷରୁ ମଧ୍ୟ ପ୍ରକ୍ରିୟା ଆରମ୍ଭ ହୋଇଛି। ଏସବୁ ଗାଡ଼ି ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସବୁ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ(ଆରଟିଓ)କୁ ଏସ୍‌ଟିଏ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ବାରମ୍ବାର ଟ୍ରାଫିକ୍ ନିୟମ ଉଲ୍ଲଂଘନ କରୁଥିବା ଗାଡ଼ିଗୁଡ଼ିକୁ କଳା ତାଲିକାଭୁକ୍ତ କରିବା ସହ ରେଜିଷ୍ଟ୍ରେଶନ ଓ ଫିଟ୍‌ନେସ୍ ସାର୍ଟିଫିକେଟ୍ ରଦ୍ଦ କରିବାକୁ କୁହାଯାଇଛି। ତେବେ ସଡ଼କ ସୁରକ୍ଷା ନିୟମ ମାନିବାକୁ କମିଶନରେଟ୍ ପୋଲିସ ପକ୍ଷରୁ ନିବେଦନ କରାଯିବା ସହ ଅଭ୍ୟାସଗତ ଅମାନିଆ ଗାଡ଼ିଚାଳକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି।

# ଚାଲାଣ ବେଳେ ୨ବନ୍ଧୁକ ଜବତ, ୨ ଗିରଫ

ସମ୍ବଲପୁର,୧୬।୧୦(ପ୍ରମୋଦ ବହିଦାର)

ସମ୍ବଲପୁରରୁ ଝାରସୁଗୁଡ଼ାକୁ ବନ୍ଧୁକ ଚୋରା ଚାଲାଣ କରୁଥିବା ୨ ଅଭିଯୁକ୍ତଙ୍କୁ ଗୁରୁବାର ରେଙ୍ଗାଲି ପୋଲିସ ଗିରଫ କରିଛି। ସେମାନେ ହେଲେ ଝାରସୁଗୁଡ଼ା ଜିଲା ବଡ଼ମାଲ ଥାନା ଅନ୍ତର୍ଗତ ମାଲଡା ଗ୍ରାମର ସିଦ୍ଧାନ୍ତ କିସାନ(୨୬) ଓ ଯୁଧିଷ୍ଠିର କିସାନ(୨୬)। ସେମାନଙ୍କ ନିକଟରୁ ଏକ ୭.୬୫ ମିମି ଦେଶୀ ଅଟୋମେଟିକ ଓ ଏକ ଦେଶୀ (ସିଙ୍ଗଲ ସଟ୍‌ଗନ୍) ପିସ୍ତଲ ଜବତ କରାଯାଇଛି। ଏଥିସହିତ ଏକ ଖାଲି ମ୍ୟାଗଜିନ୍, ବିଭିନ୍ନ ବ୍ରାଣ୍ଡର ୩ଟି ମୋବାଇଲ୍ ଫୋନ ଏବଂ ଏକ କାର(ଓଡି-୨୩-ଡି-୪୪୫୫)କୁ ପୋଲିସ ଜବତ କରିଛି। ଏ ନେଇ ରେଙ୍ଗାଲି ଥାନାରେ ଏକ ମାମଲା(ନଂ. ୨୩୧/୨୫)ରୁଜୁ କରି ପୋଲିସ ଅଭିଯୁକ୍ତମାନଙ୍କୁ ଗୁରୁବାର କୋର୍ଟ ଚାଲାଣ କରିଛି। ରେଙ୍ଗାଲି ଥାନାର ଏକ ପୋଲିସ ଦଳ ନିୟମିତ ପ୍ରକ୍ରିୟାରେ ଗୁରୁବାର ପାଟ୍ରୋଲିଂ କରୁଥିବା ସମୟରେ ରାଜ୍ୟ ରାଜପଥ-୧୦(ବିଜୁ ଏକ୍ସପ୍ରେସ୍)ରେ ଉକ୍ତକାର ସମ୍ବଲପୁର ପଟୁ ଝାରସୁଗୁଡ଼ା ପଟେ ଯାଉଥିଲା। ମାତ୍ର କାରର ଗତିବିଧି ଉପରେ ସନ୍ଦେହ ହେବାରୁ ପାଟ୍ରୋଲିଂ ପୋଲିସ ଦଳ କାରକୁ ରମାପଡ଼ା ଛକରେ ଅଟକାଇ ଯାଞ୍ଚ କରିଥିଲା। ଯାଞ୍ଚ ବେଳେ କାରରେ ପିସ୍ତଲ ଥିବା ଦେଖି ପୋଲିସ ଜବତ କରିଥିଲା। ଏହାସହ କାର ଆରୋହୀଦ୍ୱୟଙ୍କୁ ଥାନାକୁ ଆଣି ପଚାରାଉଚରା କରିଥିଲା। ପଚାରଉଚରା ବେଳେ ପିସ୍ତଲଗୁଡ଼ିକୁ ବିକ୍ରୟ ପାଇଁ ଝାରସୁଗୁଡ଼ା ନେଉଥିଲେ ବୋଲି ସ୍ୱୀକାର କରିଥିଲେ। ସେମାନଙ୍କ ସ୍ୱୀକାରୋକ୍ତି ପରେ ପୋଲିସ ଉଭୟଙ୍କୁ ଗିରଫ କରିଥିଲା।



ଜବତ କାର ଓ ପିସ୍ତଲ ସହିତ ଗିରଫ ୨ ଅଭିଯୁକ୍ତ।




# ପୁରୀ,ଦିଲ୍ଲୀ ମଧ୍ୟରେ ଗଡ଼ିବ ସ୍ୱତନ୍ତ୍ର ଟ୍ରେନ୍

**ଭୁବନେଶ୍ୱର,୧୬।୧୦(ଅନୁରାଧା ମହାରଣା):** ଚଳିତ ପାର୍ବଣ ଋତୁରେ ଅତିରିକ୍ତ ଭିଡ଼ ଦୂରକରିବା ପାଇଁ ଭାରତୀୟ ରେଳପଥ ପୁରୀ ଏବଂ ନୂଆଦିଲ୍ଲୀ ମଧ୍ୟରେ ସ୍ୱତନ୍ତ୍ର ଏକ୍ସପ୍ରେସ୍ ଟ୍ରେନ୍ ପରିଚାଳନା କରିବ। ୦୪୪୦୮ ଆନନ୍ଦ ବିହାର ପୁରୀ ପାର୍ବଣ ସ୍ୱତନ୍ତ୍ର ଏକ୍ସପ୍ରେସ୍ ୧୮ ତାରିଖ ରାତି ୧୧ଟାରେ ନୂଆଦିଲ୍ଲୀ ଆନନ୍ଦ ବିହାର ଟର୍ମିନାଲରୁ ଛାଡ଼ିବ। ୦୪୪୦୭ ପୁରୀ ଆନନ୍ଦ ବିହାର ପାର୍ବଣ ସ୍ୱତନ୍ତ୍ର ଏକ୍ସପ୍ରେସ୍ ୨୦ ତାରିଖ ଅପରାହ୍ନ ୪ଟାରେ ପୁରୀରୁ ଛାଡ଼ିବ। ଏହା ଖୋର୍ଦ୍ଧାରୋଡ୍, ଭୁବନେଶ୍ୱର, କଟକ, ଭଦ୍ରକ, ବାଲେଶ୍ୱର, ଟାଟାନାଗର, ବୋକାରୋ ଷ୍ଟିଲ୍ ସିଟି, ହଜାରିବାଗ ରୋଡ୍, ଗୟା, ପଣ୍ଡିତ ଦୀନ୍‌ଦୟାଲ ଉପାଧ୍ୟାୟ ଜଙ୍କ୍‌ଶନ, ମିର୍ଜାପୁର ଏବଂ ଗାଜିଆବାଦରେ ଏହି ସ୍ୱତନ୍ତ୍ର ଟ୍ରେନ୍ ରହଣି କରିବ। ଏଥିରେ ୧୫ଟି ସାଧାରଣ ଓ ସ୍ଲିପର କୋଚ, ଗୋଟିଏ ଲଗେଜ କମ୍ ବ୍ରେକ୍ ଭ୍ୟାନ୍ ଏବଂ ଗୋଟିଏ ଦିବ୍ୟାଙ୍ଗଜନ କୋଚ୍ ରହିବ। ଅନ୍ୟପଟେ ୦୮୪୭୫ ପୁରୀ- ହଜରତ ନିଜାମୁଦ୍ଦିନ ସ୍ପେଶାଲ ଏକ୍ସପ୍ରେସ୍ ୧୯ ତାରିଖ ସକାଳ ୪ଟା ୫୦ରେ ପୁରୀରୁ ଯାତ୍ରା ଆରମ୍ଭ କରିବ। ଖୋର୍ଦ୍ଧାରୋଡ୍, ଭୁବନେଶ୍ୱର, ଢେଙ୍କାନାଳ, ସମ୍ବଲପୁର ସିଟି, ଝାରସୁଗୁଡ଼ା ରୋଡ୍, ବିଲାସପୁର, ଝାନ୍ସୀ ଏବଂ ଆଗ୍ରା କ୍ୟାଣ୍ଟଠାରେ ରହଣି କରିବ।








As homes light up with diyas, light up your celebrations with the happiness of driving a Kia. With GST and additional festive benefits, this is your moment to start a journey filled with comfort, tech, and style. Visit your nearest Kia dealership today.

| Model | Old Ex-showroom | New Ex-showroom | GST Reduction | Additional festive benefits up to | Total benefits |
|---|---|---|---|---|---|
| Sonet | ₹7 99 900 | ₹7 30 138 | ₹69 762 | ₹1 15 000 | ₹1 84 762 |
| Syros | ₹9 49 900 | ₹8 67 053 | ₹82 847 | ₹1 58 000 | ₹2 40 847 |
| Seltos | ₹11 18 900 | ₹10 79 276 | ₹39 624 | ₹1 60 000 | ₹1 99 624 |
| Carens | ₹10 86 412 | ₹10 47 454 | ₹38 958 | ₹88 000 | ₹1 26 958 |
| Carens Clavis | ₹11 59 412 | ₹11 17 835 | ₹41 577 | ₹1 23 000 | ₹1 64 577 |

*Benefits available on other Kia cars as per applicability.

For more information, visit our dealership or contact: 1800 108 5000 | 093195 91407 | www.kia.com | Book Kia | kiacare@kiaindia.net | Look for "Kia India" @

*Terms & condition apply. Ex-showroom price mentioned is for the base variant (PAN India). Benefits shown are the combination of exchange, loyalty, corporate, scrappage and special benefits, which are applicable on select models and variants, may vary from model to model and region to region. The product shown is for representation purposes only. Actual features, colors, and specifications may not be part or standard fitment and may vary. Kia India Pvt. Ltd. reserves the right to make any changes with respect to the trims, colors, specifications, and other details of any model as mentioned or to modify/ discontinue any offer/ scheme/ service without prior notice. Kia urges you to follow traffic rules, these are meant to keep you safe on the roads. Visit your nearest Kia dealership for more details.

**Krishna Kia**
Kalunga Industrial Estate, Rourkela, Tel: 7852941723

**Central Kia**
Sambalpur, Tel: 7440004263, 7440003022

ଯେ ଅନ୍ୟଠାରୁ ପ୍ରେମ ପାଏ ଓ ତାକୁ ଭୋଗ କରେ- ସେହି ପ୍ରେମ ଦ୍ୱାରା ସେ ନିଜକୁ ଉଜ୍ଜ୍ୱଳ କରିପାରେନା କି ପରିପୂର୍ଣ୍ଣ କରିପାରେନା। କିନ୍ତୁ ଯେ ଅନ୍ୟକୁ ପ୍ରେମ ଦିଏ- ତା'ର ସେହି ପ୍ରେମ ହିଁ ତାକୁ ଉଜ୍ଜ୍ୱଳ ଓ ପରିପୂର୍ଣ୍ଣ କରିଦିଏ। -ଶ୍ରୀମା

-ତୁଳା (ଗର୍ଭଣା) ସଂକ୍ରାନ୍ତି, ଉମା ଏକାଦଶୀ ଗୋବତ୍ସା ଦ୍ୱାଦଶୀ ଓ ହଳ ନିଷେଧ



# ଅର୍ଥନୀତି ଓ ଅସମାନତା



 କୌଶିକ ବସୁ

ଏବେ ଅତ୍ୟନ୍ତ ଭୟାନକ ଓ କଷ୍ଟଦାୟକ ସମୟରେ ଅସମାନତା ବୃଦ୍ଧି ପାଉଛି । ଏହା ଭିତରେ ଅନେକ ଦେଶର ରାଜନେତାମାନେ ଗରିବଙ୍କୁ ଲାଭ ଦେଉଥିବା କାର୍ଯ୍ୟକ୍ରମ ଓ ସେବାକୁ ସୀମିତ କରୁଛନ୍ତି । ଏହା ବ୍ୟତୀତ ପ୍ରବାସୀ ଓ ଶରଣାର୍ଥୀଙ୍କ ବିରୋଧରେ କ୍ରୋଧ ଓ ଭୟର ବାତାବରଣ ସୃଷ୍ଟି କରୁଛନ୍ତି। ବ୍ୟକ୍ତିଗତ ସ୍ୱାଧୀନତାର ସୁରକ୍ଷା, ସମୃଦ୍ଧି ପାଇଁ ପ୍ରୋତ୍ସାହନ ଏବଂ ନାଗରିକଙ୍କ ସୁରକ୍ଷା କ୍ଷେତ୍ରରେ ସେମାନଙ୍କ ଉଦ୍ଦେଶ୍ୟ ବାହାରକୁ ମହାନ୍ ଜଣାପଡୁଥିଲେ ମଧ୍ୟ ଏହା ବହୁ ସମୟରେ ସେମାନଙ୍କୁ କିମ୍ବା ସେମାନଙ୍କ ସମ୍ପର୍କୀୟଙ୍କୁ ଧନୀ କରିବାର ଏକ ଛଦ୍ମ ନୀତିଗତ କାର୍ଯ୍ୟକ୍ରମ ଭଳି ପ୍ରତୀୟମାନ ହେଉଛି। ରାଜନୀତି ପ୍ରକ୍ରିୟାରେ ଏଭଳି ଅଧୋଗତି ପଛରେ ଥିବା ଅନେକ କାରଣ ମଧ୍ୟରୁ ସବୁଠୁ ପ୍ରମୁଖଟି ହେଉଛି ଅର୍ଥନୀତି କାର୍ଯ୍ୟକାରିତାର ଅଧୋଗତି। ଅନେକ ସମୟରେ ଅର୍ଥନୀତିକୁ ବୈଜ୍ଞାନିକ ଅଧ୍ୟୟନର ବିଷୟ ଭାବେ ବର୍ଣ୍ଣନା କରାଯାଏ, ଯାହା ନୈତିକତା ଓ ମୂଲ୍ୟବୋଧ ବିନା 'ଇଫ୍-ଦେନ୍' ବା ପରିକଳ୍ପନା ଓ ସିଦ୍ଧାନ୍ତର ବିଚାରକୁ ଅନୁଧ୍ୟାନ କରିଥାଏ। କିନ୍ତୁ ବୈଜ୍ଞାନିକ ସିଦ୍ଧାନ୍ତଗୁଡ଼ିକ ଆମ ମୂଲ୍ୟବୋଧ ଓ ବୈଚାରିକ ବ୍ୟାଖ୍ୟାନକୁ ପ୍ରଭାବିତକରେ। ବୈଜ୍ଞାନିକ ବିଚାର କିମ୍ବା ଭାବନାର ଯୁକ୍ତିଗୁଡ଼ିକ କାର୍ଯ୍ୟକୁ ତର୍କସଙ୍ଗତ କରିବା ସକାଶେ ବ୍ୟବହାର କରାଯାଇପାରେ, ଯାହା ଆମ ନୈତିକ ସମ୍ବେଦନଶୀଳତାରେ ବାଧା ଉପୁଜାଏ। ବାସ୍ତବରେ, ମୁଖ୍ୟଧାରାର ଅର୍ଥନୀତିର ଦର୍ଶନ ହେଉଛି ବିଶେଷକରି ଲମ୍ବା ସମୟ ଧରି ପ୍ରଚଳିତ ନବ ଉଦାରବାଦୀ ବିଚାରଧାରା, ଯାହା ଅଭିବୃଦ୍ଧି, ଦକ୍ଷତା ଏବଂ ବଜାର ସ୍ୱାଧୀନତାକୁ ଗୁରୁତ୍ୱ ଦେଇଥାଏ । ଏହା ବହୁ ସମୟରେ ଲୋଭ, ଶୋଷଣ ଏବଂ ଅତ୍ୟଧିକ ଅସମାନତା ବୃଦ୍ଧି କରିଥାଏ।

ଅର୍ଥନୀତି ବ୍ୟବସ୍ଥାରେ ଅସମାନତା ସୃଷ୍ଟି ହୋଇପାରେ। ନୋବେଲ ବିଜେତା ଅର୍ଥନୀତିଜ୍ଞ ଅମର୍ତ୍ତ୍ୟ ସେନ୍‌ଙ୍କ 'କାପାବିଲିଟି ଆପ୍ରୋଚ୍' ବା 'ସାମର୍ଥ୍ୟ ଦୃଷ୍ଟିକୋଣ'କୁ ଆଧାରକରି ୨୦୧୨ରେ କରାଯାଇଥିବା ଗବେଷଣାରୁ ଜଣାପଡ଼ିଛି, କେତେକ ଶୈକ୍ଷିକ ଦୃଷ୍ଟିକୋଣ ଲୋକଙ୍କୁ ଅଧିକ ଯତ୍ନଶୀଳ ଓ ସହଯୋଗୀ କରିବାରେ ସାହାଯ୍ୟ କରିପାରେ। କିନ୍ତୁ ଅନ୍ୟସବୁ ଗବେଷଣା ସୂଚିତ କରିଛି ଯେ ଅନ୍ୟମାନଙ୍କ ତୁଳନାରେ ଅର୍ଥନୀତି ବିଦ୍ୱାନମାନେ ଅଧିକ ସ୍ୱାର୍ଥପର ବ୍ୟବହାର ପ୍ରଦର୍ଶନ କରିଥାନ୍ତି। ଏଥିରୁ ବୁଝାପଡୁଛି, ପଢ଼ାଯାଉଥିବା ଅର୍ଥନୀତି ଏକ ସାଧାରଣ କିମ୍ବା ଏପରିକି ଆକାଂକ୍ଷୀ ନୈତିକ ସିଦ୍ଧାନ୍ତ ଭାବେ ସ୍ୱାର୍ଥପରତାକୁ ପ୍ରୋତ୍ସାହିତ କରିଥାଏ। ସମସ୍ୟା ହେଉଛି, ଅନ୍ୟ ଜଣେ ନୋବେଲ ବିଜେତା ଅର୍ଥନୀତିଜ୍ଞ ସ୍ୱର୍ଗତ କେନେଥ୍ ଆରୋ ୧୯୭୮ର ଏକ ଗବେଷଣାତ୍ମକ ରିପୋର୍ଟରେ ଯୁକ୍ତି ବାଢ଼ିଥିଲେ ଯେ, ଜଟିଳ ବିଶ୍ୱରେ ନେଓକ୍ଲାସିକାଲ ଅର୍ଥନୀତିର କଳ୍ପନା ୧୦ ମିନିଟ୍ ପାଇଁ ବି ତିଷ୍ଠି ରହିବ ନାହିଁ। ଅର୍ଥନୈତିକ କାର୍ଯ୍ୟକଳାପ,ପ୍ରତିଯୋଗୀ ଫାର୍ମ ଓ ବ୍ୟକ୍ତିଙ୍କ ବିନା ବଜାର ଚାଲିପାରିବ ନାହିଁ। ଅନ୍ୟ



ଅର୍ଥରେ ସେମାନେ ବିଶ୍ୱାସ ଓ ସହଯୋଗ ଉପରେ ନିର୍ଭରକରନ୍ତି। ସ୍ୱାଧୀନତା ଓ ସମାନତାକୁ ବିପରୀତ ଭାବେ ଦେଖିବାରେ ମୁଖ୍ୟଧାରାର ଅର୍ଥନୀତିର ପ୍ରବୃତ୍ତିକୁ ଆରୋ ମଧ୍ୟ ବିରୋଧ କରିଥିଲେ। ନବ ଉଦାରବାଦୀ ସିଦ୍ଧାନ୍ତ ହେଉଛି, କିଛି ମାତ୍ରାର ଅସମାନତା ନିଶ୍ଚିତ ଭାବେ ରହିବ, କିନ୍ତୁ ଏହାକୁ ହ୍ରାସ କରିବାରେ କୌଣସି ପଦକ୍ଷେପ ସ୍ୱାଧୀନତାର ଅବକ୍ଷୟ ଘଟାଇବ। ଭବିଷ୍ୟତର ପରିଣାମ ବର୍ତ୍ତମାନର କାର୍ଯ୍ୟ ଦ୍ୱାରା ପ୍ରଭାବିତ ହୋଇଥାଏ। ଯଦି ତୁମେ ଅତି ଧନୀ , ତେବେ ତୁମେ ଏହାକୁ ନିଶ୍ଚିତ ଭାବେ କଠିନ ପରିଶ୍ରମ କିମ୍ବା ନୂତନ ଚିନ୍ତାଧାରା ବଳରେ ଉପାର୍ଜନ କରିଥିବ ଏବଂ ତୁମେ ନିଶ୍ଚିତ ଭାବେ ସ୍ୱାଧୀନ ଭାବେ ତୁମ ଯୋଗଦାନର ଲାଭକୁ ଉପଭୋଗ କରିବ।

କିନ୍ତୁ ଆରୋ ସୂଚିତ କରିଛନ୍ତି, ଯେତେବେଳେ କେତେଜଣ ବ୍ୟକ୍ତି ମଣିଷ ଜାତିର କଲ୍ୟାଣ ସମ୍ପର୍କିତ ପ୍ରମୁଖ ନିଷ୍ପତ୍ତିଗୁଡ଼ିକ ନେଉଛନ୍ତି ସେତେବେଳେ ସେମାନେ ନିଜ ସ୍ୱାର୍ଥକୁ ଲକ୍ଷ୍ୟକରି ଏହା କରୁଛନ୍ତି। ସମାନତାକୁ ଅଣଦେଖା କରୁଥିବା କାର୍ଯ୍ୟଗୁଡ଼ିକ ଯଥା ଆନ୍ଦୋଳନରେ ବାଧାଦେବା ଏବଂ ଅଧିକ ସୂକ୍ଷ୍ମ ଆକାରରେ ଅର୍ଥନୈତିକ ଚାପ ଇତ୍ୟାଦି ଶ୍ରମିକଙ୍କ ସ୍ୱାଧୀନତାକୁ ଅତ୍ୟଧିକ ସୀମିତ କରିଦେଉଛି। ନିଜକୁ ଶ୍ରେଷ୍ଠ ମଣୁଥିବା ଅଳ୍ପ କେତେଜଣ ବ୍ୟକ୍ତି ଅର୍ଥ ବ୍ୟବସ୍ଥାକୁ ଆୟତ୍ତରେ ରଖିବା ସୂଚିତକରେ ଯେ, ଔପଚାରିକ ଗଣତନ୍ତ୍ର ଓ ସ୍ୱାଧୀନତା ହେଉଛି ଏକ ବାହାନା। ଶେଷରେ ଆରୋ ଉଲ୍ଲେଖ କରିଥିଲେ, ସଂସ୍ଥାଗୁଡ଼ିକ ସାମଗ୍ରିକ ଭାବେ ସୃଷ୍ଟିକରୁଥିବା ଅସମାନତା ମାନବ ପାଇଁ ଉଦ୍ଦିଷ୍ଟ ମର୍ଯ୍ୟାଦା ପ୍ରତି ଅପମାନ।

ଦାର୍ଶନିକ ଇସାଏହ ବର୍ଲିନ୍ ସଂକ୍ଷେପରେ କହିଛନ୍ତି , ଗଧିଆକୁ ସ୍ୱାଧୀନତା ଦେବା ବହୁ ସମୟରେ ମେଣ୍ଢାର ମୃତ୍ୟୁର କାରଣ ହୁଏ। ରାଜନେତାଙ୍କୁ ଆକର୍ଷିତକରିବା ଏବଂ ସେମାନଙ୍କ ପସନ୍ଦକୁ ପ୍ରଭାବିତ କରିବା ପାଇଁ 'ହେଟା'ଙ୍କ ପାଖରେ ଅଧିକ ସମ୍ବଳ ଥିବା ଏବଂ ସାର୍ବଜନୀନ ମତକୁ ପ୍ରଭାବିତ କରିବା ନିମନ୍ତେ ବ୍ୟାପକ ଡିଜିଟାଲ ସାଧନ ରହିଥିବାରୁ ଏହି ଚେତାବନୀ ବିଶେଷକରି ଏବକାର ସମୟ ପାଇଁ ପ୍ରଯୁଜ୍ୟ ଏବଂ ଭବିଷ୍ୟତ ପାଇଁ ଚିନ୍ତାକରିବା ଦରକାର। ଅନ୍ୟ ଜଣେ ନୋବେଲ ବିଜେତା ଜୋଶେଫ.ଇ. ଷ୍ଟିଗ୍‌ଲାଇଜ 'ଜଣେ ବ୍ୟକ୍ତି, ଗୋଟିଏ ଭୋଟ'ର ସିଦ୍ଧାନ୍ତ 'ଗୋଟିଏ ଡଲାର, ଗୋଟିଏ ଭୋଟ'କୁ ପଥ ଦେଖାଇଛି ବୋଲି ଉଲ୍ଲେଖ କରିଥିଲେ। କିନ୍ତୁ ନିଜସ୍ୱ ଆର୍ଥିକ ସ୍ୱାର୍ଥ ଉପରେ ଅତ୍ୟଧିକ ଧ୍ୟାନଦେବାରେ ସମସ୍ୟା ରହିଛି। ଉଗ୍ର ଜାତୀୟତାବାଦ ମଧ୍ୟ ଅସମାନତା ବୃଦ୍ଧି କରିଥାଏ। ଗୋଟିଏ ସମୟରେ ଆର୍ଥିକ ପରିଚାଳନା ପାଇଁ ଯେତେବେଳେ ସ୍ୱାଧୀନ ତଥା ସାର୍ବଭୌମ ସରକାର ଏକ ଗୁରୁତ୍ୱପୂର୍ଣ୍ଣ ସଂସ୍ଥା ଥିଲା ସେତେବେଳେ ପ୍ରଗତିକୁ ସହଯୋଗ କରିବା ସକାଶେ ଜାତୀୟ ଗୌରବର ଏକ ଭୂମିକା ରହିଥିଲା। କିନ୍ତୁ ଏବେ ଆମର ଜଗତୀକରଣ ବିଶ୍ୱରେ ଦେଶ-ଦେଶ ମଧ୍ୟରେ ଯେଉଁଭଳି ଲୋକ, ସାମଗ୍ରୀ ଓ ପୁଞ୍ଜିର ପ୍ରବାହ ଘଟୁଛି ତାହା ସମୃଦ୍ଧି ପାଇଁ ଗୁରୁତ୍ୱପୂର୍ଣ୍ଣ ଏବଂ ଅପରିହାର୍ଯ୍ୟ ମଧ୍ୟ, ହେଲେ କେତେଜଣ ଧନିକଙ୍କ ପାଇଁ ଉଦ୍ଦିଷ୍ଟ ନୁହେଁ। ଏହି ସମୟରେ ଅତି ଧନୀ ବିଶେଷ ଏବଂ ରାଜନୈତିକ କ୍ଷମତାଶାଳୀ ବ୍ୟକ୍ତି ସେମାନଙ୍କ ସ୍ୱାର୍ଥକୁ ଆଗକୁ ବଢ଼ାଇବା ଲାଗି ଜାତୀୟତାବାଦକୁ ଉସୁକାଉଛନ୍ତି। ଏହା ମଧ୍ୟ ଦୀର୍ଘଦିନ ଧରି ପରୀକ୍ଷିତ ଯେ, ଜାତୀୟ ସୁରକ୍ଷା ପାଇଁ ଯୁଦ୍ଧରେ ଲଢୁଥିବା ଲୋକମାନେ ଧନ କିମ୍ବା କ୍ଷମତାର ଅସମାନତା ବିରୋଧରେ ସଙ୍ଗଠିତ ହେବେ ନାହିଁ ଏବଂ ଏଭଳି ସ୍ଥିତିରେ ଅସମାନତା ବୃଦ୍ଧି ପାଇପାରେ। ଜାତୀୟ ଗୌରବ ହେଉଛି ଅତୀତର ଏକ ସୁରକ୍ଷିତ ପରମ୍ପରା। ପାରସ୍ପରିକ ଲାଭଦାୟକ ବାଣିଜ୍ୟ ବ୍ୟବସ୍ଥାରୁ ଆରମ୍ଭକରି ସମ୍ମିଳିତ ଜଳବାୟୁ ପଦକ୍ଷେପ ପର୍ଯ୍ୟନ୍ତ ସାମୂହିକ ଲକ୍ଷ୍ୟ ହାସଲ ଦିଗରେ ବୈଶ୍ୱିକ ସହଯୋଗ ଲୋଡ଼ା ଏବଂ ଏଥିପାଇଁ ଏହା ହେଉଛି ଉପଯୁକ୍ତ ସମୟ। କିନ୍ତୁ ତାହା ହାସଲକରିବା ଏତେ ସହଜ ନୁହେଁ। ମାର୍କେଟକୁ ଚଳାଇବା ଭଳି ସମସ୍ତେ ସମ୍ମୁଖୀନ ହେଉଥିବା ଆହ୍ୱାନଗୁଡ଼ିକୁ ମୁକାବିଲା କରିବା ପାଇଁ ଆବଶ୍ୟକ ହେଉଥିବା ଅନ୍ତର୍ଜାତୀୟ ପଦକ୍ଷେପ କେବଳ ବିଶ୍ୱାସ ଓ ସହଯୋଗ ଉପରେ ନିର୍ଭରକରେ।

ଆହ୍ୱାନର ମୁକାବିଲା ଓ ସେଥିରୁ ଲାଭ ପାଇବା ସମ୍ପର୍କରେ ଫ୍ରାନ୍ସର ଦାର୍ଶନିକ ଜିନ୍ -ଜାକ୍ୟୁ ରୌସେୟୁଙ୍କ ଷ୍ଟାଗ୍‌ହଣ୍ଟ ଗେମ୍ ସିଦ୍ଧାନ୍ତ ଦର୍ଶାଇଛି। ଯଦି ୨ ଶିକାରୀ ପୃଥକ୍ ଭାବେ ଗୋଟିଏ ଲେଖା ଠେକୁଆ ଶିକାର କରନ୍ତି ତେବେ ସେମାନେ ଅଳ୍ପ ଲାଭ ପାଇବା ନିଶ୍ଚିତ। କିନ୍ତୁ ସେମାନେ ଯଦି ମିଳିତ ଭାବେ ଶିକାର କରନ୍ତି ତେବେ ଅଧିକ ଲାଭ ପାଇବେ। କେବଳ ସେମାନଙ୍କ ତରଫରୁ ପାରସ୍ପରିକ ସହଯୋଗ କିମ୍ବା ଭାଗୀଦାରି ରହିଲେ ଏହା ସମ୍ଭବ ହେବ, ଅନ୍ୟଥା ଶେଷରେ ସେମାନେ କିଛି ପାଇବେ ନାହିଁ। ସେହିଭଳି ସହଯୋଗ, ଅନ୍ତର୍ଜାତୀୟ ଶ୍ରମ ସଙ୍ଗଠନ (ଆଇଏଲ୍‌ଓ) ଏବଂ ଅନ୍ତର୍ଜାତୀୟ ନ୍ୟାୟାଳୟ( ଆଇସିଜେ) ଭଳି ଅନ୍ତଃରାଷ୍ଟ୍ରୀୟ ସଂସ୍ଥାଗୁଡ଼ିକ ଉପରେ ଦୃଢ଼ ବିଶ୍ୱାସ ରହିବା ଦରକାର। ଏହା ହେଲେ ଦେଶଗୁଡ଼ିକ ପୂର୍ବାପେକ୍ଷା ନିଜେ ଯାହା ହାସଲ କରିଥିଲେ ତାହା ତୁଳନାରେ ଅଧିକ ପାଇପରିବେ। ଏହି ସଂସ୍ଥାଗୁଡ଼ିକୁ ଦୃଢ଼କରାଯିବା ଦରକାର। ଏହା ସହ ଅନ୍ୟ ସହଯୋଗୀ ସଂସ୍ଥାଗୁଡ଼ିକ ଆମ ନୈତିକ ସୁଯୋଗଗୁଡ଼ିକୁ ପୁନଃ ସଞ୍ଚଳନ କରିବାରେ ମଧ୍ୟ ସାହାଯ୍ୟ କରିପାରିବେ। ନିଜସ୍ୱ ସ୍ୱାର୍ଥକୁ ଯୁକ୍ତିଯୁକ୍ତ ମନେକରି ତା'ଉପରେ ବିଶେଷ ଧ୍ୟାନଦେବା କିମ୍ବା ଆମ ପାଇଁ ଥିବା ସୁଯୋଗଗୁଡ଼ିକୁ ସଙ୍କୁଚିତ କରିବା ପରିବର୍ତ୍ତେ ଆମେ ଜାତୀୟତା ବଦଳରେ ମାନବତାର ଅଧିକ ମୂଲ୍ୟାୟନ କରିବା ଦରକାର।

**ପୂର୍ବତନ ମୁଖ୍ୟ ଅର୍ଥନୀତିଜ୍ଞ, ବିଶ୍ୱବ୍ୟାଙ୍କ ତଥା ଭାରତ ସରକାରଙ୍କ ପୂର୍ବତନ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା**

# ଆଶୀର୍ବାଦର ଛାଇ



ରାକେଶ ପଣ୍ଡା

ସମାଜରେ ଲୋକମାନେ ଯେତେବେଳେ ଜାଣିବାକୁ ପାଆନ୍ତି ଯେ ଝିଅ ବଦଳରେ ପୁଅଟିଏ ଜନ୍ମ ହୋଇଛି, ସେହି ମୁହୂର୍ତ୍ତରେ ସେମାନଙ୍କ ମନ ଆନନ୍ଦର ସବୁ ସୀମାକୁ ଲଙ୍ଘିଯାଇଥାଏ। ପରବର୍ତ୍ତୀ ସମୟରେ, ହାତଧରି ଚାଲି ଶିଖାଇବାଠାରୁ ଆରମ୍ଭ କରି କାନ୍ଧରେ ବସେଇ ଯାନିଯାତ୍ରା ବୁଲାଇବା ପର୍ଯ୍ୟନ୍ତ ଏଥିରେ ଜଡ଼ିତ ଥିବା ପ୍ରତିଟି ମୁହୂର୍ତ୍ତ, କ୍ଷଣ ଓ କଷ୍ଟକୁ ସେମାନେ ତାଙ୍କ ପିଲା ପାଇଁ ସମର୍ପିତ କରିଥାନ୍ତି। ପିଲାଟିର ଲାଳନ, ପାଳନ, ତା'ର ଆଗାମୀ ଦିନର ଭବିଷ୍ୟତକୁ ନିରାପଦ କରିବା ଲାଗି ଯତ୍ନବାନ ହୋଇଥାନ୍ତି। କିନ୍ତୁ ଆଜିର ସମୟରେ ବିଭିନ୍ନ ଗଣମାଧ୍ୟମରେ ମାତାପିତାଙ୍କୁ ସନ୍ତାନଟିଏ ନିଷ୍ଠୁର ଭାବରେ ହତ୍ୟା କରିବା ତଥା ସେମାନଙ୍କୁ ମାରପିଟ କରିବାର ଅନେକ ଘଟଣା ପ୍ରକାଶ ପାଉଛି। କେଉଁ ଘଟଣାରେ ନିଶାସକ୍ତ ପୁଅ ମାତାପିତାଙ୍କଠାରୁ ଅର୍ଥ ନ'ପାଇ ସେମାନଙ୍କୁ ଆଘାତ କରୁଛି ତ ପୁଣି କେଉଁଠି ଅର୍ଥଲୋଭୀ ସନ୍ତାନ ସେମାନଙ୍କଠାରୁ ଟଙ୍କା ଓ ସମ୍ପତ୍ତି ଆଶାରଖି ନ ପାଇ ସେମାନଙ୍କୁ ମୃତ୍ୟୁ ମୁଖକୁ ଠେଲି ଦେଉଛି। ଏତଦ୍‌ବ୍ୟତୀତ ବିଦେଶରେ ରହୁଥିବା ସନ୍ତାନଙ୍କ ପାଖରେ ମା'ବାପାଙ୍କ ଦେହ କଥା ବୁଝିବାକୁ ସମୟ ନାହିଁ। ନିଜ ପାଖରେ ରଖି ସେମାନଙ୍କ ସେବା, ଶୁଶ୍ରୂଷା କରିବା ଓ ଦୈନନ୍ଦିନ କଥା ବୁଝିବା ତ ଦୂରର ବିଷୟ, ଗୋଟିଏ ଦୁଇଟି ବର୍ଷର ବ୍ୟବଧାନରେ ସେମାନେ ଗୃହକୁ ଆସିବାକୁ ଚାହିଁ ନ ଥାନ୍ତି। ଏହା ପଛରେ ଏକ ବାହାନା ରହିଥାଏ। ତାହା ହେଉଛି ବ୍ୟସ୍ତବହୁଳ। କିନ୍ତୁ ଛୋଟ ପ୍ରଶ୍ନବାଚୀ ସୃଷ୍ଟି ହୁଏ। ତାହା ହେଉଛି, ମାତାପିତାଙ୍କ ଭଲ ମନ୍ଦ ଖବର ବୁଝିବା ଏବଂ ପରିଣତ ବୟସରେ ସେମାନଙ୍କର ଦୈନନ୍ଦିନ ଆବଶ୍ୟକତାକୁ ପୂରଣ କରିବା ଦାୟିତ୍ୱ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ନୁହେଁ କି ? ଦୁଃଖର ବିଷୟ, ମାତାପିତାଙ୍କ ପ୍ରତି ଥିବା ସେସବୁ ଦାୟିତ୍ୱ ଓ କର୍ତ୍ତବ୍ୟକୁ ସେ ଜାଣି ଜାଣି ଉପେକ୍ଷା କରେ। ତା'ର ମାନସିକତାରେ ପରିବାର ଓ ଦାୟିତ୍ୱ ନିର୍ବାହର ସୀମା କେବଳ ସ୍ତ୍ରୀ ଓ ପିଲାଙ୍କ ମଧ୍ୟରେ ସୀମିତ ରହିଯାଏ, ବାପା ମା' ସଦସ୍ୟ ହୋଇ ନ'ଥାନ୍ତି। ଏକ ଅସହାୟ ଓ ଯନ୍ତ୍ରଣାଦାୟକ ଜୀବନର ପରିସମାପ୍ତି ପରେ ଯେତେବେଳେ ମାତାପିତା ଇହଧାମ ତ୍ୟାଗ କରନ୍ତି, ସେତେବେଳେ ସନ୍ତାନଟିଏ ତା'ର ପୈତୃକ ବାସଗୃହ ତଥା ଗ୍ରାମକୁ ଆସିଥାଏ ୧୨ ଦିନ ପାଇଁ ଶୁଦ୍ଧିକ୍ରିୟା ଲାଗି। ଏତଦ୍‌ବ୍ୟତୀତ, ସେମାନେ ଜୀବିତ ଓ ସୁସ୍ଥ ଥିବା ଅବସ୍ଥାରେ ଯେଉଁ ସନ୍ତାନ ସେମାନଙ୍କ ମୁହଁରେ ଭଲ ମନ୍ଦ ଟିକିଏ ଦେଇ ନ ଥାଏ, ସେମାନଙ୍କ ସେବା ଶୁଶ୍ରୂଷା କରି ନ ଥାଏ ଏବଂ ଟଙ୍କାଟିଏ ବ୍ୟୟ କରି ନ ଥାଏ, ସେ ଉକ୍ତ ଶୁଦ୍ଧିକ୍ରିୟା ସମୟରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ଗ୍ରାମବାସୀଙ୍କ ଉଦ୍ଦେଶ୍ୟରେ ଭୋଜି ଦେଇଥାଏ ଏବଂ ଲୋକଙ୍କର ସାମାନ୍ୟ ପ୍ରଶଂସାରେ ଗର୍ବ ଅନୁଭବ କରିଥାଏ। ଉକ୍ତ ୧୨ ଦିନରେ ବ୍ୟୟ ହୋଇଥିବା ତା'ର ସମୟ, ଟଙ୍କା ଏବଂ ଦ୍ରବ୍ୟକୁ ଯଦି ସେ ମାତାପିତା ବଞ୍ଚିଥିବା ସମୟରେ ଦେଇଥାନ୍ତା, ତେବେ ସେମାନଙ୍କ ଜୀବନ କିଛି ମାତ୍ରାରେ ସାର୍ଥକ ହୋଇଥାନ୍ତା!

ଅଧିକାଂଶ ସନ୍ତାନ ନିଜର ମାତାପିତାଙ୍କୁ ବୃଦ୍ଧାଶ୍ରମରେ ଛାଡ଼ି ଦେଉଛନ୍ତି। ଅପରପକ୍ଷରେ, ଭାରତୀୟ ସଭ୍ୟତା, ସଂସ୍କୃତି ଓ ଧର୍ମଗ୍ରନ୍ଥଗୁଡିକ ମାତାପିତାଙ୍କୁ ସନ୍ତାନଙ୍କ ଚଳନ୍ତି ଠାକୁର ତଥା ଜୀବନ୍ତ ଦେବତା ଭାବରେ ଅଭିହିତ କରିଥାନ୍ତି। ବୃଦ୍ଧ ମାତାପିତା ସେମାନଙ୍କର ପ୍ରତିଟି ସନ୍ତାନଙ୍କ ପାଇଁ ହେଉଛନ୍ତି ବିଶାଳ ବୃକ୍ଷ ସଦୃଶ। ଯଦିଓ ବୟସର ଅପରାହ୍ନରେ ପହଞ୍ଚି ସେମାନେ ଶାରୀରିକ ଓ ଆର୍ଥିକ ସାହାଯ୍ୟ, ସହଯୋଗ କରିବାକୁ ଅକ୍ଷମ, ତଥାପି ନିଃସ୍ୱାର୍ଥ ଭଲପାଇବା ଓ ଆଶୀର୍ବାଦ ରୂପକ ଛାୟାରୁ ତାଙ୍କର ସନ୍ତାନକୁ କେହି ବଞ୍ଚିତ କରି ପାରିବେ ନାହିଁ। ଗୃହରେ ସେମାନଙ୍କ ଉପସ୍ଥିତି ହିଁ ଯଥେଷ୍ଟ। ଯାହା ମାନସିକ ସ୍ତରରେ ପ୍ରତିଟି ସନ୍ତାନର ମନୋବଳ ବଢ଼ାଇବା ସହ ସାହସ ଦେଇଥାଏ। ମନ ଦୃଢ଼ ହୋଇ ସ୍ୱତଃ କହି ଉଠିବ, ମୋ ସହ ବାପା ଅଛନ୍ତି, ମୋ ନିକଟରେ ମା' ଅଛି। ଜଣେ ବ୍ୟକ୍ତିର ସମ୍ପୂର୍ଣ୍ଣ ଜୀବନ କାଳ ମଧ୍ୟରେ, ମାତାପିତାଙ୍କଠାରୁ ବଡ଼ ନିଃସ୍ୱାର୍ଥପର ଚରିତ୍ର ଏବଂ ଶୁଭାକାଂକ୍ଷୀ କେହି ଜଣେ ହେଲେ ମିଳିବେ ନାହିଁ। ସେମାନେ ଦୁନିଆର ସବୁଠାରୁ ବଡ଼ ମୂଲ୍ୟବାନ ସମ୍ପତ୍ତି। ଏଣୁ ପ୍ରତିଟି ସନ୍ତାନ ନିଜର ମାତାପିତାଙ୍କ ଆଶୀର୍ବାଦ ଓ ଭଲପାଇବାର ଛାଇ ତଳେ ଜୀବନ ବିତାଇବା ଉଚିତ। ଯାହା ସେମାନଙ୍କୁ ଜୀବନର ପ୍ରତିଟି ଝଡ଼ଝଞ୍ଜା, ବିପଦ, ଦୁଃଖ ଓ କଷ୍ଟ ପରିସ୍ଥିତିରୁ ଏକ ଅଦୃଶ୍ୟ ଶକ୍ତି ହୋଇ ରକ୍ଷା କରିବ।

**ବନ୍ଧାଲୋ, ଟାଙ୍ଗୀ, କଟକ**
**ମୋ: ୯୩୩୭୮୯୭୬୫୦**

## ଏଇ ଭାରତରେ

ହାଇଦ୍ରାବାଦସ୍ଥିତ ମହିନ୍ଦ୍ରା ୟୁନିଭର୍ସିଟିରେ ଇଞ୍ଜିନିୟରିଂ ପଢୁଥିବା ୨୨ ବର୍ଷୀୟ ରାହୁଲ ଆର୍‌ପାକା ରକ୍ଷକ ନାମକ ଏକ ରୋବୋ ନିର୍ମାଣ କରିଛନ୍ତି। ଏହାକୁ ନିର୍ମାଣ କରିବା ପାଇଁ ମହିନ୍ଦ୍ରା କମ୍ପାନୀ ତାଙ୍କୁ ସହଯୋଗ କରିଛି। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ( ଏଆଇ) ବା କୃତ୍ରିମ ବୁଦ୍ଧିମତ୍ତା ଚାଳିତ ଏହି ରୋବୋ ଜମିରୁ ଘାସକୁ ନଷ୍ଟ କରିପାରୁଛି। ଏହାର ବ୍ୟବହାର କୃଷକମାନଙ୍କୁ ଘାସ ବଛା ଖର୍ଚ୍ଚ କମାଇପାରିବ ବୋଲି କହନ୍ତି ରହୁଲ। ଆର୍ଥିକ ଦୃଷ୍ଟିକୋଣରୁ ଏହା କୃଷକଙ୍କ ପାଇଁ ଲାଭଦାୟକ । ବଡ଼ କଥା ହେଉଛି, ରକ୍ଷକ ଜମିରେ ଏଆଇ ମାଧ୍ୟମରେ ଘାସକୁ କମ୍ ସମୟରେ ଠାବ କରିବା ସହ ତାହାକୁ ଲେଜର ଦ୍ୱାରା ନଷ୍ଟ କରୁଛି। ରକ୍ଷକ ଟ୍ରାକ୍ଟର ବ୍ୟାଟେରିରେ ଚାର୍ଜ ହୋଇପାରୁଛି। ରାହୁଲ କହନ୍ତି, ଏହି ରୋବୋର ମୂଲ୍ୟ ୧୦ ଲକ୍ଷ ଟଙ୍କା ରହିବ।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

**୧୭ ଅକ୍ଟୋବର ୧୯୭୬**

- କେନ୍ଦ୍ର ଜନସ୍ୱାସ୍ଥ୍ୟ ଓ ପରିପାର୍ଶ୍ୱ ଇଞ୍ଜିନିୟରିଂ ସଂସ୍ଥା ୧୧୫୧ ନିୟୁତ ଟଙ୍କା ବ୍ୟୟରେ ୫ଟି ଜଳଯୋଗାଣ ବ୍ୟବସ୍ଥା କାର୍ଯ୍ୟ କରିବା ପାଇଁ ବୈଷୟିକ ମଞ୍ଜୁରୀ ପାଇଛି।
- ସିଆଇଏର ସହାୟତାରେ କାଷ୍ଟ୍ରୋ ବିରୋଧୀମାନଙ୍କ ଦ୍ୱାରା କ୍ୟୁବା ଏୟାରଲାଇନ୍ସର ଗୋଟିଏ ବିମାନକୁ ଧ୍ୱଂସ କରିଦେବା ପରେ ଆମେରିକା ଓ କ୍ୟୁବା ମଧ୍ୟରେ ହୋଇଥିବା ଚୁକ୍ତିନାମାକୁ କ୍ୟୁବା ପ୍ରତ୍ୟାହାର କରିନେଇଛି।

## su | do | ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 9 | 4 | | 1 | | | 7 | |
| | 5 | | | 9 | | | | |
| 3 | | 1 | 5 | | 6 | 8 | | |
| | | | | | | 1 | | |
| | | 2 | | 4 | | | | |
| | | | 8 | | 2 | | | |
| | | | 9 | | 7 | | | 6 |
| 7 | | 8 | | | | | 1 | 3 |
| | | 3 | | | | 4 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 5 | 9 | 2 | 3 | 8 | 4 | 7 | 6 |
| 7 | 4 | 3 | 5 | 6 | 9 | 8 | 2 | 1 |
| 2 | 6 | 8 | 7 | 4 | 1 | 3 | 9 | 5 |
| 4 | 7 | 1 | 8 | 5 | 2 | 6 | 3 | 9 |
| 9 | 2 | 5 | 6 | 1 | 3 | 7 | 8 | 4 |
| 3 | 8 | 6 | 9 | 7 | 4 | 1 | 5 | 2 |
| 8 | 3 | 2 | 4 | 9 | 6 | 5 | 1 | 7 |
| 6 | 9 | 7 | 1 | 8 | 5 | 2 | 4 | 3 |
| 5 | 1 | 4 | 3 | 2 | 7 | 9 | 6 | 8 |

ଗତକାଲିର ଉତ୍ତର

# ଆଡୁଆଳର ଦୁଇ କଥା



ଗଣେଶ୍ୱର ନାୟକ

ଆଡୁଆଳର ଦୁଇ କଥା, ଯାହା ଉପରେ ସାରା ସମାଜ ଛିଡ଼ା ହୋଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ତାହା ଅତି ଶକ୍ତିଶାଳୀ, ତାହାର ଠିକ୍ ଉପଯୋଗ ନ ହେଲେ ସମାଜର ଅନେକ କ୍ଷତି ଘଟାଇବ, ଆମେ ମଧ୍ୟ କହିପାରିବା ସମାଜରେ ଯେତେ ବି ଅଘଟଣ ଘଟୁଛି, ତାହାର ମୂଳରେ ସେହି ଦୁଇଟିରୁ କୌଣସି ଗୋଟିଏ କାରକ ହୋଇଥିବ ନିଶ୍ଚିତ। ସେଥିପାଇଁ ଜ୍ଞାନୀଗୁଣୀଜନ ତାହାକୁ ଅତି ସନ୍ତର୍ପଣରେ, ସତର୍କତାର ସହିତ ସ୍ଥାନ, କାଳ, ପାତ୍ରରେ ଦେଖି ଆଲୋଚନା କରିବା ପାଇଁ ସବୁବେଳେ ଉପଦେଶ ଦେଇଥାନ୍ତି, ଯାହା ସର୍ବସମ୍ମୁଖରେ ସର୍ବଦା ପ୍ରକାଶ ଯୋଗ୍ୟ ନୁହେଁ ମଧ୍ୟ।

ସାମାଜିକ ବିଜ୍ଞାନରେ ରଚିଥିବା ବ୍ୟକ୍ତିଙ୍କୁ ଯଦି ପଚରା ଯାଏ କାହା ବିନା ମଣିଷ ସମାଜ ବଞ୍ଚିପାରିବ ନାହିଁ, ତାହାର ଉତ୍ତର ସେମାନଙ୍କ ନିକଟରୁ ଆସିବ 'ଯୌନାକାଂକ୍ଷା'। ଯଦିଓ ଆମଭଳି ସାଧାରଣ ମଣିଷ ମନକୁ ଅନେକ ଉତ୍ତର ଆସିବ, କିନ୍ତୁ ଆମେ ପଛକୁପଛ ସମୟକୁ ଫେରିଯିବା, ଶେଷରେ ଏହି ଉତ୍ତରରେ ଏକମତ ହେବା। ପଶୁପକ୍ଷୀ ପ୍ରାକୃତିକ ନିୟମକୁ ସମାହିତ କରି ବଂଶ ବିସ୍ତାର କରନ୍ତି। ସେହିପରି ଜୈବ ବିବର୍ତ୍ତନର ଧାରାରେ ଆଦିମ ମଣିଷ ଏହି ପ୍ରାକୃତିକ କ୍ରିୟାକୁ ସମାପନ କରୁଥିଲା। ଏହାକୁ ଆମେ ସମସ୍ତେ ଜାଣୁ, କିନ୍ତୁ ସର୍ବସମ୍ମୁଖରେ ଆଲୋଚନାକୁ ସମାଜ ଗ୍ରହଣ କରେ ନାହିଁ। ସମସ୍ତେ ସର୍ବଦା ଉହ୍ୟ ରଖିବାକୁ ଚାହାନ୍ତି।

ସରକାର ଏବେ ଏକ ପ୍ରୟାସ କରିଛନ୍ତି ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟରେ ଯୌନ ଶିକ୍ଷା ଦେବେ। ଏହା ଏକ ସମୟୋପଯୋଗୀ ପଦକ୍ଷେପ ହୋଇପାରେ, କିନ୍ତୁ କେଉଁ ଉପାୟରେ ଶିକ୍ଷାଦାନ କରାଯିବ ତାହା ବିଚାରଯୋଗ୍ୟ। ଶିକ୍ଷକ ଉଭୟ ଛାତ୍ରୀ ଓ ଛାତ୍ର ଉପସ୍ଥିତିରେ ଏହି ଶିକ୍ଷାର ଆଲୋଚନା କଲାବେଳେ ମାନସପଟରେ ସକାରାତ୍ମକଠାରୁ ନକାରାତ୍ମକ ଭାବ ଅଧିକ ଉଦ୍ରେକ ହୋଇପାରେ। କିନ୍ତୁ ଛାତ୍ର ଓ ଛାତ୍ରୀଙ୍କୁ ପୃଥକ୍ ଭାବେ, ସେମାନଙ୍କ ଅଗୋଚରରେ, ସ୍ୱାସ୍ଥ୍ୟ କର୍ମୀ, ନର୍ସ ବା ଡାକ୍ତରମାନଙ୍କ ଦ୍ୱାରା ଗୋଟିଏ ଶିକ୍ଷା ବର୍ଷରେ ଅନେକ ସ୍ୱାସ୍ଥ୍ୟ କର୍ମଶାଳା ନାମରେ ଯୌନଶିକ୍ଷା ଦିଆଯାଇପାରେ। ଏହା ସତ୍ୟ, ଅନେକ ନାରୀ ଅଜ୍ଞତା ପାଇଁ ଅନେକ ଯୌନ ସମ୍ବନ୍ଧୀୟ ରୋଗର ସମ୍ମୁଖୀନ ହେଉଛନ୍ତି। ଏପରିକି ସହର, ଗାଁରେ ସମସ୍ତ ନାରୀଙ୍କୁ ସାମୂହିକ ଭାବେ ସ୍ୱାସ୍ଥ୍ୟ କର୍ମୀ, ମହିଳା ଡାକ୍ତରଙ୍କ ମାଧ୍ୟମରେ ସ୍ୱାସ୍ଥ୍ୟ ସାକ୍ଷରତା ଅନୁଷ୍ଠିତ ହେବା ଉଚିତ। କେହି କେହି ଯୁକ୍ତି ରଖିପାରନ୍ତି, ଡାକ୍ତରୀ ଛାତ୍ରୀଛାତ୍ରଙ୍କୁ ତ ଏକାଠି ପୁଣି ଏ ସମ୍ବନ୍ଧୀୟ ପାଠ ପଢ଼ା ଯାଉଛି। ଏହା ଠିକ୍ କଥା। କିନ୍ତୁ ସେମାନେ ମହାବିଦ୍ୟାଳୟରୁ ଉତ୍ତୀର୍ଣ୍ଣ ବୟସରେ ଆଉ ସେ ପାଠପଢ଼ା ବୃତ୍ତିକୁ ନେଇ। ତେଣୁ କୌଣସି ବିଷମ ଏତେଟା ଆସି ନ ପାରେ। ଜ୍ଞାନ ଅର୍ଜନ କ୍ଷେତ୍ରରେ ପରିବେଶ ଟିକେ ସକାରାତ୍ମକ ହେବା ଜରୁରୀ।

ଅନେକଙ୍କ ମନେଥିବ ନବେ ଦଶକରେ ଯେତେବେଳେ ଏଡ୍‌ସ ରୋଗ ବ୍ୟାପିବାକୁ ଲାଗିଲା, ଏ ସମ୍ବନ୍ଧରେ ଦୂରଦର୍ଶନରେ ବାରମ୍ବାର ସଚେତନତା ବିଜ୍ଞାପନ ପ୍ରଚାର କରାଗଲା, ଏହାକୁ ସମାଜ ସହଜରେ ଗ୍ରହଣ କଲା ନାହିଁ। ଅନେକେ ଅଭିଯୋଗ କଲେ ଘରେ ପରିବାର ସହିତ ଦୂରଦର୍ଶନ ଦେଖିବା ସହଜ ହେଉନାହିଁ ଅର୍ଥାତ୍ ଲଜ୍ଜାବୋଧ ହେଉଛି। ଏପରିକି କଥା ବିଧାନସଭାରେ ମଧ୍ୟ ଉଠିଥିଲା।




ଦ୍ୱିତୀୟ ଆଡୁଆଳର କଥା ହେଉଛି ଅର୍ଥ ବା ଧନ ଉପାର୍ଜନ କରିବାର ସଚେତନତା ଶିକ୍ଷା। ଆମେ ସାଧାରଣତଃ ବିଦ୍ୟାର୍ଥୀଙ୍କୁ ଯାହା ଦରକାର ନିଜେ କିଣି ଦେଇଥାଉ। ଆମର ଅନେକଙ୍କ ଧାରଣା ପିଲାଙ୍କ ହାତରେ ପଇସା ପଡ଼ିଲେ, ସେମାନେ ବିପଥଗାମୀ ହୋଇଯିବେ। ଅନେକ ସମୟରେ ଜ୍ଞାନୀଗୁଣୀ କହିଥାନ୍ତି ଯଦିଓ ବଞ୍ଚିବା ପାଇଁ କିଛି ଅର୍ଥର ପ୍ରୟୋଜନ, ତଥାପି ଟଙ୍କା ଜୀବନର ସବୁକିଛି ନୁହେଁ। 'ଅର୍ଥ'ର ଗୁରୁତ୍ୱକୁ ଆଖିଆଗରେ ରଖି କୌଟିଲ୍ୟ ରାଷ୍ଟ୍ର ପରିଚାଳନା ସମ୍ବନ୍ଧୀୟ ଶାସ୍ତ୍ରର ନାମ ରଖିଥିଲେ 'ଅର୍ଥ ଶାସ୍ତ୍ର', ଯଦିଓ ଏହି ଶାସ୍ତ୍ରର ଅର୍ଥ ସହିତ କିଛି ନେଣଦେଣ ନାହିଁ।

ଆମ ପିଲାମାନଙ୍କୁ ବ୍ୟବସାୟ ସମ୍ବନ୍ଧୀୟ ଜ୍ଞାନ ଆହରଣ ପାଇଁ ବାଣିଜ୍ୟ ପାଠ ରହିଛି। ସରକାର ଏବେ ଗୋଟିଏ ପ୍ରସ୍ତାବ ରଖିଛନ୍ତି, ଶେୟାର୍ ମାର୍କେଟ ସମ୍ବନ୍ଧରେ ସବୁପିଲାଙ୍କୁ ଶିକ୍ଷା ଦିଆଯିବ। ଏ ସମ୍ବନ୍ଧରେ ଅନେକେ ଏକମତ ହେଉ ନାହାନ୍ତି। ବିଦ୍ୟାର୍ଥୀଟିଏ ଧନ ଆଡ଼କୁ ମନ ଚଞ୍ଚଳ ହୋଇଗଲେ, ତାହା ସମାଜ ଉପରେ, ପରିବାର ଉପରେ, ନିଜ ଉପରେ ଅନେକ କୁପ୍ରଭାବ ପକାଇବ। ମାନସିକ ଭାବେ ଅନ୍ୟ କୌଣସି ସୃଜନାତ୍ମକ କାର୍ଯ୍ୟ ପ୍ରତି ଉଦାସୀନ ରହିବ। ଯଦିଓ କିଛି ଠିକ୍ ଆଉ ଭୁଲ୍‌ର ମିଶ୍ର ପ୍ରତିକ୍ରିୟା ପ୍ରକାଶ ପାଉଛି। ଅନେକଙ୍କ ମତ ଏହା ପିଲାଙ୍କୁ ଜ୍ଞାନ ଅର୍ଜନ କରିବାର ପ୍ରକ୍ରିୟାକୁ ବ୍ୟାଘାତ କରିବ। ଏଠାରେ ସୂଚିତ କରାଯାଇପାରେ ଶେୟାର ମାର୍କେଟକୁ ଫଟକା ବଜାର ବୋଲି କୁହାଯାଏ। ମୋବାଇଲ ଯୁଗରେ ପିଲାଏ ଏମିତି ବିଭିନ୍ନ ଠକାମିର ଶିକାର ହେଉଛନ୍ତି, ଅଜଣା ଯୋଗୁ ନୁହେଁ, ଲୋଭ ଯୋଗୁ। ତାହା ଅନ୍‌ଲାଇନ ଜୁଆ ଖେଳ ହୋଇପାରେ ବା ଶେୟାର ମାର୍କେଟର ମନୋଲୋଭା ବିଜ୍ଞାପନ ହୋଇପାରେ। ସେଥିପାଇଁ କୌଣସି କଥା ସର୍ବସମ୍ମୁଖରେ ଥୋଇବା ବିଚାରର ବିଷୟ। ସବୁ ଛାତ୍ରୀଛାତ୍ରଙ୍କୁ ଶେୟାର ମାର୍କେଟର ଶିକ୍ଷା ଦେଲେ, ଆଉ ଯଦି ସଭିଏଁ ଷଣ୍ଢ ଲଢ଼େଇ ଆଉ ଭାଲୁ ଲଢ଼େଇ ମଧ୍ୟରେ ମନୋନିବେଶ କରନ୍ତି, ପିଲାଏ ପ୍ରକୃତ ଜ୍ଞାନ ଅର୍ଜନରୁ ବିରତ ରହିବେ ନିଶ୍ଚିତ। ସାମାଜିକ ଦାୟିତ୍ୱବୋଧ ଟିକକ କ୍ଷୁଣ୍ଣ ହେବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ। ମଣିଷର ସ୍ୱଭାବ ସହଜରେ କିପରି ଅର୍ଥ ଉପାର୍ଜନ କରିବ, ଆଉ ରାତିକା ରାତି ଧନୀ ହୋଇଯିବ। ଲଟେରି କ'ଣ ସମସ୍ତେ ଜାଣନ୍ତି, ଆଉ ଲଟେରି ଖେଳି ଅନେକେ କ୍ଷତି ସହୁଥିବାର ମଧ୍ୟ ଦେଖାଯାଉଛି, ଆଉ ଜୀବନ ବି ଯାଉଛି। ଆର୍ଥିକ ସାକ୍ଷରତା ପାଇଁ ସବୁ ବର୍ଗର ମଣିଷଙ୍କୁ ନେଇ ଅନେକ କର୍ମଶାଳା କରାଯାଇପାରେ।

ଅନେକ ଆଡୁଆଳର କଥା ଅଛି, ଯାହା ସର୍ବସମ୍ମୁଖରେ ବିଚାର ହେବା ଉଚିତ। କିନ୍ତୁ ଅନେକ କଥା ସମାଜ ଚାହେଁ ସ୍ଥାନ, କାଳ, ପାତ୍ରକୁ ତଉଲି ଆଲୋଚନା ହେଉ। ସେଥିପାଇଁ ଶିକ୍ଷାବିତ୍, ମନସ୍ତତ୍ତ୍ୱବିତ୍, ସମାଜର ଜ୍ଞାନୀଗୁଣୀଙ୍କ ପରାମର୍ଶ ନେଇ ତଥା ଅନେକ ବିଚାର କରି ଏସବୁ ପ୍ରୟୋଗ ହେବା ଜରୁରୀ ମନେହୁଏ, ନଚେତ୍ ପରବର୍ତ୍ତୀ ସାମାଜିକ ବିଭ୍ରାଟକୁ ହାତ,କାତ ପାଇବ ନାହିଁ....।

**ଗୋଗଲ, କାଏମା, ଯାଜପୁର**
**ମୋ:୯୭୭୭୭୪୯୭୨୭**

## ପାଠକ ଶ୍ରେଷ୍ଠ ବିଚାରକ

### ରାସ୍ତା ଦୁରବସ୍ଥା: ଦୁର୍ଘଟଣା ଆଶଙ୍କା

ମହାଶୟ,

ଗବକୁଣ୍ଡଠାରୁ ବଳଙ୍ଗା ବାମପଟ ପିଚୁ ରାସ୍ତା ହୋଇଥିଲା। ପରେ ସୁଆଣ୍ଡୋଠାରୁ ବିଦ୍ୟାଧରପୁର ପର୍ଯ୍ୟନ୍ତ ପ୍ରଶସ୍ତ ଦୋରସ୍ତ ପିଚୁରାସ୍ତା ହୋଇଛି। ମାତ୍ର ବିଦ୍ୟାଧରପୁର ପାଟଣା ସାହିଠାରୁ ଖଡ଼ିକୁଦା ଛକ ପର୍ଯ୍ୟନ୍ତ ରାସ୍ତାରୁ ପିଚୁ ଉଠିଯାଇ ଖାଲଖମାରେ ପରିପୂର୍ଣ୍ଣ। ଏହି ରାସ୍ତାରେ ଛାତ୍ରୀଛାତ୍ର ଗୁଆଳିଗୋରଡ଼ା ଉଚ୍ଚ ବିଦ୍ୟାଳୟ ଓ ବଳଙ୍ଗା ମହାବିଦ୍ୟାଳୟକୁ ଯାଉଛନ୍ତି। ଏଥିସହିତ ଏହାର ପାଖାପାଖି ୧୫ ଖଣ୍ଡ ଗ୍ରାମର ଚାଷୀ, ପଥଚାରୀ, ଭାରିଯାନ, ବସ୍, ଟ୍ରାକ୍ଟର, ଅଟୋ, ସାଇକେଲ, ବାଇକ ବିପଦପୂର୍ଣ୍ଣ ଭାବେ ଯାତାୟାତ କରୁଛନ୍ତି। ଅନେକ ବାଇକ, ସାଇକେଲ, ଆରୋହୀ ଉପର ନଦୀବନ୍ଧ ନାଳି ସଡ଼କରେ ମଧ ଯାତାୟାତ କରୁଛନ୍ତି। ସତ୍ୟବାଦୀ ବିଧାୟକ, ନିମାପଡ଼ା ଜଳ ସମ୍ପଦ ବିଭାଗ ନିର୍ବାହୀ ଯନ୍ତ୍ରୀ ତଥା ଜିଲାପାଳ, ପୁରୀ ସରଜମିନ ତଦନ୍ତ କରି ତୁରନ୍ତ ଏହି ରାସ୍ତା ମରାମତି କରାଯିବା ପାଇଁ ପଦକ୍ଷେପ ନିଅନ୍ତୁ। ଏହା ଦ୍ୱାରା ଅଞ୍ଚଳବାସୀ ଉପକୃତ ହେବେ।

**-ରାମଚନ୍ଦ୍ର ଦାସ, ବିଦ୍ୟାଧରପୁର, ସତ୍ୟବାଦୀ, ପୁରୀ**

## ଚିରନ୍ତନୀ

ସ୍ୱଟିକ ଧବଳ ଦଶନେ ତୁମର
ଦଶଦିଶ ଉଠୁ ହସି
ଅଧର ଶୋଭାକୁ ସରସ କରୁ ଗୋ
ତୃତୀୟାର ଶିଶୁ ଶଶି ।
-(ରୂପର ସ୍ତବ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଆଜିଥ୍ରୋମାଇସିନ୍‌ରେ ପୋକ

### ଅଭିଯୋଗ ପରେ ମଧ୍ୟପ୍ରଦେଶ ହସ୍ପିଟାଲରୁ ଔଷଧ ପ୍ରତ୍ୟାହୃତ

ଭୋପାଳ,୧୬।୧୦

ମଧ୍ୟପ୍ରଦେଶରେ କୋଲ୍ଡରିଫ୍ କଫ୍ ସିରପ୍ ସେବନ କରି ୨୩ ପିଲାଙ୍କ ମୃତ୍ୟୁ ଘଟଣା ପରେ ଏହାର ଉତ୍ପାଦନ ଓ ବିକ୍ରି ବନ୍ଦ ହୋଇଛି। ଏବେ ରାଜ୍ୟର ଏକ ସରକାରୀ ହସ୍ପିଟାଲରେ ଆଜିଥ୍ରୋମାଇସିନ୍ ଔଷଧରେ ପୋକ ଥିବା ଅଭିଯୋଗ ଆସିବା ପରେ ଉକ୍ତ ଔଷଧର ସମ୍ପୂର୍ଣ୍ଣ ଷ୍ଟକ୍‌କୁ ଫେରାଇ ନିଆଯାଇଛି। ଆଜିଥ୍ରୋମାଇସିନ୍ ଓରାଲ ସସ୍ପେନ୍‌ଶନ୍‌ର ନମୁନା ପରୀକ୍ଷା ପାଇଁ ଭୋପାଳର ଏକ ଲାବରେଟୋରିକୁ ପଠାଯାଇଛି। ପିଲାମାନଙ୍କୁ ବିଭିନ୍ନ ସଂକ୍ରମଣରୁ ଆରୋଗ୍ୟ ପାଇଁ ସାଧାରଣତଃ ଆଜିଥ୍ରୋମାଇସିନ୍ ଦିଆଯାଇଥାଏ। ମଧ୍ୟପ୍ରଦେଶର ଏକ କମ୍ପାନୀ ଦ୍ୱାରା ପ୍ରସ୍ତୁତ ଏହି ଜେନେରିକ୍ ଔଷଧକୁ ନେଇ ପ୍ରଶ୍ନ ଉଠିଛି।




ଆଜିଥ୍ରୋମାଇସିନ୍ ବୋତଲରେ ପୋକ ଥିବା ନେଇ ମୋରାରସ୍ଥିତ ସରକାରୀ ହସ୍ପିଟାଲରେ ଜଣେ ମହିଳା ଅଭିଯୋଗ କରିଥିଲେ ବୋଲି ଡ୍ରଗ୍ ଇନ୍ସପେକ୍ଟର ଅନୁଭୂତି ଶର୍ମା ଗଣମାଧ୍ୟମକୁ କହିଛନ୍ତି। ମହିଳା ଆଣିଥିବା ଔଷଧ ବୋତଲ ଖୋଲା ଥିବାବେଳେ ଘଟଣାର ତଦନ୍ତ କରାଯାଉଛି। ହସ୍ପିଟାଲକୁ ଆସିଥିବା ଓ ଷ୍ଟକ୍ ଥିବା ସମସ୍ତ ୩୦୬ ବୋତଲ ଆଜିଥ୍ରୋମାଇସିନ୍‌କୁ ଫେରାଇ ନିଆଯିବା ସହ ଜବତ କରାଯାଇଛି। ଔଷଧର ନିରାପତ୍ତା ସମ୍ପର୍କରେ ସ୍ପଷ୍ଟ ହେବା ପାଇଁ ଏହାକୁ ଭୋପାଳ ଲାବରେଟୋରିକୁ ପଠାଯାଇଥିବାବେଳେ କୋଲକାତାର ସେଣ୍ଟ୍ରାଲ ଡ୍ରଗ୍ ଲାବରେଟୋରିକୁ ପଠାଯିବ ବୋଲି ଡ୍ରଗ୍ ଇନ୍ସପେକ୍ଟର କହିଛନ୍ତି।

## କପିଳ ଶର୍ମାଙ୍କ କାନାଡା କାଫେକୁ ପୁଣି ଗୁଳିମାଡ଼

ନୂଆଦିଲ୍ଲୀ,୧୬।୧୦

ହାସ୍ୟାଭିନେତା କପିଳ ଶର୍ମାଙ୍କ କାନାଡାର ସୁରିସ୍ଥିତ କାପ୍‌ସ କାଫେରେ ବୁଧବାର ବିଳମ୍ବିତ ରାତିରେ ପୁଣି ଗୁଳିମାଡ଼ ହୋଇଛି। ଗତ ୪ ମାସ ମଧ୍ୟରେ ଏହା ତୃତୀୟ ଘଟଣା। ଲରେନ୍ସ ବିଷ୍ଣୋଇଙ୍କ ଗ୍ୟାଙ୍ଗ୍‌ର ୨ ସଦସ୍ୟ ଗୋଲ୍ଡି ଧିଲୋନ୍ ଏବଂ କୁଲଦୀପ୍ ସିଧୁ ସୋସିଆଲ ମିଡିଆ ଜରିଆରେ ଆକ୍ରମଣର ଶ୍ରେୟ ଦାବି କରିଛନ୍ତି। ଜନସାଧାରଣଙ୍କୁ ଦୂରେଇ ରହିବାକୁ ସେମାନେ ସତର୍କ କରାଇଥିଲେ। ଏକ ଗାଡ଼ିରୁ ଜଣେ ବ୍ୟକ୍ତି ୱିଣ୍ଡୋ ଦେଇ ଅନ୍ୟୂନ ୬ଟି ଗୁଳିମାଡ଼ କରିଥିବା ଭିଡିଓରେ ଦେଖିବାକୁ ମିଳିଛି। କାପ୍‌ସ କାଫେରେ ହୋଇଥିବା ୩ଟି ଗୁଳିମାଡ଼ ଘଟଣା ପାଇଁ ଗୋଲ୍ଡି ଧିଲୋନ୍ ଏବଂ କୁଲଦୀପ୍ ସିଧୁ ନିଜକୁ ଦାୟୀ କରିଛନ୍ତି। ତେବେ ଆମର ଜନସାଧାରଣଙ୍କ ସହ କୌଣସି ଶତ୍ରୁତା ନାହିଁ ବୋଲି ସେମାନେ କହିଛନ୍ତି।

## କର୍ନାଟକର ସର୍ବସାଧାରଣ ସ୍ଥାନରେ ଆର୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ବନ୍ଦ ହେବ

ବେଙ୍ଗାଲୁରୁ,୧୬।୧୦

**ରାଜ୍ୟ କ୍ୟାବିନେଟ୍‌ରେ ନିଷ୍ପତ୍ତି**

କର୍ନାଟକରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍)ର ବିଭିନ୍ନ କାର୍ଯ୍ୟକୁ ରୋକିବା ପାଇଁ ରାଜ୍ୟ କ୍ୟାବିନେଟ୍ ଗୁରୁବାର ନିଷ୍ପତ୍ତି ନେଇଛି। ଉକ୍ତ ନିଷ୍ପତ୍ତି ଅନୁଯାୟୀ ଆର୍‌ଏସ୍‌ଏସ୍ କାର୍ଯ୍ୟକର୍ତ୍ତାମାନେ ରାସ୍ତାରେ ଶୋଭାଯାତ୍ରା ଏବଂ ସର୍ବସାଧାରଣ ସ୍ଥାନରେ ତଥା ସରକାରୀ ଅନୁଷ୍ଠାନଗୁଡ଼ିକରେ କାର୍ଯ୍ୟକ୍ରମ କରିପାରିବେ ନାହିଁ। ଆର୍‌ଏସ୍‌ଏସ୍ ଏବଂ ଏହାର ସ୍ୱୀକୃତିପ୍ରାପ୍ତ ସଂଗଠନଗୁଡ଼ିକ ଉପରେ ନିଷେଧାଦେଶ ଲଗାଇବା ପାଇଁ ସୂଚନା ପ୍ରଯୁକ୍ତି ଓ ବାୟୋଟେକ୍‌ନୋଲୋଜି ମନ୍ତ୍ରୀ ପ୍ରିୟଙ୍କ ଖାର୍ଗେ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟାଙ୍କୁ ପତ୍ର ଲେଖିଥିଲେ।

୨୦୨୩ରେ ତତ୍କାଳୀନ ଭାଜପା ସରକାରଙ୍କ ପକ୍ଷରୁ ସର୍କୁଲାର ଜାରି କରାଯାଇଥିଲା, ଯେଉଁଥିରେ ସ୍କୁଲ୍ ପରିସର ଏବଂ ଏହା ସହ ସମ୍ପୃକ୍ତ ଖେଳପଡ଼ିଆକୁ ଅନ୍ୟ କାର୍ଯ୍ୟ ପାଇଁ ବ୍ୟବହାର ଉପରେ କଟକଣା ଲାଗିଥିଲା। ବର୍ତ୍ତମାନର କଂଗ୍ରେସ ସରକାର ଭାଜପା ସମାଲୋଚନାର ଜବାବ ଦେବାକୁ ଉକ୍ତ ସର୍କୁଲାରର ଅବତାରଣା କରିଛି। ଖାର୍ଗେ କହିଛନ୍ତି, ଆମେ କୌଣସି ସଂଗଠନକୁ ନିୟନ୍ତ୍ରଣ କରିପାରିବୁ ନାହିଁ, କିନ୍ତୁ ଏବେଠାରୁ ସେମାନେ ସର୍ବସାଧାରଣ ସ୍ଥାନ ଓ ରାସ୍ତାରେ ଯାହା ଚାହିଁବେ କରିପାରିବେ ନାହିଁ। ଏଥିପାଇଁ ସେମାନଙ୍କୁ ସରକାରଙ୍କ ଅନୁମତି ନେବାକୁ ହେବ। ଏଭଳି କାର୍ଯ୍ୟ ପାଇଁ ଅନୁମତି ଦିଆଯିବ କି ନାହିଁ ତାହା ସରକାରଙ୍କ ଉପରେ ନିର୍ଭର କରିବ।

## ଛତିଶଗଡ଼ର ଅବୁଝମାର ଅଞ୍ଚଳକୁ ମାଓବାଦୀ ମୁକ୍ତ ଘୋଷଣା କଲେ ଶାହା

ନୂଆଦିଲ୍ଲୀ, ୧୬।୧୦

ଛତିଶଗଡ଼ର ଉତ୍ତର ବସ୍ତରସ୍ଥିତ ଅବୁଝମାର ପାହାଡ଼ିଆ ଅଞ୍ଚଳରେ ଗୁରୁବାର ୧୭୦ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଏହାପରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଅବୁଝମାର ପାହାଡ଼ିଆ ଅଞ୍ଚଳକୁ ମାଓବାଦୀ ମୁକ୍ତ ବୋଲି ସାମାଜିକ ଗଣମାଧ୍ୟମ 'X'ରେ ଘୋଷଣା କରିଛନ୍ତି। ଆତ୍ମସମର୍ପଣ କରିଥିବା ମାଓବାଦୀମାନେ ହିଂସା ତ୍ୟାଗ କରି ମୁଖ୍ୟ ସ୍ରୋତରେ ସାମିଲ ହୋଇଛନ୍ତି ଏବଂ ଭାରତର ସମ୍ବିଧାନ ଉପରେ ବିଶ୍ୱାସ ପ୍ରକଟ କରିଛନ୍ତି। ସେମାନଙ୍କର ଏହି ନିଷ୍ପତ୍ତିକୁ ଶାହା ପ୍ରଶଂସା କରିଛନ୍ତି। ଭାରତରେ ମାଓବାଦର ଅନ୍ତ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କ ପ୍ରୟାସକୁ ଏହା ଏକ ସଫଳତା ବୋଲି ସେ କହିଛନ୍ତି। ପ୍ରକାଶ ଯେ, ବୁଧବାର ଛତିଶଗଡ଼ରେ ୨୭ ଜଣ ମାଓବାଦୀ ଏବଂ ମଙ୍ଗଳବାର ମହାରାଷ୍ଟ୍ରରେ ୬୧ ଜଣ ମାଓବାଦୀ ଆତ୍ମସମର୍ପଣ କରି ମୁଖ୍ୟସ୍ରୋତରେ ସାମିଲ ହୋଇଥିଲେ।

## ଆଫଗାନିସ୍ତାନ ସହ ସୀମା ସଂଘର୍ଷ ପାଇଁ ଭାରତକୁ ଦୋଷଦେଲା ପାକ୍

ନୂଆଦିଲ୍ଲୀ,୧୬।୧୦

**ପୁରୁଣା ଅଭ୍ୟାସ କହି ଖଣ୍ଡନ କଲା ନୂଆଦିଲ୍ଲୀ**

ଆଫଗାନିସ୍ତାନ ଓ ପାକିସ୍ତାନ ମଧ୍ୟରେ ସପ୍ତାହେ ହେଲା ସୀମା ସଂଘର୍ଷ ଲାଗି ରହିଥିବାବେଳେ ଉତ୍ତେଜନା ହ୍ରାସ ପାଇଁ ଇସ୍‌ଲାମାବାଦ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହାୟତା ଲୋଡ଼ିଛି। ପାକିସ୍ତାନ ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଅସିଫ୍ ମଧ୍ୟସ୍ଥତା ପାଇଁ ଟ୍ରମ୍ପଙ୍କୁ ନିବେଦନ କରିଛନ୍ତି। ପାକିସ୍ତାନ-ଆଫଗାନିସ୍ତାନ ସଂଘର୍ଷରେ ହସ୍ତକ୍ଷେପ କରି ଶାନ୍ତି ଫେରାଇ ଆଣିବାକୁ ଉଦ୍ୟମ କରିବେ ବୋଲି ଟ୍ରମ୍ପ ଇଜିପ୍ଟରେ ଅନୁଷ୍ଠିତ ଗାଜା ଶାନ୍ତି ସମ୍ମିଳନୀରେ କହିଥିଲେ।

ଅସିଫ୍ ଆହୁରି କହିଛନ୍ତି, ଭାରତ ତରଫରୁ ତାଲିବାନ୍ ସରକାର ଛାୟା ଯୁଦ୍ଧ ଲଢୁଛନ୍ତି। ଅସ୍ତ୍ରବିରତି ଯଦି ସ୍ଥଗିତ ରହେ, ତେବେ ତାଲିବାନ୍‌ର ନିଷ୍ପତ୍ତି ଦିଲ୍ଲୀ ପ୍ରାୟୋଜିତ ବୋଲି ସେ ସନ୍ଦେହ କରୁଥିବା କହିଛନ୍ତି। ପାକ୍ ପ୍ରତିରକ୍ଷା ମନ୍ତ୍ରୀଙ୍କ ଅଭିଯୋଗକୁ ଭାରତ ଖଣ୍ଡନ କରିଛି। ନିଜ ଆଭ୍ୟନ୍ତରୀଣ ବିଫଳତା ପାଇଁ ପଡୋଶୀ ଦେଶକୁ ଦୋଷ ଦେବା ପାକିସ୍ତାନର ପୁରୁଣା ଅଭ୍ୟାସ ବୋଲି ବୈଦେଶିକ ମନ୍ତ୍ରଣାଳୟ କହିଛି। ସପ୍ତାହେ ମଧ୍ୟରେ ଆଫଗାନିସ୍ତାନ ଓ ପାକିସ୍ତାନ ମଧ୍ୟରେ ୨ ଥର ସୀମା ସଂଘର୍ଷ ହେଲାଣି। ଆଫଗାନିସ୍ତାନ ଆତଙ୍କବାଦୀଙ୍କୁ ଆଶ୍ରୟ ଦେଉଥିବା ପାକିସ୍ତାନ ଅଭିଯୋଗ କରିଥିବାବେଳେ ଇସ୍‌ଲାମାବାଦ ଏଥିପାଇଁ ପରୋକ୍ଷରେ ଭାରତ ଉପରେ ଦୋଷ ଲଦୁଛି। ପାକିସ୍ତାନ ଆତଙ୍କବାଦୀଙ୍କୁ ଆଶ୍ରୟ ଦେଉଥିବା ସମସ୍ତେ ଜାଣନ୍ତି ବୋଲି ବୈଦେଶିକ ମନ୍ତ୍ରଣାଳୟ ମୁଖପାତ୍ର କହିଛନ୍ତି। ସଂଘର୍ଷରେ ୨ ଦେଶର ଅନେକ ଲୋକ ମୃତାହତ ହେଲେଣି। ନାଗରିକମାନଙ୍କ ସୁରକ୍ଷା ପାଇଁ ସଂଘର୍ଷ ବନ୍ଦ କରିବାକୁ ଜାତିସଂଘ ଗୁରୁବାର ପାକିସ୍ତାନ ଓ ଆଫଗାନିସ୍ତାନକୁ ଆହ୍ୱାନ ଦେଇଛି।

## ବ୍ରିଟିଶ୍ ଏମ୍ପାୟର ମେଡାଲ ପାଇଲେ କୁଚିପୁଡ଼ି ନୃତ୍ୟଶିଳ୍ପୀ ଅରୁଣିମା



ଲଣ୍ଡନ, ୧୬।୧୦ (ପି.ଟି.)

ବ୍ରିଟେନ୍‌ର ପ୍ରସିଦ୍ଧ କଳାକାର ଅରୁଣିମା କୁମାର ଗୁରୁବାର ପ୍ରଥମ କୁଚିପୁଡ଼ି ନୃତ୍ୟଶିଳ୍ପୀ ଭାବେ କିଙ୍ଗ୍ ଚାର୍ଲ୍ସ ତୃତୀୟଙ୍କଠାରୁ ସମ୍ମାନଜନକ ବ୍ରିଟିଶ୍ ଏମ୍ପାୟର ମେଡାଲ ପାଇଛନ୍ତି। ଭାରତୀୟ ଶାସ୍ତ୍ରୀୟ ନୃତ୍ୟ କୁଚିପୁଡ଼ି ପାଇଁ ଅବଦାନକୁ ଦୃଷ୍ଟିରେ ରଖି ଅରୁଣିମାଙ୍କୁ ଏହି ସମ୍ମାନ ମିଳିଛି। ଅରୁଣିମା ବିଭିନ୍ନ ବିଶ୍ୱସ୍ତରୀୟ ମଞ୍ଚରେ କୁଚିପୁଡ଼ି ନୃତ୍ୟ ପ୍ରଦର୍ଶିତ ମାଧ୍ୟମରେ ବିଭିନ୍ନ ଦେଶ ମଧ୍ୟରେ ଆନ୍ତଃସାଂସ୍କୃତିକ ସମ୍ପର୍କକୁ ପ୍ରୋତ୍ସାହିତ କରିଛନ୍ତି। କିଙ୍ଗ୍ ଚାର୍ଲ୍ସ ତୃତୀୟଙ୍କଠାରୁ ସମ୍ମାନ ପାଇବା ଅବିଶ୍ୱସନୀୟ ଉପଲବ୍ଧି। ଏହାଦ୍ୱାରା ତାଙ୍କ କାର୍ଯ୍ୟକୁ ଅନ୍ତର୍ଜାତୀୟ ମାନ୍ୟତା ମିଳିଥିବା ଅରୁଣିମା କହିଛନ୍ତି।

## ୧୦୧ ଲେଖାଏ ଆସନରେ ପ୍ରାର୍ଥୀ ଦେଲେ ଭାଜପା, ଜେଡିୟୁ

ପାଟନା,୧୬।୧୦

**ଇଣ୍ଡିଆ ବ୍ଲକ୍‌ରେ ଆସନ ବୁଝାମଣା ହୋଇପାରିନି**

ବିହାର ବିଧାନସଭା ନିର୍ବାଚନ ପାଇଁ ଶାସକ ଏନ୍‌ଡିଏ ମେଣ୍ଟର ୨ ମୁଖ୍ୟ ଦଳ ଭାଜପା ଏବଂ ଜେଡିୟୁ ସେମାନଙ୍କ କୋଟାରେ ଥିବା ୧୦୧ଟି ଲେଖାଏ ଆସନରେ ପ୍ରାର୍ଥୀ ଦେବା ସମ୍ପୂର୍ଣ୍ଣ କରିଛନ୍ତି। ଜେଡିୟୁ ବୁଧବାର ୫୭ ଜଣଙ୍କୁ ଟିକେଟ ଦେଇଥିବାବେଳେ ଗୁରୁବାର ଅବଶିଷ୍ଟ ୪୪ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି। ସେହିପରି ଭାଜପା ୩ ପର୍ଯ୍ୟାୟରେ ସମସ୍ତ ୧୦୧ଟି ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିସାରିଛି। ଅନ୍ୟପକ୍ଷରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ନାମାଙ୍କନ ପତ୍ର ଦାଖଲର ଶେଷ ତାରିଖ ଶୁକ୍ରବାର ଶେଷ ହେଉଥିବାବେଳେ ବିରୋଧୀ ମେଣ୍ଟ ଇଣ୍ଡିଆ ବ୍ଲକ୍‌ରେ ଏପର୍ଯ୍ୟନ୍ତ ଆସନ ବୁଝାମଣା ଚୂଡ଼ାନ୍ତ ହୋଇପାରି ନାହିଁ। ଆସନ ବୁଝାମଣା ସମ୍ପର୍କରେ ଆନୁଷ୍ଠାନିକ ଘୋଷଣା ହୋଇ ନ ଥିଲେ ମଧ୍ୟ ଇଣ୍ଡିଆ ବ୍ଲକ୍‌ର ଅନ୍ୟତମ ମୁଖ୍ୟ ଦଳ କଂଗ୍ରେସ ଶୁକ୍ରବାର ଏହାର ପ୍ରାର୍ଥୀମାନଙ୍କୁ ଦଳୀୟ ଚିହ୍ନଟ ବାଣ୍ଟିବା ଆରମ୍ଭ କରିଛି। କଂଗ୍ରେସ ପ୍ରଥମ ପର୍ଯ୍ୟାୟରେ ୧୭ ପ୍ରାର୍ଥୀଙ୍କ ନାଁ ଘୋଷଣା କରିଛି। ଦଳର କେନ୍ଦ୍ରୀୟ ନିର୍ବାଚନ କମିଟି ୪୩ ଆସନ ପାଇଁ ପ୍ରାର୍ଥୀଙ୍କ ନାମକୁ ଅନୁମୋଦନ କରିଛି।

ଜେଡିୟୁର ରାଜ୍ୟ ସାଧାରଣ ସମ୍ପାଦକ ତଥା ମୁଖ୍ୟାଳୟ ଦାୟିତ୍ୱରେ ଥିବା ଚନ୍ଦନକୁମାର ସିଂ ଗୁରୁବାର ୪୪ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛନ୍ତି। ଏହି ଦ୍ୱିତୀୟ ତାଲିକାରେ ନୱାଦାର ବାହୁବଳୀ ନେତା ରାଜବଲ୍ଲଭ ପ୍ରସାଦ ଯାଦବଙ୍କ ସ୍ତ୍ରୀ ବିଭା ଦେବୀ, ଆନନ୍ଦ ମୋହନଙ୍କ ପୁଅ ଚେତନ ଆନନ୍ଦଙ୍କ ନାଁ ରହିଛି। ଜେଡିୟୁ ୯ ଜଣ ମହିଳା ଏବଂ ସଂଖ୍ୟାଲଘୁ ମୁସଲମାନ ସମ୍ପ୍ରଦାୟରୁ ୪ ଜଣଙ୍କୁ ପ୍ରାର୍ଥୀ କରିଛି।

ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ଭାଜପା ଗୁରୁବାର ୪୦ ଜଣ ତାରକା ପ୍ରଚାରକଙ୍କ ନାମ ଘୋଷଣା କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ଦଳର କେନ୍ଦ୍ରୀୟ ଏବଂ ରାଜ୍ୟସ୍ତରର ଶୀର୍ଷ ନେତାମାନେ ପ୍ରଚାରରେ ଭାଗନେବେ। ସେମାନଙ୍କ ମଧ୍ୟରେ ଅଛନ୍ତି ଭାଜପା ଅଧ୍ୟକ୍ଷ ଜେ.ପି. ନଡ୍ଡା, ବରିଷ୍ଠ ମନ୍ତ୍ରୀ ରାଜନାଥ ସିଂ, ଅମିତ୍ ଶାହା, ନିତୀନ ଗଡ଼କରୀ, ଶିବରାଜ ସିଂ ଚୌହାନ୍, ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା, ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା, ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ମୋହନ ଯାଦବ ଏବଂ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସ୍। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀ, ରବିଶଙ୍କର ପ୍ରସାଦ, ରାଧାମୋହନ ସିଂ, ସାଧ୍ୱୀ ନିରଞ୍ଜନ ଜ୍ୟୋତି, ଅଶ୍ୱିନୀ କୁମାର ଚୌବେ, ବିହାର ବିଧାନସଭା ବାଚସ୍ପତି ନନ୍ଦକିଶୋର ଯାଦବ, ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧରୀ ଏବଂ ବିଜୟ କୁମାର ସିହ୍ନାଙ୍କୁ ଷ୍ଟାର ପ୍ରଚାରକ କରାଯାଇଛି।

**ଅପରାଧ**

## ନାବାଳିକା ବଳାତ୍କାର ମାମଲା: ଦୋଷୀଙ୍କୁ ୨୦ ବର୍ଷ ଜେଲ

ଜଗତ୍‌ସିଂହପୁର, ୧୬।୧୦
(ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ଜିଲା ବିରିଡ଼ି ଥାନା ଅଞ୍ଚଳରେ ୨୦୨୧ରେ ହୋଇଥିବା ନାବାଳିକା ବଳାତ୍କାର ମାମଲାର ରାୟ ଗୁରୁବାର ପ୍ରକାଶ ପାଇଛି। ଜଗତ୍‌ସିଂହପୁର ଫାଷ୍ଟ ଟ୍ରାକ୍ କୋର୍ଟ (ପୋକ୍ସୋ) ବିଚାରପତି ସୈଦ ଅବଦୁଲ କାଦିର ଜାହିର ଅହମ୍ମଦ ଏହି ମାମଲାର ବିଚାର କରି ଅଭିଯୁକ୍ତ ତଥା ବିରିଡି ଥାନା ଅଞ୍ଚଳର ସୌମ୍ୟରଞ୍ଜନ ବେହେରାଙ୍କୁ ୨୦ ବର୍ଷ ଜେଲଦଣ୍ଡ ଦେବା ସହ ୧୦ ହଜାର ଟଙ୍କା ଜରିମାନା ଧାର୍ଯ୍ୟ କରିଛନ୍ତି। ଏହି ରାଶି ଅନାଦାୟ ହେଲେ ଅଧିକ ୬ ମାସ ଜେଲ ଦଣ୍ଡ ଭୋଗିବାକୁ ପଡିବ ବୋଲି ରାୟରେ ଉଲ୍ଲେଖ ଅଛି। ଅନ୍ୟପଟେ ପୀଡ଼ିତାଙ୍କୁ ୫ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଜିଲା ଆଇନ ସେବା ପ୍ରାଧିକରଣଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ଏ ସମ୍ପର୍କରେ ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରିଥିବା ଓକିଲ ଦୋଳଗୋବିନ୍ଦ ଦାସ କହିଛନ୍ତି, ୨୦୨୧ ଅଗଷ୍ଟ ୨୧ରେ ଏହି ଥାନା ଅଞ୍ଚଳର ଜଣେ ନାବାଳିକା ରାତିରେ ଘରେ ଶୋଇଥିବାବେଳେ ଅଭିଯୁକ୍ତ ସୌମ୍ୟରଞ୍ଜନ ସେଠାରେ ପହଞ୍ଚି ପୀଡ଼ିତାଙ୍କୁ ବଳାତ୍କାର କରିଥିଲେ। ଏହି ସମୟରେ ପୀଡିତାଙ୍କ ସାନ ଭଉଣୀ ଦେଖିଦେବାରୁ ସୌମ୍ୟରଞ୍ଜନ ଖସି ପଳାଇଥିଲେ। ୫ ଦିନ ପରେ ସାନ ଭଉଣୀ ଏକଥା ମା'ଙ୍କ ଆଗରେ ପ୍ରକାଶ କରିଥିଲେ। ଏହାପରେ ଅଭିଯୁକ୍ତ ବିବାହ ପ୍ରତିଶ୍ରୁତି ଦେଇ ପରବର୍ତ୍ତୀ ସମୟରେ ପୁଣି ବଳାତ୍କାର କରିଥିଲେ। ୨୦୨୧ ଅଗଷ୍ଟ ୨୬ରେ ପୀଡ଼ିତାଙ୍କ ମା' ଏନେଇ ବିରିଡ଼ି ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ବିରିଡି ଥାନାରେ ମାମଲା (ନଂ. ୧୬୪/୨୧) ରୁଜୁ କରାଯାଇଥିଲା। ଏହି ମାମଲାର ତଦନ୍ତକାରୀ ଅଧିକାରୀ ଅଜମଣି ଟୁଡୁ ଥିଲେ। ସେତେବେଳେ ପୀଡ଼ିତାଙ୍କୁ ୧୬ ବର୍ଷ ହୋଇଥିଲା। ଏହି ଘଟଣାରେ ୧୯ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ବିଚାରପତି ଉପରୋକ୍ତ ରାୟ ଶୁଣାଇଛନ୍ତି।

## ପୋଲିସ କବ୍‌ଜାରେ ବାହାର ରାଜ୍ୟର ୫ ଯୁବକ, ମାଷ୍ଟରମାଇଣ୍ଡ

ବ୍ରହ୍ମପୁର,୧୬।୧୦(ସୁବାସ ଚନ୍ଦ୍ର ପାଢ଼ୀ)

**ପୀତବାସ ପଣ୍ଡା ହତ୍ୟା ମାମଲା**

ଆଇନଜୀବୀ ପୀତବାସ ପଣ୍ଡା ହତ୍ୟାକାଣ୍ଡ ପଛରେ ବାହାର ରାଜ୍ୟର ଲିଙ୍କ୍ ରହିଥିବା ଜଣାପଡ଼ିଛି। ଶତାଧିକ ସିସିଟିଭି ଓ ଡମ୍ପ ଡାଟା ଆନାଲିସିସ୍ କରି ପୋଲିସ ପୀତବାସଙ୍କୁ ଗୁଳି କରିଥିବା ସୁଟରଙ୍କୁ ଚିହ୍ନଟ କରିବା ସହ ଘଟଣାର ମାଷ୍ଟରମାଇଣ୍ଡଙ୍କ ସମେତ ୬ଜଣଙ୍କୁ କାବୁ କରିଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ସେମାନେ ବିହାର, ଆନ୍ଧ୍ରପ୍ରଦେଶ, ପଶ୍ଚିମବଙ୍ଗ ଓ ଉତ୍ତରାଖଣ୍ଡ ରାଜ୍ୟର ବୋଲି ସୂଚନା ମିଳିଛି। ବିହାରୀ ଯୁବକ ଜଣଙ୍କ ବନ୍ଧୁକରେ ପୀତବାସଙ୍କୁ ବ୍ଲାଙ୍କ ପଏଣ୍ଟରୁ ହତ୍ୟା କରିଥିବା ସ୍ପଷ୍ଟ ହୋଇଥିବା କୁହାଯାଉଛି। ବାହାର ରାଜ୍ୟକୁ ଯାଇଥିବା ପୋଲିସ ଟିମ୍ ଗୁରୁବାର ବ୍ରହ୍ମପୁର ଫେରିଛି। ଅଟକ ଯୁବକମାନଙ୍କୁ ବିଭିନ୍ନ ସ୍ଥାନରେ ରଖି ଜେରା ଚାଲିଛି। ଖୁବ୍‌ଶୀଘ୍ର ଘଟଣାର ପର୍ଦ୍ଦାଫାଶ ହେବ ବୋଲି ପୋଲିସର ବିଶ୍ୱସ୍ତ ସୂତ୍ରରୁ ପ୍ରକାଶ।

ଗତ ୬ ତାରିଖ ରାତିରେ ଆଇନଜୀବୀ ପୀତବାସଙ୍କୁ ହତ୍ୟା କରାଯାଇଥିଲା। ଏହାପରେ ପୋଲିସ ସହର ତଥା ଜିଲାର ୭୦ରୁ ଊର୍ଦ୍ଧ୍ୱ ବିଭିନ୍ନ ନେତା, ପୋଲିସ, ମାଫିଆଙ୍କ ସମେତ ଏକାଧିକ ଲୋକଙ୍କୁ ସନ୍ଦେହରେ ଡାକି ପଚରାଉଚରା କରିଥିଲା। ଏପରିକି ପୀତବାସଙ୍କ ମୋବାଇଲକୁ ବର୍ଷକ ମଧ୍ୟରେ କେଉଁମାନେ ଫୋନ କରିଥିଲେ, ସେମାନଙ୍କ ମଧ୍ୟରେ କ'ଣ ସବୁ କଥାବାର୍ତ୍ତା ହୋଇଥିଲା ତାହାର ରେକର୍ଡ ଯାଞ୍ଚ କରିଥିଲା। ପ୍ରାଥମିକ ତଦନ୍ତରୁ ପଚରାଉଚରା ବେଳେ ଘଟଣା ସମ୍ପର୍କରେ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପୋଲିସର ହସ୍ତଗତ ହୋଇଥିଲା। ପୀତବାସଙ୍କ ସହ କାହାର ଶତ୍ରୁତା ନ ଥିବା ପରିବାର ଲୋକେ କହିଥିଲେ। ସୁପାରି କିଲର ଦ୍ୱାରା ପୀତବାସଙ୍କୁ ହତ୍ୟା କରାଯାଇଥିବା ତଦନ୍ତ ବେଳେ ପୋଲିସ ଜାଣିବାକୁ ପାଇଥିଲା। ବ୍ରହ୍ମପୁର ସହର ସମେତ କେତେକ ବାହାର ରାଜ୍ୟର ମୋବାଇଲ ଟାୱାରରୁ ଡାଟା ସଂଗ୍ରହ କରି ଅପରାଧୀଙ୍କୁ ଧରିବା ପାଇଁ ପ୍ରୟାସ ଚଳାଇଥିଲା। ଏହି ସମ୍ବେଦନଶୀଳ ଘଟଣାର ପ୍ରକୃତ ଅପରାଧୀଙ୍କୁ ଧରିବା ପାଇଁ ନୂତନ ଜ୍ଞାନକୌଶଳ ବ୍ୟବହାର କରାଯାଇଥିବା ଜଣାପଡିଛି।

## ମଧ୍ୟସ୍ଥ ମୁନା ମହାନ୍ତି, ୨ ସହଯୋଗୀ ଗିରଫ

ଭୁବନେଶ୍ୱର,୧୬।୧୦
(ସତ୍ୟଜିତ ରାଉତ)

**ବହୁଚର୍ଚ୍ଚିତ ଏସ୍‌ଆଇ ପରୀକ୍ଷା ଜାଲିଆତି**

ବହୁଚର୍ଚ୍ଚିତ ପୋଲିସ ଏସ୍‌ଆଇ ନିଯୁକ୍ତି ପରୀକ୍ଷା ଜାଲିଆତି ମାମଲାର ଅନ୍ୟତମ ମୋଷ୍ଟୱାଣ୍ଟେଡ ତଥା ମଧ୍ୟସ୍ଥ ମୁନା ମହାନ୍ତିଙ୍କୁ କ୍ରାଇମବ୍ରାଞ୍ଚ ଗୁରୁବାର ରାତିରେ ଦଶପଲ୍ଲା ନିକଟରୁ ଗିରଫ କରିଛି। ଏଥିସହିତ ମୁନାଙ୍କ ସହଯୋଗୀ ସୁକାନ୍ତ ମହାରଣା ଓରଫ ରିଙ୍କୁ ଓ ତାଙ୍କ ଭାଇ ଶ୍ରୀକାନ୍ତଙ୍କୁ ମଧ୍ୟ ଗିରଫ କରାଯାଇଥିବା ଜଣାପଡ଼ିଛି। ଗିରଫ ପରେ ସେମାନଙ୍କୁ ବ୍ରହ୍ମପୁର ନିଆଯାଇଥିବା ବିଶେଷସୂତ୍ରରୁ ସୂଚନା ମିଳିଛି। ଏହି ଘଟଣାର ମାଷ୍ଟରମାଇଣ୍ଡ (ମୁଖ୍ୟ ଅଭିଯୁକ୍ତ) କୁହାଯାଉଥିବା ପଞ୍ଚସଫ୍ଟ ସଂସ୍ଥା ମାଲିକ ଶଙ୍କର ପୃଷ୍ଟି ବିଦେଶ ଚାଲିଯାଇଥିବା ଚର୍ଚ୍ଚା ହେଉଛି।

ପ୍ରକାଶ ଯେ, ଶଙ୍କରଙ୍କ ମୁଖ୍ୟ ସହଯୋଗୀ ତଥା ମଧ୍ୟସ୍ଥ ମୁନା ଏବଂ ୨ସହଯୋଗୀ ସୁକାନ୍ତ ଏବଂ ଶ୍ରୀକାନ୍ତ ଦଶପଲ୍ଲାର ଏକ ଫାର୍ମ ହାଉସରେ କିଛିଦିନ ହେବ ଆତ୍ମଗୋପନ କରିଥିଲେ। ଏନେଇ କ୍ରାଇମବ୍ରାଞ୍ଚ ବିଶ୍ୱସ୍ତ ସୂତ୍ରରୁ ଖବର ପାଇଥିଲା। କ୍ରାଇମବ୍ରାଞ୍ଚ ଟିମ୍ ଫାର୍ମ ହାଉସରେ ଚଢ଼ାଉ କରିଥିଲେ ମଧ୍ୟ ତାହା ପୂର୍ବରୁ ଅଭିଯୁକ୍ତମାନେ ସେଠାରୁ ଖସି ପଳାଇ ଯାଇଥିଲେ। ପରେ ସେମାନଙ୍କୁ କାବୁ କରାଯାଇଥିବା ଜଣାପଡ଼ିଛି।

## ସ୍ତ୍ରୀଙ୍କ ତଣ୍ଟିଚିପି ହତ୍ୟା: ସ୍ୱାମୀ ଗିରଫ

ସୁନ୍ଦରଗଡ଼,୧୬।୧୦
(ଜୟ ନାରାୟଣ ମେଣ୍ଟୁଲି)

ସୁନ୍ଦରଗଡ଼ ଜିଲା କିଞ୍ଜିରିକେଲା ଥାନା ଅନ୍ତର୍ଗତ ବନ୍ଧବାହାଲ ଗ୍ରାମରେ ବୁଧବାର ରାତିରେ ଏକ ହତ୍ୟାକାଣ୍ଡ ଘଟିଛି। ଘରୋଇ କଳିକୁ କେନ୍ଦ୍ରକରି ସ୍ତ୍ରୀଙ୍କ ତଣ୍ଟିଚିପି ସ୍ୱାମୀ ହତ୍ୟା କରିଛନ୍ତି। ଅଭିଯୁକ୍ତ ସ୍ୱାମୀଙ୍କୁ ପୋଲିସ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ଏନେଇ କିଞ୍ଜିରିକେଲା ଥାନାରେ ନଂ. ୨୯୬/୨୫ରେ ଏକ ହତ୍ୟା ମାମଲା ରୁଜୁ ହୋଇ ଘଟଣାର ତଦନ୍ତ ଚାଲିଛି।

ପୋଲିସ ସୂଚନା ଅନୁଯାୟୀ, ଅଭିଯୁକ୍ତ ସ୍ୱାମୀ ଅର୍ଜୁନ ସିଂହ(୩୬) ବିଭିନ୍ନ ସମୟରେ ସ୍ତ୍ରୀ ସଞ୍ଜୁଲତା ସିଂହ(୩୨)ଙ୍କ ସହ ଝଗଡା କରନ୍ତି। ଘଟଣା ରାତିରେ ଅର୍ଜୁନ ନିଶାସକ୍ତ ଅବସ୍ଥାରେ ଘରକୁ ଆସିଥିଲେ। ରାତି ପ୍ରାୟ ସାଢ଼େ ୧୧ଟାରେ କୌଣସି କଥାକୁ ନେଇ ସ୍ତ୍ରୀଙ୍କ ସହ ତାଙ୍କର ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍ତକ୍ଷିପ୍ତ ହୋଇ ଅର୍ଜୁନ ସ୍ତ୍ରୀ ସଞ୍ଜୁଙ୍କ ତଣ୍ଟି ଚିପିଦେଇଥିଲେ। ଘଟଣା ସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଗୁରୁବାର ସକାଳେ ପଡୋଶୀ ସଞ୍ଜୁଙ୍କୁ ନ ଦେଖି ଘର ଭିତରକୁ ଯାଇ ଦେଖିଲା ବେଳକୁ ଖଟ ଉପରେ ମୃତଦେହ ପଡିଥିଲା। ଏନେଇ ସେମାନେ କିଞ୍ଜିରିକେଲା ଥାନାକୁ ସୂଚନା ଦେଇଥିଲେ। ସଦର ଏସ୍‌ଡିପିଓ ନିର୍ମଳ କୁମାର ମହାପାତ୍ର, ଆଇଆଇସି ଅଜୟ ଜେନା ସାଇଣ୍ଟିଫିକ ଟିମ୍ ସହ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଏହାପରେ ଅର୍ଜୁନଙ୍କୁ ଆଣି ଥାନାରେ ପଚରାଉଚରା ବେଳେ ସେ ରାତିରେ ସଞ୍ଜୁଙ୍କୁ ତଣ୍ଟି ଚିପି ହତ୍ୟା କରିଥିବା ସ୍ୱୀକାର କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ଆତ୍ମସମର୍ପଣ କଲେ ଅଭିଯୁକ୍ତ ପାର୍ଟନର

**କୁକୁଡ଼ା ଫାର୍ମ ମାଲିକଙ୍କୁ ହତ୍ୟା ଘଟଣା**

ଚାନ୍ଦବାଲି,୧୬।୧୦(ଅଶୋକ ପଣ୍ଡା)

ଭଦ୍ରକ ଜିଲା ଚାନ୍ଦବାଲି ଥାନା ବଡ଼ସିଂହପୁର (ବଙ୍ଗାଳୀପଡ଼ା) ଗ୍ରାମରେ ଥିବା ଏକ କୁକୁଡ଼ା ଫାର୍ମର ମାଲିକ ଅଜୟ ଗିରି(୪୧)ଙ୍କୁ ହତ୍ୟା ମାମଲାରେ ଅଭିଯୁକ୍ତ ଫାର୍ମର ପାର୍ଟନର ଶୁଭ୍ରାଂଶୁ ସ୍ୱାଇଁ ବୁଧବାର ରାତିରେ ପୋଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ତଦନ୍ତକାରୀ ଅଫିସର ମତୋ ଫାଣ୍ଡି ଅଧିକାରୀ ଛତିଶ କୁମାର ଗୋଛି ଓ ଚାନ୍ଦବାଲି ଥାନାଧିକାରୀ ପରେଶ କୁମାର ମହାନ୍ତି କର୍ମଚାରୀଙ୍କ ସହ ଶୁଭ୍ରାଂଶୁଙ୍କ ସହ ଅଟକ ଥିବା ଫାର୍ମର କର୍ମଚାରୀ କିଶୋର କୁମାର ପଣ୍ଡାଙ୍କୁ ଗୁରୁବାର ଅପରାହ୍ନରେ ଘଟଣାସ୍ଥଳକୁ ନେଇ ସିନ୍ ରିକ୍ରିଏଶନ କରାଇଛନ୍ତି।

ପ୍ରକାଶ ଯେ, ଗତ ୧୩ ତାରିଖରେ ହତ୍ୟା ଘଟଣା ଘଟିଥିବା ବେଳେ ପୋଲିସ କିଶୋରଙ୍କ ସମେତ ଫାର୍ମର ୨ କର୍ମଚାରୀଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଜାରି ରଖିଥିଲା। ସେମାନଙ୍କଠାରୁ କିଛି ସୁରାକ୍ ପୋଲିସକୁ ମିଳିଥିଲା। ଫାର୍ମର ଅନ୍ୟ ପାର୍ଟନର ଶୁଭ୍ରାଂଶୁ ଘଟଣା ଦିନ ଅଜୟଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଚାନ୍ଦବାଲି ଡାକ୍ତରଖାନା ପଠାଇବା ପରେ ସକାଳୁ ଫେରାର ହୋଇଯାଇଥିଲେ। ଏଣୁ ମୃତ ଅଜୟଙ୍କ ପରିବାର ଲୋକଙ୍କର ତାଙ୍କ ଉପରେ ସନ୍ଦେହ ହୋଇଥିଲା। ମୃତ ଅଜୟଙ୍କ ଭଣଜା ଚନ୍ଦନ ଦେଙ୍କ ଅଭିଯୋଗକ୍ରମେ ଚାନ୍ଦବାଲି ଥାନାରେ ଏକ ହତ୍ୟା ମାମଲା (ନଂ.୪୨୪/୨୫) ରୁଜୁ ହୋଇଥିଲା। ତଦନ୍ତ ଜାରି ରହିଥିବା ବେଳେ ଶୁଭ୍ରାଂଶୁ ବୁଧବାର ରାତିରେ ମତୋ ଫାଣ୍ଡିରେ ଆତ୍ମସମର୍ପଣ କରିଥିଲେ। ଫାର୍ମରେ ଆର୍ଥିକ ଅନିୟମିତତାକୁ ନେଇ ଅଜୟଙ୍କ ସହ ତାଙ୍କର ବଚସା ହୋଇଥିଲା। ଏହାକୁ ନେଇ ଅଜୟଙ୍କୁ ହତ୍ୟା କରାଯାଇଛି। ଘଟଣା ଦିନ ବିଳମ୍ବିତ ରାତିରେ ସେ ଫାର୍ମର ସିସିଟିଭିର ତାରକାଟି ଅଜୟ ଶୋଇଥିବା ବେଳେ ଏକ ଲୁହା ପାଇପ୍‌ରେ ତାଙ୍କ ମୁଣ୍ଡକୁ ୩ଥର ଆଘାତ କରିଥିଲେ। ଘଟଣାସ୍ଥଳରେ ଅଜୟଙ୍କ ମୃତ୍ୟୁ ଘଟିଥିଲା। କିଶୋର ଏଥିରେ ସହାୟତା କରିବା ସହ ଦୁହେଁ ମିଶି ପ୍ରମାଣ ନଷ୍ଟ କରିବାକୁ ଉଦ୍ୟମ କରିଥିଲେ ବୋଲି ଶୁଭ୍ରାଂଶୁ ସ୍ୱୀକାର କରିଥିବା ଥାନାଧିକାରୀ ମହାନ୍ତି କହିଛନ୍ତି।

## ମହିଳା ମାଓବାଦୀଙ୍କ ଆତ୍ମସମର୍ପଣ



ଆତ୍ମସମର୍ପଣ କରିଥିବା ମହିଳା ମାଓବାଦୀ।

ମାଲକାନଗିରି,
୧୬।୧୦ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ କୋଣ୍ଡାଗାଁ ଜିଲା ପୋଲିସ ନିକଟରେ ଗୁରୁବାର ଜଣେ ମହିଳା ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ପୂର୍ବ ବସ୍ତର ଡିଭିଜନ ଟେଲର ଟିମ୍ କମାଣ୍ଡର ତଥା ୫ ଲକ୍ଷ ଟଙ୍କା ପୁରସ୍କାର ଘୋଷିତ ମହିଳା ମାଓବାଦୀ ଗୀତା ଓରଫ କମଲୀ ସଲାମ କୋଣ୍ଡାଗାଁ ଏସ୍‌ପି ଅକ୍ଷୟ କୁମାରଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି। ଛତିଶଗଡ଼ ସରକାରଙ୍କ ବିକାଶମୂଳକ କାର୍ଯ୍ୟ, ଜନକଲ୍ୟାଣକାରୀ ଯୋଜନାରେ ପ୍ରଭାବିତ ହୋଇ ଏବଂ ସମାଜର ମୁଖ୍ୟସ୍ରୋତରେ ସାମିଲହେବାକୁ ପୋଲିସ ନିକଟରେ ଆତ୍ମସମର୍ପଣ କରିଥିବା ମହିଳା ମାଓବାଦୀ ପ୍ରକାଶ କରିଛନ୍ତି। କୋଣ୍ଡାଗାଁ ପୋଲିସ ତରଫରୁ ଗୀତାଙ୍କୁ ୫୦ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବା ସହ ସରକାରଙ୍କ ଥଇଥାନ ନୀତି ଅନୁଯାୟୀ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି ପୋଲିସ ସୂତ୍ରରୁ ପ୍ରକାଶ।

## ମାଓବାଦୀଙ୍କଠାରୁ ଟଙ୍କା ନେଇ ତଥ୍ୟ ଦେଉଥିଲେ ରୁପୁ ସିଂ

ଭୁବନେଶ୍ୱର,୧୬।୧୦
(ସତ୍ୟଜିତ ରାଉତ)

**ରେଲୱେ ଟ୍ରାକ୍‌ରେ ବିସ୍ଫୋରଣ ଘଟଣା**

**ସରିଲା ରିମାଣ୍ଡ, ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାସଲ କଲା ଏନ୍‌ଆଇଏ**

ସୁନ୍ଦରଗଡ଼ ଜିଲା କେ.ବଲାଙ୍ଗ ଥାନା ଅଞ୍ଚଳରେ ମାଓବାଦୀମାନେ ରେଲୱେ ଟ୍ରାକ୍‌ରେ ବିସ୍ଫୋରଣ କରି ଉଡ଼ାଇବା ଘଟଣାରେ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ପକ୍ଷରୁ ତଦନ୍ତ କରାଯାଉଛି। ତେବେ ଏହି ମାମଲାରେ ଗିରଫ ହୋଇଥିବା ମୁଖ୍ୟ ଅଭିଯୁକ୍ତ ରୁପୁ ସିଂଙ୍କୁ ୩ ଦିନିଆ ରିମାଣ୍ଡରେ ଆଣି ଏନ୍‌ଆଇ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପାଇଛି। ରିମାଣ୍ଡ ସରିବା ପରେ ରୁପୁଙ୍କୁ ପୁଣି ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସେ ମାଓବାଦୀଙ୍କଠାରୁ ଟଙ୍କା ନେଇ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଦେଉଥିଲେ ବୋଲି ଜଣାପଡିଛି। ରୁପୁଙ୍କଠାରୁ ମିଳିଥିବା ତଥ୍ୟ ଆଧାରରେ ଏନ୍‌ଆଇଏ ଟିମ୍ ଅନ୍ୟ ଅଭିଯୁକ୍ତଙ୍କୁ ଧରିବାକୁ ଅଧିକ ଖୋଳତାଡ଼ ଚଳାଇଛି। ଝାଡ଼ଖଣ୍ଡରେ ଏନ୍‌ଆଇ ଟିମ୍ ଛାନ୍‌ଭିନ୍ ଚଳାଇଥିବା ବେଳେ ମାମଲାରେ ସମ୍ପୃକ୍ତ ଥିବା ଜଣେ ମାଓନେତାଙ୍କ ସମେତ ୮ ଜଣଙ୍କୁ ଧରିବାକୁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଥିବା ସୂଚନା ମିଳିଛି।

ସୂଚନାଯୋଗ୍ୟ, ଗତ ଅଗଷ୍ଟରେ ପୃଥକ୍ ବିସ୍ଫୋରଣରେ ରେଲୱେ କର୍ମଚାରୀ ଏତୁଆ ଓରାମଙ୍କ ମୃତ୍ୟୁ ହୋଇଥିବାବେଳେ ବୁଦ୍ଧୁରାମ ମୁଣ୍ଡା ଗୁରୁତର ହୋଇଥିଲେ। ବିମଳାଗଡ଼-କିରିବୁରୁ ସେକ୍ସନର ରାଙ୍ଗ୍ରା ରେଳ ଷ୍ଟେଶନରୁ ୩ କିଲୋମିଟର ଦୂର ରେଳଧାରଣାର ପିଲର ନଂ. ୪୭୮/୧ରେ ମାଓବାଦୀମାନେ ଲ୍ୟାଣ୍ଡ ମାଇନ ଖଞ୍ଜି ଥିଲେ। ଅଗଷ୍ଟ ୨ ରାତିରେ ବୁଦ୍ଧୁରାମ ସେଠାରେ ଡ୍ୟୁଟି କରୁଥିବାବେଳେ ହଠାତ୍ ବିସ୍ଫୋରଣ ଘଟିବାରୁ ସେ ଗୁରୁତର ହୋଇଥିଲେ। ପରଦିନ ସକାଳେ ପିଲର ନଂ.୪୭୭/୩୪-୩୫ ନିକଟରେ ପୁଣି ବିସ୍ଫୋରଣ ଘଟି କାର୍ଯ୍ୟରତ ରେଲୱେ କର୍ମଚାରୀ ଏତୁଆଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ସରକାରୀ ରେଳପଥ ଥାନା ପୋଲିସ ଅଭିଯୁକ୍ତ ରୁପୁଙ୍କୁ ଗିରଫ କରିଥିଲା। ଏହି ଘଟଣା ଜାତୀୟ ସୁରକ୍ଷା ସମ୍ପର୍କିତ ହୋଇଥିବାରୁ ଏନ୍‌ଆଇ ତଦନ୍ତ ଭାର ନେଇ ତଦନ୍ତ ଆରମ୍ଭ କରିଥିଲା।

ଧରିତ୍ରୀ 51 Years
ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶୁକ୍ରବାର, ଅକ୍ଟୋବର ୧୭/୨୦୨୫ Bhubaneswar, Friday, October 17/ 2025

Prestige
ରୋଷେଇକୁ ଯିଏ ଭଲ ପାଆନ୍ତି,
ପ୍ରେଷ୍ଟିଜ୍‌କୁ ଅସ୍ୱୀକାର କରିବେ କେମିତି!

ଏଭଳି ଉଦ୍ଭାବନ ଯାହା ନେଇ ଗର୍ବ କରାଯାଏ, ଏଭଳି ଦାମରେ ଯାହା ଉଦଯାପନ କରାଯାଏ

ଶୁଭ ସଞ୍ଚୟ (କମି ଯାଇଥିବା GST ଦାମ) ଏବଂ ଶୁଭ ଉତ୍ସବ ଅଫର୍ସର ସହିତ ଉତ୍ସବ ଉଦଯାପନର ଆନନ୍ଦ ହେଉ ଦ୍ୱିଗୁଣ

Prestige ଶୁଭ ଉତ୍ସବ
10 ସେପ୍ଟେମ୍ବର – 31 ଅକ୍ଟୋବର, 2025




75 Years of Prestige

କିଣନ୍ତୁ*
ସ୍ୱଚ୍ଛ ଟ୍ରାଇ-ପ୍ଲାଇ 3 ଲି କୁକର୍
MRP: ₹3 535.00
(GST ହ୍ରାସର ପରବର୍ତ୍ତୀ ମୂଲ୍ୟ)

₹1 530.00 ମୂଲ୍ୟରେ ସ୍ୱଚ୍ଛ ଟ୍ରାଇ-ପ୍ଲାଇ କୁକର୍ ସହିତ ଷ୍ଟେନ୍‌ଲେସ୍ ଷ୍ଟିଲ୍ କଢ଼େଇ 24 ସେମି
ମାଗଣାରେ*

କିଣନ୍ତୁ
ଟ୍ରାଇ-ପ୍ଲାଇ 3 ପିସ୍ କୁକ୍‌ୱେୟାର ସେଟ୍*
(କଢ଼େଇ, ଫ୍ରାଇ ପ୍ୟାନ୍, ସସ୍ ପ୍ୟାନ୍)
MRP : ₹4 990.00
(GST ହ୍ରାସର ପରବର୍ତ୍ତୀ ମୂଲ୍ୟ)
ଏବଂ ପାଆନ୍ତୁ
₹2 945.00 ମୂଲ୍ୟର ସ୍ୱଚ୍ଛ ଟ୍ରାଇ-ପ୍ଲାଇ କୁକର୍ 2 ଲି
ମାଗଣାରେ*

କିଣନ୍ତୁ
ମ୍ୟାଜିକ୍ ବେସ୍ ପ୍ରିମିୟମ୍ ଷ୍ଟେନ୍‌ଲେସ୍ ଷ୍ଟିଲ୍ କ୍ୟାସେରୋଲ୍ 24 ସେମି
MRP : ₹6 080.00
(GST ହ୍ରାସର ପରବର୍ତ୍ତୀ ମୂଲ୍ୟ)
ଏବଂ ପାଆନ୍ତୁ
₹3 100.00 ମୂଲ୍ୟର ନକ୍ଷତ୍ର ଆଲ୍‌ଫା ସ୍ୱଚ୍ଛ କୁକର୍ 3 ଲି
ମାଗଣାରେ*

କିଣନ୍ତୁ
ଷ୍ଟେନ୍‌ଲେସ୍ ଷ୍ଟିଲ୍ ପ୍ଲାଟିନା 3 ପିସ୍ କୁକ୍‌ୱେୟାର ସେଟ୍*
(କଢ଼େଇ, ଫ୍ରାଇ ପ୍ୟାନ୍, ସସ୍ ପ୍ୟାନ୍)
MRP : ₹3 730.00
(GST ହ୍ରାସର ପରବର୍ତ୍ତୀ ମୂଲ୍ୟ)
ଏବଂ ପାଆନ୍ତୁ
₹2 480.00 ମୂଲ୍ୟର ଷ୍ଟେନ୍‌ଲେସ୍ ଷ୍ଟିଲ୍ ନକ୍ଷତ୍ର ଏସେନସିଆଲ୍ ସ୍ୱଚ୍ଛ କୁକର୍ 3 ଲି
ମାଗଣାରେ*

PRASA-2025

ସମସ୍ତ ମୂଲ୍ୟ ହ୍ରାସ ପାଇଁ QR କୋଡ୍ ସ୍କାନ୍ କରନ୍ତୁ
ସଂଶୋଧିତ GST ହାର 22 ସେପ୍ଟେମ୍ବର ଥେକେ ପ୍ରଯୋଜ୍ୟ।
CUSTOMER CARE NO 080-60004411 | Scan to find Prestige Xclusive stores | Shop Online on shop.ttkprestige.com | ttk

ସଂଶୋଧିତ GST ହାର 22 ସେପ୍ଟେମ୍ବର ଠାରୁ ପ୍ରଯୁଜ୍ୟ ।

*ନିୟମ ଓ ସର୍ତ୍ତାବଳୀ । ଗୋଟିଏ ଜିନିଷ ପାଇଁ ଯେଉଁ ଦାମ ଲେଖା ଅଛି, ସେଥିରେ ସବୁ ଟ୍ୟାକ୍ସ ଯୋଗ କରି ଏମଆରପି ଦିଆ ହୋଇଛି । ରିହାତି କେବଳ ଏମଆରପି ଉପରେ ପ୍ରଯୁଜ୍ୟ, ଏବଂ ଦୁଇଟି ଅଫର ଏକ ସାଥିରେ ନିଆ ଯାଇ ପାରିବ ନାହିଁ । ପ୍ରତିଟି ଅଫର କେବଳ ଏକ ୟୁନିଟ୍ କିଣିବା କ୍ଷେତ୍ରରେ ପ୍ରଯୁଜ୍ୟ । ପ୍ରତିଟି ଯୋଗ୍ୟ କ୍ରୟରେ ଏକ ୟୁନିଟ୍ ମାଗଣାରେ ଦିଆ ହେବ । ଅଫର କେବଳ ନିର୍ଦ୍ଦିଷ୍ଟ ମଡେଲ୍ ଓ ବଛା ଯାଇଥିବା ଷ୍ଟୋର୍‌ରେ ପ୍ରଯୁଜ୍ୟ, ଏବଂ ଷ୍ଟକ୍ ଥିବା ପର୍ଯ୍ୟନ୍ତ ଚାଲିବ । ଗୋଟିଏ ସ୍ୱଚ୍ଛ ଟ୍ରାଇ-ପ୍ଲାଇ 3 ଲିଟର ଇନର ଲିଡ୍ କୁକର୍ କିଣିଲେ, ଗ୍ରାହକ 24 ସେମିର ଗୋଟିଏ ଏସ୍‌ଏସ୍ କଢ଼େଇ ପାଇବେ । ଟ୍ରାଇ-ପ୍ଲାଇ 3-ପିସ୍ କୁକ୍‌ୱେୟାର ସେଟ୍‌ରେ ରହିଛି 24 ସେମି ଫ୍ରାଇ ପ୍ୟାନ୍, ଏସ୍‌ଏସ୍ ଲିଡ୍ ସହ 24 ସେମି କଢ଼େଇ ଓ 16 ସେମି ସସ୍‌ପ୍ୟାନ୍ । ଏସ୍‌ଏସ୍ ପ୍ଲାଟିନା 3-ପିସ୍ କୁକ୍‌ୱେୟାର ସହିତ ରହିଛି 22 ସେମି ଫ୍ରାଇ ପ୍ୟାନ୍, ଗ୍ଲାସ୍ ଲିଡ୍ ସହ 22 ସେମି କଢ଼େଇ ଓ ଗ୍ଲାସ୍ ଲିଡ୍ ସହ 16 ସେମି ସସ୍‌ପ୍ୟାନ୍ । ପ୍ରେଷ୍ଟିଜ୍‌ର ଲୋଗୋ ଭାରତରେ ଟିଟିକେ ପ୍ରେଷ୍ଟିଜ୍ ଲିମିଟେଡ୍‌ର ରେଜିଷ୍ଟର୍ଡ ଟ୍ରେଡମାର୍କ । ବିଶଦ ନିୟମ ଓ ସର୍ତ୍ତାବଳୀ ଜାଣିବା ପାଇଁ ଆପଣଙ୍କ ନିକଟବର୍ତ୍ତୀ ପ୍ରେଷ୍ଟିଜ୍ ଏକ୍ସକ୍ଲୁସିଭ୍/ଡିଲର୍ ଆଉଟଲେଟ୍‌କୁ ଯାଆନ୍ତୁ ।

**For Franchise Enquiry, please contact Mob - 7978985580 ■ For Distributor & Institutional enquiries Call +91 7008309169**

Prestige Xclusive

**BHUBANESWAR, Rabi Takies Chhak:** opposite to Kedar Gouri Resort Mob: 7750925223 , **Bapuji Nagar**: 105 Bapuji Nagar, Behind Yes Bank(Old Post Office Lane) Lane No 08, 0674-2597141/9937138998 **Bapuji Nagar**: 237,Pani Tanki Lane,Bapuji Nagar Ph: 0674 2597685 Mob: 9777744071, **Sunderpada** :Shop No. 11, Vinayak Enclave, , 7008463572 **Satyangar:** 10, Janpath, Satyangar, Mob: 8280056821, **ID Market:** Shop No FG 3, I.D. Market, Near Reliance Fresh, IRC Village Mob: 9861404879, **Damana:** 248, Sailashree Vihar Road, Damana Mob : 7327902258, **Baramunda:** A/37, Ruchika Market, Baramunda, Mob : 9937073674, **CUTTACK, Dolmundai:** Hotel Akbari complex, Dolomundai, Haripur Road, Ph: 0671 2910337; Mob: 9348222581, **CDA:** Plot No.CM/3 (In front of Police Station), Markat Nagar, Sector - 7, Mob: 8917442506, 8280079702 , **Rourkela:** Daily Market, Near Reliance trend, Rourkela, Mob: 9777457774 , **BALUGAON**: Chilika Road, Balugaon, Mob: 8984858783 **KENDRAPARA**: Kakat Chhak, Ph: 06727 221241; Mob: 9040562233 **DHENKANAL:** I.G. Super Market, near SBI ATM; Mob: 9337477279/ 9348178750 **BOLANGIR:** A.B.S.S. Road, Near Samaleswari Temple, Ph: 06652 232419; Mob : 9437331171, 9437241863 **SEMILIGUDA:** Infront of RAM Mandir Gate,Main Road, Mob: 8328800974. **BARGARH:** C/o: New patra needs, infront of Gopal Goshala,NH-6, Main Road, Mob: 9776323188. **Berhampur:**Plot No 1865/2608, Khata No 833/395, Aska Road, opposite Chaturbhuj Petrol Pump- 09337748007,**Khordha:** Shop No- 140 & 145, Municipality Complex, New Bus Stand, in front of Bajaj Showroom,9552614450

**BHUBANESWAR:-**REETA-9938677424, Crockery Plaza-9938399889,BNM Enterprises-7008480152, Lingaraj Store-7978209549,Sulochana Enterprises-9338067682,Spectra Vision, Ph.-9937722277, Pratap Sewing Machine-9937138544, Utkal Light house-9937019272, Tammana Trading-7004248554 -Utkal Sales-9853150619, Triveni Agency-9937612806,Ghar Sansar Mart-7205377126,Bharat Electronics-9556760383, Balaji Electonics-9938469841, Sai Traders-7008298692-Bhubaneswar, S B Enterprises-9437310480, B S Enterprises, Ph 9861155551, ,Sai Associate-9937065641,Pursty Home appliances-8249694212,Sreeji Enterprises-9040533801, **Jatni-**D B enterprises-9078919100,**Khordha-**Maharana enterprises-7978018288,Kitchen Plaza-9337756820,**Balipatna-** Tarini Aluminum Stores-9438568797, **CUTTACK-** Patra Electonics-7008312282,Union Sales Emporium-9338461472,Nigam store-8249064237, Janata General Store-9937966355, Arbinda Plastic- 8763923528, Arbinda home Appliances-9438480346,Puspak Agency-7205016581, Balaji Distributor-8763153928 ,**Chowdar-**Prince Electronics-986110122, **Salepur-** Sanjaya electronics-9777777529, **Rahama** -Maa Padmavati Bastralaya-8908194534,**PARADEEP:-** Krishna Enterprise, **Kujanga-** Satapathy Enterprises-9437088525,**ROURKELA:-** Prestige-7064584070.Kitchen Accessories-7008058146 , **Sundergarh-**Laxmi Steel-8895443777 , **Sambalpur-**Samuka Steel Center-9437331074,Rathi Steel -9040448466, **Bhadrak-**Sako Sales-9777988814,Radhika Furniture-9437991876, **Baripada-**Aerovision-9861828643, ,**Angul-**Saralia Trading-9439471222, M.K Enterprises- 9776667882 **Nayagarh-**Ganapati Home Appliances-9583281930,**Balasore-**United Sales Agency-9583519516,**Pattamundei-**Nalini & Sons-9938175761 , **Pallahara** -Kanha Enterprises-9437334629 ,

MARUTI SUZUKI
NEXA

# CELEBRATIONS JUST GOT BIGGER.

## WITH GST BENEFITS + LIMITED PERIOD FESTIVE OFFERS*

| | PRICE REDUCTION OF UP TO# | NOW STARTING AT# | ADDITIONAL FESTIVE OFFERS OF UP TO* |
|---|---|---|---|
| FRONX | ₹1 12 600 | ₹6 84 900 | ₹75 000 |
| GRAND VITARA | ₹1 07 000 | ₹10 76 500 | ₹2 10 000 + 5 Year Extended Warranty |
| BALENO | ₹86 100 | ₹5 98 900 | ₹52 500 |
| IGNIS | ₹71 300 | ₹5 35 100 | ₹65 000 |
| INVICTO | ₹61 700 | ₹24 97 400 | ₹1 55 000 |
| XL6 | ₹52 000 | ₹11 52 300 | ₹55 000 |
| JIMNY | ₹51 900 | ₹12 31 500 | ₹85 000 |



SCAN TO CONNECT TO A SHOWROOM NEAR YOU

NEXA SAFETY SHIELD

*FESTIVE OFFERS VALID TILL 23RD OCT ONLY

UP TO 100% WAIVER ON CAR LOAN PROCESSING FEE (ONLY TILL 31ST OCT)##

E-BOOK TODAY @ WWW.NEXAEXPERIENCE.COM

Contact us at 1800-200-6392 1800-102-6392

For detailed T&C kindly visit your nearest dealership. Features and accessories shown may not be a part of the standard fitment. Black glass shade on the vehicle is due to the lighting effect. Images used are for illustration purposes only. All offers are brought to you by NEXA dealers only. Offers and features may vary subject to the model and variant purchased. *The mentioned offers include "Consumer Offer + Booking offer + Exchange Bonus + Rural offer", and may vary from city to city. Please contact nearby dealership for more details. Maruti Suzuki reserves the right to withdraw offers at any point in time without any advance notice. All offers are applicable till 23rd October '25 or till stocks last. Maruti Suzuki Smart Finance is now available pan India. Maruti Suzuki Subscribe is available only in selected cities. ##Offers include consumer offer, exchange bonus and institutional or rural offers (wherever applicable) on select models/variants. Finance is at the sole discretion of the financer by selected finance partners. #Prices and savings mentioned above are for select variants and may vary across cities/ variants.

Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ

ଧରିତ୍ରୀ 51 Years
ପୃଷ୍ଠା–୮+୮
# ଧରିତ୍ରୀ DHARITRI
ଭୁବନେଶ୍ୱର, ଶୁକ୍ରବାର, ଅକ୍ଟୋବର ୧୭/୨୦୨୫ (୮+୮=୧୬ ପୃଷ୍ଠା) | Bhubaneswar, Friday, October 17/2025 | Page 16 | ₹ 7.00 | SAMBALPUR
୫୧ଶ ଭାଗ ୩୨୧ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 51 ISSUE 321 | ମୂଲ୍ୟ ₹୭/-

## ନୂଆପଡ଼ାର ବିକାଶ ମୋ ଦାୟିତ୍ୱ: ମୁଖ୍ୟମନ୍ତ୍ରୀ



ସମାବେଶରେ ମୁଖ୍ୟମନ୍ତ୍ରୀଙ୍କ ସହ ଅନ୍ୟ ନେତୃବୃନ୍ଦ।

**ନୂଆପଡ଼ା,୧୬।୧୦ (ମକାରୁ ବେମାଲ)**

ନୂଆପଡ଼ାର ବିକାଶ ତାଙ୍କ ଦାୟିତ୍ୱ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଗୁରୁବାର ଖରିଆର ରୋଡ୍ ଗୋତମା ଏୟାରଷ୍ଟ୍ରିପ ପଡ଼ିଆରେ ଭାଜପା ପକ୍ଷରୁ ଆୟୋଜିତ ବିଜୟ ସଙ୍କଳ୍ପ ସମାବେଶରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ନୂଆପଡ଼ାକୁ ସେ ସ୍ୱତନ୍ତ୍ର ଭାବରେ ଦେଖିବେ ଓ ବାରମ୍ବାର ଆସିବେ। ପୂର୍ବତନ ବିଧାୟକ ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆଙ୍କ ଅଧୁରା ସ୍ୱପ୍ନକୁ ସେ ପୂରଣ କରିବେ ବୋଲି କହିଛନ୍ତି।

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ଇତିମଧ୍ୟରେ ସେ ଏହି ଜିଲାକୁ ୪ଥର ଆସି ସାରିଲେଣି। ମାରାଗୁଡ଼ା ମହୋତ୍ସବ ସମୟରେ ସେ ସାଢ଼େ ୩ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପ ପାଇଁ ଅନୁଦାନ ମଞ୍ଜୁର କରିଥିଲେ। ଗତ ୬ ତାରିଖରେ ୧,୧୦୧ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହ ନୂତନ ପ୍ରକଳ୍ପ ଘୋଷଣା କରିଛନ୍ତି। ଦୁଇଟି ଏନ୍‌ଏସି ଓ ଗୋଟିଏ ମ୍ୟୁନିସିପାଲିଟି ମଧ୍ୟ ଘୋଷଣା କରାଯାଇଛି। କେନ୍ଦ୍ର ଓ ରାଜ୍ୟରେ ଡବଲ ଇଞ୍ଜିନ ସରକାର ରହିଛି। ତାଙ୍କ ସରକାର ସବୁବେଳେ ବିକାଶ ଚାହାନ୍ତି ଓ କେବଳ କଥାରେ ନୁହେଁ, କାମ କରି ଦେଖାନ୍ତି ବୋଲି ସେ କହିଛନ୍ତି। ସେ ପୁଣି କହିଛନ୍ତି, ୨୦୨୪ ନିର୍ବାଚନ ସମୟରେ ଯାହା କହିଥିଲୁ ତାହା କରି ଦେଖାଇଲୁ। ଚାଷୀଙ୍କ ଧାନ କ୍ୱିଣ୍ଟାଲ ୩୧ ଶହ ଟଙ୍କା, ମହିଳାଙ୍କୁ ସୁଭଦ୍ରା ଯୋଜନାରେ ୫ ବର୍ଷରେ ୫୦ ହଜାର ଟଙ୍କା ଦେବାକୁ ଘୋଷଣା କରିଛୁ। ବର୍ତ୍ତମାନ ୩ଟି କିସ୍ତିରେ ୧୫ ହଜାର ଟଙ୍କା ଦିଆସରିଲାଣି। ୮୦ ବର୍ଷର ବୃଦ୍ଧାବୃଦ୍ଧଙ୍କ ଭତ୍ତା ୩୫ ଶହ ଟଙ୍କା କରିଛୁ। ରାଜ୍ୟରେ ୨୫ ବର୍ଷ ଶାସନରେ ଥିବା ବିଜେଡି ସରକାର ଆଦିବାସୀଙ୍କୁ ଅଣଦେଖା କରୁଥିଲା। ଭାଜପା ସରକାର କ୍ଷମତାକୁ ଆସିଲା ପରେ ଜଣେ ଆଦିବାସୀ ମହିଳା ରାଷ୍ଟ୍ରପତି ହୋଇଛନ୍ତି। ରାଜ୍ୟରେ ମୁଖ୍ୟମନ୍ତ୍ରୀ ଜଣେ ଆଦିବାସୀ। ମନ୍ତ୍ରିମଣ୍ଡଳରେ ଅନେକ ଆଦିବାସୀ ନେତା ସଦସ୍ୟ ରହିଛନ୍ତି। ନୂଆପଡ଼ା ଏକ ଆଦିବାସୀ ବହୁଳ ଜିଲା ହୋଇଥିବାବେଳେ ସେମାନଙ୍କ ବିକାଶ ଉପରେ ଗୁରୁତ୍ୱ ଦିଆଯିବ। ବର୍ତ୍ତମାନ ସମୟରେ ବିଜେଡି ଦେବାଳିଆ ହୋଇଗଲାଣି। ବିଜେଡିକୁ ନୂଆପଡ଼ା ଉପନିର୍ବାଚନ ପାଇଁ ପ୍ରାର୍ଥୀ ନ ମିଳିବାରୁ ବରଗଡ଼ ଜିଲାରୁ ପ୍ରାର୍ଥୀ ଆଣି ଛିଡ଼ା କରିଛି। ନୂଆପଡ଼ାର କର୍ମକର୍ତ୍ତାଙ୍କ ଉପରେ ବିଶ୍ୱାସ ନ ଥିବାରୁ ବାହାର ଜିଲାରୁ ପ୍ରାର୍ଥୀ ଆଣିଛନ୍ତି। ଯେଉଁଠୁ ପ୍ରାର୍ଥୀ ଆଣିଲେ ମଧ୍ୟ ନୂଆପଡ଼ା ଉପନିର୍ବାଚନରେ ପଦ୍ମ ଫୁଟିବ। ପୂର୍ବତନ ବିଧାୟକ ସ୍ୱର୍ଗତ ଢୋଲକିଆ ଓ ପୂର୍ବତନ ଭାଜପା ରାଜ୍ୟ ସଭାପତି ବସନ୍ତ ପଣ୍ଡା ଉଭୟ ଦଳର ସଂଗଠନକୁ ମଜଭୁତ କରି ରଖିଥିଲେ। ଉଭୟଙ୍କ ସଙ୍ଗଠନ ଏକାଠି ମିଶିଗଲେ ଭାଜପା ଆହୁରି ମଜଭୁତ ହୋଇଯିବ। ବର୍ତ୍ତମାନ ନୂଆପଡ଼ାରେ ବିଜେଡି ନାହିଁ । ଢୋଲକିଆଙ୍କ ଅନୁସାରେ ଦଳ ରହିଥିଲା। ସ୍ୱର୍ଗତ ଢୋଲକିଆଙ୍କ ପୁଅ ଜୟ ଢୋଲକିଆ ଭାଜପାରେ ଯୋଗଦାନ କରିବା ପରେ ବିଜେଡିର ସମସ୍ତ କର୍ମକର୍ତ୍ତା ଭାଜପାରେ ଯୋଗଦାନ କରୁଛନ୍ତି। ପ୍ରାର୍ଥୀ ଜୟ ଢୋଲକିଆ ବହୁମତରେ ବିଜୟୀ ହେବେ। ୨୦୩୬ ପର୍ଯ୍ୟନ୍ତ ସମୃଦ୍ଧ ଓଡ଼ିଶା ଓ ବିକଶିତ ଭାରତ ଗଠନ କରିବା ସହ ନୂଆପଡ଼ାକୁ ବିକାଶଶୀଳ ଜିଲାରେ ପରିଣତ କରିବୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ସମାବେଶରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ମନ୍ତ୍ରୀ ସୁରେଶ ପୂଜାରୀ, ମୁକେଶ ମହାଲିଙ୍ଗ, ବିଭୂତି ଭୂଷଣ ଜେନା, କୃଷ୍ଣଚନ୍ଦ୍ର ପାତ୍ର, ଏମ୍‌ପି ପ୍ରଦୀପ ପୁରୋହିତ, କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ, ଜୟନାରାୟଣ ମିଶ୍ର, ଆକାଶଦାସ ନାୟକ, ବାବୁ ସିଂ, ଇରାଶିଷ ଆଚାର୍ଯ୍ୟ, ଲିକୁ ସାହୁ, ପୂର୍ବତନ ବିଧାୟକ ନାଉରି ନାଏକ, କୁସୁମ ଟେଟେ, ସ୍ୱର୍ଗତ ଢୋଲକିଆଙ୍କ ପତ୍ନୀ କଳ୍ପନା ଢୋଲକିଆଙ୍କ ସମେତ ଜିଲା ଭାଜପା କର୍ମକର୍ତ୍ତା ଉପସ୍ଥିତ ଥିଲେ। ଜିଲା ସଭାପତି କମଳେଶ ଦୀକ୍ଷିତ ମଞ୍ଚ ପରିଚାଳନା କରିଥିଲେ।

# ଅନ୍ଧାରରେ ରାଜ୍ୟର ୨୯% ଘର

## ୪୯% ଅଞ୍ଚଳରେ ମୋବାଇଲ ନେଟ୍‌ୱର୍କ ପହଞ୍ଚି ପାରିନାହିଁ

**ଓଡ଼ିଶାରେ ବର୍ତ୍ତମାନ ମଧ୍ୟ ୨୯% ପରିବାର ପାଖରେ ବିଦ୍ୟୁତ୍ ସେବା ପହଞ୍ଚି ପାରିନାହିଁ। ଓଡ଼ିଶା ଏକ ବିଦ୍ୟୁତ୍ ବଳକା ରାଜ୍ୟ ହୋଇଥିବା ସତ୍ତ୍ୱେ ଏତେ ସଂଖ୍ୟକ ପରିବାର ଅନ୍ଧାରରେ ରହିବା ସରକାରଙ୍କ ପାଇଁ ଚିନ୍ତାଜନକ ବିଷୟ। ଏ ପରିପ୍ରେକ୍ଷୀରେ କେନ୍ଦ୍ର ସରକାରଙ୍କ ଜନଜାତି ମନ୍ତ୍ରଣାଳୟ ପକ୍ଷରୁ ରାଜ୍ୟ ସରକାରଙ୍କୁ ସ୍ପଷ୍ଟ କୁହାଯାଇଛି ଯେ, ଓଡ଼ିଶାରେ ପର୍ଟିକୁଲାରଲି ଭଲ୍‌ନେରେବଲ୍ ଟ୍ରାଇବାଲ ଗ୍ରୁପ୍(ପିଭିଟିଜି) ବର୍ଗର ଜଣେ ମଧ୍ୟ ବ୍ୟକ୍ତି ବିଦ୍ୟୁତ୍ ସେବାରୁ ବଞ୍ଚିତ ହେବା ଅନୁଚିତ। ସେଥିପ୍ରତି ଗୁରୁତ୍ୱ ଦେବାକୁ କୁହାଯାଇଛି। ଗତ ୧୪ ତାରିଖରେ ଜନଜାତି ବ୍ୟାପାର ମନ୍ତ୍ରଣାଳୟ ସଚିବ ବିଭୁ ନାୟାର ରାଜ୍ୟ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କୁ ଏନେଇ ପତ୍ର ଲେଖିଛନ୍ତି। ରାଜ୍ୟର ସମସ୍ତ ପିଭିଟିଜି ଗ୍ରାମକୁ ଅକ୍ଟୋବର–୨୦୨୫ ସୁଦ୍ଧା ସବୁ ପ୍ରକାର ସରକାରୀ ସେବା ପହଞ୍ଚାଇବା ଆବଶ୍ୟକ ବୋଲି ପତ୍ରରେ ଦର୍ଶାଇଛନ୍ତି।**

**ଭୁବନେଶ୍ୱର,୧୬।୧୦ (ରବିନାରାୟଣ ଜେନା)**

ନଭେମ୍ବର ୨୦୨୫ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଏକ ମେଗା ଇଭେଣ୍ଟ ଆୟୋଜନ କରାଯିବାକୁ ସ୍ଥିର ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ପିଭିଟିଜି ଗ୍ରାମଗୁଡ଼ିକୁ 'ସ୍ୟାଚୁରେଟେଡ୍' ତଥା ସମସ୍ତ ସେବା ପହଞ୍ଚିଛି ବୋଲି ଘୋଷଣା ଓ ପ୍ରମାଣିତ କରାଯିବ। ଏହାକୁ ଦୃଷ୍ଟିରେ ରଖି 'ପିଏମ୍–ଜନମନ' ମିଶନରେ ରାଜ୍ୟରେ ଥିବା ପିଭିଟିଜି ବର୍ଗଙ୍କ ନିକଟରେ ଯେଭଳି ସମସ୍ତ ପ୍ରକାର ସରକାରୀ ସେବା ତଥା ଯୋଜନା ଉପଲବ୍ଧ ହୋଇପାରିବ ସେନେଇ ଗୁରୁତ୍ୱ ଦେବାକୁ ଜନଜାତି ବ୍ୟାପାର ମନ୍ତ୍ରଣାଳୟ ସଚିବ ବିଭୁ ନାୟାର ରାଜ୍ୟ ସରକାରଙ୍କୁ ଚିଠି କରିଛନ୍ତି। ଚିଠିରେ ସେ ଉଲ୍ଲେଖ କରିଛନ୍ତି ଯେ, ପିଏମ୍–ଜନମନ ଯୋଜନା ଏବେ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏହା ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ ଚାଲିବ। ପିଏମ୍ ଜନମନ ଅଧୀନ ଅନେକ କାର୍ଯ୍ୟରେ ବିଶେଷ ଧ୍ୟାନ ଦିଆଯିବା ଆବଶ୍ୟକ। ଓଡ଼ିଶାରେ ଏହି ଯୋଜନାରେ କିଛି ମୁଖ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତି ଦେଖାଯାଇଛି, ତଥାପି ଏହି ଗତିକୁ ତ୍ୱରାନ୍ୱିତ କରିବାର ଆବଶ୍ୟକତା ରହିଛି। ନାୟାର ଦର୍ଶାଇଛନ୍ତି, ଓଡ଼ିଶାରେ ଅଦ୍ୟାବଧି ୭୧% ଘରେ ବିଦ୍ୟୁତ୍ ସଂଯୋଗ ହୋଇଛି। କିନ୍ତୁ ରାଜ୍ୟ ସରକାର ଏକ୍ଷେତ୍ରରେ ନିଶ୍ଚିତ କରିବା ଆବଶ୍ୟକ ଯେ ପିଭିଟିଜିମାନେ ବିଲ୍ ଦେଉ ନ ଥିବା ଯୋଗୁ ଯେଭଳି ତାଙ୍କର ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ନ ହୁଏ ସେଥିପ୍ରତି ଦୃଷ୍ଟି ଦେବାକୁ ପଡ଼ିବ। ଏନେଇ 'ଗ୍ରାମସଭା' ଏକ ପ୍ରମାଣପତ୍ର ଦେବା ଆବଶ୍ୟକ। ଏପରି କି 'ଡିସ୍‌କମ୍' କିମ୍ବା ଜିଲା ପ୍ରଶାସନ ଦ୍ୱାରା ବିଦ୍ୟୁତ୍ ସେବା ଶତପ୍ରତିଶତ ପହଞ୍ଚିଛି ବୋଲି ପ୍ରମାଣପତ୍ର ଗ୍ରହଣ କରିବା ଲାଗି ସଚିବ ନାୟାର ଦର୍ଶାଇଛନ୍ତି।

ଅନ୍ୟପକ୍ଷରେ ରାଜ୍ୟରେ ମୋବାଇଲ ନେଟ୍‌ୱର୍କ ସେବା ଏବେ ସୁଦ୍ଧା ୫୧% ରହିଛି। ଅଦ୍ୟାବଧି ୪୯% ଅଞ୍ଚଳରେ ମୋବାଇଲ ନେଟ୍‌ୱର୍କ ପହଞ୍ଚି ପାରିନାହିଁ। ତେବେ ୨୧ଟି ଅଞ୍ଚଳରେ ଏପର୍ଯ୍ୟନ୍ତ ସର୍ଭେ ହୋଇନାହିଁ। ୫ଟି ଗ୍ରାମର ସ୍ଥିତି ନେଇ ତଥ୍ୟରେ ତାଳମେଳ ନାହିଁ। ଏହି ପରିପ୍ରେକ୍ଷୀରେ ଗଞ୍ଜାମ, କେନ୍ଦୁଝର ଓ କନ୍ଧମାଳ ଜିଲାରେ ବିଶେଷ ଧ୍ୟାନ ଦେବା ଲାଗି ସଚିବ ପରାମର୍ଶ ଦେଇଛନ୍ତି।

ସଚିବ ନାୟାର ଦର୍ଶାଇଛନ୍ତି, ରାଜ୍ୟରେ ୭୬ଟି ଆଦିବାସୀ ଛାତ୍ରୀଛାତ୍ରଙ୍କ ପାଇଁ ଛାତ୍ରାବାସ ନିର୍ମାଣକୁ ଅନୁମୋଦନ କରାଯାଇଛି। ସେଥିମଧ୍ୟରୁ ୬ଟିରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି, କିନ୍ତୁ ବାକି ଜିଲାଗୁଡ଼ିକ ଯଥା– ଢେଙ୍କାନାଳ, ଗଞ୍ଜାମ, କନ୍ଧମାଳ, କେନ୍ଦୁଝର, ମାଲକାନଗିରି, ମୟୂରଭଞ୍ଜ, ନୂଆପଡ଼ା ଓ ସୁନ୍ଦରଗଡ଼ରେ କାମ ଆରମ୍ଭ ହୋଇନାହିଁ। ସମସ୍ତ ଛାତ୍ରାବାସ ନିର୍ମାଣ କାର୍ଯ୍ୟ ଯେପରି ମାର୍ଚ୍ଚ ୨୦୨୬ ପୂର୍ବରୁ ସମାପ୍ତ ହେବ, ସେ ଦିଗରେ ତ୍ୱରିତ୍ ପଦକ୍ଷେପ ଗ୍ରହଣ କରିବା ଲାଗି ସେ ପତ୍ରରେ ଉଲ୍ଲେଖ କରିଛନ୍ତି।

### ମୁଖ୍ୟ ଶାସନ ସଚିବଙ୍କୁ ଜନଜାତି ମନ୍ତ୍ରଣାଳୟର ନିର୍ଦ୍ଦେଶ

### ବିଦ୍ୟୁତ୍ ସଂଯୋଗରୁ ଜଣେ ବି ପିଭିଟିଜି ବାଦ୍ ନ ପଡ଼ନ୍ତୁ




**ନୂଆପଡ଼ା ଉପନିର୍ବାଚନ**

## ଭାଜପାର ୪୦ ଷ୍ଟାର ପ୍ରଚାରକ

### ମୁଖ୍ୟମନ୍ତ୍ରୀଙ୍କ ସହ ବିଷ୍ଣୁଦେବ ସାଏ, ଧର୍ମେନ୍ଦ୍ର, ଅଶ୍ୱିନୀ, ଜୁଏଲ ପ୍ରଚାର କରିବେ

**ଭୁବନେଶ୍ୱର, ୧୬।୧୦ (ସୁନିତ୍ ମିଶ୍ର)**

ନୂଆପଡ଼ା ଉପନିର୍ବାଚନ ପାଇଁ ବିଗୁଲ ବାଜିସାରିଥିବା ବେଳେ ୩ ଦଳର ପ୍ରାର୍ଥୀଙ୍କ ନାମ ମଧ୍ୟ ଘୋଷଣା ସରିଛି। ଉପନିର୍ବାଚନ ଲାଗି ଭାଜପା ପକ୍ଷରୁ ୪୦ ଜଣିଆ ତାରକା ପ୍ରଚାରକ ତାଲିକା ଗୁରୁବାର ରାଜ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କୁ ପ୍ରଦାନ କରାଯାଇଛି। ଏହି ତାରକା ପ୍ରଚାରକମାନେ ପ୍ରଚାରର ମଙ୍ଗ ଧରି କାର୍ଯ୍ୟକର୍ତ୍ତାଙ୍କୁ ଉତ୍ସାହିତ କରିବା ସହ ଦଳ ସହିତ ଯୋଡ଼ିହେବା ପାଇଁ ଭୋଟରଙ୍କୁ ଆକୃଷ୍ଟ କରିବେ ବୋଲି ଦଳର ରାଜ୍ୟ ମୁଖପାତ୍ର ସତ୍ୟବ୍ରତ ପଣ୍ଡା କହିଛନ୍ତି। ଏହି ୪୦ ଜଣିଆ ତାଲିକାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ସଭାପତି ମନମୋହନ ସାମଲ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଅଶ୍ୱିନୀ ବୈଷ୍ଣବ ଓ ଜୁଏଲ ଓରାମ ରହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁ ଦେଓ ସାଏ, କ୍ଷେତ୍ରୀୟ ପ୍ରଭାରୀ ସୁନୀଲ ବଂଶଲ, ରାଷ୍ଟ୍ରୀୟ ଉପସଭାପତି ବୈଜୟନ୍ତ ପଣ୍ଡା, ରାଜ୍ୟ ପ୍ରଭାରୀ ବିଜୟପାଲ ସିଂ ତୋମାର, ରାଜ୍ୟ ସହ ପ୍ରଭାରୀ ଲତା ଉସେଣ୍ଡି, ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂଦେଓ ଓ ପ୍ରଭାତୀ ପରିଡ଼ା, ଛତିଶଗଡ଼ ଉପମୁଖ୍ୟମନ୍ତ୍ରୀ ଅରୁଣ ସାଓ, ମନ୍ତ୍ରୀ ସୁରେଶ ପୂଜାରୀ, ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ରାଷ୍ଟ୍ରୀୟ ମୁଖପାତ୍ର ସମ୍ବିତ ପାତ୍ର, ବିଧାୟକ ଜୟନାରାୟଣ ମିଶ୍ର, ପୂର୍ବତନ ରାଜ୍ୟ ସଭାପତି ବସନ୍ତ ପଣ୍ଡା, ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, ସାଂସଦ ବ୍ରିଜମୋହନ ଅଗ୍ରୱାଲ, ଏମ୍‌ପି ସଂଗୀତା ସିଂଦେଓ, ମନ୍ତ୍ରୀ ରବିନାରାୟଣ ନାଏକ, ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମନ୍ତ୍ରୀ ମୁକେଶ ମହାଲିଙ୍ଗ, ଛତିଶଗଡ଼ ସରକାରଙ୍କ ମନ୍ତ୍ରୀ ଗୁରୁ ଖୁସ୍‌ୱନ୍ତ ସାହିବ, ସାଂସଦ ପ୍ରଦୀପ ପୁରୋହିତ, ରାଜ୍ୟସଭା ସଦସ୍ୟ ସୁଜିତ କୁମାର, ସାଂସଦ ରୂପକୁମାରୀ ଚୌଧୁରୀ, ସାଂସଦ ମାଳବିକା ଦେବୀ, ପୂର୍ବତନ ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ, ବିଧାୟକ ☞ପୃଷ୍ଠା–୫

## ଗୁଜରାଟ କ୍ୟାବିନେଟ୍‌ର ସମୂହ ଇସ୍ତଫା

### ଆଜି ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ

**ଗାନ୍ଧୀନଗର,୧୬।୧୦**

ଗୁଜରାଟ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ ଶୁକ୍ରବାର ତାଙ୍କ ମନ୍ତ୍ରିମଣ୍ଡଳର ସମ୍ପ୍ରସାରଣ କରିବାକୁ ଯାଉଥିବାରୁ ଗୁରୁବାର ତାଙ୍କୁ ବାଦ୍ ଦେଇ ସମ୍ପୂର୍ଣ୍ଣ କ୍ୟାବିନେଟ ଇସ୍ତଫା ଦେଇଛି। ସମସ୍ତ ୧୬ ମନ୍ତ୍ରୀଙ୍କ ଇସ୍ତଫାପତ୍ରକୁ ଭାଜପା ଗ୍ରହଣ କରିଛି। ବର୍ତ୍ତମାନର ସରକାର ପାଖାପାଖି ୩ ବର୍ଷ ପୂରଣ କରିଛି। ଆଗକୁ ଗୁରୁତ୍ୱପୂର୍ଣ୍ଣ ପୌର ନିର୍ବାଚନ, ଜିଲା ପଞ୍ଚାୟତ ଓ ତାଲୁକ ପଞ୍ଚାୟତ ନିର୍ବାଚନ ହେବାକୁ ଥିବାବେଳେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ପାଇଁ ନିଷ୍ପତ୍ତି ନିଆଯାଇଛି। ୧୮୨ ସଦସ୍ୟ ବିଶିଷ୍ଟ ଗୁଜରାଟ ବିଧାନସଭାରେ ୧୫ ପ୍ରତିଶତ ଅନୁପାତରେ ୨୭ ଜଣ ମନ୍ତ୍ରୀ ହୋଇପାରିବେ। ରାଷ୍ଟ୍ରମନ୍ତ୍ରୀ ଥିବା ଜଗଦୀଶ ବିଶ୍ୱକର୍ମାଙ୍କୁ ଚଳିତ ମାସରେ ଗୁଜରାଟ ଭାଜପା ରାଜ୍ୟ ସଭାପତି ନିଯୁକ୍ତ କରାଯାଇଥିଲା। ଶୁକ୍ରବାର ପୂର୍ବାହ୍ନ ୧୧ଟା ୩୦ରେ ରାଜ୍ୟପାଳ ଆଚାର୍ଯ୍ୟ ଦେବବ୍ରତ ନବନିଯୁକ୍ତ ମନ୍ତ୍ରୀମାନଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇବେ।

## ବିଦାୟ ନେଲା ମୌସୁମୀ, ୨୧ରେ ଲଘୁଚାପ



**ଭୁବନେଶ୍ୱର, ୧୬।୧୦(ବନ୍ଦନା ସେଠୀ)**

ଓଡ଼ିଶା ସମେତ ସାରା ଦେଶରୁ ଗୁରୁବାର ଦକ୍ଷିଣ–ପଶ୍ଚିମ ମୌସୁମୀ ବାୟୁ ବିଦାୟ ନେଇଛି। ଏବେ ରାଜ୍ୟରେ କୌଣସି ପାଣିପାଗ ନିୟାମକ ସକ୍ରିୟ ନ ଥିବାବେଳେ ଗୁରୁବାର କାଁ ଭାଁ କିଛି ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇଛି। ତେବେ ଆସନ୍ତା ସପ୍ତାହ ପର୍ଯ୍ୟନ୍ତ ଓଡ଼ିଶାରେ ପାଗ ଶୁଖିଲା ରହିବ। କିନ୍ତୁ ଆସନ୍ତା ୨୧ ତାରିଖ ବେଳକୁ ଦକ୍ଷିଣ ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଲଘୁଚାପଟି ଉତ୍ତର–ପଶ୍ଚିମ ଦିଗରେ ମୁହାଁଇ ମୁଖ୍ୟତଃ ତାମିଲନାଡୁ ଓ ଦକ୍ଷିଣ ଆନ୍ଧ୍ରପ୍ରଦେଶ ଆଡକୁ ଗତି କରିବ। ୨୩ ତାରିଖ ବେଳକୁ ଏହା ଅବପାତର ରୂପ ନେଇପାରେ। ଅବପାତ ନେଇ ଜିଏଫ୍‌ଏସ୍ ମଡେଲ ଦର୍ଶାଇଥିବାବେଳେ ଅନ୍ୟ କୌଣସି ମଡେଲ ପୂର୍ବାନୁମାନ କରିନାହାନ୍ତି। କିନ୍ତୁ ଓଡ଼ିଶା ଉପରେ ଏହା ପ୍ରଭାବ ପକାଇବ ନାହିଁ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ପଦାଧିକାରୀ ତାଲିକା ପ୍ରକାଶକଲା ଭାଜପା

**■ ୧୦ ଉପସଭାପତି, ୪ ସାଧାରଣ ସମ୍ପାଦକ , ୧୦ ସମ୍ପାଦକ ନିଯୁକ୍ତ**
**■ ଜଣେ କୋଷାଧ୍ୟକ୍ଷ, ଜଣଙ୍କୁ ଯୁଗ୍ମ କୋଷାଧ୍ୟକ୍ଷ ପଦବୀ ମିଳିଲା**

**ଭୁବନେଶ୍ୱର, ୧୬।୧୦(ସୁନିତ୍ ମିଶ୍ର)**

ଭାଜପା ରାଜ୍ୟ ସଭାପତି ଭାବେ ମନମୋହନ ସାମଲ ଦାୟିତ୍ୱ ଗ୍ରହଣକରିବା ପରେ ପ୍ରଥମ ପଦାଧିକାରୀ ତାଲିକା ଘୋଷଣା ହୋଇଛି। ଉକ୍ତ ତାଲିକାରେ ୧୦ ଜଣ ଉପସଭାପତି, ୪ ଜଣ ସାଧାରଣ ସମ୍ପାଦକ ଏବଂ ୧୦ ଜଣ ସମ୍ପାଦକ ରହିଛନ୍ତି। ଏହାସହ ଜଣେ କୋଷାଧ୍ୟକ୍ଷ ଏବଂ ଜଣେ ଯୁଗ୍ମ କୋଷାଧ୍ୟକ୍ଷ ଭାବେ ଦାୟିତ୍ୱ ପାଇଛନ୍ତି। ୧୦ ଉପସଭାପତିଙ୍କ ମଧ୍ୟରେ ଜତିନ ମହାନ୍ତି, ଅଶୋକ ମିଶ୍ର, କୁସୁମ ଟେଟେ, ରମେଶ ଚନ୍ଦ୍ର ସାହୁ, କେ. ନାରାୟଣ ☞ପୃଷ୍ଠା–୫

ଧରିତ୍ରୀ 51 Years
ପୃଷ୍ଠା–୮+୮
ଧରିତ୍ରୀ DHARITRI
ଭୁବନେଶ୍ୱର, ଶୁକ୍ରବାର, ଅକ୍ଟୋବର ୧୭/୨୦୨୫ (୮+୮=୧୬ ପୃଷ୍ଠା) | Bhubaneswar, Friday, October 17/2025 | Page 16 | ₹ 7.00 | SAMBALPUR
୫୧ଶ ଭାଗ ୩୨୧ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 51 ISSUE 321 | ମୂଲ୍ୟ ₹୭/-




# ନୂଆପଡ଼ାର ବିକାଶ ମୋ ଦାୟିତ୍ୱ: ମୁଖ୍ୟମନ୍ତ୍ରୀ




ସମାବେଶରେ ମୁଖ୍ୟମନ୍ତ୍ରୀଙ୍କ ସହ ଅନ୍ୟ ନେତୃବୃନ୍ଦ।

**ନୂଆପଡ଼ା,୧୬।୧୦ (ମକାରୁ ବେମାଲ)**

ନୂଆପଡ଼ାର ବିକାଶ ତାଙ୍କ ଦାୟିତ୍ୱ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଗୁରୁବାର ଖରିଆର ରୋଡ୍ ଗୋତମା ଏୟାରଷ୍ଟ୍ରିପ ପଡ଼ିଆରେ ଭାଜପା ପକ୍ଷରୁ ଆୟୋଜିତ ବିଜୟ ସଙ୍କଳ୍ପ ସମାବେଶରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ନୂଆପଡ଼ାକୁ ସେ ସ୍ୱତନ୍ତ୍ର ଭାବରେ ଦେଖିବେ ଓ ବାରମ୍ବାର ଆସିବେ। ପୂର୍ବତନ ବିଧାୟକ ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆଙ୍କ ଅଧୁରା ସ୍ୱପ୍ନକୁ ସେ ପୂରଣ କରିବେ ବୋଲି କହିଛନ୍ତି।

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ଇତିମଧ୍ୟରେ ସେ ଏହି ଜିଲାକୁ ୪ଥର ଆସି ସାରିଲେଣି। ମାରାଗୁଡ଼ା ମହୋତ୍ସବ ସମୟରେ ସେ ସାଢ଼େ ୩ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପ ପାଇଁ ଅନୁଦାନ ମଞ୍ଜୁର କରିଥିଲେ। ଗତ ୬ ତାରିଖରେ ୧,୧୦୧ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହ ନୂତନ ପ୍ରକଳ୍ପ ଘୋଷଣା କରିଛନ୍ତି। ଦୁଇଟି ଏନ୍ଏସି ଓ ଗୋଟିଏ ମ୍ୟୁନିସିପାଲିଟି ମଧ୍ୟ ଘୋଷଣା କରାଯାଇଛି। କେନ୍ଦ୍ର ଓ ରାଜ୍ୟରେ ଡବଲ ଇଞ୍ଜିନ ସରକାର ରହିଛି। ତାଙ୍କ ସରକାର ସବୁବେଳେ ବିକାଶ ଚାହାନ୍ତି ଓ କେବଳ କଥାରେ ନୁହେଁ, କାମ କରି ଦେଖାନ୍ତି ବୋଲି ସେ କହିଛନ୍ତି। ସେ ପୁଣି କହିଛନ୍ତି, ୨୦୨୪ ନିର୍ବାଚନ ସମୟରେ ଯାହା କହିଥିଲୁ ତାହା କରି ଦେଖାଇଲୁ। ଚାଷୀଙ୍କ ଧାନ କୁଇଣ୍ଟାଲ ୩୧ ଶହ ଟଙ୍କା, ମହିଳାଙ୍କୁ ସୁଭଦ୍ରା ଯୋଜନାରେ ୫ ବର୍ଷରେ ୫୦ ହଜାର ଟଙ୍କା ଦେବାକୁ ଘୋଷଣା କରିଛୁ। ବର୍ତ୍ତମାନ ୩ଟି କିସ୍ତିରେ ୧୫ ହଜାର ଟଙ୍କା ଦିଆସରିଲାଣି। ୮୦ ବର୍ଷର ବୃଦ୍ଧାବୃଦ୍ଧଙ୍କ ଭତ୍ତା ୩୫ ଶହ ଟଙ୍କା କରିଛୁ। ରାଜ୍ୟରେ ୨୫ ବର୍ଷ ଶାସନରେ ଥିବା ବିଜେଡି ସରକାର ଆଦିବାସୀଙ୍କୁ ଅଣଦେଖା କରୁଥିଲା। ଭାଜପା ସରକାର କ୍ଷମତାକୁ ଆସିଲା ପରେ ଜଣେ ଆଦିବାସୀ ମହିଳା ରାଷ୍ଟ୍ରପତି ହୋଇଛନ୍ତି। ରାଜ୍ୟରେ ମୁଖ୍ୟମନ୍ତ୍ରୀ ଜଣେ ଆଦିବାସୀ। ମନ୍ତ୍ରିମଣ୍ଡଳରେ ଅନେକ ଆଦିବାସୀ ନେତା ସଦସ୍ୟ ରହିଛନ୍ତି। ନୂଆପଡ଼ା ଏକ ଆଦିବାସୀ ବହୁଳ ଜିଲା ହୋଇଥିବାବେଳେ ସେମାନଙ୍କ ବିକାଶ ଉପରେ ଗୁରୁତ୍ୱ ଦିଆଯିବ। ବର୍ତ୍ତମାନ ସମୟରେ ବିଜେଡି ଦେବାଳିଆ ହୋଇଗଲାଣି। ବିଜେଡିକୁ ☞ପୃଷ୍ଠା–୫

# ଅନ୍ଧାରରେ ରାଜ୍ୟର ୨୯% ଘର

## ୪୯% ଅଞ୍ଚଳରେ ମୋବାଇଲ ନେଟ୍‌ୱର୍କ ପହଞ୍ଚି ପାରିନାହିଁ

**ଓଡ଼ିଶାରେ ବର୍ତ୍ତମାନ ମଧ୍ୟ ୨୯% ପରିବାର ପାଖରେ ବିଦ୍ୟୁତ୍ ସେବା ପହଞ୍ଚି ପାରିନାହିଁ। ଓଡ଼ିଶା ଏକ ବିଦ୍ୟୁତ୍ ବଳକା ରାଜ୍ୟ ହୋଇଥିବା ସତ୍ତ୍ୱେ ଏତେ ସଂଖ୍ୟକ ପରିବାର ଅନ୍ଧାରରେ ରହିବା ସରକାରଙ୍କ ପାଇଁ ଚିନ୍ତାଜନକ ବିଷୟ। ଏ ପରିପ୍ରେକ୍ଷୀରେ କେନ୍ଦ୍ର ସରକାରଙ୍କ ଜନଜାତି ମନ୍ତ୍ରଣାଳୟ ପକ୍ଷରୁ ରାଜ୍ୟ ସରକାରଙ୍କୁ ସ୍ପଷ୍ଟ କୁହାଯାଇଛି ଯେ, ଓଡ଼ିଶାରେ ପର୍ଟିକୁଲାରଲି ଭଲ୍‌ନେରେବଲ୍ ଟ୍ରାଇବାଲ ଗ୍ରୁପ୍(ପିଭିଟିଜି) ବର୍ଗର ଜଣେ ମଧ୍ୟ ବ୍ୟକ୍ତି ବିଦ୍ୟୁତ୍ ସେବାରୁ ବଞ୍ଚିତ ହେବା ଅନୁଚିତ। ସେଥିପ୍ରତି ଗୁରୁତ୍ୱ ଦେବାକୁ କୁହାଯାଇଛି। ଗତ ୧୪ ତାରିଖରେ ଜନଜାତି ବ୍ୟାପାର ମନ୍ତ୍ରଣାଳୟ ସଚିବ ବିଭୁ ନାୟାର ରାଜ୍ୟ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କୁ ଏନେଇ ପତ୍ର ଲେଖିଛନ୍ତି। ରାଜ୍ୟର ସମସ୍ତ ପିଭିଟିଜି ଗ୍ରାମକୁ ଅକ୍ଟୋବର-୨୦୨୫ ସୁଦ୍ଧା ସବୁ ପ୍ରକାର ସରକାରୀ ସେବା ପହଞ୍ଚାଇବା ଆବଶ୍ୟକ ବୋଲି ପତ୍ରରେ ଦର୍ଶାଇଛନ୍ତି।**

### ମୁଖ୍ୟ ଶାସନ ସଚିବଙ୍କୁ ଜନଜାତି ମନ୍ତ୍ରଣାଳୟର ନିର୍ଦ୍ଦେଶ

### ବିଦ୍ୟୁତ୍ ସଂଯୋଗରୁ ଜଣେ ବି ପିଭିଟିଜି ବାଦ୍ ନ ପଡ଼ନ୍ତୁ

**ଭୁବନେଶ୍ୱର,୧୬।୧୦ (ରବିନାରାୟଣ ଜେନା)**

ନଭେମ୍ବର ୨୦୨୫ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଏକ ମେଗା ଇଭେଣ୍ଟ ଆୟୋଜନ କରାଯିବାକୁ ସ୍ଥିର ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ପିଭିଟିଜି ଗ୍ରାମଗୁଡ଼ିକୁ 'ସ୍ୟାଚୁରେଟେଡ୍' ତଥା ସମସ୍ତ ସେବା ପହଞ୍ଚିଛି ବୋଲି ଘୋଷଣା ଓ ପ୍ରମାଣିତ କରାଯିବ। ଏହାକୁ ଦୃଷ୍ଟିରେ ରଖି 'ପିଏମ୍-ଜନମନ' ମିଶନରେ ରାଜ୍ୟରେ ଥିବା ପିଭିଟିଜି ବର୍ଗଙ୍କ ନିକଟରେ ଯେଭଳି ସମସ୍ତ ପ୍ରକାର ସରକାରୀ ସେବା ତଥା ଯୋଜନା ଉପଲବ୍ଧ ହୋଇପାରିବ ସେନେଇ ଗୁରୁତ୍ୱ ଦେବାକୁ ଜନଜାତି ବ୍ୟାପାର ମନ୍ତ୍ରଣାଳୟ ସଚିବ ବିଭୁ ନାୟାର ରାଜ୍ୟ ସରକାରଙ୍କୁ ଚିଠି କରିଛନ୍ତି। ଚିଠିରେ ସେ ଉଲ୍ଲେଖ କରିଛନ୍ତି ଯେ, ପିଏମ୍-ଜନମନ ଯୋଜନା ଏବେ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏହା ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ ଚାଲିବ। ପିଏମ୍ ଜନମନ ଅଧୀନ ଅନେକ କାର୍ଯ୍ୟରେ ବିଶେଷ ଧ୍ୟାନ ଦିଆଯିବା ଆବଶ୍ୟକ। ଓଡ଼ିଶାରେ ଏହି ଯୋଜନାରେ କିଛି ମୁଖ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତି ଦେଖାଯାଇଛି, ତଥାପି ଏହି ଗତିକୁ ତ୍ୱରାନ୍ୱିତ କରିବାର ଆବଶ୍ୟକତା ରହିଛି। ନାୟାର ଦର୍ଶାଇଛନ୍ତି, ଓଡ଼ିଶାରେ ଅଦ୍ୟାବଧି ୭୧% ଘରେ ବିଦ୍ୟୁତ୍ ସଂଯୋଗ ହୋଇଛି। କିନ୍ତୁ ରାଜ୍ୟ ସରକାର ଏକ୍ଷେତ୍ରରେ ନିଶ୍ଚିତ କରିବା ଆବଶ୍ୟକ ଯେ ପିଭିଟିଜିମାନେ ବିଲ୍ ଦେଉ ନ ଥିବା ଯୋଗୁ ଯେଭଳି ତାଙ୍କର ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ନ ହୁଏ ସେଥିପ୍ରତି ଦୃଷ୍ଟି ଦେବାକୁ ପଡ଼ିବ। ଏନେଇ 'ଗ୍ରାମସଭା' ଏକ ପ୍ରମାଣପତ୍ର ଦେବା ଆବଶ୍ୟକ। ଏପରି କି 'ଡିସ୍‌କମ୍' କିମ୍ବା ଜିଲା ପ୍ରଶାସନ ଦ୍ୱାରା ବିଦ୍ୟୁତ୍ ☞ପୃଷ୍ଠା–୫

**ନୂଆପଡ଼ା ଉପନିର୍ବାଚନ**

# ଭାଜପାର ୪୦ ଷ୍ଟାର ପ୍ରଚାରକ

### ମୁଖ୍ୟମନ୍ତ୍ରୀଙ୍କ ସହ ବିଷ୍ଣୁଦେବ ସାଏ, ଧର୍ମେନ୍ଦ୍ର, ଅଶ୍ୱିନୀ, ଜୁଏଲ ପ୍ରଚାର କରିବେ

**ଭୁବନେଶ୍ୱର, ୧୬।୧୦ (ସୁନିତ୍ ମିଶ୍ର)**

ନୂଆପଡ଼ା ଉପନିର୍ବାଚନ ପାଇଁ ବିଗୁଲ ବାଜିସାରିଥିବା ବେଳେ ୩ ଦଳର ପ୍ରାର୍ଥୀଙ୍କ ନାମ ମଧ୍ୟ ଘୋଷଣା ସରିଛି। ଉପନିର୍ବାଚନ ଲାଗି ଭାଜପା ପକ୍ଷରୁ ୪୦ ଜଣିଆ ତାରକା ପ୍ରଚାରକ ତାଲିକା ଗୁରୁବାର ରାଜ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କୁ ପ୍ରଦାନ କରାଯାଇଛି। ଏହି ତାରକା ପ୍ରଚାରକମାନେ ପ୍ରଚାରର ମଙ୍ଗ ଧରି କାର୍ଯ୍ୟକର୍ତ୍ତାଙ୍କୁ ଉତ୍ସାହିତ କରିବା ସହ ଦଳ ସହିତ ଯୋଡ଼ିହେବା ପାଇଁ ଭୋଟରଙ୍କୁ ଆକୃଷ୍ଟ କରିବେ ବୋଲି ଦଳର ରାଜ୍ୟ ମୁଖପାତ୍ର ସତ୍ୟବ୍ରତ ପଣ୍ଡା କହିଛନ୍ତି। ଏହି ୪୦ ଜଣିଆ ତାଲିକାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ସଭାପତି ମନମୋହନ ସାମଲ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଅଶ୍ୱିନୀ ବୈଷ୍ଣବ ଓ ଜୁଏଲ ଓରାମ ରହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁ ଦେଓ ସାଏ, କ୍ଷେତ୍ରୀୟ ପ୍ରଭାରୀ ସୁନୀଲ ବଂଶଲ, ରାଷ୍ଟ୍ରୀୟ ଉପସଭାପତି ବୈଜୟନ୍ତ ପଣ୍ଡା, ରାଜ୍ୟ ପ୍ରଭାରୀ ବିଜୟପାଲ ସିଂ ତୋମାର, ରାଜ୍ୟ ସହ ପ୍ରଭାରୀ ଲତା ଉସେଣ୍ଡି, ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂଦେଓ ଓ ପ୍ରଭାତୀ ପରିଡ଼ା, ଛତିଶଗଡ଼ ଉପମୁଖ୍ୟମନ୍ତ୍ରୀ ଅରୁଣ ସାଓ, ମନ୍ତ୍ରୀ ସୁରେଶ ପୂଜାରୀ, ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ରାଷ୍ଟ୍ରୀୟ ମୁଖପାତ୍ର ସମ୍ବିତ ପାତ୍ର, ବିଧାୟକ ଜୟନାରାୟଣ ମିଶ୍ର, ପୂର୍ବତନ ରାଜ୍ୟ ସଭାପତି ବସନ୍ତ ପଣ୍ଡା, ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, ସାଂସଦ ବ୍ରିଜମୋହନ ଅଗ୍ରୱାଲ, ଏମ୍‌ପି ସଂଗୀତା ସିଂଦେଓ, ମନ୍ତ୍ରୀ ରବିନାରାୟଣ ନାଏକ, ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମନ୍ତ୍ରୀ ମୁକେଶ ମହାଲିଙ୍ଗ, ଛତିଶଗଡ଼ ସରକାରଙ୍କ ମନ୍ତ୍ରୀ ଗୁରୁ ଖୁସ୍‌ୱନ୍ତ ସାହିବ, ସାଂସଦ ପ୍ରଦୀପ ପୁରୋହିତ, ରାଜ୍ୟସଭା ସଦସ୍ୟ ସୁଜିତ କୁମାର, ସାଂସଦ ରୂପକୁମାରୀ ଚୌଧୁରୀ, ସାଂସଦ ମାଳବିକା ଦେବୀ, ପୂର୍ବତନ ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ, ବିଧାୟକ ☞ପୃଷ୍ଠା–୫

# ଗୁଜରାଟ କ୍ୟାବିନେଟ୍‌ର ସମୂହ ଇସ୍ତଫା

### ଆଜି ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ

**ଗାନ୍ଧୀନଗର,୧୬।୧୦**

ଗୁଜରାଟ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ ଶୁକ୍ରବାର ତାଙ୍କ ମନ୍ତ୍ରିମଣ୍ଡଳର ସମ୍ପ୍ରସାରଣ କରିବାକୁ ଯାଉଥିବାରୁ ଗୁରୁବାର ତାଙ୍କୁ ବାଦ୍ ଦେଇ ସମ୍ପୂର୍ଣ୍ଣ କ୍ୟାବିନେଟ ଇସ୍ତଫା ଦେଇଛି। ସମସ୍ତ ୧୬ ମନ୍ତ୍ରୀଙ୍କ ଇସ୍ତଫାପତ୍ରକୁ ଭାଜପା ଗ୍ରହଣ କରିଛି। ବର୍ତ୍ତମାନର ସରକାର ପାଖାପାଖି ୩ ବର୍ଷ ପୂରଣ କରିଛି। ଆଗକୁ ଗୁରୁତ୍ୱପୂର୍ଣ୍ଣ ପୌର ନିର୍ବାଚନ, ଜିଲା ପଞ୍ଚାୟତ ଓ ତାଲୁକ ପଞ୍ଚାୟତ ନିର୍ବାଚନ ହେବାକୁ ଥିବାବେଳେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ପାଇଁ ନିଷ୍ପତ୍ତି ନିଆଯାଇଛି। ୧୮୨ ସଦସ୍ୟ ବିଶିଷ୍ଟ ଗୁଜରାଟ ବିଧାନସଭାରେ ୧୫ ପ୍ରତିଶତ ଅନୁପାତରେ ୨୭ ଜଣ ମନ୍ତ୍ରୀ ହୋଇପାରିବେ। ରାଷ୍ଟ୍ରମନ୍ତ୍ରୀ ଥିବା ଜଗଦୀଶ ବିଶ୍ୱକର୍ମାଙ୍କୁ ଚଳିତ ମାସରେ ଗୁଜରାଟ ଭାଜପା ରାଜ୍ୟ ସଭାପତି ନିଯୁକ୍ତ କରାଯାଇଥିଲା। ଶୁକ୍ରବାର ପୂର୍ବାହ୍ନ ୧୧ଟା ୩୦ରେ ରାଜ୍ୟପାଳ ଆଚାର୍ଯ୍ୟ ଦେବବ୍ରତ ନବନିଯୁକ୍ତ ମନ୍ତ୍ରୀମାନଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇବେ।

# ବିଦାୟ ନେଲା ମୌସୁମୀ, ୨୧ରେ ଲଘୁଚାପ



**ଭୁବନେଶ୍ୱର, ୧୬।୧୦(ବନ୍ଦନା ସେଠୀ)**

ଓଡ଼ିଶା ସମେତ ସାରା ଦେଶରୁ ଗୁରୁବାର ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ବିଦାୟ ନେଇଛି। ଏବେ ରାଜ୍ୟରେ କୌଣସି ପାଣିପାଗ ନିୟାମକ ସକ୍ରିୟ ନ ଥିବାବେଳେ ଗୁରୁବାର କାଁ ଭାଁ କିଛି ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇଛି। ତେବେ ଆସନ୍ତା ସପ୍ତାହ ପର୍ଯ୍ୟନ୍ତ ଓଡ଼ିଶାରେ ପାଗ ଶୁଖିଲା ରହିବ। କିନ୍ତୁ ଆସନ୍ତା ୨୧ ତାରିଖ ବେଳକୁ ଦକ୍ଷିଣ ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଲଘୁଚାପଟି ଉତ୍ତର-ପଶ୍ଚିମ ଦିଗରେ ମୁହାଁଇ ମୁଖ୍ୟତଃ ତାମିଲନାଡୁ ଓ ଦକ୍ଷିଣ ଆନ୍ଧ୍ରପ୍ରଦେଶ ଆଡକୁ ଗତି କରିବ। ୨୩ ତାରିଖ ବେଳକୁ ଏହା ଅବପାତର ରୂପ ନେଇପାରେ। ଅବପାତ ନେଇ ଜିଏଫ୍ଏସ୍ ମଡେଲ ଦର୍ଶାଇଥିବାବେଳେ ଅନ୍ୟ କୌଣସି ମଡେଲ ପୂର୍ବାନୁମାନ କରିନାହାନ୍ତି। କିନ୍ତୁ ଓଡ଼ିଶା ଉପରେ ଏହା ପ୍ରଭାବ ପକାଇବ ନାହିଁ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ପଦାଧିକାରୀ ତାଲିକା ପ୍ରକାଶକଲା ଭାଜପା

- **୧୦ ଉପସଭାପତି, ୪ ସାଧାରଣ ସମ୍ପାଦକ , ୧୦ ସମ୍ପାଦକ ନିଯୁକ୍ତ**
- **ଜଣେ କୋଷାଧ୍ୟକ୍ଷ, ଜଣଙ୍କୁ ଯୁଗ୍ମ କୋଷାଧ୍ୟକ୍ଷ ପଦବୀ ମିଳିଲା**

**ଭୁବନେଶ୍ୱର, ୧୬।୧୦(ସୁନିତ୍ ମିଶ୍ର)**

ଭାଜପା ରାଜ୍ୟ ସଭାପତି ଭାବେ ମନମୋହନ ସାମଲ ଦାୟିତ୍ୱ ଗ୍ରହଣକରିବା ପରେ ପ୍ରଥମ ପଦାଧିକାରୀ ତାଲିକା ଘୋଷଣା ହୋଇଛି। ଉକ୍ତ ତାଲିକାରେ ୧୦ ଜଣ ଉପସଭାପତି, ୪ ଜଣ ସାଧାରଣ ସମ୍ପାଦକ ଏବଂ ୧୦ ଜଣ ସମ୍ପାଦକ ରହିଛନ୍ତି। ଏହାସହ ଜଣେ କୋଷାଧ୍ୟକ୍ଷ ଏବଂ ଜଣେ ଯୁଗ୍ମ କୋଷାଧ୍ୟକ୍ଷ ଭାବେ ଦାୟିତ୍ୱ ପାଇଛନ୍ତି। ୧୦ ଉପସଭାପତିଙ୍କ ମଧ୍ୟରେ ଜତିନ ମହାନ୍ତି, ଅଶୋକ ମିଶ୍ର, କୁସୁମ ଟେଟେ, ରମେଶ ଚନ୍ଦ୍ର ସାହୁ, କେ. ନାରାୟଣ ☞ପୃଷ୍ଠା–୫




A quality product from
PAN BAHAR
ସବୁଆଡ଼େ
बहार
ଅଛି!
NEW PACK
PAN BAHAR PRODUCTS (P) LTD.
बहार
खानदानी
इलायची
This contains sodium saccharin (INS 954), sucralose (INS 955) and Neotame (INS 961).
Not recommended for children. No sugar added in the product.
CONTAINS ARTIFICIAL SWEETENER AND FOR CALORIE CONSCIOUS
TOLL FREE NO.: 1800 257 2258
www.panbahar.in

# ଅନୁପ୍ରବେଶକାରୀଙ୍କୁ ହଟାଇବା ଦାବିରେ ଦେଓଗାଁ ବନ୍ଦ

**ଥାନା ସମ୍ମୁଖରେ ଧାରଣା**



ଧାରଣାରେ ବସିଥିବା ଆନ୍ଦୋଳନକାରୀଙ୍କୁ ଥାନାଧିକାରୀ ବୁଝାଶୁଝା କରୁଛନ୍ତି ।

ଦେଓଗାଁ,୧୬।୧୦(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ କଛାରପାଲିରେ ୪ ଦିନ ତଳେ ମାରଣାସ୍ତ୍ର ଧରି ୧୨ଜଣ ଦୁର୍ବୃତ୍ତଙ୍କ ଆତଙ୍କରାଜ ପରେ ଗାଁରେ ଉତ୍ତେଜନା ଲାଗି ରହିଛି। ବାହାର ରାଜ୍ୟର ଅନୁପ୍ରବେଶକାରୀମାନେ ଦେଓଗାଁରେ ବସତି ସ୍ଥାପନ କରି ଏହି ଆତଙ୍କ ଖେଳାଉଥିବା ଅଭିଯୋଗ ହେଉଛି । ଏହାର ପ୍ରତିବାଦ କରି ଦେଓଗାଁ ଓ କଛାରପାଲି ଗ୍ରାମବାସୀ ଗୁରୁବାର ଦେଓଗାଁ ବନ୍ଦ ଡାକରା ଦେଇଥିଲେ। ଏହି ବନ୍ଦକୁ ସମସ୍ତେ ସ୍ୱତଃପ୍ରବୃତ୍ତ ଭାବେ ସମର୍ଥନ କରିଥିବା ବେଳେ ଦେଓଗାଁ, କଛାରପାଲି ତଥା ବଙ୍ଗଳା ଛକର ସମସ୍ତ ଦୋକାନ ବଜାର ବନ୍ଦ ରହିଥିଲା। ଫଳରେ ଯାତ୍ରୀ, କଲେଜ ଛାତ୍ରୀଛାତ୍ର ତଥା ଜନସାଧାରଣ ହନ୍ତସନ୍ତ ହେବାର ନଜରକୁ ଆସିଥିଲା । ଏହି ପରିପ୍ରେକ୍ଷୀରେ ଅପରାହ୍ନ ୩ଟାରେ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଗ୍ରାମବାସୀଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଅନୁପ୍ରବେଶକାରୀମାନଙ୍କୁ ଗାଁରୁ ହଟାଇବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ପରେ ଥାନାକୁ ଯାଇ ଥାନାଧିକାରୀଙ୍କୁ ସାକ୍ଷାତ କରି ଦାବି ଉପସ୍ଥାପନ କରାଯାଇଥିଲା। ଏହି ସମୟରେ ଥାନାଧିକାରୀ ଥାନା ବାହାରକୁ ଚାଲିଯିବା ପାଇଁ କହିବାରୁ ସମସ୍ତଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ପରେ ସମସ୍ତେ ଥାନା ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଭାବେ ଧାରଣାରେ ବସିଥିଲେ। ପ୍ରାୟ ଏକଘଣ୍ଟା ପରେ ପୁଣି ଥାନାଧିକାରୀ ଧାରଣାସ୍ଥଳକୁ ଆସି ଗ୍ରାମବାସୀଙ୍କୁ ବୁଝାଶୁଝା କରିବା ସହ ଯଥାଶୀଘ୍ର ଅନ୍ୟ ଅଭିଯୁକ୍ତମାନଙ୍କୁ ଧରାଯିବ ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା ।

# 'ଅନୁଦାନ ଥାଇ କାମ ହେଉନାହିଁ'

■ଜିଲା ରେଳ ଉପଭୋକ୍ତା ସଂଘର ସାଧାରଣ ବୈଠକରେ ଉଦ୍‌ବେଗ

■ଠିକଣା ସମୟରେ କାମ ନ ହେଲେ ଆଗକୁ ଆନ୍ଦୋଳନ

ବଲାଙ୍ଗୀର,୧୬।୧୦(ବୀରେନ୍ଦ୍ର କୁମାର ଝାଙ୍କର)



ବୈଠକରେ ମଞ୍ଚାସୀନ କାର୍ଯ୍ୟକର୍ତ୍ତା ।

ବଲାଙ୍ଗୀର ଆର୍ଯ୍ୟସମାଜ ମନ୍ଦିର ଠାରେ ରେଳ ଉପଭୋକ୍ତା ସଂଘର ସାଧାରଣ ବୈଠକ ପ୍ରଫେସର ତରୁଣ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଗୁରୁବାର ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ସଂଘ ସଭ୍ୟ ନରେନ୍ଦ୍ର କବାଟଙ୍କ ବିୟୋଗରେ ତାଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଏହାପରେ ସମ୍ପାଦକ ବିମଳ ଚକ୍ରବର୍ତ୍ତୀ ବିବରଣୀ ପାଠ କରିଥିଲେ। କୋଷାଧ୍ୟକ୍ଷ ଆୟବ୍ୟୟର ହିସାବ ରଖିଥିଲେ । ଅନୁଦାନ ଥାଇ ରେଳ ଷ୍ଟେଶନ ଲିଫ୍ଟ କାମ ୫ ମାସ ହେଲା ପଡିରହିଥିବାରୁ ସଂଘ ସଦସ୍ୟ ଗୋପବନ୍ଧୁ ପୁରୋହିତ, ରତୁରାଜ ସିଂ, ଧର୍ମବ୍ରତ ରଥ, ନରେନ୍ଦ୍ର ଆଚାର୍ଯ୍ୟ, ଶିବ ନାରାୟଣ ରଥ, ଦିବାକର ହୋତା ଓ ପଙ୍କଜିନୀ ପଣ୍ଡା ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲେ। ରେଲୱେ ପିଟ୍ ଲାଇନ ସର୍ଭେ ହୋଇଥିଲେ ମଧ୍ୟ ଅନୁମୋଦନ ମିଳୁନଥିବାରୁ ସଦସ୍ୟମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। ଭୁବନେଶ୍ୱରକୁ ପ୍ରତ୍ୟେକ ଦିନ ଯିବା ଆସିବା କରିବା ପାଇଁ ଏକ ସକାଳୁଆ ଟ୍ରେନର ସବୁଜ ସଙ୍କେତ ମିଳିଥିଲେ ମଧ୍ୟ ଟ୍ରେନ ନ ଚାଲିବା ଆଦି ଦାବି ନେଇ ବରଗଡ ରେଳ ଉପଭୋକ୍ତା ସଂଘ ଯଦି ଆନ୍ଦୋଳନ କରେ ତାକୁ ସଂଘ ସମର୍ଥନ ଦେବ ଏବଂ ସ୍ଥାନୀୟ ଏମ୍ପିଙ୍କ ସହ ରେଳମନ୍ତ୍ରୀଙ୍କୁ ଭେଟି ଆଲୋଚନା କରିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା। ସଭାପତି ପ୍ରଫେସର ମିଶ୍ର ଅନ୍ୟ ଅମୃତ ଭାରତ ଷ୍ଟେଶନ ତୁଳନାରେ ବଲାଙ୍ଗୀର ରେଳଷ୍ଟେଶନ କାର୍ଯ୍ୟ ମନ୍ଥର ଗତିରେ ଚାଲିଥିବା କହିଥିଲେ। ରେଳ ବିଭାଗର ଏଭଳି ବୈମାତୃକ ମନୋଭାବ ଯୋଗୁ ଆଗାମୀ ଦିନରେ ତିନିଦିନିଆ ଧର୍ମଘଟ କରାଯିବା ଉପରେ ସଂଘ ନିଷ୍ପତ୍ତି ନେଇଥିବା କହିଥିଲେ । ଏହି ବୈଠକରେ ମୋତିଲାଲ ସାହୁ, ବାଲୁଲାଲ ଖେଡିଆ, ମନୋରଞ୍ଜନ ପୁରୋହିତ, ନିତ୍ୟାନନ୍ଦ ମିଶ୍ର, ବ୍ରଜ କିଶୋର ପଣ୍ଡା, ସଲିମ ଖାନ, ସୁବ୍ରତ ବହିଦାର, ଅତୁଳ ଅଗ୍ରୱାଲ, ଆଦିତ୍ୟ ନାରାୟଣ ସାହୁ, ଶତ୍ରୁଘ୍ନ ସିଂ, ସୁବାସ ଶତପଥୀ, ଅଶୋକ କୁମାର ମିଶ୍ର, ବିଶ୍ୱନାଥ ତ୍ରିପାଠୀ, ରାମ ପ୍ରସାଦ ସେଠ, ପ୍ରଦୀପ ନେପାକ, ମହେଶ ମଲଙ୍ଗ, ହିତେଶ କୁମାର ସାହୁ ଉପସ୍ଥିତ ଥିଲେ। ଶେଷରେ ଅଶୋକ କୁମାର ଚାନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

# ଆବାସ ଯୋଜନାରୁ ବଞ୍ଚିତ ଚତୁର୍ଭୁଜ

ଲୋଇସିଂହା,୧୬।୧୦(ସୁଶାନ୍ତ ବାରିକ)


ନିଜ ଘର ନିକଟରେ ବୃଦ୍ଧ ଚତୁର୍ଭୁଜ ।

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ନଅଗାଁ(ଖ) ଗ୍ରାମର ଚତୁର୍ଭୁଜ ବିଶ୍ୱାଳ। ବୟସ ତାଙ୍କର ୭୭ ଛୁଇଁଥିଲେ ସୁଦ୍ଧା ଅଦ୍ୟାବଧି ଆବାସ ଯୋଜନାରୁ ବଞ୍ଚିତ ହୋଇଛନ୍ତି । ଅନେକ ଥର ପ୍ରଶାସନ ଠାରୁ ଆରମ୍ଭ କରି ରାଜନେତାଙ୍କୁ ଭେଟି ନିଜ ସମସ୍ୟା ଜଣାଇଥିଲେ ସୁଦ୍ଧା କେହି ତାଙ୍କ ଦୁଃଖ ବୁଝୁନାହାନ୍ତି । ଫଳରେ ଭାଗ୍ୟକୁ ଆଦରି ଭଙ୍ଗାଦଦରା ଘରେ ଜୀବନକୁ ବାଜି ଲଗାଇ ଦିନ କାଟୁଥିବା ସେ କ୍ଷୋଭର ସହ ପ୍ରକାଶ କରିଛନ୍ତି ।

ସଦର ଗାଁ ନଅଗାଁ(ଖ)ର ଚତୁର୍ଭୁଜଙ୍କ ସ୍ତ୍ରୀ ଆରପାରିକୁ ଚାଲି ଯାଇଥିବା ବେଳେ ଝିଅମାନେ ବାହା ହୋଇ ଯାଇଛନ୍ତି। ପୁଅ ନ ଥିବାରୁ ତାଙ୍କର ସେବାଯତ୍ନ ପାଇଁ ଗୋଟିଏ ଝିଅ ଜ୍ୱାଇଁଙ୍କୁ ପାଖରେ ରଖିଥିଲେ । କିନ୍ତୁ ପରବର୍ତ୍ତୀ ସମୟରେ କୁନି ପୁଅ ସହ ସାନଝିଅ ମଧ୍ୟ କୌଣସି କାରଣରୁ ଶାଶୁଘର ଛାଡି ବାପ ଘରେ ଆଶ୍ରୟ ନେଇଛନ୍ତି । ଘର ଅଭାବରୁ ବୃଦ୍ଧ ଚତୁର୍ଭୁଜଙ୍କ ଦୁଃଖ ସରୁନାହିଁ । ତାଙ୍କ କହିବା ଅନୁଯାୟୀ, ୧୯୯୦ ମସିହାରେ ହୋଇଥିବା ପ୍ରବଳ ବର୍ଷାରେ ସେ ରହୁଥିବା

**୭୭ ବର୍ଷରେ ବି ଘର ପାଇବାରୁ ବଞ୍ଚିତ**

ଘର ଭାଙ୍ଗି ଯାଇଥିଲା । ସେତେବେଳେ ସ୍ତ୍ରୀ ପିଲାଙ୍କୁ ଧରି ପର ଘରେ ଆଶ୍ରୟ ନେବାକୁ ପଡିଥିଲା । ସେହି ସମୟରେ ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ଲୋଇସିଂହା ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ପରିଦର୍ଶନରେ ଆସିଥିବା ବେଳେ ଚତୁର୍ଭୁଜ ତାଙ୍କୁ ଭେଟି ଦୁଃଖ ଜଣାଇଥିଲେ। ଫଳରେ ପୂର୍ବତନ ମନ୍ତ୍ରୀ ମିଶ୍ର ତାଙ୍କୁ ୫ ଶହ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ସେହି ଟଙ୍କାରେ ସେ ଘର ସଜାଡିବାକୁ ଉଦ୍ୟମ କରିଥିଲେ । କିନ୍ତୁ ଅର୍ଥାଭାବରୁ ଘର ଅଧାପନ୍ତରିଆ ହୋଇ ପଡିରହିଛି । ଇତିମଧ୍ୟରେ ବିଭିନ୍ନ ଅସୁବିଧା କାରଣରୁ ସେହି ଘର ଅସମ୍ପୂର୍ଣ୍ଣ ଥିବା ବେଳେ ମରାମତି ଅଭାବରୁ ଜରାଜୀର୍ଣ୍ଣ ହୋଇ ପଡିଲାଣି। ଏହାମଧ୍ୟରେ ଅନେକ ସରପଞ୍ଚ ନିର୍ବାଚିତ ହୋଇଛନ୍ତି। ଗାଁ ଓ ପଞ୍ଚାୟତରେ ଅନେକ ଅସହାୟ , ଗରିବ ଲୋକଙ୍କୁ ଘର ବଣ୍ଟାଯାଇଛି । ସେ ପଞ୍ଚାୟତରୁ କେବଳ ଭତ୍ତା ଓ ପିଡିଏସ ଚାଉଳ ପାଉଥିବା ବେଳେ ଆବାସ ଯୋଜନାରେ ଘର ପାଇ ପାରିନାହାନ୍ତି । ବ୍ଲକ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ବିହିତ ପଦକ୍ଷେପ ନେବାକୁ ସେ ଆକୁଳ ନିବେଦନ କରିଛନ୍ତି।

# ଅଧ୍ୟାପକଙ୍କୁ ଅବସରକାଳୀନ ବିଦାୟ ସମର୍ଦ୍ଧନା

ଲାଠୋର,୧୬।୧୦(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଲାଠୋର ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଇତିହାସ ବିଭାଗ ବରିଷ୍ଠ ଅଧ୍ୟାପକ ପ୍ରଦୀପ କୁମାର ସାହୁଙ୍କୁ ବୁଧବାର ଅବସରକାଳୀନ ବିଦାୟ ସମର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ବିଦ୍ୟାଳୟ ଅଧ୍ୟକ୍ଷ ବଳଭଦ୍ର ଦାଶଙ୍କ ସଭାପତିତ୍ୱରେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ସେ ଦୀର୍ଘ ୨୮ ବର୍ଷ ଧରି ନିରବଚ୍ଛିନ୍ନ ଭାବେ ଛାତ୍ରୀଛାତ୍ରମାନଙ୍କୁ ଶିକ୍ଷାଦାନ କରି ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଛନ୍ତି ବୋଲି ଅଧ୍ୟାପକମାନେ ତାଙ୍କ ବକ୍ତବ୍ୟରେ କହିଥିଲେ। ଏହି ଅବସରରେ ସାହୁଙ୍କୁ ଶାଲ, ବ୍ୟାଗ, ମାନପତ୍ର ଏବଂ ପୁଷ୍ପଗୁଚ୍ଛ ଦେଇ ସମର୍ଦ୍ଧନା ଜ୍ଞାପନ କରାଯାଇଥିଲା । କାର୍ଯ୍ୟକ୍ରମକୁ ଅଧ୍ୟାପକ ରୁନୁ ମେହେର ପରିଚାଳନା କରିଥିଲେ। ଅଧ୍ୟାପକ ରାମନାରାୟଣ ବେଦବାଗ, ଡ. ନାରାୟଣ ପ୍ରଧାନ, ହରେଶ କୁମାର ସାହୁ, ପ୍ରଦୀପ କୁମାର ଠାକୁର, ସତ୍ୟସୁନ୍ଦର ସାହୁ, ନମିତା ସାହୁ, ଗଙ୍ଗାଧର ଭଇଁସାଲ, ଗୁଣମଣି ସାହୁ, ରେବତୀ ମେହେର, ଶିବରାଜ ସାହୁ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।

# କାର୍ ସହ ୨୫ କେଜି ଗଞ୍ଜେଇ ଜବତ

ଖପ୍ରାଖୋଲ,୧୬।୧୦(ଅଭୟ ତ୍ରିପାଠୀ)

ଖପ୍ରାଖୋଲ ବ୍ଲକର ରେଙ୍ଗାଲିଠାରେ ବୁଧବାର ରାତିରେ ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇ ଏକ କାର୍‌ରୁ ୨୫ କେଜି ଗଞ୍ଜେଇ ଜବତ ହୋଇଛି। ଖପ୍ରାଖୋଲ ଓ ପାଟଣାଗଡ଼ ଅବକାରୀ ବିଭାଗର କର୍ମଚାରୀମାନେ ଖପ୍ରାଖୋଲ ଅବକାରୀ ବିଭାଗ ଅଧିକାରୀ ଜୟନ୍ତୀ ଲାଲ ପାଣ୍ଡେଙ୍କ ନେତୃତ୍ୱରେ ବେଆଇନ ଗଞ୍ଜେଇ ଚାଲାଣ ଉପରେ ତୀକ୍ଷ୍ଣ ନଜର ରଖିଥିଲେ। ଗତକାଲି ରାତିରେ ଦୁଇ ଜଣ ବ୍ୟକ୍ତି ଗୋଟିଏ ଆର୍ଟିକା କାର୍ (ନଂ ଓଡ଼ି ୦୫ ଏକେ ୫୨୮୬)ରେ ବେଆଇନ ଭାବରେ ଗଞ୍ଜେଇ ଚାଲାଣ କରୁଥିବା କୌଣସି ସୂତ୍ରରୁ ଖବରପାଇ ଲାଠୋର ଥାନା ଅନ୍ତର୍ଗତ ରେଙ୍ଗାଲି ସାପ୍ତାହିକ ବଜାର ନିକଟରେ ଗାଡି ଅଟକାଇଥିଲେ। ତେବେ କୌଶଳକ୍ରମେ ଡ୍ରାଇଭର ଫେରାର ମାରିଥିଲେ। ଉକ୍ତ କାର୍‌ରୁ ୨୫ କେଜି ଗଞ୍ଜେଇ ଜବତ ହୋଇଥିବା ବେଳେ ଏହାର ବଜାର ମୂଲ୍ୟ ୨ ଲକ୍ଷରୁ ଊର୍ଦ୍ଧ୍ୱ ହେବ ବୋଲି ବିଭାଗ ତରଫରୁ ସୂଚନା ମିଳିଛି। ଏନେଇ ଖପ୍ରାଖୋଲ ଅବକାରୀ ଥାନା ନଂ ୧୦୧/୨୦୨୫-୨୬ ରେ ଏକ ମାମଲା ରୁଜୁ ହୋଇଛି । ଗଞ୍ଜେଇ ଚାଲାଣ ହେଉଥିବା କାର୍ ,ଗାଡିର କାଗଜପତ୍ର, ଡ୍ରାଇଭିଂ ଲାଇସେନ୍ସ ଓ ନଗଦ ୧ ହଜାର ଟଙ୍କା ଜବତ ହୋଇଥିବା ବଲାଙ୍ଗୀର ଅବକାରୀ ଅଧୀକ୍ଷକ ହରିହର ଧଳ ସୂଚନା ଦେବା ସହିତ ଘଟଣାର ତଦନ୍ତ ଚାଲିଥିବା ସୂଚନା ଦେଇଛନ୍ତି।


ଜବତ ଗଞ୍ଜେଇ ।

# କଲଭର୍ଟ, ଡ୍ରେନ୍ ନିର୍ମାଣରେ ଦୁର୍ନୀତି ଅଭିଯୋଗ

ଲୋଇସିଂହା,୧୬।୧୦(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ମନହୀରା ଗ୍ରାମର ଶିବ ମନ୍ଦିର ନିକଟରେ ନିର୍ମାଣ ହୋଇଥିବା କଲଭର୍ଟ, ଡ୍ରେନ କାମରେ ଅନିୟମିତତା ହୋଇଥିବା ନେଇ ଗ୍ରାମବାସୀଙ୍କ ପକ୍ଷରୁ ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି।

ଅଭିଯୋଗରୁ ପ୍ରକାଶ ଯେ, ମନହୀରା ଗ୍ରାମବାସୀଙ୍କ କହିବା ଅନୁଯାୟୀ ବିକଶିତ ଗାଁ ବିକଶିତ ଓଡ଼ିଶା ପାଣ୍ଠିରୁ ୩ ଲକ୍ଷ ୧୮ ହଜାର ୪୬ ଟଙ୍କା ମଞ୍ଜୁର ହୋଇଛି। ହେଲେ କାମରେ ବ୍ୟାପକ ଅନିୟମିତତା କରାଯାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। କମ ନିଅଁ ଖୋଳି ଛୋଟ କଲଭର୍ଟ ନିର୍ମାଣ ହୋଇଛି। ଏହାଛଡା ଡ୍ରେନ ନ କରି ତା ବଦଳରେ କଂକ୍ରିଟ କରି ଦିଆଯାଇଛି। କଂକ୍ରିଟ କାମ ବେଳେ ମିକ୍ସଚର ମେଶିନ ବ୍ୟବହାର ନ କରି ବାଲି ଉପରେ ୨ ଇଞ୍ଚର ମେଟାଲ ବିଛାଯାଇଛି। ଏହା ଉପରେ ଗୋଟିଏ ଇଞ୍ଚର ସିମେଣ୍ଟ ଗେଟି ପକାଯାଇଛି। କାମ ଅନିୟମିତତା ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ଓ ବ୍ଲକ ସହକାରୀ ଯନ୍ତ୍ରୀଙ୍କୁ ଜଣା ଯାଇଥିଲେ ସୁଦ୍ଧା କେହି କାମ ତଦାରଖ ପାଇଁ ଆସିନଥିଲେ। ଏବେ ତରବରିଆ ଭାବେ ବିଲ୍ କରିବାକୁ ମସୁଧା ଚାଲିଥିବା ଗ୍ରାମବାସୀ ଅଭିଯୋଗରେ ଦର୍ଶାଇଛନ୍ତି। ଏଣୁ ଉଭୟ କାମର ସ୍ଥାୟୀତ୍ୱ ନେଇ ଗ୍ରାମବାସୀ ପ୍ରଶ୍ନ ଉଠାଇ ନିକଟରେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ।

# କବି ସନ୍ଦୀପ କୁମାର କୁଅଁର ସମ୍ବର୍ଦ୍ଧିତ



କବି ସନ୍ଦୀପ କୁମାରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ବଲାଙ୍ଗୀର,୧୬।୧୦(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀରର ଜଣାଶୁଣା କବି ତଥା ଅଧ୍ୟାପକ ସନ୍ଦୀପ କୁମାର କୁଅଁରଙ୍କୁ ବରଗଡ ଜିଲା ଅତାବିରା ବ୍ଲକ କଲ୍ୟାଣ କୁଲିତା ସମାଜ ଏବଂ ଆଞ୍ଚଳିକ ସାହିତ୍ୟ ପରିଷଦ ମିଳିତ ଆନୁକୂଲ୍ୟରେ ଗୁରୁ ଭଗବାନ ସାହୁଙ୍କ ସ୍ମୃତିରେ ଆୟୋଜିତ ରାଜ୍ୟସ୍ତରୀୟ ନୂଆଁଖାଇ ଭେଟଘାଟ ସମାରୋହରେ ସମ୍ବର୍ଦ୍ଧିତ କରାଯାଇଛି। ଲାଦେରପାଲି ରାମଚଣ୍ଡୀ ମନ୍ଦିର ମଣ୍ଡପରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କୁଲତା ସମାଜ ସଭାପତି ସୁରେନ୍ଦ୍ର ସ୍ୱାଇଁ ସଭାପତିତ୍ୱ କରିଥିଲେ। କବି ଧର୍ମରାଜ ପ୍ରଧାନଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ ତଥା ପ୍ରାକ୍ତନ ଅଧ୍ୟକ୍ଷ ଡ. ଚିରବ୍ରତ ଦତ୍ତ, ମୁଖ୍ୟବକ୍ତା ଭାବେ ସାହିତ୍ୟିକ ନେତ୍ରାନନ୍ଦ ପ୍ରଧାନ, ସମ୍ମାନିତ ଅତିଥି ଭାବେ ସିନେ ଅଭିନେତା ପ୍ରଦୀପ ଦେବତା, ସାହିତ୍ୟିକ ଭବାନୀଶ ଭୋଇ, ସମାଜସେବୀ ଦିବାକର ପ୍ରଧାନ ଯୋଗ ଦେଇଥିଲେ। ବଲାଙ୍ଗୀରର କବି ସନ୍ଦୀପ କୁମାରଙ୍କୁ ସଭାରେ ମାନପତ୍ର ଓ ଅଙ୍ଗବସ୍ତ୍ର ଦିଆଯାଇ ସମ୍ମାନିତ କରାଯାଇଥିଲା। ସାହିତ୍ୟ ପରିଷଦ ସଭାପତି ଦଶରଥ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

# କ୍ଷତିପୂରଣ ଦାବିରେ ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତାରୋକୋ

**ବାଇକ୍‌କୁ ଧକ୍କା ଦେଲା ପିକ୍‌ଅପ୍, ଜଣେ ମୃତ**

ଦେଓଗାଁ,୧୬।୧୦(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ଦେଓଗାଁ ଥାନା ଅନ୍ତର୍ଗତ ଦେଓଗାଁ ଭୂତିଆରବାହାଲ ରାସ୍ତାର କୁଠୁର୍ଲା ନିକଟରେ ଏକ ବାଇକ୍‌କୁ ପିକ୍‌ଅପ ଭ୍ୟାନ୍ ଧକ୍କା ଦେବାରୁ ଘଟଣାସ୍ଥଳରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତ ବ୍ୟକ୍ତି ଜଣକ ହେଲେ ଭୂତିଆରବାହାଲ ଗାଁର ମଦନ ବାରିକ (୩୫) । ଖବରପାଇ ଦେଓଗାଁ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବଲାଙ୍ଗୀର ଭୀମଭୋଇ ମେଡିକାଲକୁ ପଠାଇବା ସହ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି ।

ସୂଚନା ଅନୁଯାୟୀ, ମଦନ ତାଙ୍କ ଶ୍ୱଶୁର ଘର ସିକୁଆଁକୁ ଆସି ନିଜ ଘର ଭୂତିଆରବାହାଲକୁ ଫେରୁଥିବା ବେଳେ କୁଠୁର୍ଲା ନିକଟରେ ବିପରୀତ ଦିଗରୁ ଆସୁଥିବା ଏକ ପିକ୍‌ଅପ୍ ଭ୍ୟାନ୍ ଧକ୍କା ଦେଇଥିଲା । ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଦୁର୍ଘଟଣାକୁ ନେଇ ପରିବାରବର୍ଗ ତଥା ଭୁତିଆରବାହାଲ ଗ୍ରାମବାସୀ ଉତ୍ତ୍ୟକ୍ତ ହୋଇ କ୍ଷତିପୂରଣ ଦାବିରେ ଘଟଣାସ୍ଥଳରେ ମୃତଦେହ ରାସ୍ତାରେ ରଖି ରାସ୍ତାରୋକୋ କରିଥିଲେ। ଦେଓଗାଁ ଥାନାଧିକାରୀ ବୁଲୁ ମୁଣ୍ଡା ଉଚିତ୍ କ୍ଷତିପୂରଣ ପ୍ରଦାନ ପାଇଁ ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ମୃତକଙ୍କ ପରିବାର ଗରିବ ଶ୍ରେଣୀର ହୋଇଥିବାରୁ ଉକ୍ତ ପରିବାରକୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି । ଦେଓଗାଁ କଲେଜଛକ ନିକଟରେ ଟ୍ରକ୍ ଧକ୍କାରେ ଜଣେ ବ୍ୟବସାୟୀଙ୍କ ମୃତ୍ୟୁ ଘଟିବାର ୨୪ଘଣ୍ଟା ନ ପୁରୁଣୁ ଉକ୍ତ ରାସ୍ତାରେ ଦ୍ୱିତୀୟ ଦୁର୍ଘଟଣା ଘଟିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ଏହି ରାସ୍ତାରେ ସ୍ଥାନୀୟ କ୍ରଶର ଓ ପିଚୁ ପ୍ଲାଣ୍ଟର ହାଇୱା, ଟ୍ରକ ଆଦି ଗାଡି ସହ ଗାଡି ଚାଳକମାନେ ବେପରୁଆ ଭାବେ ଗାଡି ଚଳାଉଥିବାରୁ ବାରମ୍ବାର ଧନଜୀବନ ହାନି ଘଟୁଛି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ସୁଦୃଢ଼ ପଞ୍ଚାୟତ ପାଇଁ ଜନପ୍ରତିନିଧି ଉତ୍ତରଦାୟୀ ହେବା ଦରକାର

ବଲାଙ୍ଗୀର,୧୬।୧୦(ବୀରେନ୍ଦ୍ର କୁମାର ଝାଙ୍କର)



ବଲାଙ୍ଗୀର ଜିଲା ସରପଞ୍ଚ ମହାସଂଘର ତୃତୀୟ ବାର୍ଷିକ ସମ୍ମିଳନୀରେ ମଞ୍ଚାସୀନ ଅତିଥି ।

**ବଲାଙ୍ଗୀର ଜିଲା ସରପଞ୍ଚ ମହାସଂଘ ବାର୍ଷିକ ସମ୍ମିଳନୀ**

ବଲାଙ୍ଗୀର ଜିଲା ସରପଞ୍ଚ ମହାସଂଘ ତୃତୀୟ ବାର୍ଷିକ ସମ୍ମିଳନୀ ସ୍ଥାନୀୟ ଏକ ଟେଷ୍ଟହାଉସଠାରେ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ମହାସଂଘ ସଭାପତି ବୀରବର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ମୁଖ୍ୟଅତିଥି ଭାବେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ, ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭାପତି ଦେବକୀ ସାହୁ ଯୋଗଦାନ କରିଥିଲେ। ସଭାରେ କାର୍ଯ୍ୟକାରୀ ସଭାପତି ବଳଦେବ ସାହୁ, ସମ୍ପାଦକ ବିଶ୍ୱବିହାରୀ ଯୋଷୀ, ଉପସଭାପତି ଗୋପାଳ ଚନ୍ଦ୍ର ମିଶ୍ର ମଞ୍ଚାସୀନ ଥିଲେ। ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ମହାସଂଘ ପକ୍ଷରୁ ୧୧ ଦଫା ଦାବି ସମ୍ପର୍କରେ ସମ୍ମିଳନୀରେ ଆଲୋଚନା କରାଯାଇଥିଲା। ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାର ତୃଣମୂଳ ସ୍ତରକୁ ସୁଦୃଢ଼ କରିବା ପାଇଁ ପ୍ରତି ୫ ବର୍ଷରେ ଥରେ ନିର୍ବାଚନ କରାଯାଇ ସରପଞ୍ଚ ନିର୍ବାଚିତ କରାଯାଉଛି। ୫ ବର୍ଷ ପାଇଁ ସରପଞ୍ଚ ପ୍ରାର୍ଥୀ ନିର୍ବାଚିତ ହେଉଥିଲେ ମଧ୍ୟ ଓଡିଶା ଗ୍ରାମପଞ୍ଚାୟତ ଆକ୍ଟ ୧୯୬୪ ସେକ୍ସନ୍ ୨୪ ଅନୁସାରେ ଅଢ଼େଇ ବର୍ଷ ପରେ ଗ୍ରାମପଞ୍ଚାୟତ ୱାର୍ଡ ସଭ୍ୟାସଭ୍ୟଙ୍କ ଦ୍ୱାରା ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ କରିବା ନିୟମ ରହିଛି। ଏହି ନିୟମ ବଳରେ ସରପଞ୍ଚମାନେ ଆକ୍ରୋଶର ଶିକାର ହୋଇ ପଦଚ୍ୟୁତ ହେଉଛନ୍ତି। ଏଣୁ ଅନାସ୍ଥା ପ୍ରସ୍ତାବ ଭଳି ଗଣତନ୍ତ୍ର ବିରୋଧୀ ନିୟମକୁ ଉଚ୍ଛେଦ କରିବାକୁ ମହାସଂଘ ପକ୍ଷରୁ ଦାବି କରାଯାଇଛି। ପ୍ରତି ପଞ୍ଚାୟତରେ ଖାଲିପଡିଥିବା ଗ୍ରାମପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ), ଏଡିଇଓ, ଜେଇ ପଦବୀ ଶୀଘ୍ର ପୂରଣ କରାଯିବା, ପଞ୍ଚାୟତ ସୁପରିଚାଳନା ପାଇଁ ଏକ ଡାଟା ଏଣ୍ଟ୍ରି ଅପରେଟର ନିଯୁକ୍ତି କରାଯିବା, ପିଅନ ଏବଂ ରାତ୍ର ଜଗୁଆଳି ମାନଙ୍କ ପାଇଁ ସ୍ୱତନ୍ତ୍ର ପାରିତୋଷିକ ବ୍ୟବସ୍ଥା କରାଯିବା, ହରିଶ୍ଚନ୍ଦ୍ର ଯୋଜନାର ସହାୟତା ରାଶି ଠିକ୍ ଭାବେ ଆସୁନଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଉଛି। ଏଣୁ ଦାବି ପୂରଣ କରିବାକୁ ମହାସଂଘ ପକ୍ଷରୁ ଦାବି କରାଯାଇଛି। ମୁଖ୍ୟଅତିଥି ବିଧାୟକ ବାଗ ଓ ସମ୍ମାନିତ ଅତିଥି ସାହୁ ତାଙ୍କ ବକ୍ତବ୍ୟରେ ସୁଦୃଢ଼ ପଞ୍ଚାୟତ ପାଇଁ ଜନପ୍ରତିନିଧିମାନେ ଉତ୍ତରଦାୟୀ ହେବା ସହ ସରକାରୀ ଯୋଜନାକୁ ଠିକ୍ କାର୍ଯ୍ୟକାରୀ କରିବା ଉପରେ ଗୁରୁତ୍ୱ ଆରୋପ କରିଥିଲେ। ଜିଲାର ବିଭିନ୍ନ ଗ୍ରାମପଞ୍ଚାୟତର ସରପଞ୍ଚ ଯୋଗଦାନ କରିଥିଲେ।

# ଲାମିଠୁଟାକୁ ରାଜସ୍ୱ ଗ୍ରାମ ମାନ୍ୟତା ଦାବି ଜୋର ଧରିଲା

**ପଲ୍ଲିସଭାରେ ସବୁଦିନିଆ ରାସ୍ତା, ବିଦ୍ୟୁତ୍ ସଂଯୋଗ, ବିଶୁଦ୍ଧ ପାଣି ଯୋଗାଣ ଦାବି କଲେ ଗ୍ରାମବାସୀ**

କଣ୍ଟାବାଞ୍ଜି,୧୬।୧୦(ଗୁରୁଦୟାଲ ହଂସ)


ପଲ୍ଲିସଭାରେ ଉପସ୍ଥିତ ବିଭିନ୍ନ ବିଭାଗର ଅଧିକାରୀ ଏବଂ ଗ୍ରାମବାସୀ।

ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ କୁଇବାହାଲ ଗ୍ରାମ ପଞ୍ଚାୟତର ସେମଲା ଗ୍ରାମର ଗ୍ରାମ ଲାମିଠୁଟାରେ ଗୁରୁବାର ଦିନ ଏକ ପଲ୍ଲୀସଭା ଅନୁଷ୍ଠିତ ହୋଇଯାଇଛି । ଏହି ପଲ୍ଲୀସଭାରେ କୁଇବାହାଲ ସରପଞ୍ଚ ବିଲାଶ ପୁଟେଲ ଅଧ୍ୟକ୍ଷତା କରିଥିଲେ। ପଲ୍ଲୀସଭାରେ ଲାମିଠୁଟା ପାଲ (ପଡ଼ା)ଗ୍ରାମର ବିଭିନ୍ନ ମୌଳିକ ସମସ୍ୟା ଉପରେ ଆଲୋକପାତ କରାଯାଇଥିଲା ।

ପ୍ରକାଶ ଯେ, ତୁରେକେଲା ବ୍ଲକର ତୁରେକେଲା,କୁଇବାହାଲ ଓ ହିଆଁଲ ପଞ୍ଚାୟତର କେନ୍ଦ୍ରସ୍ଥଳରେ ରହିଛି ଲାମି ସଂରକ୍ଷିତ ଜଙ୍ଗଲ। କୁଇବାହାଲ ପଞ୍ଚାୟତର ପାଲି ଗାଁ ହେଉଛି ଲାମିଠୁଟା। ଏହା ଲାମି ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଥିବାରୁ ଏହାର ନାମ ଲାମିଠୁଟା । ଏହି ଗ୍ରାମ ୧୯୭୦ ମସିହା ପୂର୍ବରୁ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ରହିଛି । ଗ୍ରାମରେ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ପରିବାର ରୁହନ୍ତି । ଜନସଂଖ୍ୟା ପ୍ରାୟ ୨୦୦ରୁ ଅଧିକ। ଗ୍ରାମଟି ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଥିବାରୁ ଗ୍ରାମବାସୀ ବିଭିନ୍ନ ମୌଳିକ ସୁବିଧାରୁ ବଞ୍ଚିତ । ଗ୍ରାମକୁ କୌଣସି ସବୁଦିନିଆ ରାସ୍ତା ନ ଥିବା ବେଳେ ବିଦ୍ୟୁତ୍ ସଂଯୋଗ ଏବଂ ବିଶୁଦ୍ଧ ପିଇବା ପାଣିର ସୁବିଧା ନାହିଁ । ବର୍ଷ ବର୍ଷ ଧରି ରାଜସ୍ୱ ଗ୍ରାମ କରିବାକୁ ଦାବି ହୋଇ ଆସୁଥିଲେ ସୁଦ୍ଧା ତାହା ହୋଇପାରିନାହିଁ। ଗାଁରେ ମୁଖ୍ୟତଃ ଆଦିବାସୀ, ହରିଜନ ଓ ପଛୁଆ ବର୍ଗର ଲୋକେ ବସବାସ କରନ୍ତି। ସବୁଦିନିଆ ରାସ୍ତା ନ ଥିବାରୁ ବର୍ଷାଦିନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି । ବିଶେଷ କରି ଗର୍ଭବତୀ ମହିଳାଙ୍କ ଦୁର୍ଦ୍ଦଶା ଆଖିରେ ନ ଦେଖିଲେ ସହଜରେ ବିଶ୍ୱାସ କରି ହେବନାହିଁ । ରାସ୍ତା ନ ଥିବାରୁ ଆମ୍ବୁଲାନ୍ସ କିମ୍ବା ଗାଡି ଯିବା ଆସିବା କରି ନ ଥାଏ। ଗାଁରେ କୌଣସି ଅଙ୍ଗନବାଡି କେନ୍ଦ୍ର ନ ଥିବାରୁ ୩୦ରୁ ଊର୍ଦ୍ଧ୍ୱ ପିଲା ପ୍ରାକ୍ ଶିକ୍ଷାରୁ ବଞ୍ଚିତ ହେଉଛନ୍ତି। ଏପରି କି ପ୍ରାଥମିକ ଶିକ୍ଷା ପାଇଁ ଛାତ୍ରୀଛାତ୍ରମାନେ ୨ କି.ମି. ଦୂର ସେମଲା କିମ୍ବା ୩ କି.ମି. ଦୂର ମହୁଲବାହାଲି ଗ୍ରାମକୁ ଜଙ୍ଗଲ ରାସ୍ତା ଦେଇ ଯିବା ଆସିବା କରନ୍ତି। ବିଦ୍ୟୁତ୍ ସଂଯୋଗ ନଥିବାରୁ ରାତିରେ ବନ୍ୟଜନ୍ତୁ ଆକ୍ରମଣର ଭୟ ରହିଛି । ସରକାରଙ୍କ ସୋଲାର ଯୋଜନା ମଧ୍ୟ ଅପହଞ୍ଚ ହୋଇରହିଛି । ଗ୍ରାମରେ ପିଇବା ପାଣି ସାତ ସପନ । ତେଣୁ ଲାମିଠୁଟା ଗ୍ରାମବାସୀ ପାହାଡର ପାଦଦେଶରେ ଏକ ଅସ୍ଥାୟୀ ଚୁଆ ଖୋଲି ତାର ପାଣି ଦୈନନ୍ଦିନ ବ୍ୟବହାର କରନ୍ତି । ଏଭଳି ସ୍ଥିତିରେ ଗ୍ରାମବାସୀ ଜୀବନଯାପନ କରୁଥିବା ବେଳେ ଗାଁରେ ହୋଇଥିବା ପଲ୍ଲୀସଭାରେ ବ୍ଲକର ବିଭିନ୍ନ ବିଭାଗର ଅଧିକାରୀ ଯୋଗ ଦେଇଥିଲେ। ଏହି ଅବସରରେ ଗ୍ରାମବାସୀ ଗାଁକୁ ଏକ ରାଜସ୍ୱ ଗ୍ରାମର ମାନ୍ୟତା ପ୍ରଦାନ , ପକ୍କା ରାସ୍ତା ନିର୍ମାଣ, ବିଦ୍ୟୁତ୍ ସଂଯୋଗ, ପିଇବା ପାଣିର ବ୍ୟବସ୍ଥା, ଅଙ୍ଗନବାଡି କେନ୍ଦ୍ର, ପ୍ରାଥମିକ ବିଦ୍ୟାଳୟ ପ୍ରତିଷ୍ଠା ଭଳି ବିଭିନ୍ନ ମୌଳିକ ଦାବି ଉପସ୍ଥାପନ କରି ପ୍ରସ୍ତାବ ଆଗତ କରିଥିଲେ । ଏହି ପଲ୍ଲୀସଭାରେ ଅନ୍ୟମାନଙ୍କ ମଧ୍ୟରେ କୁଇବାହାଲ ଗ୍ରାମ ପଞ୍ଚାୟତ ନିର୍ବାହୀ ଅଧିକାରୀ ଜୟ ସିଂ, ତୁରେକେଲା ବ୍ଲକ ଡବ୍ଲୁଇଓ ଉଦ୍ୟତ କୁମାର ରାଉତ, ତୁରେକେଲା ରାଜସ୍ୱ ଅଧିକାରୀ ଗୋବିନ୍ଦ ପ୍ରଧାନ, ଫରେଷ୍ଟର ଘନଶ୍ୟାମ ପଶାୟତ,ଏଡିଇଓ ସଞ୍ଜୀବ କୁମାର ସାହୁ,ଏଫିକୋର ସଦସ୍ୟ ପୂର୍ଣ୍ଣିମା ସାହୁ , ସାମାଜିକ କର୍ମୀ ସୁବାଷ ପୁଟେଲଙ୍କ ସହ ଗ୍ରାମବାସୀ ଓ ସାମାଜିକ କର୍ମୀ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଚୋରା ଖଇର କାଠ ସହ ପିକ୍ ଅପ୍ ଜବତ

ପଦ୍ମପୁର,୧୬।୧୦(ପ୍ରଦୀପ୍ତ ଦାଶ): ପଦ୍ମପୁର ବନାଞ୍ଚଳ ଅଧୀନସ୍ଥ କେନ୍ଦୁମୁଣ୍ଡା ଡାଙ୍ଗବାହାଲ ରାସ୍ତାରେ ବନବିଭାଗ ଚଢ଼ାଉ କରି ଖଇର କାଠ ବୋଝେଇ ଏକ ପିକ୍‌ଅପ୍ (ଓଆର୍୧୭ ଏଫ୍୨୧୮୫)କୁ ଜବତ କରିଛି। ପ୍ରାୟ ୧୨୦୦ କିଗ୍ରା ଓଜନର କାଠ ଗଣ୍ଡି, ଯାହାର ଆନୁମାନିକ ମୂଲ୍ୟ ୬୦୦୦୦ ହେବ ବୋଲି ବନବିଭାଗ ସୂଚନା ଦେଇଛି । ଅଧିନିୟମ ୪, ୭, ୧୨,୧୪ / ୧୯୮୦ ଅନୁସାରେ ମାମଲା ରୁଜୁ ହୋଇଛି। ଚଢ଼ାଉ ଟିମ୍‌ରେ ଫରେଷ୍ଟର ଝରଣା ସାହୁ, ଫରେଷ୍ଟର ସରୋଜ ସାହୁ, ଫରେଷ୍ଟ ଗାର୍ଡ ପୃଥ୍ୱୀରାଜ ଭୋଇ, ସ୍କାୱାଡ ଟିମ୍‌ରୁ ମନ ଠେଟୁଆ, କେଶରଞ୍ଜନ ବୁଡ଼େକ, ମନୋଜ ବଡ଼ଗୁଛିଆ, ଦାମୋଦର ବିଶ୍ୱାଳ, ରାଜା ଡନସନା ସାମିଲ ଥିଲେ।

### ଭାରସାମ୍ୟ ହରାଇ ବାଇକ୍ ଦୁର୍ଘଟଣାଗ୍ରସ୍ତ, ୨ ମୃତ

ବାଉଁଶୁଣୀ, ୧୬।୧୦ (ଦେବାଶିଷ ନେପାକ): ଜାତୀୟ ରାଜପଥ ନଂ. ୫୭ର ବୌଦ୍ଧ ଜିଲା ବାଉଁଶୁଣୀ ଛକ ନିକଟରେ ଗୁରୁବାର ଅପରାହ୍ନ ୩ଟାରେ ଏକ ବାଇକ୍ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହେବାରୁ ୨ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକ ଦ୍ୱୟ ହେଲେ ଶୁଭମ ରାଜହଂସ ଓ ଶୀତଳ ରାଜହଂସ। ଏହି ଦୁର୍ଘଟଣାରେ ଅନ୍ୟ ଜଣେ ମନଜିତ ରାଜହଂସ ଗୁରୁତର ହୋଇଛନ୍ତି। ତାଙ୍କୁ ଚିକିତ୍ସା ପାଇଁ ବାଉଁଶୁଣୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ବାଉଁଶୁଣୀ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବୌଦ୍ଧ ଜିଲା ଚିକିତ୍ସାଳୟକୁ ପଠାଇଛି। ଏ ନେଇ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଚାଲିଛି ବୋଲି ଥାନାଧିକାରୀ ଶାରଦା ପ୍ରସନ୍ନ ଦାସ କହିଛନ୍ତି। ସୂଚନା ଅନୁଯାୟୀ, ମନମୁଣ୍ଡା ଥାନା ରକ୍ସା ଗ୍ରାମର ଶୁଭମ୍, ଶୀତଳ ଓ ମନଜିତ ଏକ ବାଇକ୍ ଯୋଗେ କଲେଜ ପଟରୁ ଘରକୁ ଫେରୁଥିବା ବେଳେ ବାଉଁଶୁଣୀ ଛକ ନିକଟରେ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ସ୍ଥାନୀୟ ଲୋକେ ସମସ୍ତ ଗୁରୁତରଙ୍କୁ ଉଦ୍ଧାର କରି ଅଗ୍ନିଶମ ବାହିନୀ ଓ ପୋଲିସ ସହାୟତାରେ ବାଉଁଶୁଣୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଶୁଭମ ଓ ଶୀତଳଙ୍କୁ ମୃତ ଘୋଷଣା କରିଥିଲେ।

### ବରିଷ୍ଠ ନାଗରିକଙ୍କୁ ଆବଶ୍ୟକ ଉପକରଣ ପ୍ରଦାନ

ବରପାଲି,୧୬।୧୦(ଚିତ୍ତରଞ୍ଜନ ସାହୁ): ଭୁବନେଶ୍ୱର ଆଲିମ କୋ ଆନୁକୂଲ୍ୟରେ, ବଲାଙ୍ଗୀର ନିରତାର ଅଫିସଠାରେ ଚାରିଜଣ ବରିଷ୍ଠ ନାଗରିକଙ୍କୁ ଆବଶ୍ୟକୀୟ ଉପକରଣ ଯଥା ହୁଇଲ ଚେଆର, ଆଶାବାଡ଼ି, ଆଣ୍ଠୁ ଓ ଅଣ୍ଟା ବେଲ୍ଟ, ୱାକର ତଥା ପାଇଖାନା ଚେୟାର ପ୍ରଦାନ କରାଯାଇଥିଲା। ବରଗଡ଼ ଜିଲା ବରପାଲି ସୁଇଟ ସ୍ମାଇଲ ଦିବ୍ୟାଙ୍ଗ ଟ୍ରଷ୍ଟ, ବରପାଲି ଓ ସ୍ୱୟଂସିଦ୍ଧା ମାତୃନିକେତନ, ବରଗଡ଼ ପରିଚାଳନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବରଡୋଲ, ବରଗଡ଼ର ବରିଷ୍ଠ ନାଗରିକ ଭାବଗ୍ରାହୀ ମେହେର, ବିହାରିଲାଲ ମହାପାତ୍ର, ତପସ୍ୱିନୀ ମହାପାତ୍ର ତଥା ଉଲବାର ଭଟଲିର ମନବୋଧ ବାରିକ ଉପକୃତ ହୋଇଥିଲେ। ସୁରଜ ପଧାନ ସମସ୍ତ ବରିଷ୍ଠ ନାଗରିକଙ୍କୁ ସହଯୋଗ କରିଥିଲେ।

# ୫ଦଫା ଦାବିରେ କୃଷକଙ୍କ ବିକ୍ଷୋଭ ସମାବେଶ

ବରଗଡ଼,୧୬।୧୦(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଅମ୍ବାଭୋନା କେଦାରନାଥ ମନ୍ଦିର ପ୍ରାଙ୍ଗଣରେ ଗୁରୁବାର କୃଷକଙ୍କ ଏକ ବିକ୍ଷୋଭ ସମାବେଶ ଅନୁଷ୍ଠିତ ହୋଇଥିଲା। ବକେୟା ବିଦ୍ୟୁତ୍ ବିଲ୍ ସମ୍ପୂର୍ଣ୍ଣ ଛାଡ଼, ଜଳସେଚନ ଆଧାରରେ ବିଦ୍ୟୁତ୍ ବିଲ୍ ସ୍ଥିର କରିବା, ସ୍ମାର୍ଟ ମିଟର ନ ଲଗାଇବା, ଅଘୋଷିତ ବିଦ୍ୟୁତ୍ କାଟ୍ ବନ୍ଦ କରିବା ଏବଂ ବିଦ୍ୟୁତ୍ ପରିଚାଳନା ଦାୟିତ୍ୱ ସରକାର ନିଜେ ନେବା ଦାବିରେ ଏହି ସମାବେଶ ହୋଇଥିଲା। ପରେ ସମସ୍ତ କୃଷକ ସ୍ଥାନୀୟ ତହସିଲ କାର୍ଯ୍ୟାଳୟକୁ ଯାଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତହସିଲଦାର ରଘୁନାଥ ପାଣିଗ୍ରାହୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ।

ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ, ବାରପାହାଡ଼ କୃଷକ ସଙ୍ଗଠନ ନେତୃତ୍ୱରେ କୃଷକମାନେ କେଦାରନାଥ ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ସମାବେଶରେ ଏକାଠି ହୋଇଥିଲେ। ସଙ୍ଗଠନ ସଭାପତି ଈଶାନ୍ତ ଭୋଇ ସଭା ପରିଚାଳନା କରିଥିଲେ। ସଂଯୁକ୍ତ କୃଷକ ସଙ୍ଗଠନର ଉପଦେଷ୍ଟା ଉତ୍ପନ୍ନ ଭୋଇ, ରମେଶ ମହାପାତ୍ର, ଲିଙ୍ଗରାଜ ପଧାନ, ସୁବାସ ପଧାନ, ରବିଶଙ୍କର ପଧାନ, ତପନ ମିଶ୍ର, ସୁରେଶ ନେକାଣ୍ଟି, ଥବିର ସାହୁ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ବିଦ୍ୟୁତ୍ ସମସ୍ୟା ନେଇ ସଭାରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଏହାପରେ ବିଶାଳ ଶୋଭାଯାତ୍ରାରେ କୃଷକମାନେ ଦାବିପତ୍ର ପ୍ରଦାନ ପାଇଁ ତହସିଲଦାରଙ୍କ କାର୍ଯ୍ୟାଳୟକୁ ଯାଇଥିଲେ। କାର୍ଯ୍ୟକ୍ରମରେ ମନୋହର ପଧାନ, କେଦାର ବେହେରା, ସୌକିଲାଲ ନାୟକ, ଜୟପ୍ରକାଶ ବେହେରା, ରାଜେନ୍ଦ୍ର ଦେହେରୀ, ଇମାନୁଆଲ ଦତ୍ତ ରାଣବୀର, ରାଥୁ ପଟେଲ, ଅଭିମନ୍ୟୁ ପଧାନ, ତ୍ରିଲୋଚନ ଦୁଆନ, ଭୀଷ୍ମଦେବ ଦୁଆନ, ରୋହିତ ଖମାରୀ, ଭୁଜପତି ପଧାନ, ପଞ୍ଚାନନ ପଧାନ ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ ।



ସମାବେଶରେ ସମବେତ କୃଷକ।

# ନୃସିଂହନାଥ ବ୍ରାହ୍ମଣ ସମାଜର ବାର୍ଷିକ ଉତ୍ସବ




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ପାଇକମାଲ,୧୬।୧୦(ବଡ଼ ଶତପଥୀ)

ପ୍ରସିଦ୍ଧ ଗନ୍ଧମାର୍ଦ୍ଦନ ପର୍ବତ ପାଦଦେଶରେ ଥିବା ଶ୍ରୀ ଶ୍ରୀ ନୃସିଂହନାଥ ମନ୍ଦିର ପରିସରରେ ବ୍ରାହ୍ମଣ ସମାଜର ସଂସ୍କୃତି ମଣ୍ଡପଠାରେ ୨୬ତମ ବାର୍ଷିକ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବୁଧବାର ସନ୍ଧ୍ୟାରେ ପାଇକମାଲ ଶିବ ମନ୍ଦିର ନିକଟରେ ପ୍ରବାହିତ ଝରଣାରୁ ୧୦୮କଳସରେ ପବିତ୍ର ପାଣି ଆଣି ନୃସିଂହନାଥସ୍ଥିତ ସଂସ୍କୃତି ମଣ୍ଡପଠାରେ ସ୍ଥାପନା କରାଯାଇଥିଲା। ଗୁରୁବାର ଗାୟତ୍ରୀ ମହାଯଜ୍ଞରେ କର୍ତ୍ତା ଭାବେ ମାଧବ ମୋହନ ପାଣିଗ୍ରାହୀ ଓ ସହଧର୍ମିଣୀ ବବିତା ପାଣିଗ୍ରାହୀ ଦାୟିତ୍ୱ ତୁଲାଇ ଥିବା ବେଳେ ପଣ୍ଡିତ ରଙ୍କମଣୀ ଦେବତା ପୂଜାକାର୍ଯ୍ୟ, ହୋମ, ଆଳତି କରିଥିଲେ। ଏ ନେଇ ଅନୁଷ୍ଠିତ ସଭାରେ ଶ୍ରୀ ଶ୍ରୀ ନୃସିଂହନାଥ ବ୍ରାହ୍ମଣ ସମାଜର ସଭାପତି ଗିରିଶ ଚନ୍ଦ୍ର ନାୟକ ସଭାପତିତ୍ୱ କରିଥିଲେ। ଅତିଥି ଭାବେ ପଦ୍ମପୁର ସଭାପତି ଜୟନାରାୟଣ ତ୍ରିପାଠୀ, ପଶ୍ଚିମ ଓଡ଼ିଶା ବ୍ରାହ୍ମଣ ମହାସଭା, ଉପ ସଭାପତି ସିଦ୍ଧେଶ୍ୱର ପାଣିଗ୍ରାହୀ, ଅତାବିରାରୁ ଦଶରଥ ଚାନ୍ଦ, ଖଣ୍ଡହତାରୁ ମହାଦେବ ଦାଶ, ଝାରବନ୍ଧ ସଭାପତି ଝସକେତନ ନନ୍ଦ, ଟେମେରି ଜୋନ ସଭାପତି ରଘୁମଣି ବେହେରା ଓ ମଣ୍ଡୋସିଲ ଜୋନ ସଭାପତି ଗୋବର୍ଦ୍ଧନ ଦାସ ପ୍ରମୁଖ ଯୋଗଦେଇ ବ୍ରାହ୍ମଣ ସମାଜର ଉନ୍ନତି, ପର୍ଶୁରାମ ବାହିନୀ ଓ ଗାୟତ୍ରୀ ବାହିନୀ କିପରି ସାମାଜିକ କାମରେ ଶାନ୍ତି ଶୃଙ୍ଖଳା ଭାବେ କାମ କରିବେ, ସମାଜର ସଂସ୍କାର, ବ୍ରାହ୍ମଣ ଜାତିର ପୁଅ ଝିଅମାନେ ଉଚ୍ଚ ଶିକ୍ଷିତ ହୋଇ ସମାଜ ପାଇଁ କାମ କରିବେ, ଉଚ୍ଚ ଶିକ୍ଷିତ ପୁଅ ଝିଅମାନେ ଦେଶ ପାଇଁ ସେବା କରି ଜାତିର କିପରି ନାମ ରଖିବେ ଏନେଇ ଅତିଥିମାନେ ନିଜ ନିଜ ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। ଗାୟତ୍ରୀ ବାହିନୀର ସଭାନେତ୍ରୀ ବାସନ୍ତୀ ମିଶ୍ର ତାଙ୍କ ବକ୍ତବ୍ୟରେ ପ୍ରତ୍ୟେକ କ୍ଷେତ୍ରରେ ନାରୀମାନେ ଘରୁ ବାହାରକୁ ବାହାରି ନିଜ ଜାତି ପାଇଁ ତଥା ଦେଶ ଲାଗି କାମ କରିଲେ ଦେଶର ଉନ୍ନତି ହେବ ବୋଲି କହିଥିଲେ। ସଭା ପରିଚାଳନା ସୁଶାନ୍ତ ପାଣିଗ୍ରାହୀ କରିଥିଲେ। ବିଭିନ୍ନ କାମରେ ସତ୍ୟନାରାୟଣ ଯୋଶୀ, ମାତୃପ୍ରସାଦ ରଥ, ଶଙ୍କର ଦାଶ, ଆଲୋକ ମିଶ୍ର, ପ୍ରୀତିଶ ବଡ଼ପଣ୍ଡା, ରୀଙ୍କୁ ମହାପାତ୍ର ଓ ମାନସ ରଞ୍ଜନ ନାୟକ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ପର୍ଶୁରାମ ବାହିନୀର ସଭାପତି ବୁଲୁ କୁମାର ନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବିକାଶରେ ଷ୍ଟାର୍ଟ ଅପ୍ ବୁଟ୍ କ୍ୟାମ୍ପ



ବିକାଶରେ ଅନୁଷ୍ଠିତ ଷ୍ଟାର୍ଟ ଅପ ବୁଟ କ୍ୟାମ୍ପରେ ଅଧ୍ୟାପିକା, ଅଧ୍ୟାପକବୃନ୍ଦ।

ବରଗଡ,୧୬।୧୦(ପ୍ରେମାନନ୍ଦ ଖମାରୀ)

ବରଗଡ଼ ସହର ଉପକଣ୍ଠ ବରାହଗୋଡ଼ାସ୍ଥିତ ବିକାଶ ଇନ୍‌ଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜିରେ ଗୁରୁବାର ଏନ୍.ଆଇ.ଟି, ରାଉରକେଲାର ଫାଉଣ୍ଡେଶନ ଫର୍ ଟେକ୍‌ନୋଲୋଜି ଏଣ୍ଡ ଇନକୁବେଶନ (ଏଫ୍‌ଟିବିଆଇ) ଦ୍ୱାରା ଏକ ବୁଟ କ୍ୟାମ୍ପ ଅନୁଷ୍ଠିତ ହୋଇଯାଇଛି। ଏହି କ୍ୟାମ୍ପରେ ଏନ.ଆଇ.ଟି.ର ମେକାନିକାଲ ବିଭାଗର ପ୍ରଫେସର ତଥା ଏଫ୍‌ଟିବିଆଇର ପ୍ରେସିଡେଣ୍ଟ ଡ. ସୁବ୍ରତ କୁମାର ପଣ୍ଡା ଓ ଏଫ୍.ଟି.ବି.ଆଇ.ର ସି.ଇ.ଓ. ଚିରଞ୍ଜୀବୀ ସାମଲ ପ୍ରମୁଖ ଯୋଗଦେଇ ବୁଟ କ୍ୟାମ୍ପର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଏହା ସହିତ ଏକ ବିକଶିତ ରାଷ୍ଟ୍ର ଗଠନରେ ଛାତ୍ରୀଛାତ୍ରମାନଙ୍କର ଭୂମିକା ତଥା ଟେକ୍‌ନୋଲୋଜିର ଉପଯୋଗ ଦ୍ୱାରା ଦେଶର ପ୍ରଗତି ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଛାତ୍ରୀଛାତ୍ରମାନଙ୍କୁ ଉଦ୍ୟୋଗୀ ହେବା ପାଇଁ ଅତିଥିମାନେ ଉତ୍ସାହିତ କରିଥିଲେ। ବିକାଶ ହାୟର ଏଜୁକେଶନାଲ ଇନ୍‌ଷ୍ଟିଚ୍ୟୁଶନ୍ସର ଚିଫ୍ ଆଡ୍‌ମିନିଷ୍ଟ୍ରେଟିଭ ଅଫିସର ଅଜୟ କୁମାର ମହାପାତ୍ର ଛାତ୍ରୀଛାତ୍ରମାନଙ୍କୁ ଅନେକ ସଫଳ ଉଦ୍ୟୋଗୀଙ୍କ ଉଦାହରଣ ଦେଇ ପାଠ୍ୟ ପୁସ୍ତକ ସହ ଟକ୍‌ନୋଲୋଜିର ପ୍ରୟୋଗ ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିକାଶ ଇନ୍‌ଷ୍ଟିଚ୍ୟୁଟ ଅଫ ଟେକ୍‌ନୋଲୋଜି, ବିକାଶ ପଲିଟେକ୍‌ନିକ, ବିକାଶ ଡିଗ୍ରୀ କଲେଜ, ବିକାଶ ସ୍କୁଲ ଅଫ ବିଜ୍‌ନେସ୍ ମ୍ୟାନେଜ୍‌ମେଣ୍ଟ, ବିକାଶ ନର୍ସିଂ କଲେଜ ଓ ବିକାଶ ଲ ସ୍କୁଲର ୧୫୦ ଜଣ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ୨୦ଜଣ ଛାତ୍ରୀଛାତ୍ର ନିଜସ୍ୱ ଅଭିନବ ଚିନ୍ତାଧାରା ବ୍ୟକ୍ତ କରିଥିଲେ। ଏହି ଷ୍ଟାର୍ଟ ଅପ୍ ଆଇଡିଆ ପ୍ରତିଯୋଗିତାରେ ନିତୀନ କୁମାର ପ୍ରଧାନ ଓ ଶିବୁଲ କୁମାର ପ୍ରଧାନ ପ୍ରଥମ ସ୍ଥାନ, ରୋହନ ଭୋଇ, ରବୀନ୍ଦ୍ର ମେହେର, ସ୍ୱୟମ ସାହୁ ଦ୍ୱିତୀୟ ସ୍ଥାନ, ଦିବ୍ୟଜ୍ୟୋତି ମେହେର ଓ କିସନ କୁମାର ଗୋଖୁରା ତୃତୀୟ ସ୍ଥାନ ରଖି ପୁରସ୍କୃତ ହୋଇଥିଲେ। ଲକ୍ଷ୍ମୀ ବିକାଶ ଗ୍ରୁପର ଚେୟାରମ୍ୟାନ ଡି. ନାଗେଶ୍ୱର ରାଓ, ଏନ୍.ଆଇ.ଟି. ତରଫରୁ ଅନୁଷ୍ଠିତ ଏହି ପ୍ରୟାସକୁ ଭୂୟସୀ ପ୍ରଶଂସା କରିବା ସହ ସମସ୍ତ କୃତୀ ଛାତ୍ରୀଛାତ୍ରମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ବିକାଶ ଇନ୍‌ଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜିର ଅଧକ୍ଷ ଡ. ପୂର୍ଣ୍ଣେନ୍ଦୁ ମିଶ୍ର କାର୍ଯ୍ୟକ୍ରମର ଆଭିମୁଖ୍ୟ ଜଣାଇବା ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିକାଶ ପଲିଟେକ୍‌ନିକର ଅଧ୍ୟକ୍ଷ ଡ. ଦିଲୀପ ଖମାରୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଉପସ୍ଥିତ ଥିବାବେଳେ ଅଧ୍ୟାପକ ଡ. ଚିନ୍ମୟ ଦେହେରୀ ଓ ଇଂ. ପଙ୍କଜ କୁମାର ସଂଯୋଜନା ଦାୟିତ୍ୱ ତୁଲାଇଥିଲେ।

## ଖାଇବା ପାଇଁ ନ ବଞ୍ଚି, ବଞ୍ଚିବା ପାଇଁ ସୁଷମ ଖାଦ୍ୟ ଖାଅ

**ଜଗବନ୍ଧୁ ମହାବିଦ୍ୟାଳୟରେ ରାଷ୍ଟ୍ରୀୟ ପୋଷଣ ମାସ**

ବରପାଲି,୧୬।୧୦(ଚିତ୍ତରଞ୍ଜନ ସାହୁ)

ବରପାଲି ଜଗବନ୍ଧୁ ଦାଶ ସ୍ନାତକ ମହିଳା ମହାବିଦ୍ୟାଳୟରେ ରାଷ୍ଟ୍ରୀୟ ପୋଷଣ ମାସ ୨୦୨୫ ତରଫରୁ ଏକ ସଚେତନତା କାର୍ଯ୍ୟକ୍ରମ ଅଧକ୍ଷା ପଦ୍ମିନୀ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ବିଭାଗୀୟ ମୁଖ୍ୟ ଯତୀନ୍ଦ୍ର କୁମାର ସାହୁ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ଅଧକ୍ଷା ମହୋଦୟା ପୋଷଣ,ଖାଦ୍ୟାଭ୍ୟାସ ଓ ଦିନଚର୍ଯ୍ୟାର ଗୁରୁତ୍ୱପୂର୍ଣ୍ଣ ଦିଗ ସାଙ୍ଗକୁ ଆଜିର ଯୁବପିଢ଼ିଙ୍କ ପ୍ୟାକେଟ ଖାଦ୍ୟ ଓ ଅଧିକ କ୍ୟାଲୋରି ଯୁକ୍ତ ଅସ୍ୱାସ୍ଥ୍ୟକର ଖାଦ୍ୟ ଓ ମେଦବହୁଳତା ଉପରେ ମତ ରଖିଥିଲେ। ମୁଖ୍ୟ ଅତିଥି ଭାବେ ରାମକୃଷ୍ଣ ନରସିଂହ ହୋମ ଡ. ସୁବାସ ଚନ୍ଦ୍ର ଦାଶ ପୋଷଣତତ୍ତ୍ୱ, ସୁଷମ ଖାଦ୍ୟ ଉପରେ ଏକ ଦୀର୍ଘ ମତାମତ ପ୍ରଦାନ କରିଥିଲେ। ଖାଇବା ପାଇଁ ନ ବଞ୍ଚି, ବଞ୍ଚିବା ପାଇଁ ସୁଷମ ଖାଦ୍ୟ ଖାଇବା ଦିଗରେ ଛାତ୍ରୀମାନଙ୍କୁ ଅବଗତ କରିଥିଲେ। ପରେ ପରେ ହିନ୍ଦୀ ବିଭାଗର ଅଧ୍ୟାପିକା ଜ୍ୟୋତି ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ।

## ଗନ୍ଧମାର୍ଦ୍ଦନ ପାହାଡ଼ରେ ବଣୁଆ ହାତୀ

ପଦ୍ମପୁର,୧୬।୧୦(ପ୍ରଦୀପ୍ତ ଦାଶ): ପଦ୍ମପୁର ବନାଞ୍ଚଳ ଅଧୀନ ବନ କର୍ମଚାରୀ ବତୀପଥର ନିକଟସ୍ଥ ଗନ୍ଧମାର୍ଦ୍ଦନ ପାହାଡ଼ରେ ବଣୁଆ ହାତୀ ଥିବା ଜଣାପଡ଼ିଛି। ଏ ନେଇ ବନାଞ୍ଚଳ ଅଧିକାରୀ ରଞ୍ଜିତ ବାବୁଙ୍କ ନିର୍ଦ୍ଦେଶ କ୍ରମେ ବନ ବିଭାଗ ପକ୍ଷରୁ ବତୀପଥର ଓ ଆଖପାଖ ଗାଁ ଗାଁକୁ ଯାଇ ଡାକବାଜି ଯନ୍ତ୍ରରେ ଲୋକଙ୍କୁ ସତର୍କତା, ସଚେତନତା କରାଯାଉଛି। ସୂଚନା ଅନୁସାରେ, ହାତୀଟି ବର୍ତ୍ତମାନ ଗନ୍ଧମାର୍ଦ୍ଦନ ପାହାଡ଼ର ବତୀପଥର ଅଞ୍ଚଳରେ ରହିଛି। ତେଣୁ ସମସ୍ତେ ସତର୍କ ରହିବାକୁ ଜନ ସାଧାରଣଙ୍କୁ ସୂଚନା ସହ ହାତୀର ସନ୍ଧାନ ପାଇଲେ ତୁରନ୍ତ ବିଭାଗକୁ ସୂଚନା ଦେବାକୁ କହୁଛନ୍ତି । ସଚେତନତା ଟିମ୍‌ରେ ଫରେଷ୍ଟର ସରୋଜ କୁମାର ସାହୁ, ପଦ୍ମିନୀ ଭୋଇ, ଫରେଷ୍ଟ ଗାର୍ଡ ରଶ୍ମିତା ସାହୁ, ସ୍କାଡ ସଦସ୍ୟ ସମୀର ଭଇଁଷା, ପ୍ରକାଶ କୁମ୍ଭାର, ମାଧବ, ମନୋଜ ବଡ଼ଗୁଛିଆ, କେଶରଞ୍ଜନ ବୁଡ଼େକ ସାମିଲ ଥିଲେ ।

# କନଗାଁ କ୍ଲଷ୍ଟର ସ୍ତରୀୟ ସୁରଭି



ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି।

ସୋହେଲା,୧୬।୧୦(ଅଶ୍ୱିନୀ କୁମାର ପାତ୍ର)

ସୋହେଲା ବ୍ଲକ ଅନ୍ତର୍ଗତ କନଗାଁ କ୍ଲଷ୍ଟରର ଶିଶୁ ମହୋତ୍ସବ ସୁରଭି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବେହେରାପାଲିଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କ୍ଲଷ୍ଟରର ଦଶ ଗୋଟି ବିଦ୍ୟାଳୟରୁ ୧୬୪ ଜଣ ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଅପରାହ୍ନରେ ସିଆର୍‌ସିସି କେଦାରନାଥ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଡୋଲାମଣୀ ସାହୁ, ନାରାୟଣ ସାହୁ, ଦିବାକର ମେହେର, ବୁଦ୍ଧଦେବ ସାହୁ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। କ୍ଲଷ୍ଟରର ବରିଷ୍ଠ ଶିକ୍ଷକ ତୁଷାରକାନ୍ତ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପ୍ରଧାନ ଶିକ୍ଷୟିତ୍ରୀ ବିଜୟା ମଗ୍ରୀ, ପରିଚାଳନା କମିଟିର ସଭାପତି ସ୍ୱର୍ଣ୍ଣକାନ୍ତୀ ବାଗ ମଞ୍ଚାସୀନ ଥିଲେ। ସହକାରୀ ଶିକ୍ଷକ ପ୍ରଦୀପ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମକୁ ଶିକ୍ଷକ ଲଳିତ ବାରିକ ସଂଯୋଜନା କରିଥିବା ବେଳେ ପୁରସ୍କାର ବିତରଣକୁ ଶିକ୍ଷକ ବାଳମୁକୁନ୍ଦ ବାରିକ ପରିଚାଳନା କରିଥିଲେ। ବିଭିନ୍ନ ପ୍ରତିଯୋଗିତାର ବିଚାରକ ଭାବରେ କ୍ଲଷ୍ଟରର ଶିକ୍ଷକ ଶିକ୍ଷୟିତ୍ରୀ ଦାୟିତ୍ୱ ନିର୍ବାହ କରିଥିଲେ। ସ୍ଥାନୀୟ ବିଦ୍ୟାଳୟର ଶିକ୍ଷକ ଯତୀନ୍ଦ୍ର ସାହୁ, ଜିଲାନୀ ବାଗ, ଦେବକୀ ତାଣ୍ଡି, ବୃନ୍ଦାବତୀ ମେହେର, ହେମଲତା ବାଗଙ୍କ ସହ ପରିଚାଳନା କମିଟିର ସଦସ୍ୟ ସଦସ୍ୟାମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଶାଗ, କନ୍ଦା, ମାଣ୍ଡିଆ ପିଠା, କୁଦୋ ପିଠା ପ୍ରଦର୍ଶିତ

**ବିଶ୍ୱ ଖାଦ୍ୟ ଦିବସ ଉଦ୍‌ଯାପିତ**

**ସୁସ୍ଥ ସମାଜ ସୁସ୍ଥ ପରିବେଶ ଗଠନ ନେଇ ସଚେତନତା**

ପାଇକମାଲ,୧୬।୧୦(ବଡ଼ ଶତପଥୀ)

ନୃସିଂହନାଥରେ ଦୁଇ ଦିନ ଧରି ଚାଲିଥିବା ବିଶ୍ୱ ଖାଦ୍ୟ ଦିବସ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଅହିଂସା କ୍ଲବ, ରାଇଜ ଏଗେନଷ୍ଟ ହଙ୍ଗର ଇଣ୍ଡିଆ ତଥା ସହଯୋଗୀ ଅନୁଷ୍ଠାନ ଆର.ସି. ଡିଶି, ନିର୍ମାଣ, ଭିତ୍ତିଭୂମି, ପ୍ରଗତି କୋରାପୁଟ, ଆସ୍ଥା, କ୍ରପ ଫର୍ ଏଚ.ଡି ଓ ଓଡ଼ିଶା ବିହନ ସୁରକ୍ଷା ମଞ୍ଚ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ସୁମିତ ପାଲ, ପଦ୍ମଶ୍ରୀ ହଳଧର ନାଗ, ପଦ୍ମଶ୍ରୀ ସାବରମତୀ ଉପସ୍ଥିତ ଥିଲେ। ସମ୍ମାନିତ ଅତିଥିମାନଙ୍କ ମଧ୍ୟରେ ପୂର୍ବତନ ସଂସଦ ପ୍ରଭାତ ସିଂ, ପ୍ରଶାନ୍ତ ମହାନ୍ତି, ଲାବନ୍ୟା ଜି, ପ୍ରଶାନ୍ତ ପରିଡ଼ା, ଅଭିଷେକ ପ୍ରଧାନ, ରାଜକୁମାର ଶେଠ, ହଟ କିଶୋର ବେହେରା (ନାବାର୍ଡ ଡି.ଡି.ଏମ୍ ବରଗଡ଼), ଲୋଚନ ଚନ୍ଦ୍ର ମାଝୀ (ଜିଲା ମୁଖ୍ୟ କୃଷି ଅଧିକାରୀ, ବରଗଡ଼), ନୃସିଂହ ଚରଣ ବାରିକ (କେ.ଭି.କେ. ବରଗଡ଼), ସୋମନାଥ ମହାପାତ୍ର (ବ୍ଲକ କୃଷି ଅଧିକାରୀ ପାଇକମାଳ), ଶମ୍ଭୁ ସାହୁ (ଆର.ସି .ଡି.ସି.), ଟିକେନ୍ଦ୍ର ଜାଲ, ପ୍ରକୃତି ବନ୍ଧୁ ବଡ ଶତପଥୀ ଉପସ୍ଥିତ ରହିଥିଲେ। ଗାଁ ଗାଁରୁ ଚାଷୀମାନେ ଶାଗ, କନ୍ଦା, ମାଣ୍ଡିଆ ପିଠା, କୁଦୋ ପିଠା, ବିଭିନ୍ନ ପ୍ରକାର ତରକାରି ପ୍ରସ୍ତୁତ କରି ଖାଦ୍ୟ ପ୍ରଦର୍ଶନ କରିଥିଲେ। ଶିବ ପ୍ରସାଦ ସାହୁ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ଏହି ବିଶ୍ୱ ଖାଦ୍ୟ ଦିବସର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଲୋକଙ୍କୁ ଜଙ୍ଗଲ ଜାତ ଖାଦ୍ୟ ଦ୍ରବ୍ୟ ଉପରେ ସଚେତନ କରିବା, ଲୋକଙ୍କୁ ବିଷ ମୁକ୍ତ ଖାଦ୍ୟ ଯୋଗାଇବା, ସୁସ୍ଥ ସମାଜ ସୁସ୍ଥ ପରିବେଶ ଗଠନ କରିବା ଦିଗରେ ଲୋକଙ୍କୁ ସଚେତନ କରିବା। ଏହି ଅବସରରେ ସୀତାରାମ ମାଝୀ, ପଙ୍କଜ ଭୋଇ, ଭୁକେଶ ମାଝୀ, ହରିହର ଧରୁଆ, ସାଧୁ ମଲ୍ଲିକ, ଉପେନ୍ଦ୍ର ପଟେଲ, ରାଜେନ୍ଦ୍ର ମଟାରିଙ୍କୁ ଖାଦ୍ୟବୀର ଭାବରେ ସମ୍ମାନିତ କରାଯାଇଥିଲା। ତପସ୍ୱିନୀ ସାହୁ, ମାଳତୀ ନାଗ ଓ କୌଶଲ୍ୟା ଭୁଏଙ୍କୁ ଖାଦ୍ୟବୀରା ଭାବରେ ସମ୍ମାନିତ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିବ ପ୍ରସାଦ ଭୋଇ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ଟ୍ରଷ୍ଟ ଫଣ୍ଡ୍ କଲେଜରେ ପୋଷଣ ମାସ ପାଳିତ

ବରଗଡ଼,୧୬।୧୦(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଟ୍ରଷ୍ଟ ଫଣ୍ଡ୍ କଲେଜରେ ଗୁରୁବାର ପୋଷଣ ମାସ ପାଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଂଯୋଜିକା ନମିତା ବିଶି ସଭାପତିତ୍ୱ କରିଥିଲେ। ସଭାରେ ଅଧକ୍ଷ ଡଃ ସରୋଜ କୁମାର ଦେବତା ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ପୋଷଣଯୁକ୍ତ ଖାଦ୍ୟର ମହତ୍ତ୍ୱ ଉପରେ କହିଥିଲେ। ସଂଯୋଜିକା ବିଶି ପୋଷଣ ତତ୍ତ୍ୱ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ମଞ୍ଚରେ ନିହାର ରଞ୍ଜନ ତ୍ରିପାଠୀ, ସଙ୍ଗୀତା ଦାଶ ଉପସ୍ଥିତ ଥିଲେ। ସଞ୍ଜୀବ କୁମାର ଦାଶ ପ୍ରାରମ୍ଭିକ ଭାଷଣ ପ୍ରଦାନ କରିଥିବା ବେଳେ ଅଶୋକ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ମହିଳା ଗୋଲ ସଟ୍ ବଲ ଖେଳାଳି ଚୟନ

ବରପାଲି,୧୬।୧୦(ଚିତ୍ତରଞ୍ଜନ ସାହୁ)

ଓଡ଼ିଶା ୧୯ ବର୍ଷରୁ କମ୍ ମହିଳା ସଟ ବଲ ଖେଳାଳି ଚୟନ ବରପାଲିଠାରେ ଅନୁଷ୍ଠିତ ହୋଇଯାଇଛି। ଗତ ୧୨ ତାରିଖରୁ ୧୫ ତାରିଖ ଯାଏ ଏହି ଚୟନ ପ୍ରକ୍ରିୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଖେଳାଳି ଚୟନରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଶତାଧିକ ମହିଳା ଯୋଗଦେଇଥିଲେ। ଏହି ଖେଳାଳି ଚୟନରେ ମନୋନୀତ ହୋଇଥିବା ଖେଳାଳି ଆସନ୍ତା ୨୮ ତାରିଖ ବିହାର ଖେଳିବାକୁ ଯିବେ। ଏହି ଚୟନ ପ୍ରକ୍ରିୟା କାର୍ଯ୍ୟକ୍ରମ ଓଡ଼ିଶା ଗୋଲ ବଲ ଆସୋସିଏଶନ ଓ ବରପାଲିର ସ୍ୱାମୀ ବିବେକାନନ୍ଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ତଥା ସ୍ୱାମୀ ବିବେକାନନ୍ଦ ଇନଷ୍ଟିଚ୍ୟୁଟ ଅଫ ହେଲଥ ସାଇନ୍ସ ଅନୁଷ୍ଠାନ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିଲା। ଏହାର ଉଦ୍‌ଯାପନୀ ଉତ୍ସବରେ ସ୍ୱାମୀ ବିବେକାନନ୍ଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଫେସର ସୁନାକର ଖଟୁଆ, ପ୍ରଫେସର ଏମ୍‌ଡି ଆକ୍ରମ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ଉକ୍ତ ଅନୁଷ୍ଠାନର କେତେକ ପ୍ରତିଯୋଗୀ ଏହି ଖେଳରେ ଯୋଗଦେବା ପାଇଁ ପୁଡୁଚେରିରେ ଭାଗ ନେଇଥିବା ପ୍ରତିଯୋଗୀଙ୍କୁ ମଧ୍ୟ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ଏହି ସମସ୍ତ କାର୍ଯ୍ୟକ୍ରମରେ ମନୀଷ ସରାଫ, ସୌମ୍ୟ ରଞ୍ଜନ ବେହେରାଙ୍କ ସମେତ ଅନୁଷ୍ଠାନର ବହୁ ସଭ୍ୟ ସହଯୋଗ କରିଥିଲେ।



ଅତିଥିଙ୍କ ଗହଣରେ ଖେଳାଳିମାନେ।

# ଦୁଇ ନାବାଳକଙ୍କ ସମେତ ୩ ଧରାପଡ଼ିଲେ

**ରାସ୍ତାରେ ଯୁବକଙ୍କୁ ହତ୍ୟା ଘଟଣା**

ବରଗଡ଼,୧୬।୧୦(ପ୍ରେମାନନ୍ଦ ଖମାରୀ)

ବରଗଡ଼ ସହର ଉପକଣ୍ଠ ପାଣିଛତର-ଜମୁର୍ଡା ରାସ୍ତାର ଓଭରବ୍ରିଜ ତଳେ ବିଚ ରାସ୍ତାରେ ସୋମବାର ବିଳମ୍ବିତ ରାତିରେ ସଂଘଟିତ ହତ୍ୟା ଘଟଣାର ପର୍ଦ୍ଦାଫାଶ ହୋଇଛି। ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ୩ଜଣ ପୋଲିସ ହାତରେ ଧରାପଡ଼ିଛନ୍ତି । ସେମାନଙ୍କ ମଧ୍ୟରେ ବରଗଡ଼ ଗ୍ରାମାଞ୍ଚଳ ଥାନା ବାନ୍ଦେନଟିକ୍ରା ଶୁଖୁଆ ଗୋଦାମ ନିକଟ ଡୋଲାମଣି ବାଗ(୨୦) ଏବଂ ଅନ୍ୟ ୨ନାବାଳକ ରହିଛନ୍ତି। ଜଣେ ନାବାଳକଙ୍କ ବୟସ ୧୨ବର୍ଷ ହୋଇଥିବାବେଳେ ଅନ୍ୟ ନାବାଳକଙ୍କ ବୟସ ୧୭ବର୍ଷ । ସେମାନଙ୍କ ପାଖରୁ ହତ୍ୟାକାଣ୍ଡରେ ବ୍ୟବହୃତ ଛୁରି, ବାଡି ଜବତ ହୋଇଛି। ଅଭିଯୁକ୍ତ ଡୋଲାମଣିଙ୍କୁ ବରଗଡ଼ କୋର୍ଟକୁ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜିଲା କାରାଗାରକୁ ପଠାଇ ଦିଆଯାଇଛି। ସେହିପରି ୨ନାବାଳକଙ୍କୁ ଜୁଭେନାଇଲ ଜଷ୍ଟିସଙ୍କ ପାଖରେ ହାଜର କରି ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ପୋଲିସ କହିଛି। ସାମାନ୍ୟ ବଚସାରୁ ଏହି ହତ୍ୟାକାଣ୍ଡ ଘଟିଥିବା ପୋଲିସ ତଦନ୍ତରୁ ଜଣାପଡି ଥିବାବେଳେ ହତ୍ୟାକାଣ୍ଡରେ ନାବାଳକଙ୍କ ସମ୍ପୃକ୍ତି ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି। ଏହି ହତ୍ୟାକାଣ୍ଡକୁ ନେଇ ବରଗଡ଼ ଗ୍ରାମାଞ୍ଚଳ ଥାନାରେ ଏକ ହତ୍ୟା ମାମଲା (ନଂ-୨୧୩/୨୫) ରୁଜୁ ହୋଇଛି।

ବରଗଡ଼ ଏସ୍‌ଡିପିଓଙ୍କ କାର୍ଯ୍ୟାଳୟରେ ଗୁରୁବାର ସନ୍ଧ୍ୟାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ଇନ୍ଦୁରେଖା ପଶ୍ଚିମକବାଟ ସୂଚନା ଦେଇ କହିଛନ୍ତି, ଘଟଣାଦିନ ରାତିରେ ଜମୁର୍ଡା ଟାଙ୍ଗରପଡ଼ା ନିବାସୀ ଭୀମସେନ ବିଶ୍ୱାଳ(୨୭) ବୁଲିବାକୁ ବାହାରିଥିଲେ। ସେ ବୁଲୁଥିବା ସମୟରେ ଘଟଣାସ୍ଥଳରେ ଅଭିଯୁକ୍ତମାନଙ୍କ ସହିତ ଭେଟ ହୋଇଥିଲା। ସେଠାରେ ସାମାନ୍ୟ ବଚସା ହେବା ପରେ ଅଭିଯୁକ୍ତମାନେ ଧରିଥିବା ଛୁରି ଏବଂ ବାଡ଼ିରେ ଭୀମସେନଙ୍କୁ ଆକ୍ରମଣ କରି ଘଟଣାସ୍ଥଳରୁ ଖସି ଯାଇଥିଲେ। ମଙ୍ଗଳବାର ସକାଳୁ ରାସ୍ତାରେ ଭୀମସେନଙ୍କ ମୃତଦେହ ପଡ଼ିଥିବା ଦେଖିବାକୁ ମିଳିଥିଲା ଏବଂ ପୋଲିସ ଏହାର ତଦନ୍ତ ଆରମ୍ଭ କରିଥିଲା। ହତ୍ୟାକାଣ୍ଡର ବିଭିନ୍ନ ଦିଗ ଏବଂ ସିସିଟିଭି ଫୁଟେଜକୁ ଆଧାର କରି ତଦନ୍ତ ପାଇଁ ଏକ ସ୍ୱତନ୍ତ୍ର ପୋଲିସ ଟିମ୍ ଗଠନ କରାଯାଇଥିଲା। ଏହି ଟିମ୍ ଅଭିଯୁକ୍ତମାନଙ୍କୁ ଧରିବାରେ ସକ୍ଷମ ହୋଇଥିଲା ବୋଲି ଅତିରିକ୍ତ ଏସ୍‌ପି କହିଥିଲେ। ଖବରଦାତା ସମ୍ମିଳନୀରେ ବରଗଡ଼ ଏସ୍‌ଡିପିଓ ପଦାରବିନ୍ଦ ତ୍ରିପାଠୀ ମଧ୍ୟ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଅଭିଯୁକ୍ତଙ୍କୁ ହାଜର କରାଯାଇଛି।

## ସଂକ୍ଷେପରେ

### ଜଳିଗଲା ଦୁର୍ଗା ତୋରଣ

**ରାଉରକେଲା,୧୬।୧୦(ସଙ୍ଗୀତା ଜେନା):** ଜଗଦା କମ୍ୟୁନିଟି ସେଣ୍ଟରରେ ହୋଇଥିବା ଦୁର୍ଗାପୂଜା ତୋରଣ କୌଣସି କାରଣରୁ ବୁଧବାର ବିଳମ୍ବିତ ରାତିରେ ଜଳିଯାଇଥିବା ସୂଚନା ମିଳିଛି। ଉକ୍ତ ତୋରଣକୁ ଖୋଲାଯାଉଥିବା ବେଳେ ଅଗ୍ନିକାଣ୍ଡ ହୋଇ ଜଳିଯାଇଥିଲା। ସ୍ଥାନୀୟ ଲୋକଙ୍କ ଉପସ୍ଥିତି ବୁଦ୍ଧି ଯୋଗୁ ବ୍ୟାପକ ଅଗ୍ନିକାଣ୍ଡରୁ ତାହା ବର୍ତ୍ତିଯାଇଛି। ତେବେ ଶ୍ରମିକଙ୍କ ବିଡ଼ି ଯୋଗୁ ଅଗ୍ନିକାଣ୍ଡ ଘଟିଥାଇପାରେ ବୋଲି ଆଲୋଚନା ହେଉଛି।

### ଫୋନ୍ ରିଚାର୍ଜ କରି ଖସି ପଳାଇବାବେଳେ ୨ ଧରାପଡିଲେ

**ରାଉରକେଲା,୧୬।୧୦(ସଙ୍ଗୀତା ଜେନା):** ସେକ୍ଟର-୩ ଥାନା ଅନ୍ତର୍ଗତ ସେକ୍ଟର-୧ ଏସ୍‌ବିଆଇ ନିକଟରେ ବୁଧବାର ରାତି ସାଢ଼େ ୧୦ଟାରେ ୨ ଜଣ ଯୁବକ ଏକ ଦୋକାନରୁ ଫୋନ୍ ରିଚାର୍ଜ କରିବା ପରେ ଚଞ୍ଚକତା କରି ଖସି ପଳାଉଥିଲେ। ସ୍ଥାନୀୟ ଲୋକମାନେ ଉଭୟଙ୍କୁ ଧରି ନିସ୍ତୁକ ଛେଚିବା ପରେ ପୋଲିସ ଜିମା ଦେଇଛନ୍ତି। ତେବେ ଉଭୟ ପକ୍ଷରୁ ଆପୋସ ସମାଧାନ ହୋଇଥିବାରୁ ଏ ନେଇ କୌଣସି ମାମଲା ଥାନାରେ ରୁଜୁ ହୋଇନାହିଁ। ସୂଚନା ଅନୁଯାୟୀ, ବ୍ୟାଙ୍କ ନିକଟରେ ଏକ ଦୋକାନରୁ ୨ ଜଣ ଯୁବକ ୯ଶହ ଟଙ୍କା ଲେଖାଏ ଫୋନ୍ ରିଚାର୍ଜ କରିଥିଲେ। ହେଲେ ଫୋନ୍ ପେ ରେ ୧ ଟଙ୍କା ପେମେଣ୍ଟ କରି ତାଙ୍କ ଆକାଉଣ୍ଟ ଫ୍ରିଜ୍ ହୋଇଗଲା କହି ପଳାଉଥିଲେ। ତାଙ୍କୁ କିଛି ଲୋକ କାବୁ କରିଥିଲେ। ପରେ ଯୁବକଙ୍କ ପରିବାରର ହସ୍ତକ୍ଷେପରେ ଦୋକାନୀଙ୍କୁ ବକେୟା ଟଙ୍କା ଦିଆଯାଇ ମାମଲା ସମାଧାନ ହୋଇଥିଲା।

### ବିବାହ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ, ଥାନାରେ ଏତଲା

**ରାଉରକେଲା,୧୬।୧୦(ସଙ୍ଗୀତା ଜେନା):** ବ୍ରାହ୍ମଣୀତରଙ୍ଗ ଥାନା ଅଞ୍ଚଳର ଜଣେ ଯୁବତୀ (୨୭ବର୍ଷ)ଙ୍କୁ ସେହି ଅଞ୍ଚଳର ଜଣେ ଯୁବକ ବିବାହ ପ୍ରତିଶ୍ରୁତି ଦେଇ ୨୦୧୮ ମସିହାରୁ ଶାରୀରିକ ସମ୍ପର୍କ ରଖି ଆସୁଥିଲେ। ଦୀର୍ଘଦିନ ବିତିଯାଇଥିଲେ ମଧ ଯୁବକ ଜଣଙ୍କ ବିବାହ ନ କରି ବିଭିନ୍ନ ଆଳ ଦେଖାଉଥିଲେ। ଇତିମଧ୍ୟରେ ଯୁବତୀ ଜଣଙ୍କ ୮ ମାସର ଗର୍ଭବତୀ ହୋଇଥିଲେ। ବାରମ୍ବାର ବିବାହ ଦାବି କରି ଶେଷରେ ସେ ବୁଧବାର ବିଳମ୍ବିତ ରାତିରେ ଉକ୍ତ ଯୁବକଙ୍କ ବିରୋଧରେ ଥାନାରେ ଏତଲା ଦେଇଥିଲେ। ପୋଲିସ ଏକ ମାମଲା (ନଂ.୪୨୯/୨୫) ରୁଜୁ କରି ଘଟଣାର ତଦନ୍ତ କରୁଛି।

### ବାଣଦୋକାନ ନେଇ ସଂଶୟ

**ରାଉରକେଲା, ୧୬।୧୦(ସଙ୍ଗୀତା ଜେନା):** ଆଗକୁଆସୁଛି ଆଲୋକର ପର୍ବ ଦୀପାବଳି। ଜିଲା ପ୍ରଶାସନ ପକ୍ଷରୁ ବାଣଦୋକାନ (ଲାଇସେନ୍ସଧାରୀ)ଙ୍କ ପାଇଁ ବିଭିନ୍ନ ସ୍ଥାନରେ ବ୍ୟବସ୍ଥା କରାଯାଉଛି। ଅଗ୍ନିଶମ ଅଧିକାରୀ ସଂଗ୍ରାମ ହାଁସଦାଙ୍କ ସୂଚନା ଅନୁଯାୟୀ, ସେକ୍ଟର-୧୩, ପାନପୋଷ ପୋଷ୍ଟ ମର୍ଟମ ପଡ଼ିଆ, ଫର୍ଟିଲାଇଜର, ବନ୍ଧମୁଣ୍ଡା, ପ୍ଲାଣ୍ଟସାଇଟ୍ ଆଦି ଅଞ୍ଚଳରେ ବାଣ ଦୋକାନ ପାଇଁ ଅନୁମତି ଦିଆଯାଇଛି। ହେଲେ ପାୱାରହାଉସ ପାଇଁ ପ୍ରଶାସନ ପକ୍ଷରୁ କଟକଣା ରହିଛି। ଏ ନେଇ ନିଷ୍ପତ୍ତି ନିଆଯିବା ପରେ ସେମାନଙ୍କୁ ନୂତନ ସ୍ଥାନରେ ଦୋକାନ ପାଇଁ ଅନୁମତି ମିଳିବ ବୋଲି ହାଁସଦା କହିଛନ୍ତି।

### ବ୍ୟାଙ୍କ ସେବା ସଚେତନତା କାର୍ଯ୍ୟକ୍ରମ

**ବଡ଼ଗାଁ,୧୬।୧୦(ଅଶୋକ ଷଡଙ୍ଗୀ):** ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ବରଙ୍ଗାକଛାର ଗ୍ରାମର ମିଶନ ଶକ୍ତି ଭବନଠାରେ ଜରଙ୍ଗଲୋଇସ୍ଥିତ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ପକ୍ଷରୁ ଗୁରୁବାର ବ୍ୟାଙ୍କ ସେବା ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ଜରଙ୍ଗଲୋଇ ଗ୍ରାମ୍ୟ ବ୍ୟାଙ୍କ ମ୍ୟାନେଜର, ବ୍ୟାଙ୍କ ମିତ୍ର, ଏମ୍‌ବିକେ, ଏସ୍‌ଆର୍‌ପି, ଇସି, ଏସ୍‌ଏଚ୍‌ଜି ସଭ୍ୟା ଓ ଗ୍ରାମବାସୀମାନେ ଯୋଗଦେଇଥିଲେ। ଅଧିକାରୀମାନେ ବ୍ୟାଙ୍କ ସେବା ଉପରେ ବୁଝାଇଥିଲେ। ବୀମା ଓ ଡିଜିଟାଲ ସେବା ଉପରେ ଉପସ୍ଥିତ ମହିଳା, ଗ୍ରାହକଙ୍କୁ ଅବଗତ କରାଇଥିଲେ। ସେଠାରେ ବ୍ୟକ୍ତିଗତ ଓ ଯୁଗ୍ମ ଆକାଉଣ୍ଟ ଖୋଲାଯିବା ସହ କେୱାଇସି ବ୍ୟବସ୍ଥା କରାଯାଇଥିଲା।

# ଉଠୁନି ଆବର୍ଜନା, ଟ୍ୟାପ୍‌ରେ ଆସୁନି ପାଣି



ଷ୍ଟେଶନରେ ଅଳିଆ ଗଦା।




ପ୍ଲାଟଫର୍ମରେ ଲାଗିଥିବା ଟ୍ୟାପ୍‌ରୁ ପାଣି ଆସୁନି ।

**ରାଉରକେଲା, ୧୬।୧୦(ସଙ୍ଗୀତା ଜେନା)**

**ରାଉରକେଲା ଷ୍ଟେଶନରେ ଅବ୍ୟବସ୍ଥା**

ଦକ୍ଷିଣ ପୂର୍ବ ରେଳବାଇ ଚକ୍ରଧରପୁର ଡିଭିଜନର ଏକ ପ୍ରମୁଖ ରେଳ ଷ୍ଟେଶନ ଭାବେ ପରିଚିତ ରାଉରକେଲା ଷ୍ଟେଶନରେ ଅବ୍ୟବସ୍ଥା ସାମ୍ନାକୁ ଆସିଛି। ଏହି ଷ୍ଟେଶନ ଉପରେ ରାଉରକେଲା ସମେତ ବିଶ୍ରା, ନୂଆଗାଁ, ପୁରୁଣାପାଣି, ବିରମିତ୍ରପୁର, ରାଜଗାଙ୍ଗପୁର, ବଣେଇ ଆଦି ଅଞ୍ଚଳର ହଜାର ହଜାର ଯାତ୍ରୀ ପ୍ରତ୍ୟେକ ଦିନ ରେଳ ସେବା ପାଇଥାନ୍ତି। ଷ୍ଟେଶନରେ ମୋଟ ୬ଟି ପ୍ଲାଟଫର୍ମ ରହିଥିବାବେଳେ ଅଧିକାଂଶ ସମୟରେ ସଫେଇ କରାଯାଉନାହିଁ। ରେଲୱେର ବରିଷ୍ଠ ଅଧିକାରୀମାନଙ୍କ ଗସ୍ତ ସମୟରେ ଜୋରଦାର ସଫେଇ କରାଯାଉଛି। ସେମାନେ ଯିବା ପରେ ଯଥା ପୂର୍ବଂ ତଥା ପରଂ ସ୍ଥିତି ରହୁଛି। ପ୍ଲାଟଫର୍ମର ସ୍ଥାନେ ସ୍ଥାନେ ଅଳିଆ ଗଦା ହୋଇରହୁଛି। ଏଗୁଡ଼ିକ ସଠିକ୍ ପରିଚାଳନା କରାଯାଉନାହିଁ।

ଷ୍ଟେଶନ ନିକଟରେ ଥିବା ଡ୍ରେନଗୁଡ଼ିକ ଠିକ୍ ଭାବେ ସଫେଇ ହେଉନାହିଁ। ଫଳରେ କିଛିଦିନ ତଳେ ବଡ଼ ବର୍ଷାରେ ୱାଟର ଲଗିଂ ପରିସ୍ଥିତି ହୋଇ ଦ୍ୱିତୀୟ ପ୍ରବେଶ ଦ୍ୱାରରେ ପାର୍କିଂ ହୋଇଥିବା ହଜାର ହଜାର ଯାନବାହନ ପାଣିରେ ବୁଡ଼ି ଯାଇଥିଲା। ଏହାବ୍ୟତୀତ ଷ୍ଟେଶନରେ ଯାତ୍ରୀ ସୁବିଧା ପାଇଁ ରହିଥିବା ଟ୍ୟାପ୍‌ରୁ ପାନୀୟ ଜଳ ମିଳୁନାହିଁ। ଏଥିଯୋଗୁ ଷ୍ଟେଶନ ଦେଇ ଅତିକ୍ରମ କରୁଥିବା ୫୦ରୁ ଊର୍ଦ୍ଧ୍ୱ ଟ୍ରେନ୍ ଯାତ୍ରୀ ପ୍ରଭାବିତ ହେଉଛନ୍ତି। ପ୍ଲାଟଫର୍ମ ନଂ.୧ରେ ଥିବା ଏକାଧିକ ଟ୍ୟାପ୍‌ରୁ ପାନୀୟ ଜଳ ଆସୁନି। ଦୂରଦୂରାନ୍ତରୁ ଆସୁଥିବା ଯାତ୍ରୀମାନେ ପାଣି ନେବାକୁ ଆସି ନିରାଶ ହୋଇ ଫେରୁଥିବା ଦେଖାଯାଇଛି। ତେବେ ଷ୍ଟେଶନରେ ବୋତଲ ପାଣି ବିକ୍ରି ବୃଦ୍ଧି କରିବାକୁ ଏପରି ଟ୍ୟାପ୍‌ଗୁଡିକ ଜଳଯୋଗାଣ ବନ୍ଦ କରାଯାଉଥିବା ଚର୍ଚ୍ଚା ହେଉଛି। ସେହିପରି ପ୍ଲାଟଫର୍ମ ଗୁଡ଼ିକରେ ଆପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଉଛି। ବିଶେଷତଃ ପ୍ଲାଟଫର୍ମ-୬ରେ ଆଲୋକ ବ୍ୟବସ୍ଥା ସମ୍ପୂର୍ଣ୍ଣ ହୋଇ ନ ଥିବାରୁ ଅସାମାଜିକ ତତ୍ତ୍ୱ ଅନ୍ଧାରର ସୁଯୋଗ ନେଇ ଯାତ୍ରୀମାନଙ୍କଠାରୁ ଛିନ୍‌ତାଇ ଓ ଅନ୍ୟ ଆପରାଧିକ କାର୍ଯ୍ୟ କରୁଛନ୍ତି। ଦୂରଦୂରାନ୍ତରୁ ଆସୁଥିବା ଯାତ୍ରୀମାନେ ଏହାର ଅଭିଯୋଗ ଅନେକ ସମୟରେ କରିବାକୁ ଉଚିତ ମନେ କରୁନାହାନ୍ତି। ଦିନକୁ ଦିନ ଷ୍ଟେଶନ ଆଖପାଖ ବସ୍ତିମାନଙ୍କରେ ରହୁଥିବା ଅସମାଜିକ ତତ୍ତ୍ୱମାନଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଉଛି।

ଏ ସମ୍ପର୍କରେ ରାଉରକେଲା ଷ୍ଟେଶନ ମ୍ୟାନେଜର ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କୁ ପଚରାଯିବାରୁ ସେ କହିଲେ, ଅଳିଆ ଆବର୍ଜନା ସଫେଇ କରିବାକୁ ପଦକ୍ଷେପ ଗ୍ରହଣ କରାଯାଉଛି। ଷ୍ଟେଶନ ତନଖି କରାଯିବା ସମୟରେ ପାଣି ଟ୍ୟାପ୍‌ଗୁଡ଼ିକ ମଧ୍ୟ ଯାଞ୍ଚ କରାଯାଉଛି। ଅଭିଯୋଗ ଆସିଲେ ଏ ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ତ୍ରିପାଠୀ କହିଥିଲେ। ସେହିପରି ଆଇଓଡ଼ବ୍ଲ୍ୟୁ ତୁହୀନକାନ୍ତ ଶତପଥୀଙ୍କୁ ପଚରାଯିବାରୁ ସେ କହିଲେ, ଅଭିଯୋଗ ହସ୍ତଗତ ହୋଇଛି। ଏହାର ତ୍ୱରିତ ପଦକ୍ଷେପ ଗ୍ରହଣ କରାଯିବ। ତେବେ ଏଥିପାଇଁ ଯାତ୍ରୀମାନଙ୍କ ସହଯୋଗ ମଧ୍ୟ ଦରକାର ବୋଲି ଶତପଥୀ କହିଥିଲେ। ଅନୁରୂପ ଭାବେ ଷ୍ଟେଶନରେ ଯୁଗ୍ମ ଯାଞ୍ଚ ଏବଂ କଡ଼ା ପାଟ୍ରୋଲିଂ କରାଯାଉଛି ବୋଲି ରେଳବାଇ ସୁରକ୍ଷା ବଳ ପୋଷ୍ଟ ପକ୍ଷରୁ କୁହାଯାଇଛି।

# କାରଖାନାରେ ଶ୍ରମିକ ମୃତ

**କୁଆଁରମୁଣ୍ଡା,୧୬।୨୫(ମହେନ୍ଦ୍ର କୁମାର ସାହୁ)**

**୧୫ ଲକ୍ଷ କ୍ଷତିପୂରଣ, ଜଣଙ୍କୁ ଚାକିରି ପ୍ରଦାନ ପାଇଁ ଲିଖିତ ପ୍ରତିଶ୍ରୁତି**

ବିଜାବାହାଲ ନିକଟସ୍ଥ ରମକୋ କାରଖାନାରେ ଗୁରୁବାର ଏ ସିଫ୍ଟରେ କାର୍ଯ୍ୟ କରୁଥିବା ବେଳେ କନଭେୟର ବେଲ୍ଟ ଛିଡି ରତାଖଣ୍ଡି ଗ୍ରାମର ରାଜେଶ ଲାକ୍ରା(୪୪)ଙ୍କ ମୃତ୍ୟୁ ଘଟିଛି। ଖବର ପାଇ ବୀରମିତ୍ରପୁର ବିଧାୟକ ରୋହିତ ଜୋସେଫ ତିର୍କୀ ଘଟଣାସ୍ଥଳରେ ପହଞ୍ଚି ଉପଯୁକ୍ତ କ୍ଷତିପୂରଣ ଦାବି କରିଥିଲେ। ଏଥିରେ କାରଖାନା କର୍ତ୍ତୃପକ୍ଷ ରାଜି ହେବା ସହ ମୃତକଙ୍କ ପରିବାରକୁ କ୍ଷତିପୂରଣ ବାବଦରେ ୧୫ ଲକ୍ଷ ଟଙ୍କା ଚେକ୍ ଆକାରରେ ପ୍ରଦାନ କରିବେ । ମୃତକଙ୍କ ସ୍ତ୍ରୀ ସିଲିୱାନ୍ତି ଲାକ୍ରାଙ୍କୁ ଉକ୍ତ କାରଖାନାରେ ସ୍ଥାୟୀ ଚାକିରି ଏବଂ ତାଙ୍କର ୨ଟି ପିଲାଙ୍କ ପାଠପଢା ଦେୟ ସମ୍ପୂର୍ଣ୍ଣ ବହନ କରିବେ ବୋଲି ଲିଖିତ ପ୍ରତିଶ୍ରୁତି ଦେବାରୁ ମୃତଦେହ ବ୍ୟବଚ୍ଛେଦ ପାଇଁ ଅନୁମତି ଦିଆଯାଇଥିଲା। ବୀରମିତ୍ରପୁର ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଥାନାରେ ଏକ ମାମଲା (ନଂ. ୪୮୭/୨୫) ରୁଜୁ ହୋଇଛି। ଏହି ସମୟରେ ବିଧାୟକ ତିର୍କୀଙ୍କ ସହ ତାଙ୍କ ସମର୍ଥକ ରଞ୍ଜିତ ଦେହୁରୀ, ଶରତ ତନ୍ତୀ, ରବି ନନ୍ଦ, ମହେଶ ସାହୁ, ମନୋଜ ଦାସ, ରାଜେଶ ଖାଲଖୋ, ଖୁଖୁଣ୍ଟୁବାହାଲ ସରପଞ୍ଚ ଯଶିନ୍ତା ନାଗ ପ୍ରମୁଖ ଉପସ୍ଥିତ ଥିଲେ।

# ହାତୀ ଆକ୍ରମଣରେ ଯୁବକ ମୃତ

**କୁଆଁରମୁଣ୍ଡା,୧୬।୧୦(ମହେନ୍ଦ୍ର କୁମାର ସାହୁ)**

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବନ ରେଞ୍ଜ ଅନ୍ତର୍ଗତ ବିର୍ଡା ସେକ୍ସନ ବଡ଼ ଦଳକି ପଞ୍ଚାୟତ ଫିକୁରଚଣ୍ଡୀ ଗ୍ରାମରେ ବୁଧବାର ବିଳମ୍ବିତ ରାତିରେ ହାତୀ ଆକ୍ରମଣରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ହେଲେ ଫ୍ରାନ୍ସିସ କୁଜୁର(୫୨)। କ୍ଷତିପୂରଣ ବାବଦରେ ସରକାରୀ ନିୟମ ଅନୁସାରେ ୧୦ଲକ୍ଷ ଟଙ୍କା ପ୍ରଦାନ କରାଯିବ ବୋଲି କୁଆଁରମୁଣ୍ଡା ବନ ରେଞ୍ଜ ଅଧିକାରୀ ପଞ୍ଚ ନାରାୟଣ ସରାଫ ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ଫ୍ରାନ୍ସିସ ବୁଧବାର ବିଳମ୍ବିତ ରାତିରେ ଘର ନିକଟରେ ଛିଡ଼ା ହୋଇ ବଣୁଆ ହାତୀପଲଙ୍କୁ ଦେଖୁଥିଲେ। ଏହି ସମୟରେ ଏକ ହାତୀ ହାବୁଡରେ ପଡିଯାଇଥିଲେ। ହାତୀ ତାଙ୍କୁ ଶୁଣ୍ଢରେ କଚାଡି ମାରି ଦେଇଥିଲା। ଖବର ପାଇ କୁଆଁରମୁଣ୍ଡା ବନ ରେଞ୍ଜ ଅଧିକାରୀ ସରାଫ ହାତୀ ଘଉଡ଼ାଳି ଦଳ ସହ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲେ। ଗୁରୁବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ହାତୀପଲ ବିର୍ଡା ବନାଞ୍ଚଳରେ ରହି ନିକଟସ୍ଥ ଚାଷ ଜମିରେ ପଶି ଫସଲ ଖାଇ ନଷ୍ଟ କରୁଛନ୍ତି। ଚାଷୀମାନେ ନିଜ ଫସଲ ରକ୍ଷା କରିବା ପାଇଁ ରାତିରେ ହାତୀପଲଙ୍କୁ ଘଉଡ଼ାଇବା ଲାଗି ଚେଷ୍ଟା କରି ବିଫଳ ହେଉଛନ୍ତି। ସାମାନ୍ୟ ଅସାବଧାନତା ଯୋଗୁ ଗତ ୨୪ ଘଣ୍ଟା ମଧ୍ୟରେ ହାତୀ ଆକ୍ରମଣରେ ୨ ଜଣଙ୍କ ମୃତ୍ୟୁ ଘଟିଛି। ହାତୀ ଘଉଡ଼ାଇବାରେ ବନ ବିଭାଗ ଯଦି ଆବଶ୍ୟକ ପଦକ୍ଷେପ ନ ନିଏ ତେବେ ଆଗାମୀ ଦିନରେ ଆହୁରି ଜୀବନ ହାନି ଘଟିବାର ସମ୍ଭାବନାକୁ ମଧ ଏଡ଼ାଇ ହେବ ନାହିଁ।

# ଶ୍ରଦ୍ଧାକର ଗୁରୁଙ୍କ ବାର୍ଷିକ ଉତ୍ସବ

**ବଡ଼ଗାଁ,୧୬।୧୦(ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ପାମରା ଜୁନାପଡ଼ା ଗାଦି ମନ୍ଦିର (କୃଷ୍ଣଗୁରୁ)ରେ ବୁଧବାର ଶ୍ରଦ୍ଧାକର ଗୁରୁଙ୍କ ତୃତୀୟ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ସଂକୀର୍ତ୍ତନ ଧାରା ପରିବେଷଣ ହୋଇଥିଲା। ଏଥିରେ ତିନିଟି କୀର୍ତ୍ତନ ଦଳ ଅଂଶଗ୍ରହଣ କରିଥିଲେ। ପାମରା ଜୁନାପଡ଼ାର ଲକ୍ଷ୍ମୀପ୍ରିୟା ସଂକୀର୍ତ୍ତନ ମଣ୍ଡଳୀ, ପାମରା କାଂଶୀପଡ଼ାର ଜୟ ଶ୍ରୀକୃଷ୍ଣ ସଂକୀର୍ତ୍ତନ ମଣ୍ଡଳୀ ଓ ଏକମା ମହାକୁଳପଡ଼ାର ଶ୍ରୀରାଧାକୃଷ୍ଣ ସଂକୀର୍ତ୍ତନ ମଣ୍ଡଳୀ ସଂକୀର୍ତ୍ତନ ପରିବେଷଣ କରିଥିଲେ। ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ପଣ୍ଡିତ ହିନ୍ଦୀ ଉତ୍କଳ ପ୍ରତିନିଧି ସଭାକର ଗୁରୁ ମୁଖ୍ୟ ଅତିଥି ଓ ପରମାନନ୍ଦ ରାଉତ, ଗୌରାଙ୍ଗ ରାଉତ, ଟଙ୍କଧର ଖିଲାରି ଅତିଥି ଭାବେ ଯୋଗଦେଇଥିଲେ। ଶେଷରେ ଯୋଗଦେଇଥିବା ତିନିଟି ସଂକୀର୍ତ୍ତନ ଦଳକୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଅର୍ଜୁନ ମହାକୁଡ ଓ ଭୀମ ମହାକୁଡ ପରିଚାଳନା କରିଥିଲେ।




ମହାନଗର ସମ୍ମିଳନୀ କାର୍ଯ୍ୟକ୍ରମରେ ଉପସ୍ଥିତ କାର୍ଯ୍ୟକର୍ତ୍ତା।

# ରାଉରକେଲାରେ ଏବିଭିପିର ମହାନଗର ସମ୍ମିଳନୀ

**ରାଉରକେଲା,୧୬।୧୦(ଦିନେଶ ମିଶ୍ର)**

ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ରାଉରକେଲା ମହାନଗର ନିଗମ ଶାଖା ପକ୍ଷରୁ ସେକ୍ଟର-୨ ସ୍ଥିତ ଭାରତୀୟ ମଜଦୂର ସଂଘ କାର୍ଯ୍ୟାଳୟରେ ବୁଧବାର ସନ୍ଧ୍ୟାରେ ମହାନଗର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ଶିକ୍ଷାବର୍ଷ ୨୦୨୫-୨୬ ପାଇଁ ମହାନଗର କାର୍ଯ୍ୟକାରିଣୀ ଘୋଷଣା କରାଯାଇଛି। କାର୍ଯ୍ୟକ୍ରମରେ ଏବିଭିପିର ଜନଜାତି ଅଖିଳ ଭାରତୀୟ ପ୍ରମୁଖ ପ୍ରମୋଦ କୁମାର ରାଉତ ମୁଖ୍ୟଅତିଥି ଏବଂ ଓଡିଶା ପଶ୍ଚିମ ପ୍ରାନ୍ତର ପ୍ରାନ୍ତ ସଙ୍ଗଠନ ସମ୍ପାଦକ ନିକୁଞ୍ଜ ବିହାରୀ ପଣ୍ଡା ମୁଖ୍ୟ ବକ୍ତା ଭାବେ ଉପସ୍ଥିତ ରହି ଅଭିଭାଷଣ ରଖିଥିଲେ। ମହାନଗର ଉପସଭାପତି ସୌମ୍ୟରଞ୍ଜନ ପ୍ରଧାନ ସଭାପତିତ୍ୱ କରିଥିଲେ। ରାଉରକେଲାର ୧୨ଟି ଶିକ୍ଷାନୁଷ୍ଠାନରୁ ୧୭୩ ଜଣ ବିଦ୍ୟାର୍ଥୀ ଏଥିରେ ଉପସ୍ଥିତ ଥିଲେ। ଚଳିତ ବର୍ଷର ନୂତନ ମହାନଗର ସଭାପତି ଭାବେ ବିପିୟୁଟିର କମ୍ପ୍ୟୁଟର ସାଇନ୍ସ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ଡକ୍ଟର ଦେବାଶ୍ରିତ ଦାସ ଓ ସମ୍ପାଦକ ଭାବେ ମ୍ୟୁନିସିପାଲ ମହାବିଦ୍ୟାଳୟର ଛାତ୍ରନେତା ପୃଥ୍ୱୀରାଜ ଝାଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଏଥିସହ ଉପସଭାପତି ସୌମ୍ୟ ରଞ୍ଜନ ପ୍ରଧାନ, ସହ ସମ୍ପାଦକ କୁନାଲ ବିଶ୍ୱକର୍ମା, ରବି ଗିରି, ସନ୍ତୋଷ ମହାତୋ, ଅଜୟ କୁମାର ଯାଦବ, ଶୁଭ୍ରାଂଶୁ ରଞ୍ଜନ ସାହୁ, କାର୍ଯ୍ୟାଳୟ ସମ୍ପାଦକ ଟିଟନ ଭୂତିଆ, ସିଡିସି ପ୍ରମୁଖ ବିରଞ୍ଚି ବାରିକ, ଖେଳ ପ୍ରମୁଖ ଆଶୁତୋଷ ବେହେରା, ସାଂସ୍କୃତିକ ପ୍ରମୁଖ ନରୋତ୍ତମ ସାହୁ, ସେବା ପ୍ରମୁଖ ପ୍ରଜ୍ଞାନ ପରିଡ଼ା, ସାମାଜିକ ଗଣମାଧ୍ୟମ ପ୍ରମୁଖ ଭାବେ ଇତିଶ୍ରୀ ମହାନ୍ତିଙ୍କ ନାମ ଘୋଷଣା କରାଯାଇଥିଲା। ଜିଲା ସଂଯୋଜକ ଦିବ୍ୟଜ୍ୟୋତି ମାଝୀ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଜିଲା ସଂଯୋଜକ ସୁମିତ କୁମାର ରାଜ, ଆଶିଷ ଦାସ, ଅକ୍ଷୟ ପାତ୍ର, ପୁନାଲ ସାହୁ, ଜୀବନ ଜ୍ୟୋତି ରାଉତ, ଆଦିତ୍ୟ ଚୌଧୁରୀ, ଆରୁସୀ ସେନାପତି, ସସ୍ମିତା ସେଠୀ, ସୋନାଲି ଘୋରାଇଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ପାଠ୍ୟ ଉପକରଣ ପ୍ରଦାନ

**ହେମଗିର,୧୬।୧୦(ଚୈତନ୍ୟ ପଟେଲ):** ସୁନ୍ଦରଗଡ଼ ଜିଲା ହେମଗିର ସ୍ଥିତ ନୂଆପଡ଼ା କ୍ଲବ୍‌ଠାରେ ଜଗନ୍ନାଥ ଟେଟେ ଛାତ୍ରୀଛାତ୍ରଙ୍କୁ ଶିକ୍ଷା ପ୍ରଦାନ କରୁଥିବା ବେଳେ ହେମଗିର ବିକାଶ କମିଟି ତରଫରୁ କଲାପଟା ସହ ପାଠ୍ୟ ଉପକରଣ ପ୍ରଦାନ କରାଯାଇଛି। ଏହି ଅବସରରେ ହେମଗିର ବିକାଶ କମିଟିର ପ୍ରମୋଦ ବାଲ୍ଲା, ସରୋଜ କେଛୁଆର, ସିବାନୁ କୁମାର, ରୂପକ ମହାନନ୍ଦିଆ, ରାଜେନ୍ଦ୍ର କେଛୁଆର, ଅଞ୍ଜନ ବିଶାର, ମହେନ୍ଦ୍ର ଭୈଶାଲ, ଜନ୍ମ ବାଘ, ଅଜିତ କେଛୁଆର, ଜିତୁ ପ୍ରଧାନ, ମନୋହର ବେସନ, ମୋହନ ବାଘ, ଶିବାନୁ କେଛୁଆର, ବଂଶୀଧର ମହାନନ୍ଦିଆ, ସଞ୍ଜୟ ରାଏ, ଦନାର କଛରିଆ ପ୍ରମୁଖ ଉପସ୍ଥିତ ଥିଲେ।

# ପରିତ୍ୟକ୍ତ ଘରେ ଅଗ୍ନିକାଣ୍ଡ

**ରାଉରକେଲା,୧୬।୧୦(ସଙ୍ଗୀତା ଜେନା):** ସେକ୍ଟର-୭ ଥାନା ଅନ୍ତର୍ଗତ ସେକ୍ଟର-୬ ଅଞ୍ଚଳରେ ଥିବା ନେପାଳୀ ମନ୍ଦିର ନିକଟସ୍ଥ ସାଧନା ବସ୍ତିର ଏକ ପରିତ୍ୟକ୍ତ ଘରେ ଗୁରୁବାର ଅପରାହ୍ନ ୧ଟାରେ ଅଗ୍ନିକାଣ୍ଡ ହୋଇଛି। ଏଥିରେ ଏକ ଅଟୋ ଜଳି ନଷ୍ଟ ହୋଇଯାଇଛି। ତେବେ ଉକ୍ତ ଘର ଦୀର୍ଘଦିନରୁ ବନ୍ଦ ଥିଲା। ଘଟଣାସ୍ଥଳରେ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ।

# ନବୀନ ପଟ୍ଟନାୟକଙ୍କ ଜନ୍ମଦିନରେ ରକ୍ତଦାନ ଶିବିର

**ରାଉରକେଲା,୧୬।୧୦(ଦିନେଶ ମିଶ୍ର)**

ରାଉରକେଲା ବିଜୁ ଜନତା ଦଳ ପକ୍ଷରୁ ରାଜ୍ୟ ବିଜେଡି ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୭୯ତମ ଜନ୍ମଦିନକୁ ସେବା ଦିବସ ଭାବେ ଗୁରୁବାର ପାଳନ କରାଯାଇଛି। ଏହି ପରିପ୍ରେକ୍ଷୀରେ ପୂର୍ବାହ୍ନ ୧୦ଟାରେ ରାଉରକେଲା ସରକାରୀ ଡାକ୍ତରଖାନାରେ ଯୁବ ଛାତ୍ର ନେତା ସୁଶାନ୍ତ ରାଉତ, ସୁଧାଂଶୁ ସାମଲ, ଡି. ଅଭିକ କୁମାର, ସଞ୍ଜିତ ଛୋଟରାୟ, ବିଭୂତି ପୁହାଣ, ପିଙ୍କୁ ଜସୱାଲକଙ୍କ ନେତୃତ୍ୱରେ ଏକ ରକ୍ତଦାନ ଶିବିର ହୋଇଥିଲା। ଏହି ଶିବିରରେ ୧୦୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ମଧ୍ୟାହ୍ନ ୧୨ଟାରେ ନାରୀନେତ୍ରୀ ଜ୍ୟୋତ୍ସ୍ନା ନାୟକଙ୍କ ନେତୃତ୍ୱରେ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ଆର୍‌ଜିଏଚ୍‌ରେ ଫଳ ବିତରଣ କରାଯାଇଥିଲା। ପରେ ବାସନ୍ତୀ କଲୋନିସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ପ୍ରଦୀପ ପ୍ରଜ୍ୱଳନ ସହ ପ୍ରାର୍ଥନା କରାଯାଇଥିଲା। ରାଉରକେଲା ନଗର ସଭାପତି ଗଗନ ପଣ୍ଡା, ବିରେନ ସେନାପତି, ସୁଦାମ ଦାସ, ଜୟନ୍ତ କୁମାର ମିଶ୍ର, ସନ୍ତୋଷ କୁମାର ନାୟକ, ବାବୁଲି ଦାସ ପ୍ରମୁଖ ଉପସ୍ଥିତ ଥିଲେ।



ଶିବିରରେ ରକ୍ତ ସଂଗ୍ରହ କରାଯାଉଛି।




ରାଉରକେଲା ମୁଖ୍ୟ ଡାକଘର ସମ୍ମୁଖରେ ଏଆଇପିଇୟୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ୧୦ ଦଫା ଦାବି ନେଇ ଏଆଇପିଇୟୁର ବିକ୍ଷୋଭ

**ରାଉରକେଲା, ୧୬।୧୦(ସଙ୍ଗୀତା ଜେନା)**

ରାଉରକେଲାର ଡାକ ମଣ୍ଡଳର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ରାଉରକେଲା ଡାକ ଅଧୀକ୍ଷକଙ୍କୁ ଗତ ୨୯ ତାରିଖରେ ପତ୍ର ପ୍ରେରଣ କରାଯାଇଥିଲା। ଏଥିରେ ମୁଖ୍ୟତଃ ୧୦ ଦଫା ଦାବି ରହିଛି । ସମସ୍ତ ଦାବି ରାଉରକେଲା ଡାକ ଅଧୀକ୍ଷକଙ୍କ କ୍ଷମତା ପରିସରଭୁକ୍ତ ରହିଛି। ମାତ୍ର ଏହି ସମସ୍ୟାକୁ ଅଣଦେଖା କରାଯାଉଛି। ଫଳରେ ସମସ୍ୟା ପୂର୍ବବତ୍ ରହିଛି। ଏହାକୁ ତୁରନ୍ତ ପୂରଣ କରିବା ଦାବିରେ ଗୁରୁବାର ଅପରାହ୍ନ ସାଢ଼େ ୫ଟାରେ ରାଉରକେଲା ମୁଖ୍ୟ ଡାକଘର ସମ୍ମୁଖରେ ଏଆଇପିଇୟୁ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଆଇଡିସିରେ ଅଧିକ କମ୍ପ୍ୟୁଟର ବ୍ୟବସ୍ଥା, ଆନୁଷଙ୍ଗିକ ବ୍ୟବସ୍ଥା ସହିତ ମହିଳାମାନଙ୍କ ପାଇଁ ପରିସ୍ରାଗାର, ୨୨ ଜଣ ପୋଷ୍ଟମ୍ୟାନଙ୍କୁ ଚିଠି ବିତରକ ଭାବେ ପୁନଃ ବ୍ୟବସ୍ଥିତ କରିବା, ଛୁଟିରେ ଯାଉଥିବା ପୋଷ୍ଟମ୍ୟାନଙ୍କ ସ୍ଥାନରେ ବିକଳ୍ପ ବ୍ୟବସ୍ଥା, ପୋଷ୍ଟମ୍ୟାନଙ୍କୁ ଶାରୀରିକ, ମାନସିକ ସ୍ତରରେ ନିର୍ଯାତନା ବନ୍ଦ କରିବା, ସରକାରଙ୍କ ନିୟମ ଅନୁଯାୟୀ ମାସିକ ସାକ୍ଷାତକାର ଆଦି ଦାବି ପୂରଣ କରିବାକୁ ସଙ୍ଗଠନ କର୍ମକର୍ତ୍ତାମାନେ ଦାବି କରିଥିଲେ। ସଭାପତି ସୁରେନ୍ଦ୍ର ନାରାୟଣ ସିଂ, ସମ୍ପାଦକ ସୁଦାମ ସାହୁଙ୍କ ନେତୃତ୍ୱରେ ସହ ସମ୍ପାଦକ ଉନା ପ୍ରଦୀପ ପାତ୍ର, ଜଗବନ୍ଧୁ ସାହୁ, କାର୍ଯ୍ୟକାରିଣୀ ସମ୍ପାଦକ ଯୋଗେଶ୍ୱରୀ ପାଣିଗ୍ରାହୀ, ଈଶ୍ୱର ଚନ୍ଦ୍ର ପଟେଲ ପ୍ରମୁଖ ସାମିଲ ହୋଇଥିଲେ। ଦାବି ପୂରଣ ନ ହେଲେ ଆସନ୍ତା ୨୦ ତାରିଖରେ ଗଣଧାରଣା ଓ ୨୩ତାରିଖରେ ଅନଶନ କରାଯିବ। ଉକ୍ତ କାର୍ଯ୍ୟକ୍ରମ ପୂର୍ବରୁ ସମସ୍ୟାର ସମାଧାନ ନ ହେଲେ ଆନ୍ଦୋଳନକୁ ଆହୁରି ବ୍ୟାପକ ହେବ ବୋଲି ସଙ୍ଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି।

**ଅସିତାଳନା ପଦକ ବିଜେତା ସମ୍ବର୍ଦ୍ଧିତ**

ସମ୍ବଲପୁର,(ବି.ଶଙ୍କର): ଚତୁର୍ଥ ଓଡ଼ିଶା ରାଜ୍ୟ ଅସି ତାଳନା ପ୍ରତିଯୋଗିତାରେ ସମ୍ବଲପୁର ଖେଳାଳିମାନେ ୪ଟି ପଦକ ହାସଲ କରିଛନ୍ତି । ଗୁରୁବାର ଖେଳାଳିମାନଙ୍କୁ ସମ୍ବଲପୁର ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଭିନନ୍ଦନ ଜଣାଇବା ସହ ସମ୍ବର୍ଦ୍ଧିତ କରିଛନ୍ତି । ସବ୍ ଜୁନିୟର ବର୍ଗରେ ଗୌତମ ସ୍ୱର୍ଣ୍ଣ, ଚନ୍ଦ୍ରିକାରାଣୀ ମାଝି ସ୍ୱର୍ଣ୍ଣ, ସୁଲଗ୍ନା ଖେଉର ରୌପ୍ୟ ଏବଂ ହର୍ଷିତା ନାୟକ ବ୍ରୋଞ୍ଜ ପଦକ ହାସଲ କରି ସମ୍ବଲପୁର ଜିଲାକୁ ଗୌରବାନ୍ୱିତ କରିଛନ୍ତି। ସୂଚନାଯୋଗ୍ୟ ଯେ, କଟକ ଜବାହରଲାଲ ନେହେରୁ ଇଣ୍ଡୋର ଷ୍ଟାଡିୟମରେ ଅକ୍ଟୋବର ୭ ରୁ ୯ ତାରିଖ ପର୍ଯ୍ୟନ୍ତ ପ୍ରତିଯୋଗିତା ହୋଇଥିଲା।



# ପଞ୍ଚାୟତସ୍ତରରେ ପିଏସିଏସ୍ ସ୍ଥାପନକୁ ଗୁରୁତ୍ୱ

■ ଓଡ଼ିଶା ରାଜ୍ୟ ସମବାୟ ନୀତି-୨୫ ଆଞ୍ଚଳିକ କର୍ମଶାଳା
■ ଭାଗ ନେଲେ ୮ଟି ଜିଲାର ସମବାୟ ଅଧିକାରୀ ଓ ପ୍ରତିନିଧି

**ସମ୍ବଲପୁର,୧୬।୧୦(ପ୍ରମୋଦ ବହିଦାର)**

ସମ୍ବଲପୁର ମନ୍ଦଲିଆସ୍ଥିତ ରିଭର୍-ଇନ୍ ପ୍ରେକ୍ଷାଳୟରେ ଗୁରୁବାର ଓଡ଼ିଶା ରାଜ୍ୟ ସମବାୟ ନୀତି-୨୫ ଉପଲକ୍ଷେ ଏକ ଆଞ୍ଚଳିକ କର୍ମଶାଳ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟର ସମସ୍ତ ୩୦ ଜିଲାର କେନ୍ଦ୍ରୀୟ ସମବାୟ ବ୍ୟାଙ୍କ(ଡିସିସିବି) ଓ ପଞ୍ଚାୟତସ୍ତରରେ ପ୍ରାଥମିକ କୃଷି ସମବାୟ ସମିତି(ପିଏସିଏସ୍) ସ୍ଥାପନ ଉପରେ ଗୁରୁତ୍ୱାରୋପ କରିଛନ୍ତି ସମବାୟ ଚିଠା ପ୍ରସ୍ତୁତ କମିଟି ସଦସ୍ୟ ତଥା ପୂର୍ବତନ ବିଧାୟକ ଯଜ୍ଞେଶ୍ୱର ବାବୁ। ଓଡ଼ିଶା ରାଜ୍ୟ ସମବାୟ ବିଭାଗ ପକ୍ଷରୁ ପଶ୍ଚିମ ଓଡିଶାର ୮ଟି ଜିଲାର ସମବାୟ ଅଧିକାରୀମାନଙ୍କୁ ନେଇ ଅନୁଷ୍ଠିତ 'କୋଅପରେଟିଭ୍ ବିଲ୍ଡ ଏ ବେଟର୍ ୱାର୍ଲଡ୍' ଶୀର୍ଷକ କର୍ମଶାଳାର ଉଦ୍ଦେଶ୍ୟ ଓ ବୈଶିଷ୍ଟ୍ୟଗୁଡ଼ିକ ଉପରେ ଆଲୋକପାତ କରି ସେ କହିଛନ୍ତି, ଚାଷୀଙ୍କ ଆୟ ଓ ଗ୍ରାମୀଣ କର୍ମନିଯୁକ୍ତି ବୃଦ୍ଧି ପାଇଁ ସମବାୟ କାର୍ଯ୍ୟକଳାପକୁ ଅଧିକ ପ୍ରସାରିତ କରିବା ଆବଶ୍ୟକତା ରହିଛି। ସମବାୟଭିତ୍ତିକ ବ୍ୟବସାୟକୁ ଅଧିକ ସରଳୀକରଣ ଓ ପିଏସିଏସ୍‌ଗୁଡ଼ିକୁ ଆର୍ଥିକ ସମୃଦ୍ଧ କରିବାକୁ ହେଲେ ଏହାର ସେବାକୁ ଅଧିକ ପ୍ରସାରିତ କରାଯିବା ଉଚିତ। ଏଲ୍‌ପିଜି ଆବଣ୍ଟନ, ପେଟ୍ରୋଲ ପମ୍ପ, ଔଷଧ ଆଉଟଲେଟ୍ ଆଦି ଜନକଲ୍ୟାଣ କାର୍ଯ୍ୟରେ ପିଏସିଏସ୍‌ଗୁଡ଼ିକୁ ଅନ୍ତର୍ଭୁକ୍ତ କରିବାକୁ ଗୁରତ୍ୱ ଦେଇଛନ୍ତି ବାବୁ। ସେହିପରି ଦୁଗ୍ଧ, ମତ୍ସ୍ୟପାଳନ, ମସଲା, କଫି ଏବଂ ହସ୍ତ ଓ ତନ୍ତଶିଳ୍ପ ଭଳି କ୍ଷେତ୍ରରେ ଆଧୁନିକ ବଜାର ମାନଦଣ୍ଡ ଉପଯୋଗୀ ଉତ୍ପାଦନ ଓ ସେଗୁଡ଼ିକର ଡିଜାଇନ୍, ପ୍ୟାକେଜିଂ ଓ ଗୁଣାତ୍ମକ ପ୍ରମାଣପତ୍ର ସହାୟତା ପ୍ରଦାନ ପୂର୍ବକ ଉତ୍ପାଦର ବିକ୍ରୟର ଜଗତିକରଣ ବ୍ୟବସ୍ଥା ପାଇଁ ରାଜ୍ୟସ୍ତରୀୟ ସମବାୟ ମାର୍ଟ୍ ଓ ଆଉଟଲେଟ୍ ସ୍ଥାପନ କରିବା ସହିତ ଫ୍ଲିପ୍‌କାର୍ଟ ଏବଂ ଆମାଜୋନ ଭଳି ଇ-କମର୍ସ ପ୍ଲାଟଫର୍ମରେ ଅନୁବନ୍ଧିତ କରବାକୁ ଚିଠା ପ୍ରସ୍ତୁତି କମିଟି ସଦସ୍ୟ ବାବୁ ପରାମର୍ଶ ଦେଇଥିଲେ।

ଅନ୍ୟତମ ଅତିଥି ଭାବେ ଯୋଗଦେଇ ସମ୍ବଲପୁର ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର କହିଥିଲେ, ସମବାୟ ସଂସ୍ଥାଗୁଡ଼ିକ ଗ୍ରାମୀଣ ଅର୍ଥନୀତି ଓ ସାମାଜିକ ବିକାଶର ଅଭିନ୍ନ ଅଙ୍ଗ। ଓଡ଼ିଶାରେ ସମବାୟ କ୍ଷେତ୍ରକୁ ଆଧୁନିକୀକରଣ ଓ ବିସ୍ତାରିତ କରିବା ପାଇଁ ଏକ ରାଜ୍ୟସ୍ତରୀୟ ଯୋଜନା ପ୍ରସ୍ତୁତ କରାଯାଉଛି। ପଞ୍ଚାୟତ ସ୍ତରରେ ପିପିସିଏସ୍ ପ୍ରତିଷ୍ଠା, ସମବାୟ ଉତ୍ପାଦ ପାଇଁ ଏକ ବ୍ରାଣ୍ଡ ସୃଷ୍ଟି କରି ଡିଜିଟାଲ ସମନ୍ୱୟକୁ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖାଯାଇଛି। ଯାହା ଆସନ୍ତା ୨୦୩୬ ମସିହା ସୁଦ୍ଧା କାର୍ଯ୍ୟକାରୀ ହୋଇଯିବା ଆଶା କରାଯାଏ ବୋଲି ଜିଲାପାଳ ବୋନ୍ଦର କହିଛନ୍ତି।

ପ୍ରାରମ୍ଭରେ ମଞ୍ଚରେ ମା'ସମଲେଶ୍ୱରୀଙ୍କ ଫଟୋଚିତ୍ରରେ ପ୍ରଦୀପ ପ୍ରଜ୍ୱଳନ କରି ଅତିଥିମାନେ କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। କର୍ମଶାଳାରେ ଆଇଆର୍ଏମ୍ଏର ଅବସରପ୍ରାପ୍ତ ଅଧିକାରୀ ପ୍ରଫେସର ହରେକୃଷ୍ଣ ମିଶ୍ର, ଅବସରପ୍ରାପ୍ତ ଆଇଏଏସ୍ ଗୋପବନ୍ଧୁ ଶତପଥୀ, ଦେବଗଡ଼ ଜିଲା ସମବାୟ ସମିତି ଉପନିବନ୍ଧକ ଭୀମସେନ୍ ସାହୁ ପ୍ରମୁଖ ଚିଠା ପ୍ରସ୍ତୁତ କମିଟି ସଦସ୍ୟ ବିଭିନ୍ନ ସମବାୟ ସଂସ୍ଥାର ଅଧିକାରୀ, ବିଶେଷଜ୍ଞମାନଙ୍କ ସହିତ ସମ୍ବଲପୁର ଏମ୍‌ପିଙ୍କ ପ୍ରତିନିଧି ଚନ୍ଦ୍ର ଶେଖର ପଣ୍ଡା ଆଲୋଚନାରେ ଭାଗ ନେଇଥିଲେ। ଏଥିରେ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳମନ୍ତ୍ରୀଙ୍କ ପ୍ରତିନିଧି ବିଭୂତି କଲ୍ୟାଣ ପଟେଲ ଅତିଥିଭାବେ ଯୋଗ ଦେଇଥିଲେ। ଶେଷରେ ବରଗଡ଼ ଜିଲା ସମବାୟ ସମିତି ଉପ ନିବନ୍ଧକ ଯୁଗଳ କିଶୋର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।



ରିଭର୍-ଏନ୍ ପ୍ରେକ୍ଷାଳୟରେ ଅନୁଷ୍ଠିତ ଓଡ଼ିଶା ରାଜ୍ୟ ସମବାୟ ନୀତି ଆଞ୍ଚଳିକ କର୍ମଶାଳାରେ ମଞ୍ଚାସୀନ ଅତିଥିବୃନ୍ଦ।

# ସୁସ୍ଥ ଜୀବନଶୈଳୀ ଗ୍ରହଣ କରିବା ଜରୁରୀ

## ସିଆର୍‌ପିଏଫ୍ ଗ୍ରୁପ୍ ସେଣ୍ଟର ଆୟୋଜିତ ସାମୂହିକ ଦୌଡ଼


ଗୋଶାଳାସ୍ଥିତ ସିଆର୍‌ପିଏଫ୍ ଗ୍ରୁପ୍ ସେଣ୍ଟର ଆୟୋଜିତ ସାମୂହିକ ଦୌଡ଼।

**ସମ୍ବଲପୁର,୧୬।୧୦(ବି.ଶଙ୍କର)**

ସ୍ୱଚ୍ଛ ଭାରତ, ସୁସ୍ଥ ଭାରତ କ୍ରମରେ ଫିଟ୍ ଇଣ୍ଡିଆ ଫ୍ରିଡମ୍ ରନ୍ ୬.୦ ସମ୍ବଲପୁର ଜିଲା ଗୋଶାଳାସ୍ଥିତ କେନ୍ଦ୍ରୀୟ ରିଜର୍ଭ ପୋଲିସ ଫୋର୍ସ(ସିଆରପିଏଫ) ଗ୍ରୁପ ସେଣ୍ଟର ଆୟୋଜନରେ ସାମୂହିକ ଦୌଡ଼ ଗୁରୁବାର ଅନୁଷ୍ଠିତ ହୋଇଛି। ଡେପୁଟି ଇନ୍ସପେକ୍ଟର ଜେନେରାଲ ଅଫ ପୋଲିସ ସଞ୍ଜୟ କୁମାର ସିଂହଙ୍କ ମାର୍ଗଦର୍ଶନରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଏହି ଅବସରରେ ବକ୍ତବ୍ୟ ରଖି ସିଂହ କହିଥିଲେ, ଫିଟ୍ ଇଣ୍ଡିଆ ଫ୍ରିଡମ୍ ରନ୍ ୬.୦ ଅଭିଯାନ ଗାନ୍ଧୀ ଜୟନ୍ତୀରେ ଆରମ୍ଭ ହୋଇଥିବାବେଳେ ୩୧ ଅକ୍ଟୋବର ପର୍ଯ୍ୟନ୍ତ ଜାରି ରହିବ। ଜନସାଧାରଣଙ୍କୁ ସ୍ୱଚ୍ଛ ଓ ସୁସ୍ଥ ଦେଶ ଗଠନରେ ସହାୟକ ହେବାକୁ ଲକ୍ଷ୍ୟ ରହିଛ। ନିୟମିତ ବ୍ୟାୟାମ ଏବଂ ସ୍ୱଚ୍ଛତା ଆମ ଜୀବନର ଏକ ଅବିଚ୍ଛେଦ୍ୟ ଅଂଶ ହେବା ଉଚିତ। ତେଣୁ ସମସ୍ତେ ସଚେତନ ହେବା ଜରୁରୀ। ଫଳ ସ୍ୱରୂପ ନିଜେ ସୁସ୍ଥ ହେବା ସହ ଅନ୍ୟମାନଙ୍କ ସକାଶେ ପ୍ରେରଣାର ଉତ୍ସ ହେବେ। କାର୍ଯ୍ୟକ୍ରମରେ ସମସ୍ତ ସିଆରପିଏଫ୍ କର୍ମଚାରୀ ଏବଂ ସେମାନଙ୍କ ପରିବାରକୁ ସକ୍ରିୟ ଅଂଶଗ୍ରହଣ ପାଇଁ ଆହ୍ୱାନ କରିଥିଲେ। ସିଆରପିଏଫ୍ ଅଧିକାରୀ, କର୍ମଚାରୀ ଏବଂ ସେମାନଙ୍କ ପରିବାର ଯୋଗ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଏକ ସୁସ୍ଥ ଜୀବନ ଶୈଳୀ ଗ୍ରହଣ କରିବାକୁ ସମସ୍ତେ ପ୍ରତିଶ୍ରୁତି ଦେଇଥିଲେ।

# କୁଡ଼ାନାଲିକୁ ନୂତନ ପଞ୍ଚାୟତ ଘୋଷଣା ପାଇଁ ମନ୍ତ୍ରୀଙ୍କୁ ଦାବିପତ୍ର


ମନ୍ତ୍ରୀ ରବି ନାରାୟଣ ନାୟକଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**ନାକଟିଦେଉଳ, ୧୬।୧୦(ବୈକୁଣ୍ଠନାଥ ସାହୁ)**

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଅନ୍ତର୍ଗତ ଯାମୁଯୋରୀ ଗ୍ରାମ ପଞ୍ଚାୟତର ଦୁର୍ଗମ କୁଡାନାଲି ଅଞ୍ଚଳର ୭ଟି ଗ୍ରାମକୁ ନେଇ ନୂତନ ପଞ୍ଚାୟତ ଗଠନ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ନେଇ ଅଞ୍ଚଳବାସୀ ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ମନ୍ତ୍ରୀ ରବି ନାରାୟଣ ନାୟକଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଅଞ୍ଚଳବାସୀ ତାଙ୍କ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି, ଯାମୁଯୋରୀ ପଞ୍ଚାୟତ ଅନ୍ତର୍ଗତ କୁଡାନାଲି, ତଳନାଲି, ଲୁବୁରି, ଟାପକୁଳି ଝରଣ, କଇଙ୍ଗ, ଶଙ୍ଖପୁର ଏବଂ ପୋଡାମହୁଲ ଗ୍ରାମ ରହିଛି। ଏହି ୭ ଗ୍ରାମର ଜନସଂଖ୍ୟା ୨ହଜାରରୁ ଅଧିକ ଥିବା ବେଳେ ଭୋଟର ସଂଖ୍ୟା ୧୫୦୦ ରହିଛି। ତେବେ ଯାମୁଯୋରୀ ପଞ୍ଚାୟତ ସଦର ମହକୁମାରୁ ଏହି ଗ୍ରାମଗୁଡିକର ଦୂରତା ୩୫ କି.ମି. ରହିଛି। ଅଞ୍ଚଳର ଲୋକେ ବିଭିନ୍ନ ସମୟରେ ପାହାଡ଼ ଡେଇଁ ନଦୀ ନାଳ ପାରି ହୋଇ ପଞ୍ଚାୟତ କାର୍ଯ୍ୟାଳୟକୁ ଯାଉଛନ୍ତି। ଏପରିକି ଗମନାଗମନର ବିଶେଷ ସୁବିଧା ନାହିଁ। ସାଧାରଣ ବଣ୍ଟନ ବ୍ୟବସ୍ଥାରେ ସାମଗ୍ରୀ ଓ ସାମାଜିକ ସୁରକ୍ଷା ଯୋଜନାରେ ଭତ୍ତା ପାଇଁ ୩୫ କି. ମି. ଦୂର ପଞ୍ଚାୟତ କାର୍ଯ୍ୟାଳୟକୁ ଯିବାକୁ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥି ସହିତ ଭୌଗୋଳିକ ସ୍ଥିତିରୁ ଏହି ଗ୍ରାମଗୁଡ଼ିକରେ ଠିକ୍ ଭାବେ ମଧ୍ୟ ଉନ୍ନୟନ କାର୍ଯ୍ୟ ହୋଇପାରୁନାହିଁ। ଯାମୁଯୋରୀ ପଞ୍ଚାୟତ କାର୍ଯାଳୟରୁ ଏହି ଗ୍ରାମଗୁଡିକୁ ସିଧାସଳଖ ରାସ୍ତା ସଂଯୋଗ ନ ଥିବାରୁ ଏହା ବିଛିନାଞ୍ଚଳ ଭାବେ ପରିଲକ୍ଷିତ ହେଉଛି। ଏଣୁ ଏହି ୭ ଗ୍ରାମକୁ ନେଇ ନୂତନ ପଞ୍ଚାୟତ ଗଠନ ପାଇଁ ଲୋକେ ଦାବି କରି ରେଢ଼ାଖୋଲ ପୂର୍ତ୍ତବିଭାଗ ଡାକ ବଙ୍ଗଳାଠାରେ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। କୁଡାନାଲି ଗ୍ରାମ ସଭାପତି ପ୍ରଫୁଲ୍ଲ ପ୍ରଧାନ, ସମ୍ପାଦକ ସଞ୍ଜୀବ ପ୍ରଧାନଙ୍କ ସମେତ ସମସ୍ତ ଗ୍ରାମ କମିଟିର କାର୍ଯ୍ୟକର୍ତ୍ତାମାନଙ୍କ ସମେତ ଅଞ୍ଚଳବାସୀ ମନ୍ତ୍ରୀଙ୍କୁ ଭେଟି ଲିଖିତ ଭାବେ ଦାବିପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ଭାଜପା ନାକଟିଦେଉଳ ମଣ୍ଡଳ ସଭାପତି ଦିଲ୍ଲୀପ କୁମାର ସାହ, ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ଗଡ଼ତ୍ୟା ଉପସ୍ଥିତ ଥିଲେ।

# ସ୍ନାତକ ମହାବିଦ୍ୟାଳୟରେ ପୋଷଣ ମାସ ପାଳିତ


ରାଷ୍ଟ୍ରୀୟ ପୋଷଣ ମାସ ପାଳନ ସଭାରେ ଉପସ୍ଥିତ ଛାତ୍ରୀଛାତ୍ରମାନେ।

**ନାକଟିଦେଉଳ, ୧୬।୧୦(ବୈକୁଣ୍ଠନାଥ ସାହୁ)**

ସମ୍ବଲପୁର ଜିଲା ନାକଟିଦେଉଳ ସ୍ନାତକ ମହାବିଦ୍ୟାଳୟ ଓ ନାକଟିଦେଉଳ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ସଂସ୍ଥା ମିଳିତ ଆନୁକୂଲ୍ୟରେ ଗୁରୁବାର ରାଷ୍ଟ୍ରୀୟ ପୋଷଣ ମାସ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଉତ୍ତମ ପୋଷଣ ସୁସ୍ଥ ଜୀବନ ଶୀର୍ଷକ ଏକ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। ଅନୁଷ୍ଠାନ ଅଧକ୍ଷ ସୁଧୀର କୁମାର ସାହୁଙ୍କ ସଭାପତିତ୍ୱ ଓ ଅଧ୍ୟାପିକା ଡ. ପୁଷ୍ପାଞ୍ଜଳି ରବଣାଙ୍କ ପରିଚାଳନାରେ ଅନୁଷ୍ଠିତ ରାଷ୍ଟ୍ରୀୟ ପୋଷଣ ମାସ ସଚେତନତା ସଭାରେ ଅଧ୍ୟାପକ ଦେବେଶ କୁମାର ବିଶ୍ୱାଳ, ବିନୋଦ ବିହାରୀ ପ୍ରଧାନ, ଶେଷଦେବ ବିଶ୍ୱାଳ, ହିମାଂଶୁ ବାରିକ, ଅଧ୍ୟାପିକା ଲିଟିନା ପ୍ରିୟଦର୍ଶନୀ ଓ ଜୟନ୍ତୀ ପ୍ରଧାନ ବକ୍ତାଭାବେ ଯୋଗଦେଇ ଶିଶୁର ବୌଦ୍ଧିକ ବିକାଶ, ଉପଯୁକ୍ତ ଆହାର, ପୋଷଣ ଭି ପଢ଼ାଇ ଭି, ଖାଦ୍ୟାଭ୍ୟାସ ସମ୍ପର୍କରେ ସଚେତନତା, ମା'ମାନଙ୍କର ଅବଦାନ, ପୁରୁଷମାନଙ୍କର ସହଭାଗିତା ଓ ଆତ୍ମନିର୍ଭରଶୀଳତା ବିଷୟରେ ଆଲୋକପାତ କରିଥିଲେ। ଏନ୍ଏସ୍ଏସ୍ ପୋଗ୍ରାମ ଅଫିସର ଭଜମୋହନ ପ୍ରଧାନଙ୍କ ପରିଚାଳନାରେ ବୃତ୍ତଚିତ୍ର ପ୍ରଦର୍ଶନ ଓ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। ପଦାର୍ଥ ବିଜ୍ଞାନ ଅଧ୍ୟାପକ ସୁଭାଷ ଚନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ପାଲା ମାଧ୍ୟମରେ ସ୍ୱାସ୍ଥ୍ୟ ସଚେତନତା


ଆୟୋଜିତ ପୋଷଣ ମାସ କାର୍ଯ୍ୟକ୍ରମରେ ଅତିଥି ଓ ପ୍ରତିନିଧିମାନେ।

## ହିଣ୍ଡାଲ୍‌କୋ ଓ ସମନ୍ୱିତ ଶିଶୁ ବିକାଶ ବିଭାଗ ପକ୍ଷରୁ ପୋଷଣ ମାସ

**ସମ୍ବଲପୁର,୧୫।୧୦(ବି. ଶଙ୍କର)**

ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍‌ର ପାରିପାର୍ଶ୍ୱିକ ଉନ୍ନୟନ ବିଭାଗ ଓ ସମନ୍ୱିତ ଶିଶୁ ବିକାଶ ବିଭାଗ ପକ୍ଷରୁ ହୀରାକୁଦଠାରେ ବୁଧବାର ପୋଷଣ ମାସ ପାଳିତ ହୋଇଯାଇଛି। ସ୍ଥାନୀୟ ପାୱାର କଲୋନୀ କମ୍ୟୁନିଟି ସେଣ୍ଟରଠାରେ ଆୟୋଜିତ ସାମାଜିକ ସଚେତନତା କାର୍ଯ୍ୟକ୍ରମରେ ହୀରାକୁଦ ସେକ୍ଟରର ସମସ୍ତ ଅଙ୍ଗନୱାଡି କର୍ମୀମାନେ ସାମିଲ ହୋଇଥିଲେ। ସେମାନଙ୍କୁ ନେଇ ଉତ୍ତମ ପୋଷଣ, ସୁସ୍ଥ ଜୀବନ ବିଷୟରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ହିଣ୍ଡାଲ୍‌କୋ ହୀରାକୁଦର ମାନବ ସମ୍ବଳ ମୁଖ୍ୟ ବିଶ୍ୱାସ ସିନ୍ଧେ, ରୁଦ୍ରାଣୀ ମହାପାତ୍ର, ବିଳାସିନୀ ନାଥଶର୍ମା ଏବଂ ପାରିପାର୍ଶିକ ଉନ୍ନୟନ ବିଭାଗ ପ୍ରବନ୍ଧକ ଆନନ୍ଦ ଚକ୍ରବର୍ତ୍ତୀ, ଜିତେଶ ରଥ, ଉପଦେଷ୍ଟା ସୁକାନ୍ତ ମହାପାତ୍ର ସମ୍ମାନୀତ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଶୟନ୍ତୀ ଭୋଇ ଉତ୍ତମ ପୋଷଣ ସୁସ୍ଥ ଜୀବନ ଉପରେ ଆଲୋକପାତ କରିଥିଲେ। ହିଣ୍ଡାଲ୍‌କୋର ମାନବ ସମ୍ବଳ ଅଧିକାରୀ ସିନ୍ଧେ ସୁସ୍ଥ ଜୀବନ ପାଇଁ ସୁଷମ ଖାଦ୍ୟ ଖାଇବା ସହିତ ପରିଷ୍କାର ପାରିଛନତା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ରକ୍ତହୀନତା ବିଷୟରେ ସଚେତନତା, ଏହାର ପରୀକ୍ଷା ଏବଂ ଚିକିତ୍ସା, ଦୈନନ୍ଦିନ ଖାଦ୍ୟରେ ବିବିଧତା ଆଣିବାପାଇଁ ଆଞ୍ଚଳିକ କ୍ଷୁଦ୍ର ଖାଦ୍ୟଶସ୍ୟ ସାମିଲ କରିବା ପାଇଁ ଅତିଥିମାନେ ଆଗ୍ରହ ପ୍ରକାଶ କରିଥିଲେ। ପୋଷଣର ବ୍ଲକ ସଂଯୋଜକ ଅକ୍ଷୟ ସୁନା ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ରାଧେଶ୍ୟାମ ପଣ୍ଡା ଏବଂ ତାଙ୍କ ଦଳ ଲୋକକଳା ପାଲା ମାଧ୍ୟମରେ ସ୍ୱାସ୍ଥ୍ୟ ସଚେତନତା ଉପରେ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ହୀରାକୁଦ ଅଞ୍ଚଳର ଅଙ୍ଗନବାଡି କର୍ମୀମାନେ ପୁଷ୍ଟିକର ଖାଦ୍ୟ ସମୂହ ପ୍ରଦର୍ଶନ କରିଥିଲେ।

# ବେଆଇନ ବାଲି ଚାଲାଣ: ୨ହାଇୱା, ୧ ଟ୍ରାକ୍ଟର ଜବତ

## ୩ ଚାଳକ ଗିରଫ


ଜବତ ଟ୍ରାକ୍ଟର ସହ ଗିରଫ ଚାଳକ।

**ସମ୍ବଲପୁର,୧୬।୧୦(ପ୍ରମୋଦ ବହିଦାର)**

ସମ୍ବଲପୁର ଖେରୁଆଲସ୍ଥିତ ଭେଢ଼େନ ନଦୀ ଘାଟରୁ ବେଆଇନ ବାଲି ଚାଲାଣ ବେଳେ ଠେଲକୋଲେଇ ଥାନା ପୋଲିସ ଦୁଇଟି ବାଲି ବୋଝେଇ ହାଇୱା(ଓଡି-୧୫-ସି-୮୧୪୯ ଓ ଓଡି-୧୫-ଡି-୨୧୪୫) ଓ ଗୋଟିଏ ବାଲି ବୋଝେଇ ଟ୍ରାକ୍ଟର(ଓଡି-୨୩-ଏନ୍-୮୦୩୩)କୁ ଜବତ କରିଛି। ଏ ସଂକ୍ରାନ୍ତରେ ଗାଡ଼ିଗୁଡ଼ିକର ଚାଳକଙ୍କୁ ଗିରଫ କରାଯାଇଛି। ଗିରଫ ହାଇୱା ଚାଳକମାନେ ହେଲେ ଯୁଯୁମୁରା ଥାନା ଅନ୍ତର୍ଗତ ମେଘପାଳର ପ୍ରଦୀପ ଲାକ୍ରା(୨୫) ଓ ଅଇଁଠାପାଲି ଥାନା ଅନ୍ତର୍ଗତ ବାଲୁପାଲିର ଘନଶ୍ୟାମ ଯାଦବ(୫୫) ଏବଂ ଟ୍ରାକ୍ଟର ଚାଳକ ଝାରସୁଗୁଡ଼ା ଜିଲା ଲଇକେରା ଥାନା ଅନ୍ତର୍ଗତ ତାଲଚଙ୍କି ଗ୍ରାମର ଉପେନ୍ଦ୍ର କିସାନ(୨୫)। ଏହାକୁ ନେଇ ଠେଲକୋଲେଇ ଥାନାରେ ଏକ ମାମଲା(ନଂ. ୪୬୧/୨୫) ରୁଜୁ କରି ପୋଲିସ ଗୁରୁବାର ଚାଳକମାନଙ୍କୁ କୋର୍ଟଚାଲାଣ କରିଛି। ଖେରୁଆଲ୍ ନଦୀରୁ ବେଆଇନ୍ ବାଲି ଚାଲାଣ ସମ୍ପର୍କରେ ଗୁରୁବାର ସକାଳେ ଠେଲକୋଲେଇ ପୋଲିସକୁ ଖବର ମିଳିଥିଲା। ଆଇଆଇସି ବୁଲୁ ସ୍ୱାଇଁଙ୍କ ନେତୃତ୍ୱରେ ଏକ ପୋଲିସ ଦଳ ତୁରନ୍ତ ସେଠାରେ ପହଞ୍ଚି ଜେଏସ୍‌ପିଏଲ୍-ବିପିଏସ୍ଏଲ୍ କମ୍ପାନୀର ୪ର୍ଥ ଫାଟକ ନିକଟରେ ବେଆଇନ୍ ଚୋରା ଚାଲାଣ କରୁଥିବା ଉକ୍ତ ବାଲି ବୋଝେଇ ହାଇୱା ଓ ଟ୍ରକ୍ଟରକୁ ଅଟକାଇ ଆବଶ୍ୟକ କାଗଜପତ୍ର ଯାଞ୍ଚ କରିଥିଲେ। ମାତ୍ର ଚାଳକମାନେ ବାଲି ବୋଝେଇ ବା ପରିବହନ ସମ୍ପର୍କିତ ଟ୍ରାନ୍‌ଜିଟ୍ ପାସ୍ ବା ଅନୁମତି ପତ୍ର ପ୍ରଦର୍ଶନ କରିପାରି ନ ଥିଲେ।

# ନବୀନ ପଟ୍ଟନାୟକଙ୍କ ୭୯ତମ ଜୟନ୍ତୀ ପାଳିତ

**ସମ୍ବଲପୁର,୧୬।୧୦(ବି.ଶଙ୍କର)**

ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର ୭୯ତମ ଜୟନ୍ତୀ ହୀରାକୁଦ କଳ୍ପତରୁ ଆଶ୍ରମଠାରେ ଗୁରୁବାର ପାଳିତ ହୋଇଯାଇଛି। ସମ୍ବଲପୁର ମହାନଗର ବିଜୁ ଜନତା ଦଳ ଆୟୋଜନରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହୋଇଥିଲା। ଶିଶୁ ଅନ୍ତବାସୀମାନେ ଦୀପ ପ୍ରଜ୍ୱଳନ କରି କେକ କାଟିଥିଲେ। ନବୀନଙ୍କ ଦୀର୍ଘାୟୁ କାମନା କରି ଜନ୍ମଦିନ ପାଳନ ସହ ମିଷ୍ଟାନ୍ନ ଖାଇଥିଲେ। ମହାନଗର ବିଜେଡ଼ି ବରିଷ୍ଠ ସଭ୍ୟ ହରଦିପ ସିଂ ଭୁର୍ଜିଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ସତ୍ୟେନ୍ଦ୍ର ଦାଶ, ଶେଷଦେ ଗୁରୁ, ପ୍ରହ୍ଲାଦ ଗୁରୁ, ବିଜେଡ଼ି ଜୋନ ସାଧାରଣ ଗଣମାଧ୍ୟମ ସଂଯୋଜକ ସୁବାଷ ଜେନା, ବିଜେଡ଼ି ଜିଲା ଗଣମାଧ୍ୟମ ସଂଯୋଜକ ଦୁଲାଲ ଚନ୍ଦ୍ର ରାୟ, ବିଜୁ ସ୍ମୃତି କମିଟି ଆବାହକ ପ୍ରଶାନ୍ତ ଥାପା, ଯୁବନେତା ବିକାଶ ଖେତ୍ରୀ, ରେଣୁ ମରେଇ, ଆଇନଜୀବୀ ସବିନୟ ପୂଜାରୀ, ମାୟାଧର ଜେନା, ସୁକେଶ ସିଂ, ପ୍ରଶାନ୍ତ ନାୟକ, ସୁରଜ ସିଂ, ବିଶ୍ୱାମିତ୍ର ସାହୁ ପ୍ରମୁଖ ସାମିଲ ଥିଲେ।

# ଆପଣଙ୍କ ପୁଞ୍ଜି ଆପଣଙ୍କ ଅଧିକାର ସଚେତନତା ଶିବିର

**ସମ୍ବଲପୁର,୧୬।୧୦(ବି.ଶଙ୍କର)**

କେନ୍ଦ୍ର ସରକାରଙ୍କ ଆର୍ଥିକ ସେବା ବିଭାଗ ନିର୍ଦ୍ଦେଶକ୍ରମେ ସମ୍ବଲପୁର ଭାରତୀୟ ଷ୍ଟେଟ ବ୍ୟାଙ୍କ(ଏସବିଆଇ) ଆନୁକଲ୍ୟରେ ଆପଣଙ୍କ ପୁଞ୍ଜି ଆପଣଙ୍କ ଅଧିକାର ଶୀର୍ଷକ ସଚେତନତା ଶିବିର ସ୍ଥାନୀୟ ତପସ୍ୱିନୀ ପ୍ରେକ୍ଷାଳୟରେ ଗୁରୁବାର ଅନୁଷ୍ଠିତ ହୋଇଛି। ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ମୁଖ୍ୟ ଅତିଥି, ଜିଲା ପରିଷଦ ଅଧକ୍ଷା କୁମୋଦିନୀ ନାୟକ, ରିଜର୍ଭ ବ୍ୟାଙ୍କର ଅଗ୍ରଣୀ ଜିଲା ଅଧିକାରୀ ମୌସୁମୀ ସା ସମ୍ମାନୀତ ଅତିଥି, ରାଜ୍ୟସ୍ତରୀୟ ବ୍ୟାଙ୍କ ସମିତି ଆବାହକ ଏବଂ ୟୁକୋ ବ୍ୟାଙ୍କ ମୁଖ୍ୟ ମହା ପ୍ରବନ୍ଧକ ଗୌତମ ପାତ୍ର ମୁଖ୍ୟବକ୍ତାଭାବେ ଯୋଗଦେଇଥିଲେ। ଭାରତୀୟ ଷ୍ଟେଟ ବ୍ୟାଙ୍କ ଉପ ମହାପ୍ରବନ୍ଧକ ସଞ୍ଜୟ କୁମାର ଝାଙ୍କ ସଭାପତିତ୍ୱ ଏବଂ ଭାରତୀୟ ଷ୍ଟେଟ ବ୍ୟାଙ୍କର କ୍ଷେତ୍ରୀୟ ଅଧିକାରୀ ମାନସ ରଞ୍ଜନ ପ୍ରଧାନଙ୍କ ଆବାହକତ୍ୱରେ ଶିବିର ହୋଇଥିଲା। ବ୍ୟାଙ୍କ ଏବଂ ଅନ୍ୟାନ୍ୟ ଆର୍ଥିକ ସଂସ୍ଥାରେ ଦାବି ନ ହୋଇ ପଡି ରହିଥିବା ପୁଞ୍ଜିର ଦ୍ରୁତ ଓ ସରଳ ଦାବି ସମାଧାନ ଦିଗରେ ସଚେତନତା ସୃଷ୍ଟି କରିବା ଶିବିର ଆୟୋଜନର ମୁଖ୍ୟ ଲକ୍ଷ୍ୟ। ସାରା ଦେଶରେ ପ୍ରଥମ ପର୍ଯ୍ୟାୟରେ ୨୫ଟି ଜିଲା ଓ ଓଡ଼ିଶାର ଦୁଇଟି ଜିଲା ମଧ୍ୟରୁ ସମ୍ବଲପୁର ଜିଲାରେ ଏହି ସଚେତନତା କାର୍ଯ୍ୟକ୍ରମର ଗୁରୁବାର ଶୁଭାରମ୍ଭ ହୋଇଛି। ଏହି ନିଷ୍କ୍ରିୟ ପୁଞ୍ଜିର ସରଳ ଓ ଦ୍ରୁତ ଦାବି ସମାଧାନ ବାବଦରେ ଅତିଥି ଓ ବକ୍ତାମାନେ ସୂଚିତ କରିଥିଲେ। ଏହି ସଭାରେ ଅତିଥିମାନଙ୍କ ଦ୍ୱାରା ୬ଜଣ ହିତାଧିକାରୀଙ୍କୁ ସେମାନଙ୍କ ନିଷ୍କ୍ରିୟ ଜମାପୁଞ୍ଜିର ଦାବି ଅର୍ଥକୁ ଚେକ ଆକାରରେ ପ୍ରଦାନ କରାଯାଇଥିଲା। ଭାରତୀୟ ଷ୍ଟେଟ ବ୍ୟାଙ୍କ ବୁର୍ଲା ଶାଖାର ମୁଖ୍ୟ ପ୍ରବନ୍ଧକ ଶୁଭଦା ଶତପଥୀ ମଞ୍ଚ ପରିଚାଳନା କରିଥିଲେ। ଶିବିରରେ ଭାରତୀୟ ଷ୍ଟେଟ ବ୍ୟାଙ୍କ ସହିତ ଅନ୍ୟାନ୍ୟ ବ୍ୟାଙ୍କ, ବୀମା କମ୍ପାନୀ ଅଂଶଗ୍ରହଣ କରିଥିଲେ। ଉପସ୍ଥିତ ଜନସାଧାରଣଙ୍କ ବ୍ୟାଙ୍କ କାରବାର ଓ ନବୀକରଣ ପାଇଁ ଗ୍ରାହକ ସେବା କେନ୍ଦ୍ରର ପରିଚାଳକମାନଙ୍କ ଦ୍ୱାରା ମଧ୍ୟ ଏକ କ୍ୟାମ୍ପ ସ୍ଥାପନା କରାଯାଇଥିଲା।



ସଚେତନତା ଶିବିରରେ ମଞ୍ଚାସୀନ ଅତିଥି ଓ ବକ୍ତାମାନେ।

# ଡିଜିଟାଲ ଫସଲ ସର୍ବେକ୍ଷଣ ସମ୍ପୂର୍ଣ୍ଣ ହେବା ନେଇ ଆଶଙ୍କା

■ ସମୟ ଅବଧିକୁ ୪ ଦିନ ରହିଲା
■ ଧାନ ଫସଲରେ ୭୦%, ମିଲେଟରେ ୩୦% ସମ୍ପୂର୍ଣ୍ଣ

**ସମ୍ବଲପୁର,୧୬।୧୦(ଭବାଗ୍ନୀ ଶଙ୍କର ଭୋଇ)**

ଭାରତ ସରକାରଙ୍କ କୃଷି ଓ କୃଷକ କଲ୍ୟାଣ ବିଭାଗ ପକ୍ଷରୁ ଦେଶରେ ଡିଜିଟାଲ ଫସଲ ସର୍ଭେ ବ୍ୟବସ୍ଥା ଲାଗୁ ହୋଇଛି । ସର୍ଭେର ଉଦ୍ଦେଶ୍ୟ ଜମିରେ ପ୍ରତ୍ୟେକ ଫସଲ ଋତୁରେ ଚାଷ କରାଯାଇଥିବା ପ୍ଲଟସ୍ତରୀୟ ଫସଲକୁ ଆକଳନ କରିବା। ଏଥିସହ ଜିଓଟ୍ୟାଗ ହୋଇଥିବା ଫଟୋ କ୍ଷେତ୍ର ପରିଦର୍ଶନ ମାଧ୍ୟମରେ ତଥ୍ୟକୁ ପ୍ରାମାଣିକ କରିବା। ଡିଜିଟାଲ ଫସଲ ସର୍ବେକ୍ଷଣ ପ୍ରଣାଳୀରେ ଜମିର ସୀମାରୁ ପ୍ରତ୍ୟେକ ଚାଷଜମି ପ୍ଲଟର ଫସଲ ସୂଚନା ସଂଗ୍ରହ କରିବାରେ ସକ୍ଷମ ହୋଇଥାଏ। ଜିଲା ଓ ବ୍ଲକସ୍ତରର କୃଷି ଏବଂ ରାଜସ୍ୱ ବିଭାଗର କର୍ମଚାରୀ ଅଗଷ୍ଟ ୧୬ରୁ ୩୦ ସେପ୍ଟେମ୍ବର ମଧ୍ୟରେ ଡିଜିଟାଲ ଫସଲ ସର୍ବେକ୍ଷଣ କରାଯିବାର ଯୋଜନା ରହିଥିଲା। ତେବେ ନିର୍ଦ୍ଧାରିତ ସମୟ ମଧ୍ୟରେ ସର୍ବେକ୍ଷଣ କାମ ସମ୍ପୂର୍ଣ୍ଣ ହୋଇ ପାରି ନ ଥିଲା। ଏହାପରେ ଡିଜିଟାଲ ଫସଲ ସର୍ବେକ୍ଷଣ ସମୟ ଅବଧି ଆସନ୍ତା ଅକ୍ଟୋବର ୨୦ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ତଥାପି ସରକାରଙ୍କ ଡିଜିଟାଲ ଫସଲ ସର୍ବେକ୍ଷଣ କାର୍ଯ୍ୟ ସମ୍ବଲପୁର ଜିଲାରେ ବହୁ ପଛରେ ରହିଥିବା ଅଭିଯୋଗ ହୋଇଛି। କୃଷି, ରାଜସ୍ୱ, ମୃତ୍ତିକା ସଂରକ୍ଷଣ ବିଭାଗ, ଉଦ୍ୟାନ ବିଭାଗ, ଯୋଜନା ଓ ପରିସଂଖ୍ୟାନ ବିଭାଗର ପଞ୍ଚାୟତ ଓ ଜିଲାସ୍ତରୀୟ ଅଧିକାରୀଙ୍କର ତତ୍ତ୍ୱାବଧାନରେ କରାଯାଉଛି।

ଜିଲା କୃଷି ଅଧିକାରୀ ଜଗବନ୍ଧୁ ପଟେଲଙ୍କ ତଥ୍ୟ ଅନୁସାରେ ବର୍ତ୍ତମାନ ପର୍ଯ୍ୟନ୍ତ ଜିଲାରେ ୬୮ ପ୍ରତିଶତ ଜମିରେ ଡିଜିଟାଲ ଫସଲ ସର୍ବେକ୍ଷଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ଧାନ ଫସଲ ହୋଇଥିବା ଜମିରେ ସର୍ଭେ କାମ ୭୦ପ୍ରତିଶତ ଏବଂ ମିଲେଟ ଚାଷ କ୍ଷେତ୍ରରେ ମାତ୍ର ୩୦ ପ୍ରତିଶତ ଜମି ସର୍ବେକ୍ଷଣ ହୋଇ ପାରିଛି। ତେଣୁ ସମୟ ବୃଦ୍ଧି ସତ୍ତ୍ୱେ ସରକାରଙ୍କ ଲକ୍ଷ୍ୟ ପୂରଣ ହେବାର ସମ୍ଭବନା ଦେଖାଯାଉନାହିଁ । ଏହି ସର୍ବେକ୍ଷଣ ହେବ ପରେ ଚାଷୀଙ୍କ ମୋବାଇଲ ଫୋନରେ ନିର୍ଦ୍ଦିଷ୍ଟ ଫସଲ ପାଇଁ ବିଭିନ୍ନ ପରାମର୍ଶ, କିଷାନ କ୍ରେଡିଟ କାର୍ଡ ଋଣ, ଫସଲ ବୀମା ପ୍ରସ୍ତାବର ଯାଞ୍ଚ, ସର୍ବନିମ୍ନ ସହାୟକ ମୂଲ୍ୟରେ ଫସଲ କ୍ରୟ ଏବଂ ଅନ୍ୟାନ୍ୟ ସରକାରୀ ଯୋଜନାରେ ଚାଷୀଙ୍କୁ ସାହାଯ୍ୟ କରିବ ଭଳି ଯୋଜନା ରହିଛି। ତେବେ ଜଙ୍ଗଲ ଅଧିକାର ଆଇନ ଅନୁସାରେ ପାଇଥିବା ଜମିରେ ମିଲେଟ ଚାଷ ହୋଇଥିବା କାରଣରୁ ମଧ୍ୟ ଅନେକ ଚାଷୀଙ୍କ ଜମିରେ ଡିଜିଟାଲ ଫସଲ ସର୍ବେକ୍ଷଣ ହୋଇପାରୁନାହିଁ। କାରଣ ସେହି ଜମି ଡିଜିଟାଲ ସର୍ଭେରେ ଜଙ୍ଗଲ ଜମିଂଭାବେ ଚିହ୍ନଟ ହୋଇଯାଉଛି। ତେବେ ସେହି ଜମିରେ ଚାଷ କରୁଥିବା ଚାଷୀଙ୍କୁ କେମିତି ସର୍ଭେ କରାଯିବ ତାହାକୁ ନେଇ ଚାଷୀ ଚିନ୍ତାରେ ପଡିଛନ୍ତି। ତେବେ ଜଙ୍ଗଲ ଅଧିକାର ଆଇନରେ ପାଇଥିବା ଜମିରେ ହୋଇଥିବା ଚାଷକୁ ଜିଲା ମୁଖ୍ୟ କୃଷି ଅଧିକାରୀ ପ୍ରମାଣିତ କରି ପାରିବେ ଯାହା ପୁଣି ଏକ ଜଟିଳ ପ୍ରକ୍ରିୟା। ସେହିପରି ଯଦି ଠିକ୍ ସମୟରେ ପ୍ରକୃତ ଚାଷୀ ଏବଂ ଚାଷ ଚିହ୍ନଟ ନ ହେବ ତେବେ ଚାଷ ଜମି ପି-ପାସ ପାଇବାରେ ଅସୁବିଧାର ସମ୍ମୁଖୀନ ହେବା ଆଶଙ୍କା ଦେଖାଦେଇଛି। ତେବେ ଚଳିତବର୍ଷ ଶହେ ପ୍ରତିଶତ ଜମିରେ ଡିଜିଟାଲ ଫସଲ ସର୍ବେକ୍ଷଣ ସମ୍ଭବ ନ ଥିବାରୁ ସରକାର ଫସଲ କ୍ରୟ ସମୟରେ ଏହାକୁ ବାଧ୍ୟତାମୂଳକ କରିବା ନେଇ ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ଆଦେଶ ମିଳି ନ ଥିବା ଜିଲା କୃଷି ଅଧିକାରୀ ପଟେଲ କହିଛନ୍ତି ।


ଜଣେ ଚାଷୀ ନିଜ ଜମିରେ ଫସଲ ନିରୀକ୍ଷଣ କରୁଛନ୍ତି ।

## ଖଡ଼ିଆଳ ପାଟଣା କ୍ଷତ୍ରିୟ ସମାଜର ପୂର୍ବତନ କୁଳପତିଙ୍କ ବିୟୋଗ

**ଖଡ଼ିଆଳ (ସୁଜିତ କୁମାର ପ୍ରଧାନ):** ଖଡ଼ିଆଳ ପାଟଣା କ୍ଷତ୍ରିୟ ସମାଜର ପୂର୍ବତନ କୁଳପତି ଜିତେନ୍ଦ୍ର ସିଂ ବାରିକଙ୍କ ୭୩ ବର୍ଷ ବୟସରେ ପରଲୋକ ହୋଇଯାଇଛି। ସେ ସମାଜରେ ୧୯୯୨ରୁ ୧୯୯୭ ପର୍ଯ୍ୟନ୍ତ କୁଳପତି ଦାୟିତ୍ୱ ତୁଲାଇଥିଲେ। ଖଡ଼ିଆଳ ବ୍ଲକ କୁର୍ଲୁଭଟା ଗ୍ରାମରେ ସେ ପରିବାର ସହିତ ରହିଆସୁଥିଲେ। ତାଙ୍କ ମୃତ୍ୟୁରେ କ୍ଷତ୍ରିୟ ସମାଜ ପକ୍ଷରୁ ଗଭୀର ଶୋକ ପ୍ରକାଶ ପାଇଛି। କୁର୍ଲୁଭଟା ନିକଟ ଶ୍ମଶାନରେ ଅନ୍ତେଷ୍ଟି କ୍ରିୟା କରାଯାଇଥିବା ବେଳେ ପୁଅ ରାଜେନ୍ଦ୍ର ନାରାୟଣ ସିଂ ବାରିକ ମୁଖାଗ୍ନି ଦେଇଥିଲେ।

# ସଂକ୍ଷେପରେ

## ଲୁକ୍କାୟିତ ପ୍ରତିଭା ପ୍ରକାଶର ମାଧ୍ୟମ 'ସୁରଭି'

**ଲାଞ୍ଜିଗଡ଼,୧୬।୧୦(ରମେଶ ଚନ୍ଦ୍ର ନାୟକ):** କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ହରେକୃଷ୍ଣପୁର କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି -୨୦୨୫ ଅନୁଷ୍ଠିତ ହୋଇଯାଇଛି। ପାଠପଢ଼ା ସହିତ ଛାତ୍ରୀଛାତ୍ରଙ୍କ ଲୁକ୍କାୟିତ ପ୍ରତିଭାର ପରିପ୍ରକାଶର ମାଧ୍ୟମ ହେଉଛି ସୁରଭି ବୋଲି ମସ୍କାପଦର ପ୍ରାଥମିକ ବିଦ୍ୟାଳୟଠାରେ ଅନୁଷ୍ଠିତ ମହୋତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଗୋଷ୍ଠୀ ଶିକ୍ଷାଧିକାରୀ ରୁଷିଆ ମେହେର ଏହା କହିଛନ୍ତି। ହରେକୃଷ୍ଣପୁର କ୍ଲଷ୍ଟର ସଂଯୋଜକ କାଞ୍ଚନବାଳା ମହାରଣାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ମହୋତ୍ସବରେ ବିଶିଷ୍ଟ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଭାରତ ଭୂଷଣ ସାହୁ, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ଭୂମି ଦାତା ଗୌରାଙ୍ଗ ମାଝୀ, ଛତ୍ରପୁର ସରପଞ୍ଚ ସୁଷମା ମାଝୀ, ସ୍କୁଲ ପରିଚାଳନା କମିଟି ସଭାପତି ଜଗନ୍ନାଥ ପ୍ରାଧାନୀ, ୱାର୍ଡ଼ମେମ୍ବର ତ୍ରିକୁ ମାଝୀ, ସମାଜସେବୀ ସତ୍ୟନାରାୟଣ ନାଏକ, ଖବରଦାତା କ୍ଷମାନିଧି ମହାଖୁଡ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଧାନଶିକ୍ଷକ ରାଘବ ଗହୀର ସ୍ୱାଗତ ଅଭିଭାଷଣ ଦେଇଥିବାବେଳେ ବରିଷ୍ଠ ଶିକ୍ଷକ କୃଷ୍ଣ ଦୁର୍ଗା ସଭା ପରିଚାଳନା କରିଥିଲେ। ଛାତ୍ରୀଛାତ୍ରଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ବିଚାରକ ଭାବେ ରାଘବ ଗହୀର, କୃଷ୍ଣ ଦୁର୍ଗା, ମନାଲିସା ଜେନା, ନିରଞ୍ଜନ ନାଏକ, ପ୍ରମୋଦ ରଥ, ସୁଶାନ୍ତ ବେହେରା ପଦ୍ମନାଭ ମହାନନ୍ଦ ଦାୟିତ୍ୱ ତୁଲାଇଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

## ମହାବିଦ୍ୟାଳୟରେ ରାଷ୍ଟ୍ରୀୟ ପୋଷଣ ମାସ

**ଖଡ଼ିଆଳ,୧୬।୧୦ (ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡ଼ିଆଳ ଆଦର୍ଶ ସ୍ନାତକ ମହାବିଦ୍ୟାଳୟରେ ଏନ୍ଏସ୍ଏସ୍ ତରଫରୁ ଅଷ୍ଟମ ରାଷ୍ଟ୍ରୀୟ ପୋଷଣ ମାସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ଼. ଅକ୍ଷୟ କୁମାର ସାହୁ ଏହାକୁ ଉଦ୍‌ଘାଟନ କରି ପୋଷଣ ସଚେତନତା ଓ ସୁସ୍ଥ ଜୀବନ ପଦ୍ଧତି ଉପରେ ଆଲୋକପାତ କରିଥିଲେ। ଅଧ୍ୟାପିକା ସୌମ୍ୟା ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ କିଶୋର ଅବସ୍ଥାରେ ପୃଥୁଳତା ବୃଦ୍ଧି ପାଇବାର କାରଣ ଓ ତା'ର ନିରାକରଣ ସମ୍ପର୍କରେ ଆଲୋଚନା କରିଥିଲେ। ସହକାରୀ ପ୍ରଫେସର ଡ଼. ସୁବାସ ଚନ୍ଦ୍ର ବିଶ୍ୱାଳ ଏନିମିଆର କାରଣ, ଲକ୍ଷଣ ଓ ପ୍ରତିରୋଧ ବିଷୟରେ ଆଲୋଚନା କରିଥିବାବେଳେ ଡ. ଶିବ କୁମାର ଶାରୀରିକ ସମତୁଲ ରଖିବାର ଉପାୟ ଅବଗତ କରାଇଥିଲେ। ଅଧ୍ୟାପକ ଆଶିଷ ଭୋଇ, ଅଧ୍ୟାପିକା ବନିତା ସେଠୀ, ପରମାନନ୍ଦ ପାନ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏନ୍ଏସ୍ଏସ୍ କାର୍ଯ୍ୟକ୍ରମ ଅଧିକାରୀ ଡ. ସୁରେନ୍ଦ୍ର କଲେତ ମଞ୍ଚ ପରିଚାଳନା କରିଥିବାବେଳେ ଶେଷରେ ମନୋବିଜ୍ଞାନ ଅଧ୍ୟାପକ ଚନ୍ଦ୍ରକାନ୍ତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଭବେନ୍ଦ୍ର ପଣ୍ଡା ଭାଜପା ରାଜ୍ୟ ଉପସଭାପତି



**ଭବାନୀପାଟଣା,୧୬।୧୦(ଉତ୍ତମ କୁମାର ଦାଶ):** ଭାଜପା ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଅନୁମୋଦନ କ୍ରମେ ବୁଧବାର ରାଜ୍ୟର ବିଭିନ୍ନ ଜିଲାର ୧୦ ଜଣ ବରିଷ୍ଠ ନେତାଙ୍କୁ ରାଜ୍ୟ ଉପସଭାପତି ଭାବେ ନାମ ଘୋଷଣା କରାଯାଇଛି। ଏହି ତାଲିକାରେ କଳାହାଣ୍ଡି ଜିଲାର ପୂର୍ବତନ ଜିଲା ସଭାପତି ତଥା ବରିଷ୍ଠ ନେତା ଭବେନ୍ଦ୍ର ପଣ୍ଡାଙ୍କ ନାମ ରହିଛି। ରାଜ୍ୟ ସଭାପତି ସାମଲ ଭବେନ୍ଦ୍ର ପଣ୍ଡାଙ୍କୁ ରାଜ୍ୟ ଉପସଭାପତି ଭାବେ ଅନୁମୋଦନ କରିଥିବାରୁ କଳାହାଣ୍ଡି ଜିଲା ଭାଜପା କାର୍ଯ୍ୟକର୍ତ୍ତାଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି।



ନାଳ ପାରି ହୋଇ ଗ୍ରାମବାସୀ ଯାଉଛନ୍ତି।

# ପୋଲ ନାହିଁ, ନାଳରେ ବିପଦସଙ୍କୁଳ ଯାତ୍ରା

## ଦୁର୍ଗମ ଅଞ୍ଚଳରେ ଆଦିବାସୀଙ୍କ ଅଭିଶପ୍ତ ଜୀବନ

**ଭବାନୀପାଟଣା,୧୬।୧୦(ଉତ୍ତମ କୁମାର ଦାଶ)**

ସରକାର ଦୁର୍ଗମ ଅଞ୍ଚଳରେ ବସବାସ କରୁଥିବା ଆଦିବାସୀଙ୍କ ପାଇଁ ଅନେକ ଯୋଜନା କରୁଛନ୍ତି। ହେଲେ ଆଜି ବି ସେମାନଙ୍କ ପାଖରେ ବିକାଶ ଅପହଞ୍ଚ ହୋଇଛି। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟଜଳ, ମୋବାଇଲ ନେଟ୍‌ୱାର୍କ ଭଳି ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି। ଏପରି କି ଜନବସତିର ଦଶନ୍ଧି ପରେ ମଧ୍ୟ ଗ୍ରାମକୁ ପୋଲଟିଏ ନିର୍ମାଣ ହୋଇପାରୁନି। ଫଳରେ ଜୀବନକୁ ବାଜି ଲଗାଇ ଯାତାୟାତ କରୁଛନ୍ତି ଗ୍ରାମବାସୀ। ଏପରି ଚିତ୍ର ଦେଖିବାକୁ ମିଳିଛି କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ବଡ଼ଚେରଗାଁ ପଞ୍ଚାୟତର ଦୁର୍ଗମ ତଥା ମାଓବାଦୀ ଅଧ୍ୟୁଷିତ ଲତାବାଞ୍ଜି ଗାଁରେ। ଏହି ଗାଁରେ କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ଡ୍ୟାମ ନିର୍ମାଣ କରାଯାଇ କେନାଲ ମାଧ୍ୟମରେ ଚାଷୀଙ୍କ ଜମିକୁ ପାଣି ଯାଉଛି। ଏହି କେନାଲ ପଛପଟେ ୧୦ ଆଦିବାସୀ ପରିବାର ବସବାସ କରନ୍ତି। କେନାଲରେ ପୋଲ ନିର୍ମାଣ ହୋଇ ନ ଥିବାରୁ ଲେଶକେ ଯାତାୟାତ ସମୟରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷ କରି କେନାଲରେ ପାଣି ପ୍ରବାହିତ ହେଲେ ଛୋଟ ଛୁଆମାନେ ସ୍କୁଲ ଯାଇପାରନ୍ତି ନାହିଁ। ସେହିପରି ଗର୍ଭବତୀ କିମ୍ବା ପ୍ରସୁତୀ ମହିଳାଙ୍କୁ ଖଟିଆରେ ବୋହି ମୁଖ୍ୟ ରାସ୍ତାକୁ ନେବାକୁ ପଡିଥାଏ । ପୋଲ ନ ଥିବା ଯୋଗୁ ଗ୍ରାମବାସୀ ବାଇକ୍ କିମ୍ବା ସାଇକେଲ ନାଳ ସେ ପାରିରେ ରଖି ଚାଲି ଚାଲି ନାଳ ପାର ହୋଇ ଘରକୁ ଯାଇଥାନ୍ତି। ଅନେକ ଆଦିବାସୀ ପରିବାର ନାଳ ଯୋଗୁ ଅନ୍ୟତ୍ର ସ୍ଥାନାନ୍ତର ମଧ୍ୟ ହେଲେଣି। ଏହି ନାଳରେ ଏକ ପୋଲ ନିର୍ମାଣ ପାଇଁ ସ୍ଥାନୀୟ ଜନ ପ୍ରତିନିଧି ଓ ପ୍ରଶାସନକୁ ଜଣାଇଥିଲେ ମଧ୍ୟ କିଛି ସୁଫଳ ମିଳିନାହିଁ। ନିର୍ବାଚିତ ପଞ୍ଚାୟତ ପ୍ରତିନିଧି ନିର୍ବାଚନ ସମୟରେ ଭୋଟ ଭିକ୍ଷା ପାଇଁ ଆସିଥାନ୍ତି। କିନ୍ତୁ ଭୋଟ ହାତେଇଲା ପରେ ଆଉ ୫ ବର୍ଷ ଦେଖା ଦେଇ ନ ଥାନ୍ତି ବୋଲି ଗ୍ରାମର ବନିତା ଭୋଇ, ସନ୍ତୋଷ ଭୋଇ ପ୍ରକାଶ କରିଛନ୍ତି। ଆଦିବାସୀ ବୋଲି ଗ୍ରାମବାସୀଙ୍କୁ ରାଜନେତା, ପ୍ରଶାସନ ଓ ନିର୍ବାଚିତ ପ୍ରତିନିଧିମାନେ ଅବହେଳା କରୁଥିବା ନେଇ ଗ୍ରାମବାସୀ କ୍ଷୋଭର ସହ ପ୍ରକାଶ କରିଛନ୍ତି। ରାଜ୍ୟରେ ୨୫ ବର୍ଷର ବିଜେଡି ସରକାରକୁ ହରାଇ ଦେଇ ଭାଜପା ସରକାର ଆସିଛି। ତେବେ ନୂଆ ସରକାର ଏହି ନିରୀହ ଆଦିବାସୀଙ୍କ ଦାବିକୁ କେବେ ଗ୍ରହଣ କରି ପୋଲ ନିର୍ମାଣ କରିବେ ତାହା ଦେଖିବାକୁ ବାକି ରହିଲା।

## କଳମପୁର କ୍ଲଷ୍ଟର ଶିଶୁ ମହୋତ୍ସବ ସୁରଭି




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

**କଳମପୁର,୧୬।୧୦(ଗଣେଶରାମ ବାଗ)**

କଳାହାଣ୍ଡି ଜିଲା କଳମପୁର ଆଞ୍ଚଳିକ ସାଧନ କେନ୍ଦ୍ର ଆନୁକୂଲ୍ୟରେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କ୍ଲଷ୍ଟର ଅନ୍ତର୍ଗତ ୧୬ ବିଦ୍ୟାଳୟରୁ ଶତାଧିକ ଛାତ୍ରୀଛାତ୍ର ଯୋଗଦାନ କରିଥିଲେ। ପ୍ରଥମ ଅଧିବେଶନରେ କଳମପୁର ବିଇଓ ମଧୁସ୍ମିତା ନାଏକ ମୁଖ୍ୟ ଅତିଥି, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ ରାହୁଲ କୁମାର ସାହୁ ମୁଖ୍ୟ ବକ୍ତା, ସମ୍ମାନିତ ଅତିଥି ଭାବରେ ଦୁର୍ଗାମାଧବ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅଶ୍ୱିନୀ କୁମାର ମୁଣ୍ଡ, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପାତ୍ରବସା ପ୍ରଧାନ ଶିକ୍ଷକ ମନ୍ମଥ କୁମାର ମିଶ୍ର ଯୋଗଦେଇଥିଲେ। ଦ୍ୱିତୀୟ ଅଧିବେଶନରେ କଳମପୁର ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ କୁଳମଣି ମାଝୀ ମୁଖ୍ୟ ଅତିଥି, ନକୁଳ ଚନ୍ଦ୍ର ଶବର ମୁଖ୍ୟବକ୍ତା, ସମ୍ମାନିତ ଅତିଥି ଭାବେ ପ୍ରଦୀପ କୁମାର ମାଝୀ ଯୋଗଦେଇଥିଲେ। ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ପ୍ରତିଯୋଗିତାରେ ଭାଗନେଲେ ଛାତ୍ରୀଛାତ୍ର

**ଜୟପାଟଣା,୧୬।୧୦(ଓମ୍ ପ୍ରକାଶ ବୈଠାରୁ):** କଳାହାଣ୍ଡି ଜିଲା ଜୟପାଟଣା ବ୍ଲକ ଅନ୍ତର୍ଗତ କୁଚାଗାଁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ବୁଧବାର କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି। କୁଚାଗାଁ ଆଞ୍ଚଳିକ ସାଧନ କେନ୍ଦ୍ର ଆନୁକୂଲ୍ୟରେ ଏହା ଆୟୋଜିତ ହୋଇଥିଲା। ବିଭିନ୍ନ ପ୍ରତିଯୋଗିତାରେ କ୍ଲଷ୍ଟର ଅନ୍ତର୍ଗତ ୧୩ ବିଦ୍ୟାଳୟରୁ ଶତାଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ସଭାରେ ଜିଲା ପରିଷଦ ସଭ୍ୟ ଜୋନ ୧ ଜୟପାଟଣା ଅଙ୍ଗଦ ମାଝୀ ମୁଖ୍ୟ ଅତିଥି ଓ ସ୍ଥାନୀୟ ସରପଞ୍ଚ ଅଷ୍ଟମୀ ଦୁର୍ଗା, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁରେନ୍ଦ୍ର ମୋହନ ଜୋଷୀ, ଶିକ୍ଷାବିତ ଫକୀର ଚରଣ ଦାସ, ପ୍ରଧାନ ଶିକ୍ଷକ ମହେନ୍ଦ୍ର ଦିଆରି ପ୍ରମୁଖ ସମ୍ମାନିତ ଅତିଥି ଭାବରେ ମଞ୍ଚାସୀନ ହୋଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ପରେ ଦଳଗତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏଥିରେ କର୍ମେଲି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶ୍ରେଷ୍ଠ ବିବେଚିତ ହୋଇ ବ୍ଲକ ସ୍ତରୀୟ ସୁରଭି ମହୋତ୍ସବରେ ଯୋଗଦାନ କରିବା ପାଇଁ ମନୋନୀତ ହୋଇଛି।

## ଜାତୀୟ ମାନବାଧିକାର କମିଶନରେ ଅଭିଯୋଗ

### ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମହିଳାଙ୍କ ମୃତ୍ୟୁ ଘଟଣା

**ଥୁଆମୂଳ ରାମପୁର,୧୬।୧୦(ଦୁର୍ଗା କୀର୍ତ୍ତି)**

ଥୁଆମୂଳ ରାମପୁର ବ୍ଲକ ମାଳିଗାଁ ପଞ୍ଚାୟତ ଡି.ଚେପଟାଘାଟ ଗ୍ରାମର କୁମ ଝୋଡିଆଙ୍କ ୪୫ ବର୍ଷୀୟ ସ୍ତ୍ରୀ ଗୁରୁବାରୀ ବୁଧବାର ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିଥିଲେ। ଏ ନେଇ ଧରିତ୍ରୀରେ ଖବର ପ୍ରକାଶ ପରେ ଗୁରୁବାର ଅନ୍ତ୍ୟୋଦୟ ଅନୁଷ୍ଠାନର ଅଧ୍ୟକ୍ଷ ଦିଲୀପ କୁମାର ଦାସ ଜାତୀୟ ମାନବ ଅଧିକାର କମିଶନଙ୍କ ନିକଟରେ ଅଭିଯୋଗ କରି ପୀଡିତ ପରିବାରକୁ ୨୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ନିମନ୍ତେ ଦାବି ଜଣାଇଛନ୍ତି। ଏହାସହିତ କର୍ତ୍ତବ୍ୟରେ ଅବହେଳା କରିଥିବା ଅଧିକାରୀଙ୍କୁ ତୁରନ୍ତ ଚାକିରିରୁ ବହିଷ୍କାର କରି ଗିରଫ କରିବା ଲାଗି ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେବାକୁ ଅନୁରୋଧ କରିଛନ୍ତି। ଅଭିଯୋଗକ୍ରମେ ମାନବାଧିକାର କମିଶନରେ କେସ୍ ଡାଏରୀ ନମ୍ବର ୨୪୬୨୯/ଆଇଏନ୍/୨୦୨୫ରେ ମାମଲା ରୁଜୁ ହୋଇଛି। ସୂଚନାଯୋଗ୍ୟ ଗୁରୁବାରି ନିଜ ବାଡିରେ ଅମୃତଭଣ୍ଡା ତୋଳିବା ବେଳେ ଝୁଲି ରହିଥିବା ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିଥିଲେ।

## ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷାଙ୍କ ଘରୁ ଚୋରି

**କେସିଙ୍ଗା,୧୬।୧୦(ତୁମେଶ୍ୱର ସାହୁ):** କଳାହାଣ୍ଡି ଜିଲା କେସିଙ୍ଗା ସହରର ୱାର୍ଡ ନଂ.୧୦ରେ ରହୁଥିବା ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ନମିତା ରାଣୀ ସାହୁଙ୍କ ଘରୁ ବୁଧବାର ରାତିରେ ଚୋରି ହୋଇଛି। ଏ ନେଇ ନମିତାଙ୍କ ସ୍ୱାମୀ ନିତ୍ୟାନନ୍ଦ ସାହୁ ଗୁରୁବାର କେସିଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗକ୍ରମେ ଦୁର୍ବୃତ୍ତମାନେ ଝରକା ଗ୍ରୀଲ ଭାଙ୍ଗି ସୁନା ମୁଦି, ମଙ୍ଗଳସୂତ୍ର, ଲକେଟ, ଚେନ ଓ ରୁପାର ଅଳଙ୍କାର, ବ୍ରାସ୍‌ଲେଟ ଇତ୍ୟାଦି ଅଳଙ୍କାର ଚୋରି କରିଛନ୍ତି। ଅଭିଯୋଗ ପାଇ ପୋଲିସ ଏକ ମାମଲା (ନଂ.୪୯୧/୨୫) ରୁଜୁ କରି ତଦନ୍ତ ଜାରି ରଖିଛି।

## କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିଙ୍କ ସହ ଅନ୍ୟମାନେ।

**ରିଷିଡ଼ା,୧୬।୧୦ (ସୁଶାନ୍ତ ମଲ୍ଲିକ)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ଆଞ୍ଚଳିକ ସାଧନ କେନ୍ଦ୍ର ଆନୁକୂଲ୍ୟରେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସୁରୁଜୁଲିଠାରେ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କ୍ଲଷ୍ଟର ଅନ୍ତର୍ଗତ ୯ ବିଦ୍ୟାଳୟରୁ ଶତାଧିକ ଛାତ୍ରୀଛାତ୍ର ଯୋଗଦାନ କରିଥିଲେ। ଉଦ୍‌ଯାପନୀ ସଭାରେ ଜିଲା ପରିଷଦ ସଭ୍ୟ ଜୋନ୍ ୧ କର୍ଲାମୁଣ୍ଡା ମହେନ୍ଦ୍ର ରଣା ମୁଖ୍ୟ ଅତିଥି ଓ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୋପାମନି ସାହୁ, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପ୍ରସନ୍ନ କୁମାର ସାହୁ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ହୋଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ପରିଶେଷରେ ଦଳଗତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କ୍ଲଷ୍ଟର ଅନ୍ତର୍ଗତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହାୟତା ପ୍ରଦାନ କରିଥିଲେ।

## ଲକ୍ଷ୍ମୀବିକାଶ ଡିଗ୍ରୀ କଲେଜରେ ୨ଦିନିଆ କର୍ମଶାଳା



କର୍ମଶାଳାରେ ଉପସ୍ଥିତ ଅତିଥି।

**ଭବାନୀପାଟଣା,୧୬।୧୦(ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଲକ୍ଷ୍ମୀ ବିକାଶ ଡିଗ୍ରୀ କଲେଜର ବିସିଏ ବିଭାଗରେ ଗୁରୁବାର ଦୁଇଦିନିଆ କର୍ମଶାଳା ଓ ଏକ ଦିନିଆ ହ୍ୟାକାଥନ ଶୁଭାରମ୍ଭ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ କଳାହାଣ୍ଡି ଯାନ୍ତ୍ରିକ ମହାବିଦ୍ୟାଳୟର ସହକାରୀ ପ୍ରଫେସର ଡ଼. ବସନ୍ତ କୁମାର ସ୍ୱାଇଁ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ନବୀନତା ଓ ଉଦୟମାନ ପ୍ରଯୁକ୍ତି ଉପରେ ଉଦ୍‌ବୋଧନ ଦେଇଥିଲେ। ପରେ ବୈଷୟିକ ଅଧିବେଶନ ଆୟୋଜିତ ହୋଇଥିଲା। ଏହାକୁ ସାଧନ ବ୍ୟକ୍ତି ଦିନେଶ କୁମାର ବାକ୍ସି ପରିଚାଳନା କରିଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ଡି. ରାମ କୁମାର, ପରିଚାଳନା ସଦସ୍ୟା ଡି. ପଦ୍ମିନୀ, ଅଧ୍ୟକ୍ଷ ଡା. ସୁଦୀପ୍ତ କୁମାର ଜାନା ପ୍ରମୁଖ ଉପସ୍ଥିତ ଥିଲେ। ଏହି କର୍ମଶାଳା ଓ ହ୍ୟାକାଥନ ଛାତ୍ରମାନଙ୍କ ବୈଷୟିକ ଦକ୍ଷତା ବିକଶିତ କରିବା, ସୃଜନଶୀଳ ଉପାୟ ଖୋଜିବା ପାଇଁ ଏକ ମୂଲ୍ୟବାନ ପ୍ଲାଟଫର୍ମ ପ୍ରଦାନ କରିଥିଲା। ଶେଷରେ ଶ୍ରେଷ୍ଠ ଦଳମାନଙ୍କୁ ସମ୍ମାନିତ କରାଯାଇଥିଲା।

## ପିଏମ୍‌ଶ୍ରୀ ଉଚ୍ଚ ମାଧ୍ୟମିକ (ବିଜ୍ଞାନ) ବିଦ୍ୟାଳୟ ଉଦ୍‌ଘାଟିତ

**ତୁଣ୍ଡଲା,୧୬।୧୦(ଫିରୋଜ କୁମାର ଦାଶ)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ତୁଣ୍ଡଲାଠାରେ ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ମାଧ୍ୟମିକ (ବିଜ୍ଞାନ) ବିଦ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଭାରପ୍ରାପ୍ତ ଅଧ୍ୟକ୍ଷ ଯତୀନ୍ଦ୍ର କୁମାର ପଧାନଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ କଳାହାଣ୍ଡି ଜିଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂଦେଓ ମୁଖ୍ୟ ଅତିଥି, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ହେମସାଗର ମହାନନ୍ଦ ମୁଖ୍ୟବକ୍ତା ଓ କେସିଙ୍ଗା ଗୋଷ୍ଠୀ ଶିକ୍ଷା ଅଧିକାରୀ ଆନନ୍ଦ କୁମାର ବେହେରା, କେସିଙ୍ଗା ପଞ୍ଚାୟତ ସମିତି ଅଧ୍ୟକ୍ଷ ଚନ୍ଦନ ସେନାପତି, ତୁଣ୍ଡଲା ପଞ୍ଚାୟତ ସରପଞ୍ଚ ସରୋଜ ସେଠ, ଜିଲା ପରିଷଦ ସଦସ୍ୟା ଜୋନ୍-୧ ଦୀପାଞ୍ଜଳି ସାହୁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି କମଳିନୀ ବାଗ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ପ୍ରଥମେ ଅତିଥିମାନଙ୍କ ଦ୍ୱାରା ଦୀପ ପ୍ରଜ୍ୱଳନ କରାଯାଇଥିଲା। ଶିକ୍ଷକ ଜିତେନ୍ଦ୍ର ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଞ୍ଚଳରେ ବିଜ୍ଞାନ ବିଦ୍ୟାଳୟ ଖୋଲିବା ନେଇ ଆଖପାଖ ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି। ଶେଷରେ ତୁଣ୍ଡଲା କ୍ଲଷ୍ଟର ସିଆର୍‌ସିସି ଗୋପାଳ ପଧାନ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।




ଉଦ୍‌ଘାଟନୀ ସମାରୋହରେ ଅତିଥିମାନେ।

## ଭୂର୍ଷାଗୁଡ଼ାରେ ଦଶହରା ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ

**କୋକସରା,୧୬।୧୦ (ଦୁଷ୍ମନ୍ତ କୁମାର ପାଢ଼ଯୋଷୀ)**

କଳାହାଣ୍ଡି ଜିଲା କୋକସରା ବ୍ଲକ ମହିମା ପଞ୍ଚାୟତ ଭୂର୍ଷାଗୁଡା ଗ୍ରାମରେ ମା' ଠାକୁରାଣୀ ଦେବୀଙ୍କ ବାର୍ଷିକ ଦଶହରା ଉପଲକ୍ଷେ ସ୍ୱାମୀ ବିବେକାନନ୍ଦ ଯୁବସଂଘ ଆନୁକୂଲ୍ୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୋକସରା ପଞ୍ଚାୟତ ସମିତି ଉପାଧ୍ୟକ୍ଷ ରାଜୀବ ଅଗ୍ରୱାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମଞ୍ଚ ଉଦ୍‌ଘାଟନ କରିଥିଲେ। ମହିମା ସରପଞ୍ଚ ଈଶରାମ କୋଳଥିଆ, ସମିତି ସଭ୍ୟ ଘନଶ୍ୟାମ ନାଏକ, ୱାର୍ଡ ସଭ୍ୟା ଭୂମିସୂତା ମାଝୀ, ୱାର୍ଡସଭ୍ୟ ଦୈତାରୀ ମାଝୀ, ଆମପାଣି ମଣ୍ଡଳ ସଭାପତି ମଧୁବନ ପାତ୍ର, ଉପସଭାପତି ଟଙ୍କଧର ନାଏକ, ମହିମା ଗୌନ୍ତିଆ ଦୀନକୃଷ୍ଣ ପାତ୍ର, ଗ୍ରାମ ପୂଜାରୀ ପୁରୁନ ପୂଜାରୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରତିଯୋଗିତାରେ ମୋଟ ୨୬ଟି ଦଳ ଅଂଶଗ୍ରହଣ କରିଥିଲେ। ପ୍ରଥମ ପୁରସ୍କାର ମା' କାଳୀମାଉଳି ଡ୍ୟାନ୍ସ ଗ୍ରୁପ କୋଟପାଡି, ଦ୍ୱିତୀୟ ବି.ଆର୍. ଡ୍ୟାନ୍ସ ଗ୍ରୁପ ଭୂର୍ଷିଗୁଡା, ତୃତୀୟ ୟୁବିଏମ ଡ୍ୟାନ୍ସ ଗ୍ରୁପ କଳମପୁର, ଚତୁର୍ଥ ମା' ଠାକୁରାଣୀ ଡ୍ୟାନ୍ସ ଗ୍ରୁପ ଭାଲିଆପୋର ଓ ପଞ୍ଚମ ପୁରସ୍କାର ମିସ ପଲ୍ଲବୀ ଡାବୁଗାଁ ପ୍ରାପ୍ତ କରିଥିଲେ। ଆୟୋଜକ କମିଟି ସଭାପତି ପଦ୍ମଲୋଚନ ମାଝୀ, ସମ୍ପାଦକ ଜିତେନ୍ଦ୍ର କୁମାର ଠାକୁର, କୋଷାଧ୍ୟକ୍ଷ ଡମ୍ବରୁଧର ନାଏକ, ସ୍ୱାମୀ ବିବେକାନନ୍ଦ ଯୁବସଂଘ ସଭାପତି ଶିବାନ ମାଝୀ, ସମ୍ପାଦକ କ୍ଷୀରୋଦ କୁମାର ନାଏକ, କୋଷାଧ୍ୟକ୍ଷ ଗୋବର୍ଦ୍ଧନ ନାଏକ ପ୍ରମୁଖ ସହଯୋଗ କରିଥିଲେ। ଜିତେନ୍ଦ୍ର କୁମାର ଠାକୁର ମଞ୍ଚ ସଂଯୋଜନା କରିଥିଲେ।



ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି।

**ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି**

ବିନିକା,(ରାମ ଗୋପାଳ ବାଘ): ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଗୋଷ୍ଠୀ ଶିକ୍ଷା ଅଧିକାରୀ ଲକ୍ଷ୍ମଣ ମିଶ୍ରଙ୍କ ସଭାପତିତ୍ୱରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଗୁରୁବାର ଅନୁଷ୍ଠିତ ଗୁରୁବାର ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ନଗରପାଳ ସୁବାଷ ଚନ୍ଦ୍ର ଭୁଏ ଯୋଗଦେଇଥିଲେ। ସ୍ୱତନ୍ତ୍ର ଅତିଥିଭାବେ ବ୍ଲକ ଅଧକ୍ଷା ଦୀପ୍ତିମୟୀ ନନ୍ଦ, ଭାଜପା ନେତା ବିଜୟ କୁମାର ମହାକୁର, ସମ୍ମାନିତ ଅତିଥି ଏବିଇଓ ହେମସାଗର କାଲସାଏ, ଟଙ୍କଧର ଭୋଇ, ବିନିକା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ କୃଷ୍ଣଚନ୍ଦ୍ର ମହାକୁର, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଅଧକ୍ଷ ବିମଳ ବିଶ୍ୱାଳ ଯୋଗଦେଇ ବକ୍ତବ୍ୟ ରଖିଥିଲେ।

# ବନ୍ଦ ଥିବା ମାଳିଦାଦର ପ୍ରାଥମିକ ସ୍କୁଲ ଖୋଲ

**ଅମରପାଲି, ୧୬।୧୦(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଦୁର୍ଜନତୈଲା ପଞ୍ଚାୟତର ଉପାନ୍ତ ମାଳିଦାଦର ଗ୍ରାମରେ ବନ୍ଦ କରାଯାଇଥିବା ପ୍ରାଥମିକ ସ୍କୁଲ ଖୋଲିବାକୁ ଗ୍ରାମର ମହିଳାମାନେ ଦାବି କରିଛନ୍ତି। ଏନେଇ ଗୁରୁବାର ସେମାନେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ଜିଲାପାଳ ନୃପରାଜ ସାହୁଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଦୀର୍ଘବର୍ଷ ହେଲା ଉକ୍ତ ସ୍କୁଲରେ କମ୍‌ପିଲା ଦର୍ଶାଇ ବନ୍ଦ କରାଯାଇଛି। ଫଳରେ ଗ୍ରାମର ଛାତ୍ରୀଛାତ୍ର ପାଠ ପଢ଼ିବାରୁ ବଞ୍ଚିତ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏକୱାର୍ଡ ବିଶିଷ୍ଟ ମାଳିଦାଦର ଗ୍ରାମରେ ପ୍ରାୟ ୫୦ ପରିବାର ବାସ କରନ୍ତି। ଗ୍ରାମର ଛାତ୍ରୀଛାତ୍ରଙ୍କୁ ସର୍ବଶିକ୍ଷା ଅଭିଯାନରେ ସାମିଲ କରିବା ଉଦ୍ଦେଶ୍ୟରେ ୨୦୦୪ ମସିହାରେ ଏକ ସରକାରୀ ପ୍ରାଥମିକ ବିଦ୍ୟାଳୟ ସ୍ଥାପନ କରାଯାଇଥିଲା। ଏହି ସ୍କୁଲରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିଲେ। ଏମାନଙ୍କୁ ପଢ଼ାଇବା ପାଇଁ ୨ଜଣ ଶିକ୍ଷକ ନିଯୁକ୍ତି କରାଯାଇଥିଲା। ପିଲାଏ ପାଠ ପଢିବା ପାଇଁ ସ୍କୁଲ କୋଠାଘର ମଧ୍ୟ ନିର୍ମାଣ କରାଯାଇଛି। ମାତ୍ର ଗତ ୨୦୨୧ରେ କମ ପିଲା ଦର୍ଶାଇ ଉକ୍ତ ସ୍କୁଲକୁ ବନ୍ଦ କରିଦିଆଯାଇଛି। ସ୍କୁଲ ବନ୍ଦ ପରେ ଗ୍ରାମବାସୀ ଏନେଇ ସ୍ଥାନୀୟ ଜନ ପ୍ରତିନିଧିଙ୍କଠୁ ଆରମ୍ଭ କରି ବିଇଓ, ଡିଇଓ, ଜିଲାପାଳଙ୍କୁ ଅଭିଯୋଗ କରିଥିଲେ। ମାତ୍ର ଏଥିପ୍ରତି କେହି କର୍ଣ୍ଣପାତ କରି ନ ଥିଲେ। ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ ଏବେ ମଧ୍ୟ ଗ୍ରାମରେ ୩୦ରୁ ଅଧିକ ଛାତ୍ରୀଛାତ୍ର ଅଛନ୍ତି। ସ୍କୁଲ ବନ୍ଦ ହେଲା ପରେ ସେହି ଛାତ୍ରୀଛାତ୍ରଙ୍କୁ ପ୍ରାୟ ୩ କିଲୋମିଟର ଦୂରରେ ଥିବା ଦାଦରପାଲି ସ୍କୁଲରେ ନାମ ଲେଖାଇବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ମାତ୍ର ଗାଁଠାରୁ ଦାଦରପାଲି ସ୍କୁଲ ଦୂର ହୋଇଥିବା ଓ ଜଙ୍ଗଲି ଅଞ୍ଚଳ ହୋଇଥିବାରୁ ଛୋଟ ପିଲାମାନେ ଏକୁଟିଆ ଯିବା ସମ୍ଭବ ହେଉନାହିଁ। ଏପରିକି ଅଭିଭାବକ ପ୍ରତିଦିନ ନିଜ ପିଲାଙ୍କୁ ସ୍କୁଲକୁ ଛାଡ଼ି ପାରୁନାହାନ୍ତି। ଫଳରେ ପିଲାମାନେ ଶିକ୍ଷାଦାନରୁ ବଞ୍ଚିତ ହେଉଛନ୍ତି। ଗ୍ରାମର ଅଧିକାଂଶ ଲୋକ ଗରିବ ଓ ଶ୍ରମିକ ଶ୍ରେଣୀର ହୋଇଥିବାରୁ ନିଜ ପିଲାଙ୍କୁ ବାହାରେ ମଧ୍ୟ ପଢ଼ାଇ ପାରୁ ନାହାନ୍ତି। ପୁନର୍ବାର ଉକ୍ତ ସ୍କୁଲକୁ ଖୋଲିବାକୁ ଗତ ମାସରେ ଜିଲା ଶିକ୍ଷା ଅଧିକାରୀ ଓ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ମାତ୍ର ଗ୍ରାମବାସୀ ସ୍କୁଲ ଖୋଲିବା ନେଇ କୌଣସି ସୂଚନା ମଧ୍ୟ ଏଯାଏ ନ ପାଇବାରୁ ପୁଣିଥରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଗ୍ରାମର ରଶ୍ମିତା ପ୍ରଧାନ, ଅନିତା ପ୍ରଧାନ, ପ୍ରଣତି ପ୍ରଧାନ, ସୁଲୋଚନା ମହାପାତ୍ର, ଅନୁସୂୟା ଖମାରୀ, ଶାନ୍ତି ଖମାରୀ, ଜୟନ୍ତୀ ଖମାରୀ, ସୁନିତି ଖମାରୀ,ଦିଲ୍ଲୀପ ଥାନପତି, ସୁଦର୍ଶନ ଖମାରୀ, ସତ୍ୟ ପ୍ରଧାନ, ଆନନ୍ଦ ପ୍ରଧାନ,ଚନ୍ଦନ ସନ୍ତରିଆଙ୍କ ସମେତ ଶତାଧିକ ମହିଳା ଓ ପୁରୁଷ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ଦାବିପତ୍ର ପ୍ରଦାନ କରିଛନ୍ତି। ଜିଲାପାଳ ଗ୍ରାମର ମହିଳାଙ୍କୁ ମାଳିଦାଦର ଗ୍ରାମକୁ ଯାଇ ଏହାର ତଦନ୍ତ କରିବା ସହିତ ସ୍କୁଲ ଖୋଲିବା ପାଇଁ ପ୍ରକ୍ରିୟା ଆରମ୍ଭ କରାଯିବ ବୋଲି କହିଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି।


ଜିଲାପାଳଙ୍କ କାର୍ଯ୍ୟାଳୟରେ ମାଳିଦାଦର ଗ୍ରାମର ମହିଳାମାନେ।

**ଜିଲାପାଳଙ୍କୁ ମହିଳାଙ୍କ ଦାବିପତ୍ର ପ୍ରଦାନ**

# ଅଭିଯୁକ୍ତକୁ ୨୦ ବର୍ଷ କାରାଦଣ୍ଡାଦେଶ

**ବୌଦ୍ଧ, ୧୬।୧୦(ଅଜିତ କୁମାର ବାରିକ)**

**ନାବାଳିକାଙ୍କ ସହ ଶାରୀରିକ ସମ୍ପର୍କ ମାମଲା**

ନାବାଳିକାଙ୍କ ସହ ଶାରୀରିକ ସମ୍ପର୍କ ମାମଲାର ରାୟ ଗୁରୁବାର ପ୍ରକାଶ ପାଇଛି। ବୌଦ୍ଧ ଅତିରିକ୍ତ ଜିଲା ଦୌରାଜଜ୍ ତଥା ସ୍ପେଶାଲ ଜଜ୍ ଅଖିଳ କୁମାର ପଶ୍ଚିମକବାଟ ଏହି ମାମଲା ବିଚାର କରି ଅଭିଯୁକ୍ତ ସରୋଜ ରଣବିଡା(୨୩)କୁ ୨୦ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହିତ ୨୦ ହଜାର ଟଙ୍କା ଜରିମାନା ଦେବାକୁ ରାୟରେ ଉଲ୍ଲେଖ କରାଯାଇଛି। ଜରିମାନା ଅନାଦେୟ ହେଲେ ଅଧିକ ୬ ମାସ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ଶୁଣାଣି କରିଛନ୍ତି। ଅନ୍ୟପଟେ ଅଦାଲତ ପୀଡ଼ିତାକୁ କ୍ଷତିପୂରଣ ପାଇ ୫ ଲକ୍ଷ ଟଙ୍କା ପ୍ରଦାନ କରିବାକୁ ଜିଲା ଆଇନ ସେବା ପ୍ରାଧିକରଣଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରକଶ ଯେ, ୪ ଅଗଷ୍ଟ ୨୦୨୨ରେ ବୌଦ୍ଧ ଜିଲାର ବାଉଁଶୁଣୀ ଥାନା ଅଞ୍ଚଳରେ ମା, ବାପା ଚାଷ କରିବାକୁ ଜମିକୁ ଯାଇଥିଲେ। ସେହିଦିନ ତାଙ୍କର ୧୦ ବର୍ଷର ନାବାଳିକା ଝିଅ ବିଦ୍ୟାଳୟରୁ ଅପରାହ୍ନରେ ଘରକୁ ଆସିଥିଲେ। ଘରେ ନାବାଳିକା ଜଣକ ଏକୁଟିଆ ଥିବାବେଳେ ସେହି ଗାଁର ଅଭିଯୁକ୍ତ ସରୋଜ ଆସି ନାବାଳିକାଙ୍କୁ ଭଲପାଉଛି, ବାହା ହେବି ବୋଲି କହି ଜୋର ଜବରଦସ୍ତ ଶାରୀରିକ ସମ୍ପର୍କ ରଖିଥିଲେ। ଏହି ସମୟରେ ସମ୍ପର୍କୀୟମାନେ ପହଞ୍ଚି ଯିବାରୁ ଅଭିଯୁକ୍ତ ଜଣକ ସେଠାରୁ ପଳାଇଥିଲେ। ସନ୍ଧ୍ୟାରେ ଜମିରୁ ଫେରିବା ପରେ ଝିଅଠାରୁ ସବୁ ଶୁଣି ନାବାଳିକାଙ୍କ ବାପା ୫ ଅଗଷ୍ଟ ୨୦୨୨ରେ ବାଉଁଶୁଣୀ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ (ନଂ. ୬୫/୨୨) ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି ମାମଲାରେ ସରକାରଙ୍କ ପକ୍ଷରୁ ୧୩ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ବିଚାରପତି ଉପରୋକ୍ତ ଶୁଣାଣି କରିଛନ୍ତି। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ସ୍ପେଶାଲ ପିପି ଧୁରୀଣ କୁମାର ଦେହୁରୀ ପରିଚାଳନା କରୁଥିଲେ।

# ରାଷ୍ଟ୍ରୀୟ ପୋଷଣ ମାସ ପାଳିତ


ବିନିକା ସିଦ୍ଧାର୍ଥ ଡିଗ୍ରୀ କଲେଜରେ ଅନୁଷ୍ଠିତ ପୋଷଣ କାର୍ଯ୍ୟକ୍ରମରେ ଅତିଥି।

**ବିନିକା, ୧୬।୧୦(ରାମ ଗୋପାଳ ବାଘ)**

ସୁବର୍ଣ୍ଣପୁର ଜିଲା ବିନିକା ସିଦ୍ଧାର୍ଥ ସ୍ନାତକ ମହାବିଦ୍ୟାଳୟରେ ଗୁରୁବାର ଅଧକ୍ଷ ଡ଼ ଧୀରେନ୍ଦ୍ର କୁମାର ନାୟକଙ୍କ ଅଧକ୍ଷତାରେ ପୋଷଣ ମାସ କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି। ମୁଖ୍ୟ ବକ୍ତାଭାବେ ସିଡିପିଓ ଲକ୍ଷ୍ମୀପ୍ରିୟା ମିଶ୍ର, ସମ୍ମାନୀତ ଅତିଥିଭାବେ ଅଧ୍ୟାପକ ଗୋପାଳକୃଷ୍ଣ ଦାସ, ଅଧ୍ୟାପିକା ଜାନକୀ ସମିନି ଯୋଗଦେଇ ରାଷ୍ଟ୍ରୀୟ ପୋଷଣ ମାସ କାର୍ଯ୍ୟକ୍ରମରେ ସୁଷମ ଖାଦ୍ୟ ପରିଚାଳନା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଅଧ୍ୟାପକ ଭଗବାନ ସାହୁ ମଞ୍ଚ ପରିଚାଳନା କରିଥିବାବେଳେ ଅଧ୍ୟାପିକା ଦିବ୍ୟାଲୋକା ମହାପାତ୍ର ଧନ୍ୟବାଦ ଦେଇଥିଲେ । କାର୍ଯ୍ୟକ୍ରମରେ ସମସ୍ତ ଛାତ୍ରୀଛାତ୍ର, କର୍ମଚାରୀ ଯୋଗଦାନ କରିଥିଲେ।

## ସଂକ୍ଷେପରେ

### ସିଦ୍ଧାର୍ଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କୌଶଳ ବିକାଶ ଯାତ୍ରା

**ବିନିକା, ୧୬।୧୦(ରାମ ଗୋପାଳ ବାଘ)**

ସୁବର୍ଣ୍ଣପୁର ଜିଲା ବିନିକା ସିଦ୍ଧାର୍ଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗୁରୁବାର ଦେଶର ଅଗ୍ରଣୀ ଦକ୍ଷତା ଏବଂ ଉଚ୍ଚଶିକ୍ଷା ସଙ୍ଗଠନ ଆଇସେକ୍ଟ ଆୟୋଜିତ କୌଶଳ ବିକାଶ ଯାତ୍ରା ଅଧକ୍ଷା ଡ଼ ରେଖା ପଧାନଙ୍କ ନେତୃତ୍ୱରେ ଆରମ୍ଭ ହୋଇଛି। ଯାତ୍ରା ସମୟରେ ଏଆଇ ସେମିନାର, କର୍ମଶାଳା, କ୍ୟାରିଅର ପରାମର୍ଶ ଅଧିବେଶନ ଏବଂ ବୈଷୟିକ ପ୍ରଦର୍ଶନ ଆୟୋଜନ କରାଯାଇଥିଲା। ଆଇସେକ୍ଟ ମୁଖପାତ୍ର ସନ୍ତୋଷ ଚୋବେ କହିଛନ୍ତି ଦକ୍ଷତା ବିକାଶ ଯାତ୍ରା କେବଳ ଶିକ୍ଷାଗତ ଅଭିଯାନ ନୁହେଁ, ବରଂ ଯୁବପିଢ଼ିଙ୍କୁ ଭବିଷ୍ୟତର ପ୍ରଯୁକ୍ତିବିଦ୍ୟା ସହିତ ସଂଯୋଗ କରିବା, ନିଯୁକ୍ତିମୁଖୀ ଶିକ୍ଷା ପ୍ରଦାନ କରିବା ଏକ ପଦକ୍ଷେପ। ଆୟୋଜିତ କାର୍ଯ୍ୟକ୍ରମରେ ଆଇସେକ୍ଟ ବିନିକା ଅଧକ୍ଷ ଅରବିନ୍ଦ ଦାସଙ୍କ ଉପସ୍ଥିତିରେ ଆଇସେକ୍ଟ ଓଡ଼ିଶା କ୍ଷେତ୍ରୀୟ ସଂଯୋଜକ ରଞ୍ଜିତ କୁମାର୍ ସାହୁ ୩୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କୁ ଏଆଇର ମହତ୍ତ୍ୱ ଏବଂ ଭବିଷ୍ୟତର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଅରୁଣ କୁମାର୍ ସାହୁ, ଅମିତ କୁମାର୍ ଶିୟ ଓଡ଼ିଶା ସରକାରଙ୍କ ବିଭିନ୍ନ ନିଃଶୁଳ୍କ ପ୍ରଶିକ୍ଷଣ ଉପରେ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ।

### ଗଜଲକ୍ଷ୍ମୀ ଭସାଣି: ପାରମ୍ପରିକ ବାଦ୍ୟରେ ମା'ଙ୍କୁ ବିଦାୟ



**ବୀରମହାରାଜପୁର, ୧୬।୧୦(ଯୁଗଳ କିଶୋର ମିଶ୍ର)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ମୁର୍ଷୁଣ୍ଡୀଠାରେ ୪୩ତମ ଗଜଲକ୍ଷ୍ମୀ ପୂଜା ମଙ୍ଗଳବାର ଉଦ୍‌ଯାପିତ ହୋଇଥିଲା। ବୁଧବାର ସକାଳ ନଅଟାରୁ ଭସାଣି ଉତ୍ସବ ଆରମ୍ଭ ହୋଇଥିଲା। ପାରମ୍ପରିକ ପଞ୍ଚବାଦ୍ୟ, ଘଣ୍ଟବାଦ୍ୟ,ଦୁଲଦୁଲି, ଦଣ୍ଡ ନୃତ୍ୟ ସହିତ ଗ୍ରାମ ପରିକ୍ରମା କରିସାରିବା ପରେ ହରିହର ଯୋର୍‌ରେ ବିସର୍ଜନ କରାଯାଇଥିଲା। ବିସର୍ଜନରେ ମା' ଗଜଲକ୍ଷ୍ମୀଙ୍କ ମୂର୍ତ୍ତି ସହ, ରାମ, ଲକ୍ଷ୍ମଣ, ସୀତା, ହନୁମାନ ପ୍ରଭୃତି ଦେବଦେବୀଙ୍କୁ ପାଇଁ ସ୍ୱତନ୍ତ୍ର ଗାଡ଼ିରେ ନିଆଯାଇଥିଲା। ବିସର୍ଜନ ପାଇଁ ପ୍ରବଳ ଜନ ସମାଗମ ହୋଇଥିଲା। ଏଥିପାଇଁ ବ୍ୟାପକ ପୋଲିସ ବ୍ୟବସ୍ଥା କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାର କମିଟି ସଭାପତି ଲବ କୁମାର ସାହୁ, ଉପଦେଷ୍ଟା ରାଜଗୋପାଳ ପାଣିଗ୍ରାହୀ, କୁଶ କୁମାର ସାହୁ, ପ୍ରେମାନନ୍ଦ ଜଟି, ଉପ ସଭାପତି ଧନଞ୍ଜୟ ସାହୁ, ସମ୍ପାଦକ ତ୍ରୟଞ୍ଜିବୀ ମିଶ୍ର, କୋଷାଧକ୍ଷ ସତ୍ୟମୋହନ ବେଦପାଣ, ସହସମ୍ପାଦକ ବିଦ୍ୟାଧର ଖୁର୍ଦ୍ଦିଆଙ୍କ ସମେତ କମିଟିର ସମସ୍ତ କର୍ମକର୍ତ୍ତା ସାମିଲ ହୋଇଥିଲେ।

# ମୁରାସୁର ନିହତ, ବିଷ୍ଣୁଙ୍କ ସ୍ତୁତିଗାନ କଲେ ଦେବଗଣ

**ଡୁଙ୍ଗୁରିପାଲି, ୧୬।୧୦(ଦୀନବନ୍ଧୁ ସୁନା)**

ସୁବର୍ଣ୍ଣପୁର ଜିଲା ରାମପୁରରେ ଚାଲିଥିବା ୪୫ ତମ ଗଜଲକ୍ଷ୍ମୀପୂଜା ସହ ମୁରାସୁର ଦରବାର ବୁଧବାର ରାତିରେ ମୁରାସୁରଙ୍କ ବଧ ସହ ଉଦ୍‌ଯାପିତ ହୋଇଯାଇଛି। ମୁକ୍ତାକାଶ ରଙ୍ଗମଞ୍ଚରେ ପୁରାଣ କଥା ବସ୍ତୁକୁ ନେଇ ବିଷ୍ଣୁଙ୍କ ହସ୍ତରେ ମୁରାସୁର ନିହତ ହୋଇଛନ୍ତି। ଏଥିସହ ତାଙ୍କ ଭାଇ ଦାରୁଣାସୁର, କଣ୍ଟ, ନିକଣ୍ଟ ମଧ୍ୟ ନିହତ ହୋଇଛନ୍ତି। ଏହା ପରେ ଦେବଗଣ ବିଷ୍ଣୁଙ୍କ ସ୍ତୁତି ଗାନ କରିବା ଦୃଶ୍ୟ ପରିବେଷିତ ହୋଇଥିଲା।

ଉଦ୍‌ଯାପନୀ ଦିବସରେ ରାଜଦରବାରକୁ ରାଜ ଅତିଥିଭାବେ ରାମପୁର ତହସିଲଦାର ବିମଳ କିଶୋର ପାତ୍ର ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ଥାନା ଅଧିକାରୀ ପଦ୍ମାସିନି ମେହେର ଯୋଗଦେଇଥିଲେ। ପୂଜା କମିଟି ସଭାପତି ପ୍ରକାଶ ଅଗ୍ରୱାଲଙ୍କ ଅଧକ୍ଷତାରେ ରାଜ ଦରବାର ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ମଞ୍ଚ ପରିଚାଳନା କରିଥିଲେ ପ୍ରଫୁଲ୍ଲ ମେହେର। ଏହି ଅବସରରେ ରାଜ ଦରବାରରେ ରକ୍ତଦାନ ଶିବିରର ଆବାହକ ଭାରତଭୂଷଣ ପୂଜାରୀ, ରକ୍ତଦାତ୍ରୀ ଟାଙ୍ଗରକର୍ଲେର ବ୍ରଜେଶ୍ୱରୀ ପଧାନ ଓ ଗାଇସିଲେଟ ବ୍ଲକ ଭୂତିବାହାଲ ଗ୍ରାମର ସମ୍ବଲପୁରୀ ଦୁଲଫୁଲ କଳା ପରିଷଦ ଅନୁଷ୍ଠାନ କଳାକାରଙ୍କୁ ମହାରାଜ ମୁରାସୁର ସମ୍ବର୍ଦ୍ଧିତ କରିଥିଲେ। ପୂଜା କମିଟି ପକ୍ଷରୁ ମୁରାସୁର ଭୂମିକାରେ ଅଭିନୟ କରୁଥିବା ମନରଞ୍ଜନ ଚିରଗୁଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କମିଟି ଉପସଭାପତି ଉମାକାନ୍ତ ମେହେର, ସମ୍ପାଦକ ରିଙ୍କୁ ମେହେର, ସହସମ୍ପାଦକ ସୁମନ୍ତ ମେହେର, କୋଷାଧକ୍ଷ ଦିଲୀପ ମେହେର, ରଜତ ବେହେରା, ଶଙ୍ଖୁ ସାହୁଙ୍କ ସହ ରାମପୁର ଗ୍ରାମବାସୀ ସହଯୋଗ କରିଥିଲେ।

ଗଜଲକ୍ଷ୍ମୀ ପୂଜା କମିଟି ଆନୁକୂଲ୍ୟରେ ହୋଇଥିବା ମୁରାସୁର ଦରବାରକୁ ଗତ ଗୁରୁବାର ଜିଲାପାଳ ଡ଼ ନୃପରାଜ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସାତ ଦିନଧରି ଅନୁଷ୍ଠିତ ଗଜଲକ୍ଷ୍ମୀ ପୂଜା ରାମପୁରସ୍ଥିତ ଅଗ୍ନିଶମ ସେବା କେନ୍ଦ୍ର ନିକଟ ମାଲୁ ପଡିଆରେ ମୁରାସୁର ଦରବାର ଅନୁଷ୍ଠିତ ହୋଇଥିଲା। ପ୍ରତି ଦିନ ରାଜଦରବାରରେ ଓଡ଼ିଶା ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବୁଧବାର ଉଦ୍‌ଯାପନୀ ଦିବସରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରକୁ ରାମପୁର ଥାନା ଅଧିକାରୀ ମେହେର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ।



ଉଦ୍‌ଯାପନୀ ସନ୍ଧ୍ୟାରେ ବିଷ୍ଣୁ ମୁରାସୁରଙ୍କୁ ନିଧନ କରୁଛନ୍ତି।

**ରାମପୁର ଗଜଲକ୍ଷ୍ମୀ ପୂଜା ଉପଲକ୍ଷେ ମୁରାସୁର ଦରବାର**

# ଶିକ୍ଷାର୍ଥୀଙ୍କ ଗୁଣାବଳୀ ବିଚ୍ଛୁରିତ କରେ ସୁରଭି ମଞ୍ଚ

**ସମ୍ପୋଚ, ରାଧାନଗର କ୍ଲଷ୍ଟରରେ ସୁରଭି କାର୍ଯ୍ୟକ୍ରମ**

**ହରଭଙ୍ଗା, ୧୬।୧୦(ନରେନ୍ଦ୍ର କୁମାର ସାହୁ)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ସମ୍ପୋଚ ଓ ରାଧାନଗର କ୍ଲଷ୍ଟରରେ ଗୁରୁବାର ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସମ୍ପୋଚ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ୧୧ଟି ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ନେଇ ଏହି କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ୧୧ଟି ଇଭେଣ୍ଟ ହୋଇଥିବାବେଳେ ୨୦୦ ଛାତ୍ରୀଛାତ୍ର ଭାଗ ନେଇଥିଲେ। ହରେକୃଷ୍ଣପୁର ସିଆର୍‌ସିସି ନିଳାଚଳ ବିହାରୀ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ପୋଚ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରଜନୀକାନ୍ତ ପ୍ରଧାନ ମୁଖ୍ୟ ଅତିଥି, କଳାକାର ଚିତ୍ତରଞ୍ଜନ କର୍ଣ୍ଣ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷକ ପ୍ରଧାନ ସୁରଭି କାର୍ଯ୍ୟକ୍ରମ ମାଧ୍ୟମରେ ଶିକ୍ଷାର୍ଥୀମାନଙ୍କ ଭିତରେ ଥିବା ଗୁଣାବଳିର ବାସ୍ନା ବିଚ୍ଛୁରିତ ହେବାର ପ୍ରକୃଷ୍ଟ ମଞ୍ଚ ବୋଲି ମତବ୍ୟକ୍ତ କରିଥିଲେ। ଶିକ୍ଷକ ବିଜୟ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସାମିଲ ହୋଇଥିଲେ। ସେହିପରି ରାଧାନଗର କ୍ଲଷ୍ଟରର ରାଧାନଗର ପ୍ରାଥମିକ ବିଦ୍ୟାଳୟରେ ମଧ୍ୟ ସୁରଭି କାର୍ଯ୍ୟକ୍ରମ ହୋଇଥିଲା। ରାଧାନଗର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦେବରାଜ ମଲିକଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବୌଦ୍ଧ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧକ୍ଷ ପୂର୍ଣ୍ଣାନନ୍ଦ ସିଂ ମୁଖ୍ୟ ଅତିଥି, ସିଆର୍‌ସିସି ପ୍ରଶାନ୍ତ କୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ୧୧ଟି ବିଦ୍ୟାଳୟର ୧୬୦ ଜଣ ଛାତ୍ରୀଛାତ୍ର ନେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଥୁରା ସରପଞ୍ଚ ପ୍ରଦୀପ କୁମାର କହଁର ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରିଥିଲେ।

# ଜଳ ବିଭାଜିକା ପିଡି ଅଫିସ ବରିଷ୍ଠ ସହାୟକ ନିଲମ୍ବିତ

**ସୋନପୁର, ୧୬।୧୦(ମୃତ୍ୟୁଞ୍ଜୟ ଶତପଥୀ)**

**ଜିଲାପାଳ ଅଚାନକ ପହଞ୍ଚି କାର୍ଯ୍ୟାନୁଷ୍ଠାନ ନେଲେ**

ସୁବର୍ଣ୍ଣପୁର ମୃତ୍ତିକା ସଂରକ୍ଷଣ ବିଭାଗର ଉପନିର୍ଦ୍ଦେଶକ ତଥା ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟର ବରିଷ୍ଠ ସହାୟକ କାଲୁ ମିର୍ଦ୍ଧାଙ୍କୁ ଜିଲାପାଳ ଡ. ନୃପରାଜ ସାହୁ ଗୁରୁବାର ନିଲମ୍ବନ କରିଛନ୍ତି। ସରକାରୀ କାର୍ଯ୍ୟରେ ଅବହେଳା ଅଭିଯୋଗରେ ତାଙ୍କୁ ନିଲମ୍ବନ କରାଯାଇଛି। ନିଲମ୍ବନ ସମୟରେ ସେ ଜିଲାପାଳଙ୍କ କାର୍ଯ୍ୟାଳୟର ସଂସ୍ଥାପନା ଶାଖାରେ ନିୟମିତ ଅଫିସ ସମୟରେ ଉପସ୍ଥିତ ରହିବେ ବୋଲି ନିର୍ଦ୍ଦେଶ ରହିଛି। ସୂଚନା ଅନୁଯାୟୀ ପୂର୍ବାହ୍ନରେ ଜିଲାପାଳ ଡ. ସାହୁ ଅଚାନକ ଜଳ ବିଭାଜିକା ପିଡିଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଅଫିସ ବୁଲିବା ସମୟରେ ବରିଷ୍ଠ କିରାଣି ମିର୍ଦ୍ଧା ଟେବୁଲ ଉପରେ ଦୁଇ ଗୋଡ ରଖି ଚୌକିରେ ବସିଥିବା ଦେଖିବାକୁ ପାଇଥିଲେ। ଏହାପରେ ଜିଲାପାଳ ତତ୍‌କ୍ଷଣାତ ତାଙ୍କୁ ନିଲମ୍ବନ ଆଦେଶ ପ୍ରଦାନ କରିଥିଲେ। ମିର୍ଦ୍ଧାଙ୍କ ନାମରେ ପୂର୍ବରୁ ଅନେକ ଅଭିଯୋଗ ଥିଲା। ସେ ନିଜର ଦାୟିତ୍ୱ ଠିକ୍ ଭାବେ ନିର୍ବାହ କରୁ ନ ଥିଲେ। କାର୍ଯ୍ୟାନୁଷ୍ଠାନ ପରେ ସରକାରୀ କାର୍ଯ୍ୟରେ ଅବହେଳା କରୁଥିବା ଜିଲାର ଅନ୍ୟ ଅଧିକାରୀ ଓ କର୍ମଚାରୀଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି। ଜିଲାପାଳଙ୍କ ଏହି କାର୍ଯ୍ୟାନୁଷ୍ଠାନକୁ ସାଧାରଣରେ ସ୍ୱାଗତ କରାଯାଇଛି।

# ବାଲି ବୋଝେଇ ୨ ହାଇୱା ଜବତ, ୭.୧୦ ଲକ୍ଷ ଜରିମାନା

**ସୋନପୁର, ୧୬।୧୦(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ଅଗ୍ନିଶମ ସେବା କେନ୍ଦ୍ର ସମ୍ମୁଖ ଛକରେ ଖଣି ବିଭାଗ ପକ୍ଷରୁ ଚଢାଉ କରାଯାଇଛି। ବୀରମହାରାଜପୁର ତହସିଲ ଅନ୍ତର୍ଗତ ହରିହରଯୋର କୃଷ୍ଣପାଲି ଘାଟରୁ ବଡ ହାଇୱା ଯୋଗେ ସମ୍ବଲପୁରକୁ ବାଲି ଚୋରାଚାଲାଣ ହେଉଥିଲା। ଏହି ଉସ ସରକାରଙ୍କ ପକ୍ଷରୁ ଲିଜ୍ ଦିଆ ଯାଇ ନ ଥିବା ବେଳେ ବେଧଡକ ଭାବେ ଦିନ ରାତି ବାଲି ଉତ୍ତୋଳନ ଚାଲିଥିଲା। ଅଭିଯୋଗ କ୍ରମେ ଖଣି ବିଭାଗ ପକ୍ଷରୁ ୨ଟି ବାଲି ବୋଝେଇ ହାଇୱା ନଂ ଓଡି୧୫ଏଡି–୯୩୩୩ ଓ ଓଡି୧୫ଏଲ–୨୪୦୫କୁ ଜବତ କରାଯାଇଛି। ଉଭୟ ହାଇୱାରୁ ମୋଟ ୭ଲକ୍ଷ ୧୦ ହଜାର ଟଙ୍କା ଜରିମାନା କରାଯାଇଛି। ଖଣି ବିଭାଗ ପକ୍ଷରୁ ଜବତ ହାଇୱା ସମ୍ପର୍କରେ ଗୁରୁବାର ଆଞ୍ଚଳିକ ପରିବହନ ବିଭାଗକୁ ଚିଠି କରାଯାଇଛି। ପୋଲିସ ଟିମ୍ ସହାୟତାରେ କନିଷ୍ଠ ଖଣି ଅଧିକାରୀ ଜ୍ୟୋତିରଞ୍ଜନ ପ୍ରଧାନ ଓ ନରେଶ ମରେଇ ଏହି ଚଢାଉ କରିଥିଲେ।

# 'ମହିଳାଙ୍କ ପାଇଁ କଂଗ୍ରେସ ଲଢ଼େଇ କରିବ'

**ବୌଦ୍ଧ, ୧୬।୧୦(ଅଜିତ କୁମାର ବାରିକ)**

ବୌଦ୍ଧ ସର୍କିଟ ହାଉସରେ ଜିଲା କଂଗ୍ରେସ ପକ୍ଷରୁ ଗୁରୁବାର ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଛି। ବୌଦ୍ଧ ଜିଲାରେ କୌଣସି ରାଜନୈତିକ ଦଳ ମହିଳାଙ୍କୁ ଜିଲା ସଭାପତି ଦାୟିତ୍ୱ ଦେଇ ନ ଥିବା ବେଳେ କଂଗ୍ରେସ ପ୍ରଥମ କରି ବିନ୍ଧ୍ୟାବିନୀ ସାହୁଙ୍କୁ ଜିଲା ସଭାପତି ଦାୟିତ୍ୱ ଦେଇଛି। ଜିଲା ସଭାପତି ହେବା ପରେ ଗୁରୁବାର ସଭାପତି ସାହୁ ଖବରଦାତା ସମ୍ମିଳନୀରେ ଦଳ ଯେଉଁ ଆଶା ଭରସା ନେଇ ତାଙ୍କ ଉପରେ ଜିଲା ସଭାପତି ଭଳି ଗୁରୁଦାୟିତ୍ୱ ଅର୍ପଣ କରିଛି ସେ ନିଷ୍ଠାର ସହିତ ଦାୟିତ୍ୱ ତୁଲାଇବେ ଓ ତୃଣମୂଳସ୍ତରରୁ କଂଗ୍ରେସ ସଙ୍ଗଠନକୁ ମଜଭୁତ କରିବାକୁ ଉଦ୍ୟମ କରିବେ ବୋଲି କହିଥିଲେ। ଏହାସହ ସେ ଜଣେ ମହିଳା ସଭାପତି ଭାବେ ଦାୟିତ୍ୱ ଗ୍ରହଣ କରିଥିବାରୁ ଜିଲାରେ ମହିଳାମାନଙ୍କ ବିଭିନ୍ନ ସମସ୍ୟାକୁ ଅଗ୍ରାଧିକାର ଦେବା ସହିତ ଲଢେଇ ଜାରି ରଖିବେ ବୋଲି କହିଥିଲେ। ସେହିପରି ଜିଲା ସଙ୍ଗଠନର ପୂର୍ବତନ ସଭାପତିମାନଙ୍କ ସହିତ ଯୋଗାଯୋଗରେ ରହିବା ସହିତ ପ୍ରତି ପଞ୍ଚାୟତ ଗସ୍ତ କରି କଂଗ୍ରେସ ସଙ୍ଗଠନକୁ ମଜଭୁତ କରିବାକୁ ଉଦ୍ୟମ କରିବେ ବୋଲି ସେ ପ୍ରକାଶ କରିଛନ୍ତି। ଜିଲା କଂଗ୍ରେସର ବରିଷ୍ଠ ନେତା ନାରାୟଣ ପ୍ରସାଦ ପରିଜା ଉପସ୍ଥିତ ଥିଲେ।


ଖବରଦାତା ସମ୍ମିଳନୀରେ ଜିଲା କଂଗ୍ରେସ ସଭାପତି ଓ ବରିଷ୍ଠ ନେତା।

# ଡିଜିଟାଲ ମାର୍କେଟିଂର ବଜାର ସୁବିଧା ଉପରେ ଗୁରୁତ୍ୱ

**ସୋନପୁର, ୧୬।୧୦(ମୃତ୍ୟୁଞ୍ଜୟ ଶତପଥୀ)**

ପିଏମ୍ ବିଶ୍ୱକର୍ମା ହିତାଧିକାରୀଙ୍କ ଦ୍ୱାରା ପ୍ରସ୍ତୁତ ଦ୍ରବ୍ୟଗୁଡିକର ମାର୍କେଟିଂ ସହାୟତା ପାଇଁ ଏକଦିବସୀୟ ସଚେତନତା କାର୍ଯ୍ୟକ୍ରମ ସୁବର୍ଣ୍ଣପୁର ସହରସ୍ଥିତ ଏକ ହୋଟେଲ ସମ୍ମିଳନୀ କକ୍ଷରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। କଟକ ସ୍ଥିତ ଭାରତ ସରକାରଙ୍କ ସୂକ୍ଷ୍ମଲଘୁ ମଧ୍ୟମ ଉଦ୍ୟୋଗ ବିକାଶ ଓ ସୁବିଧା କାର୍ଯ୍ୟାଳୟ(ଏମ୍‌ଏସ୍‌ଏମ୍‌ଇ ଡିଏଫଓ) ଏବଂ ସୁବର୍ଣ୍ଣପୁର ଜିଲା ଶିଳ୍ପ କେନ୍ଦ୍ରର ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ସୁବର୍ଣ୍ଣପୁର ଜିଲା ଶିଳ୍ପକେନ୍ଦ୍ର ସାଧାରଣ ପରିଚାଳକ ରମେଶ କୁମାର ପଟେଲ, ବୈଷୟିକ ବିଶେଷଜ୍ଞ ବିଶ୍ୱମ୍ଭର ମିଶ୍ର, ସୋନପୁର ଇଣ୍ଡିଆନ ପୋଷ୍ଟ ପେମେଣ୍ଟ ବ୍ୟାଙ୍କର ଶାଖା ପରିଚାଳକ ସତ୍ୟବ୍ରତ ପ୍ରଧାନ ଓ ଡିଜିଟାଲ ମାର୍କେଟିଂ ଏକ୍ସପର୍ଟ କ୍ରସଡରସ ଟେକ୍‌ନିକାଲ ସଲ୍ୟୁସନର ପ୍ରଦୀପ୍ତ ରଞ୍ଜନ ସାହୁ ଅତିଥି ଭାବେ ଯୋଗଦେଇ ଡିଜିଟାଲ ମାର୍କେଟିଂର ବଜାର ସୁବିଧା ଉପରେ ଗୁରୁତ୍ୱାରୋପ କରିଥିଲେ। ପିଏମ୍ ବିଶ୍ୱକର୍ମା ପରିସରଭୁକ୍ତ ୧୮ଟି ବୃତ୍ତିରୁ କୁମ୍ଭାର, ମୂର୍ତ୍ତିକାର, ଦର୍ଜି, ମିସ୍ତ୍ରୀ, ଜାଲ ବୁଣାଳି, କଣ୍ଢେଇ ଓ ଖେଳନା ତିଆରି କରୁଥିବା ଜିଲାର ୮ଟି ବୃତ୍ତିର ହିତାଧିକାରୀ ମାନେ ଏଥିରେ ଯୋଗ ଦେଇଥିଲେ। ହିତାଧିକାରୀଙ୍କୁ ସେମାନଙ୍କ ଦ୍ରବ୍ୟକୁ ଅନଲାଇନ ପୋର୍ଟାଲରେ ଅପଲୋଡ କରି ନିଜର ଅନ୍‌ଲାଇନ୍ ବିକ୍ରି କୌଶଳ ଶିକ୍ଷା ଦିଆଯାଇଥିଲା। କଟକ ସ୍ଥିତ ଭାରତ ସରକାରଙ୍କ ସୂକ୍ଷ୍ମ ଲଘୁ ମଧ୍ୟମ ଉଦ୍ୟୋଗ ବିକାଶ ଓ ସୁବିଧା କାର୍ଯ୍ୟାଳୟର ସହକାରୀ ନିର୍ଦ୍ଦେଶକ ଅଭିମନ୍ୟୁ ମୋଦି ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ପିଏମ୍ ବିଶ୍ୱକର୍ମା ଯୋଜନାରେ ହିତାଧିକାରୀଙ୍କ ଦକ୍ଷତା ଉନ୍ନତିକରଣ, ସରଞ୍ଜାମ ପ୍ରୋତ୍ସାହନ, ଋଣ ସହାୟତା, ଡିଜିଟାଲ କାରବାର ପାଇଁ ପ୍ରୋତ୍ସାହନ ଓ ବଜାର ସହାୟତା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ୮ଜଣ ହିତାଧିକାରୀଙ୍କୁ ଡିଜିଟାଲ ଦେଣ ନେଣ ପାଇଁ ଭାରତୀୟ ଡାକ ବିଭାଗ ପକ୍ଷରୁ କ୍ୟୁଆର ବୋର୍ଡ ମାଗଣାରେ ପ୍ରଦାନ କରାଯାଇଥିଲା। ବିଭିନ୍ନ ବୃତ୍ତିର ପ୍ରାୟ ୮୬ଜଣ ହିତାଧିକାରୀ ଏଥିରେ ଅଂଶଗ୍ରହଣ କରିଥିଲେ। ସୁବର୍ଣ୍ଣପୁର ଜିଲା ଶିଳ୍ପକେନ୍ଦ୍ରର ଶିଳ୍ପ ବିକାଶ ଅଧିକାରୀ ଶୁଭମ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ।



ସଚେତନତା କର୍ମଶାଳାରେ ମଞ୍ଚାସୀନ ଅତିଥି ବୃନ୍ଦ।

**ପିଏମ୍ ବିଶ୍ୱକର୍ମା ହିତାଧିକାରୀଙ୍କ ପାଇଁ ସଚେତନତା କାର୍ଯ୍ୟକ୍ରମ**

## ୨୬ରେ ଜିଲାସ୍ତରୀୟ କନିଷ୍ଠ ସିପକଟାକ୍ରୋ ଖେଳାଳି ଚୟନ

ସୁନ୍ଦରଗଡ଼,୧୬।୧୦(ଜୟ ନାରାୟଣ ମେଶ୍ରୁକି): ଅକ୍ଟୋବର ୨୬ ସକାଳ ୮ ଟାରେ ଯୋଗୀମାଲ ଗ୍ରାମରେ ଜିଲା ସ୍ତରୀୟ କନିଷ୍ଠ ସିପକଟାକ୍ରୋ ଖେଳାଳି ଚୟନ କରାଯିବ। ଯେଉଁ ଖେଳାଳି ୦୧/୦୧/୨୦୦୭ ଦିନ କିମ୍ବା ପରେ ଜନ୍ମ ଗ୍ରହଣ କରିଥିବେ ସେମାନେ କେବଳ କନିଷ୍ଠ ଦଳରେ ଭାଗ ନେଇ ପାରିବେ। ଜିଲା ସ୍ତରରେ କନିଷ୍ଠ ବିଭାଗରେ ଯେଉଁ ଖେଳାଳିମାନେ ଚୟନ ହେବେ ସେମାନେ ନଭେମ୍ବର ୧ ଓ ୨ ତାରିଖ ୨୪ ତମ ଓଡ଼ିଶା ଆନ୍ତଃଜିଲା କନିଷ୍ଠ ସିପକଟାକ୍ରୋ ଚୟନ ପ୍ରତିଯୋଗିତାରେ ଭାଗ ନେଇ ପାରିବେ। ଆଧାର କାର୍ଡ, ଜନ୍ମଗତ ସାର୍ଟିଫିକେଟ ଓ ପାସପୋର୍ଟ ସାଇଜ ଫଟୋ ଆଣି ପଞ୍ଜୀକୃତ କରିବେ। ଅଧିକ ଜାଣିବା ପାଇଁ ସେକ୍ରେଟାରୀ ସୁଶାନ୍ତ କୁମାର ଷଡ଼ଙ୍ଗୀଙ୍କ ମୋବାଇଲ ନମ୍ବର ୬୨୭୨୫୯୫୨୫୯ରେ ସମ୍ପର୍କ କରିବା ପାଇଁ ସୁନ୍ଦରଗଡ଼ ଜିଲା ସିପକଟାକ୍ରୋ ସଂଘର ସଭାପତି ସିଦ୍ଧାର୍ଥ ବକ୍ସି ସୂଚନା ଦେଇଛନ୍ତି।

# ରୋଗପୋକ ପ୍ରଭାବିତ ଚାଷ ଦେଖିଲେ କୃଷି ଅଧିକାରୀ

ବଡ଼ଗାଁ,୧୬।୧୦(ଅଶୋକ ଷଡ଼ଙ୍ଗୀ) ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ପାମରା, ଗରଗଡ଼ବାହାଲ, ଜାଙ୍ଗଲି, ଯାଜପୁର, ତୁତାଲଗା, ବଡ଼ଗାଁ ଓ ଝୁଣ୍ଡୁନା ଗ୍ରାମରେ ଧାନ ଫସଲରେ ଚକଡା ଓ ପତ୍ରକୋରା ପୋକ ଲାଗି ଫସଲ ନଷ୍ଟ କରିଦେଉଛନ୍ତି। ଏ ସମ୍ପର୍କରେ କେତେଜଣ ଚାଷୀ ବଡ଼ଗାଁ ବ୍ଲକ କୃଷି ଅଧିକାରୀ ରିତୁରାଣୀ କାଲୋଙ୍କୁ ଜଣାଇଥିଲେ। ଗୁରୁବାର ପୂର୍ବାହ୍ନରେ ଜିଲା ମୁଖ୍ୟ କୃଷି ଅଧିକାରୀ ଲାଲବିହାରୀ ମଲ୍ଲିକ ଓ ସୁନ୍ଦରଗଡ଼ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ବିଦ୍ୟାଧର ଗୁରୁ ପାମରା ଗ୍ରାମକୁ ଯାଇ ପୋକ ପ୍ରଭାବିତ ଧାନ ଫସଲ ବୁଲି ଦେଖିଥିଲେ। ଅଧିକାରୀ ଦ୍ୱୟଙ୍କ ସହିତ ବଡ଼ଗାଁ କୃଷି କାର୍ଯ୍ୟାଳୟର କର୍ମଚାରୀ ଅଂଶୁମାନ ପଟେଲ, କୃଷି ଓଭରସିଅର ତିକେଶ୍ୱରୀ ଭୋଇ, କୃଷକ ସାଥୀ ଅଖିଳ କୁମାର ରାଉତ, ପାମରା ଗ୍ରାମର ଚାଷୀ ଟୋନିସ ରୋହିଡାସଙ୍କ ବିଲକୁ ଯାଇ ଦେଖିଥିଲେ। ତାଙ୍କ ବିଲରେ ବଙ୍କି ପୋକ ଲାଗିଥିବା ଦେଖିବାପରେ ନବୀନ ରଣାଙ୍କ ବିଲରେ ଚକଡା ପୋକ ଲାଗି ଚାଷ ଆଂଶିକ କ୍ଷତି କରିଥିବା ଦେଖିଥିଲେ। ଏହାପରେ କୃଷି ଅଧିକାରୀମାନେ ରୋଗ, ପୋକ କେଉଁ କାରଣରୁ ହେଉଛି ଓ ତା'ର ପ୍ରତିକାର ଉପରେ ବୁଝାଇଥିଲେ। ଅତ୍ୟଧିକ ୟୁରିଆ ସାର ପ୍ରୟୋଗ ଓ ଧାନ ଗଛ ମୂଳ ଅନ୍ଧାରୁଆ ରହୁଥିଲେ ପୋକ ଲାଗିବା ସମ୍ଭାବନା ଅଧିକ ଥାଏ ବୋଲି କୃଷି ଅଧିକାରୀମାନେ ଚାଷୀଙ୍କୁ ବୁଝାଇଥିଲେ। ତେବେ ପୋକ ଲାଗିଥିଲେ ମଧ୍ୟ ସମସ୍ତ ଜମିକୁ ବ୍ୟାପି ନ ଥିବାରୁ ବିଶେଷ କ୍ଷତି ହେବନାହିଁ ଓ ଚଳିତ ବର୍ଷ ଭଲ ଅମଳ ହେବ ବୋଲି ଜିଲା ମୁଖ୍ୟ କୃଷି ଅଧିକାରୀ ଲାଲ ବିହାରୀ ମଲ୍ଲିକ କହିଛନ୍ତି। ଚାଷୀଙ୍କ ସହିତ ସାକ୍ଷାତ ପୂର୍ବରୁ ବଡ଼ଗାଁର ସାର ବିକ୍ରେତା ଗୋକୁଳାନନ୍ଦ ମିଶ୍ରଙ୍କୁ ଭେଟି ପୋକ ମରା ବିଷ ଅଛି କି ନାହିଁ ପଚାରି ବୁଝିଥିଲେ ଓ କେଉଁ କୀଟନାଶକ ଚାଷୀ ବିଲରେ ପ୍ରୟୋଗ କରିବେ ଜଣାଇଥିଲେ। ସାହାଜବାହାଲ ସମବାୟ ସମିତିକୁ ଯାଇ ସାର ଓ କୀଟନାଶକ ଉପରେ ଆଲୋଚନା କରିଥିଲେ।


ପ୍ରଭାବିତ ଚାଷଜମି ଦେଖୁଛନ୍ତି କୃଷି ଅଧିକାରୀ।

# ପୋଲ ନାହିଁ, ନାଳରେ ବିପଦସଙ୍କୁଳ ଯାତ୍ରା


ନାଳ ପାରି ହୋଇ ଗ୍ରାମବାସୀ ଯାଉଛନ୍ତି।

### ଦୁର୍ଗମ ଅଞ୍ଚଳରେ ଆଦିବାସୀଙ୍କ ଅଭିଶପ୍ତ ଜୀବନ

ଭବାନୀପାଟଣା,୧୬।୧୦(ଉତ୍ତମ କୁମାର ଦାଶ) ସରକାର ଦୁର୍ଗମ ଅଞ୍ଚଳରେ ବସବାସ କରୁଥିବା ଆଦିବାସୀଙ୍କ ପାଇଁ ଅନେକ ଯୋଜନା କରୁଛନ୍ତି। ହେଲେ ଆଜି ବି ସେମାନଙ୍କ ପାଖରେ ବିକାଶ ଅପହଞ୍ଚ ହୋଇଛି। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟଜଳ, ମୋବାଇଲ ନେଟୱାର୍କ ଭଳି ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି। ଏପରି କି ଜନବସତିରେ ଦଶନ୍ଧି ପରେ ମଧ୍ୟ ଗ୍ରାମକୁ ପୋଲଟିଏ ନିର୍ମାଣ ହୋଇପାରୁନି। ଫଳରେ ଜୀବନକୁ ବାଜି ଲଗାଇ ଯାତାୟାତ କରୁଛନ୍ତି ଗ୍ରାମବାସୀ। ଏପରି ଚିତ୍ର ଦେଖିବାକୁ ମିଳିଛି କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ବଡ଼ଚେରଗାଁ ପଞ୍ଚାୟତର ଦୁର୍ଗମ ତଥା ମାଓବାଦୀ ଅଧ୍ୟୁଷିତ ଲଚାବାଡ଼ି ଗାଁରେ। ଏହି ଗାଁରେ କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ଡ୍ୟାମ ନିର୍ମାଣ କରାଯାଇ କେନାଲ ମାଧ୍ୟମରେ ଚାଷୀଙ୍କ ଜମିକୁ ପାଣି ଯାଉଛି। ଏହି କେନାଲ ପଛପଟେ ୧୦ ଆଦିବାସୀ ପରିବାର ବସବାସ କରନ୍ତି। କେନାଲରେ ପୋଲ ନିର୍ମାଣ ହୋଇ ନ ଥିବାରୁ ଲୋକେ ଯାତାୟାତ ସମୟରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷ କରି କେନାଲରେ ପାଣି ପ୍ରବାହିତ ହେଲେ ଛୋଟ ଛୁଆମାନେ ସ୍କୁଲ ଯାଇପାରନ୍ତି ନାହିଁ। ସେହିପରି ଗର୍ଭବତୀ କିମ୍ବା ପ୍ରସୂତୀ ମହିଳାଙ୍କୁ ଖଟିଆରେ ବୋହି ମୁଖ୍ୟ ରାସ୍ତାକୁ ନେବାକୁ ପଡିଥାଏ। ପୋଲ ନ ଥିବା ଯୋଗୁ ଗ୍ରାମବାସୀ ବାଇକ୍ କିମ୍ବା ସାଇକେଲ ନାଳ ସେ ପାରିରେ ରଖି ଚାଲି ଚାଲି ନାଳ ପାର ହୋଇ ଘରକୁ ଯାଉଥାନ୍ତି। ଅନେକ ଆଦିବାସୀ ପରିବାର ନାଳ ଯୋଗୁ ଅନ୍ୟତ୍ର ସ୍ଥାନାନ୍ତର ମଧ୍ୟ ହେଲେଣି। ଏହି ନାଳରେ ଏକ ପୋଲ ନିର୍ମାଣ ପାଇଁ ସ୍ଥାନୀୟ ଜନ ପ୍ରତିନିଧି ଓ ପ୍ରଶାସନକୁ ଜଣାଇଥିଲେ ମଧ୍ୟ କିଛି ସୁଫଳ ମିଳିନାହିଁ। ନିର୍ବାଚିତ ପଞ୍ଚାୟତ ପ୍ରତିନିଧି ନିର୍ବାଚନ ସମୟରେ ଭୋଟ ଭିକ୍ଷା ପାଇଁ ଆସିଥାନ୍ତି କିନ୍ତୁ ଭୋଟ ହୋଇଗଲେ ଆଉ ୫ ବର୍ଷ ଦେଖା ଦେଇ ନ ଥାନ୍ତି ବୋଲି ଗ୍ରାମର ବନିତା ଭୋଇ, ସନ୍ତୋଷ ଭୋଇ ପ୍ରକାଶ କରିଛନ୍ତି। ଆଦିବାସୀ ବୋଲି ଗ୍ରାମବାସୀଙ୍କୁ ରାଜନେତା, ପ୍ରଶାସନ ଓ ନିର୍ବାଚିତ ପ୍ରତିନିଧିମାନେ ଅବହେଳା କରୁଥିବା ନେଇ ଗ୍ରାମବାସୀ କ୍ଷୋଭର ସହ ପ୍ରକାଶ କରିଛନ୍ତି। ରାଜ୍ୟରେ ୨୫ ବର୍ଷର ବିଜେଡି ସରକାରକୁ ହରାଇ ଦେଇ ଭାଜପା ସରକାର ଆସିଛି। ତେବେ ନୂଆ ସରକାର ଏହି ନିରୀହ ଆଦିବାସୀଙ୍କ ଦାବିକୁ କେବେ ଗ୍ରହଣ କରି ପୋଲ ନିର୍ମାଣ କରିବେ ତାହା ଦେଖିବାକୁ ବାକି ରହିଲା।

# ଶର୍ଗୁ କିଶାନ ଉଚ୍ଚ ବିଦ୍ୟାଳୟରେ ଜିଲାସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତା

କୁତ୍ରା,୧୬।୧୦(ଦେବାଶିଷ ସାହୁ) କୁତ୍ରା ବ୍ଲକ ଅନ୍ତର୍ଗତ ତୁନପୁରାଠାରେ ଅବସ୍ଥିତ ସର୍ଗୁ କିଶାନ ସରକାରୀ ଉଚ୍ଚ ବିଦ୍ୟାଳୟରେ ଜିଲା ସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଜିଲାର ୧୨ ଟି ବ୍ଲକ ଅଂଶଗ୍ରହଣ କରିଥିଲେ। ପ୍ରଧାନ ଶିକ୍ଷକ ଅମରେଶ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମର ଉଦଘାଟନୀ ସମାରୋହରେ ମୁଖ୍ୟ ଅତିଥିଭାବେ କୁତ୍ରା ବିଇଓ ଅନନ୍ତ କୁମାର ନାୟକ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ସୁନ୍ଦରଗଡ଼ ସଦର ବିଇଓ ଅଶୋକ ଲାକଡା, ଏବିଇଓ ନିରଞ୍ଜନ ରାଉଳ, ଖତକୁରବାହାଲ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ହେମନ୍ତ କୁମାର ଦେ, ସରପଞ୍ଚ ତରଣୀସେନ ବରିହା ଯୋଗ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସଦାନନ୍ଦ ପ୍ରଧାନ ଯୋଗଦେଇ ଥିଲେ। ସମ୍ମାନୀତ ଅତିଥି ଭାବେ ଜିଲା ବିଜ୍ଞାନ ସୁପରଭାଇଜର ଚନ୍ଦ୍ର ଶେଖର ସା, ବିଇଓ ଅନନ୍ତ କୁମାର ନାୟକ, ଶିବା ସିମେଣ୍ଟ ସିଏସଆର ବିଭାଗ ଅଧକ୍ଷକ ଅଲେଖ କୁମାର ଦଳାଇ ପ୍ରମୁଖ ଯୋଗ ଦେଇଥିଲେ। ଏହି ପ୍ରତିଯୋଗିତାରେ ବିଶ୍ରା ବ୍ଲକ ଉଦିତନଗର ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଥମ, ନୂଆଗାଁ ବ୍ଲକ ଜହ୍ନଟୋଲି ଆଦର୍ଶ ବିଦ୍ୟାଳୟ ଦ୍ୱିତୀୟ ଓ ଲେଫ୍ରିପଡା ସର୍ଗିପାଲି ସରକାରୀ ଉଚ୍ଚ ବିଦ୍ୟାଳୟ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ସେହିପରି ଶ୍ରେଷ୍ଠ ଅଭିନେତ୍ରୀ ଭାବେ ଉଦିତ ନଗର ଉଚ୍ଚ ବିଦ୍ୟାଳୟର ନିବେଦିତା ନାୟକ, ଶ୍ରେଷ୍ଠ ନିର୍ଦ୍ଦେଶକ ଭାବେ ସେହି ବିଦ୍ୟାଳୟର ଲିପିକା ମହାପାତ୍ର ଓ ଶ୍ରେଷ୍ଠ ସ୍କ୍ରିପ୍ଟ ଲେଖକ ଭାବରେ ଦେବାଶିଷ ପାତ୍ର ପୁରସ୍କୃତ ହୋଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ପ୍ରିୟଦର୍ଶିନୀ ପାଢ଼ୀ, ହରେକୃଷ୍ଣ ସାହୁ, ମନଭାଙ୍ଗି ନାୟକ, କିରଣ ଏକ୍କା, ସରିକା ଖାଲଖୋ, ଉମାଶଙ୍କର ମଲ୍ଲିକ, କବିରାଜ ସିଂହ, ବିକାଶ ଟପ୍ପୋ, ରୋଶନି ମିଞ୍ଜ, ମାରସିଆ ଟେଟେ, ଅଞ୍ଜଳୀ ତିଗ୍ଗା, କରିଶ୍ମା କେରକେଟା ପ୍ରମୁଖ ସହଯୋଗ କରିଥିଲେ।


କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

# ଓଡ଼ିଶା ପ୍ରଶାସନିକ ଅଧିକାରୀ ସମୂହଙ୍କ କ୍ଷେତ୍ର ପରିଦର୍ଶନ


ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ କରୁଛନ୍ତି।

ସୁନ୍ଦରଗଡ଼,୧୬।୧୦(ଜୟ ନାରାୟଣ ମେଶ୍ରୁକି) ପ୍ରାକୃତିକ ସମ୍ବଳର ସୁପରିଚାଳନା, ଗୋଷ୍ଠୀ ସମ୍ପଦର ସଂରକ୍ଷଣାବେକ୍ଷଣ, ପ୍ରାକୃତିକ କୃଷି, ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ରକ୍ଷା ପରି ବହୁବିଧ ଉନ୍ନୟନମୂଳକ କାର୍ଯ୍ୟକ୍ରମର ବ୍ୟବହାରିକ ଜ୍ଞାନ ଓ ପ୍ରଶିକ୍ଷଣ ନେବା ପାଇଁ ଗୋପବନ୍ଧୁ ଆକାଡେମିକ ଅଫ ଆଡ୍‌ମିନିଷ୍ଟ୍ରେସନ ତରଫରୁ ୮ ଜଣ ଓଡ଼ିଶା ପ୍ରଶାସନିକ ଅଧିକାରୀ ପ୍ରଶିକ୍ଷାର୍ଥୀ ଗତ ୪ ଦିନ ଧରି ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେବକର ବିଭିନ୍ନ କାର୍ଯ୍ୟକ୍ଷେତ୍ର ପରିଦର୍ଶନ କରିବା ସହିତ ବ୍ୟବହାରିକ ତାଲିମ ଗ୍ରହଣ କରିଥିଲେ। ଏହି ପ୍ରଶାସନିକ ଅଧିକାରୀମାନେ ସେବକର ମା' ଗୃହ, ଜଳ ଅମଳ ପ୍ରକଳ୍ପ, ଗୋଷ୍ଠୀଗତ ଜଙ୍ଗଲ ଅଧିକାର ଆଇନ ନିମନ୍ତେ ଗ୍ରାମସଭା, ବନ ସୁରକ୍ଷା ସମିତି ମାଧ୍ୟମରେ ଆୟଭିତ୍ତିକ କାର୍ଯ୍ୟକ୍ରମ, ଆମ କଳିକା କେନ୍ଦ୍ର, କୃଷକ ସଙ୍ଗଠନ, ସାମୂହିକ ଜଙ୍ଗଲ ସୁରକ୍ଷା କାର୍ଯ୍ୟକ୍ରମ ପରିଦର୍ଶନ କରିବା ସହିତ ବିଭିନ୍ନ ଅଭିନବ କାର୍ଯ୍ୟକ୍ରମ ମଧ୍ୟରେ ବୃକ୍ଷ ରକ୍ଷାବନ୍ଧନ, ଗ୍ରୀନ ମେମୋରୀ କ୍ୟାମ୍ପେନ, ବୃକ୍ଷାକାର ଜୈବ ଅର୍ଥନୀତି(ସର୍କୁଲାର ବାୟୋ ଇକୋନୋମି) ଉପରେ ଜ୍ଞାନ ଆହରଣ କରିଥିଲେ। ଅଧିକାରୀଙ୍କ ମଧ୍ୟରେ ରାଜେଶ କୁମାର ସାହୁ, ସତ୍ୟବ୍ରତ ସାହୁ, ମିତାଲି ମଧୁସ୍ମିତା ମିଶ୍ର, ନିବେଦିତା ସ୍ୱାଇଁ, ସିଦ୍ଧାର୍ଥ ଶେଖର ଦାଶ, ସରୋଜ କୁମାର ବେହେରା, ଅଭିଷେକ ସାଇଁ, ସତ୍ୟପ୍ରକାଶ ମିଶ୍ର ସକ୍ରିୟ ଅଂଶଗ୍ରହଣ କରି ସେବକର କାର୍ଯ୍ୟକ୍ରମ, ଅଭିନବ ପଦକ୍ଷେପର ଭୂୟସୀ ପ୍ରଶଂସା କରିଥିଲେ। ଚାରିଦିନ ଧରି ଚାଲିଥିବା ଏହି କ୍ଷେତ୍ର ପରିଦର୍ଶନ କାର୍ଯ୍ୟକ୍ରମକୁ ସେବକର କାର୍ଯ୍ୟକ୍ରମ ନିର୍ଦ୍ଦେଶକ ବିପ୍ରଧର ଉପାଧ୍ୟାୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉମେଶ ଚନ୍ଦ୍ର ପଟେଲ, ଅଭିଷେକ ତନ୍ତି, ମନୋରଞ୍ଜନ ମଲ୍ଲିକ, ଅମୀୟ ରଞ୍ଜନ ଲେଙ୍କା, ହରିପ୍ରିୟା ନାୟକ, ସୁବ୍ରତ ପଟେଲ, ସାଗର ପ୍ରଷେଠ, ସନ୍ତୋଷିନି ବାଗ, ଶିଳ୍ପା ସରେଙ୍ଗ ପ୍ରମୁଖ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଅଧିକାରୀମାନେ ସେବକର ସମସ୍ତ କାର୍ଯ୍ୟକ୍ରମର ଉଚ୍ଚ ପ୍ରଶଂସା କରିବା ସହିତ ନିଜ ନିଜ କାର୍ଯ୍ୟକ୍ଷେତ୍ରରେ ଦାୟିତ୍ୱ ଗ୍ରହଣ କଲାପରେ ବୃକ୍ଷ ରକ୍ଷାବନ୍ଧନ, ଗ୍ରୀନ ମେମୋରୀ କ୍ୟାମ୍ପେନ, ବୃକ୍ଷାକାର ଜୈବ ଅର୍ଥନୀତି(ସର୍କୁଲାର ବାୟୋ ଇକୋନୋମି) ପରି ଅଭିନବ କାର୍ଯ୍ୟକ୍ରମକୁ ନିଶ୍ଚିତ ଭାବରେ କାର୍ଯ୍ୟକାରୀ କରିବାର ପ୍ରତିଶ୍ରୁତି ପ୍ରଦାନ କରିଥିଲେ।

# ଶାଗ, କନ୍ଦା, ମାଣ୍ଡିଆ ପିଠା, କୁଦୋ ପିଠା ପ୍ରଦର୍ଶିତ

### ବିଶ୍ୱ ଖାଦ୍ୟ ଦିବସ ଉଦ୍‌ଯାପିତ

### ସୁସ୍ଥ ସମାଜ ସୁସ୍ଥ ପରିବେଶ ଗଠନ ନେଇ ସଚେତନତା

ପାଇକମାଲ,୧୬।୧୦(ବନ୍ଧୁ ଶତପଥୀ) ନୃସିଂହନାଥରେ ଦୁଇ ଦିନ ଧରି ଚାଲିଥିବା ବିଶ୍ୱ ଖାଦ୍ୟ ଦିବସ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଅହିଂସା କ୍ଲବ, ରାଉଳ ଏଗେନଷ୍ଟ ହଙ୍ଗର ଇଣ୍ଡିଆ ତଥା ସହଯୋଗୀ ଅନୁଷ୍ଠାନ ଆର.ସି. ଡିଶି, ନିର୍ମାଣ, ଭିଜିଲୁମି, ପ୍ରଗତି କୋରାପୁଟ, ଆସ୍ଥା, କ୍ରସ ଫର୍ ଏଚ.ଡି ଓ ଓଡ଼ିଶା ବିଜନ ସୁରକ୍ଷା ମଞ୍ଚ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ସୁମିତ ପାଲ, ପଦ୍ମଶ୍ରୀ ହଳଧର ନାଗ, ପଦ୍ମଶ୍ରୀ ସାବରମତୀ ଉପସ୍ଥିତ ଥିଲେ। ସମ୍ମାନିତ ଅତିଥିମାନଙ୍କ ମଧ୍ୟରେ ପୂର୍ବତନ ସାଂସଦ ପ୍ରଭାତ ସିଂ, ପ୍ରଶାନ୍ତ ମହାନ୍ତି, ଲାବନ୍ୟା ଜି, ପ୍ରଶାନ୍ତ ପରିଡ଼ା, ଅଭିଷେକ ପ୍ରଧାନ, ରାଜକୁମାର ଶେଠ, ହଟ କିଶୋର ବେହେରା (ନାବାର୍ଡ ଡି.ଡି.ଏମ୍ ବରଗଡ଼), ଲୋଚନ ଚନ୍ଦ୍ର ମାଝୀ (ଜିଲା ମୁଖ୍ୟ କୃଷି ଅଧିକାରୀ, ବରଗଡ଼), ନୃସିଂହ ଚରଣ ବାରିକ (କେ.ଭି.କେ. ବରଗଡ଼), ସୋମନାଥ ମହାପାତ୍ର (ବ୍ଲକ କୃଷି ଅଧିକାରୀ ପାଇକମାଲ), ଶମ୍ଭୁ ସାହୁ (ଆର.ସି.ଡି.ସି.), ବିକେନ୍ଦ୍ର ଜାଲ, ପ୍ରକୃତି ବନ୍ଧୁ ବନ୍ଧୁ ଶତପଥୀ ଉପସ୍ଥିତ ରହିଥିଲେ। ଗାଁ ଗାଁରୁ ଚାଷୀମାନେ ଶାଗ, କନ୍ଦା, ମାଣ୍ଡିଆ ପିଠା, କୁଦୋ ପିଠା, ବିଭିନ୍ନ ପ୍ରକାର ତରକାରି ପ୍ରସ୍ତୁତ କରି ଖାଦ୍ୟ ପ୍ରଦର୍ଶନ କରିଥିଲେ। ଶିବ ପ୍ରସାଦ ସାହୁ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ଏହି ବିଶ୍ୱ ଖାଦ୍ୟ ଦିବସର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଲୋକଙ୍କୁ ଜଙ୍ଗଲ ଜାତ ଖାଦ୍ୟ ଦ୍ରବ୍ୟ ଉପରେ ସଚେତନ କରିବା, ଲୋକଙ୍କୁ ବିଷ ମୁକ୍ତ ଖାଦ୍ୟ ଯୋଗାଇବା, ସୁସ୍ଥ ସମାଜ ସୁସ୍ଥ ପରିବେଶ ଗଠନ କରିବା ଦିଗରେ ଲୋକଙ୍କୁ ସଚେତନ କରିବା। ଏହି ଅବସରରେ ସୀତାରାମ ମାଝୀ, ପଙ୍କଜ ଭୋଇ, ଭୁକେଶ ମାଝୀ, ହରିହର ଧରୁଆ, ସାଧୁ ମଲ୍ଲିକ, ଉପେନ୍ଦ୍ର ପଟେଲ, ରାଜେନ୍ଦ୍ର ମଟାରିଙ୍କୁ ଖାଦ୍ୟବୀର ଭାବରେ ସମ୍ମାନିତ କରାଯାଇଥିଲା। ତପସ୍ୱିନୀ ସାହୁ, ମାଳତୀ ନାଗ ଓ କୌଶଲ୍ୟା ଭୁଏଙ୍କୁ ଖାଦ୍ୟବୀରା ଭାବରେ ସମ୍ମାନିତ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଗନ୍ଧମାର୍ଦ୍ଦନ ପାହାଡ଼ରେ ବଣୁଆ ହାତୀ

ପଦ୍ମପୁର,୧୬।୧୦(ପ୍ରଦୀପ୍ତ ଦାଶ): ପଦ୍ମପୁର ବନାଞ୍ଚଳ ଅଧୀନ ବନ କର୍ମଚାରୀ ବଟପିଥର ନିକଟସ୍ଥ ଗନ୍ଧମାର୍ଦ୍ଦନ ପାହାଡ଼ରେ ବଣୁଆ ହାତୀ ଥିବା ଜଣାପଡ଼ିଛି। ଏ ନେଇ ବନାଞ୍ଚଳ ଅଧିକାରୀ ରଞ୍ଜିତ ବାବୁଙ୍କ ନିର୍ଦ୍ଦେଶ କ୍ରମେ ବନ ବିଭାଗ ପକ୍ଷରୁ ବଟପଥର ଓ ଆଖପାଖ ଗାଁ ଗାଁକୁ ଯାଇ ଡାକବାଜି ଯନ୍ତ୍ରରେ ଲୋକଙ୍କୁ ସତର୍କତା, ସଚେତନତା କରାଯାଇଛି। ସୂଚନା ଅନୁସାରେ, ହାତୀଟି ବର୍ତ୍ତମାନ ଗନ୍ଧମାର୍ଦ୍ଦନ ପାହାଡ଼ର ବଟପଥର ଅଞ୍ଚଳରେ ରହିଛି। ତେଣୁ ସମସ୍ତେ ସତର୍କ ରହିବାକୁ ଜନ ସାଧାରଣଙ୍କୁ ସୂଚନା ସହ ହାତୀର ସନ୍ଧାନ ପାଇଲେ ତୁରନ୍ତ ବିଭାଗକୁ ସୂଚନା ଦେବାକୁ କହୁଛନ୍ତି। ସଚେତନତା ଟିମ୍‌ରେ ଫରେଷ୍ଟର ସରୋଜ କୁମାର ସାହୁ, ପଦ୍ମିନୀ ଭୋଇ, ଫରେଷ୍ଟ ଗାର୍ଡ ରଶ୍ମିତା ସାହୁ, ସ୍କ୍ୱାଡ ସଦସ୍ୟ ସମୀର ଭଞ୍ଜିଆ, ପ୍ରକାଶ କୁମାର, ମାଧବ, ମନୋଜ ବଡ଼ଗୁଛିଆ, କେଶରଞ୍ଜନ ବୁଡ଼େକ ସାମିଲ ଥିଲେ।

# ଜାତୀୟ ମାନବାଧିକାର କମିଶନରେ ଅଭିଯୋଗ

### ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମହିଳାଙ୍କ ମୃତ୍ୟୁ ଘଟଣା

ଥୁଆମୂଳ ରାମପୁର,୧୬।୧୦(ଦୁର୍ଗା କାର୍ତ୍ତି) ଥୁଆମୂଳ ରାମପୁର ବ୍ଲକ ମାଳିଗାଁ ପଞ୍ଚାୟତ ଡି.ଚେପଟାଘାଟ ଗ୍ରାମର କୁମ ଖେଡିଆଙ୍କ ୪୫ ବର୍ଷୀୟ ସ୍ତ୍ରୀ ଗୁରୁବାରୀ ବୁଧବାର ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିଥିଲେ। ଏ ନେଇ ଧରିତ୍ରୀରେ ଖବର ପ୍ରକାଶ ପରେ ଗୁରୁବାର ଅନ୍ତ୍ୟୋଦୟ ଅନୁଷ୍ଠାନର ଅଧକ୍ଷ ଦିଲୀପ କୁମାର ଦାସ ଜାତୀୟ ମାନବ ଅଧିକାର କମିଶନଙ୍କ ନିକଟରେ ଅଭିଯୋଗ କରି ପିଡିତ ପରିବାରକୁ ୨୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ନିମନ୍ତେ ଦାବି ଜଣାଇଛନ୍ତି। ଏହାସହିତ କର୍ତ୍ତବ୍ୟରେ ଅବହେଳା କରିଥିବା ଅଧିକାରୀଙ୍କୁ ତୁରନ୍ତ ଚାକିରିରୁ ବହିଷ୍କାର କରି ଗିରଫ କରିବା ଲାଗି ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେବାକୁ ଅନୁରୋଧ କରିଛନ୍ତି। ଅଭିଯୋଗକ୍ରମେ ମାନବାଧିକାର କମିଶନରେ କେସ୍ ଡାଏରୀ ନମ୍ବର ୨୪୬୨୯/ଆଇଏନ୍/୨୦୨୫ରେ ମାମଲା ରୁଜୁ ହୋଇଛି। ସୂଚନାଯୋଗ୍ୟ ଗୁରୁବାରି ନିଜ ବାଡିରେ ଅମୃତଭଣ୍ଡା ତୋଳିବା ବେଳେ ଝୁଲି ରହିଥିବା ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିଥିଲେ।

# ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ଜନ୍ମଦିନରେ ୨୧ ୟୁନିଟ୍ ରକ୍ତ ସଂଗ୍ରହ

ଲହୁଣିପଡ଼ା,୧୬।୧୦(ଦାଶରଥି ପଣ୍ଡା) ସୁନ୍ଦରଗଡ଼ ଜିଲା ଲହୁଣିପଡ଼ା କଲ୍ୟାଣ ମଣ୍ଡପଠାରେ ଗୁରୁବାର ବଣେଇ ନିର୍ବାଚନ ମଣ୍ଡଳୀ ତରଫରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୭୯ତମ ଜନ୍ମଦିନ ପାଳିତ ହୋଇଯାଇଛି। ଏହି ଅବସରରେ ବଣାଇଁ ନିର୍ବାଚନ ମଣ୍ଡଳୀ ବିଜୁ ଜନତା ଦଳ ତରଫରୁ ଜିଲା ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀଙ୍କ ନେତୃତ୍ୱରେ ଏକ ସ୍ୱେଚ୍ଛାକୃତ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ବଣାଇଁ ପୂର୍ବତନ ବିଧାୟକ ସ୍ୱର୍ଗତ ହେମେନ୍ଦ୍ର ପ୍ରସାଦ ମହାପାତ୍ରଙ୍କ ବିୟୋଗରେ ଏକ ଶୋକ ସଭା ଅନୁଷ୍ଠିତ ହୋଇ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ରକ୍ତଦାନ ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନେତା ରଞ୍ଜିତ କିଶାନ, ଜିଲା ପରିଷଦ ଉପାଧ୍ୟକ୍ଷ କମଳ ଲାକ୍ରା, ଜିଲା ପରିଷଦ ସଭ୍ୟ ରାମଚନ୍ଦ୍ର ସାହୁ, ସଭ୍ୟା ଜୁଲିଆନି କାଣ୍ଡିର, ସୁଶୀଳା ନାୟକ, ଲହୁଣିପଡ଼ା ବ୍ଲକ ସଭାପତି ଗୁରୁଚରଣ ସ୍ୱାଇଁ, ବଣାଇଁ ବ୍ଲକ ସଭାପତି ବାଗେଶ୍ୱର ସାହୁ, ପୂର୍ବତନ ବଣାଇଁ ବ୍ଲକ ସଭାପତି ରଘୁନାଥ ସାହୁ, ପୂର୍ବତନ ଜିଲା ପରିଷଦ ସଭ୍ୟ କେଦାର ମହାନ୍ତ,ପପୁ ମହାନ୍ତି, ସରୋଜ ମଲ୍ଲିକ, ଅଜୟ ନାୟକ, ଉମେଶ ରାୟ, ଅଶୋକ ବେହେରା, କାନ୍ଦୁରୁ କିସାନ, ସୁମିତ୍ରା ଛଦିଆ, ଭୁବନାନନ୍ଦ କିସାନ, ସିଂରାୟ ମୁଣ୍ଡା, ମାଳତି କିସାନ, ଦେବାକାନ୍ତ ଜଶ୍ୱାଲ, ହରି ମହାନ୍ତ, ଦ୍ରୌପଦୀ କିସାନ, ସତୀଶ ମହାନ୍ତ, ସିପୁନ ମିଶ୍ର ପ୍ରମୁଖଙ୍କ ସମେତ ବହୁ ସଂଖ୍ୟକ ଦଳୀୟ କର୍ମକର୍ତ୍ତା ଓ କର୍ମୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଉକ୍ତ ରକ୍ତଦାନ ଶିବିରରେ ମୋଟ ୨୧ ୟୁନିଟ ରକ୍ତ ସଂଗ୍ରହ ହୋଇଥିବା ଜଣାପଡ଼ିଛି।


ଶିବିରରେ ରକ୍ତ ସଂଗ୍ରହ ହେଉଛି।

# ସୁସ୍ଥ ଶରୀର ପାଇଁ ସୁଷମ ଖାଦ୍ୟ ଆବଶ୍ୟକ

ବଡ଼ଗାଁ,୧୬।୧୦(ଅଶୋକ ଷଡ଼ଙ୍ଗୀ) ସମନ୍ୱିତ ଶିଶୁ ବିକାଶ ଯୋଜନା ଏବଂ ଉଚ୍ଚ ଶିକ୍ଷା ବିଭାଗର ମିଳିତ ଆନୁକୂଲ୍ୟରେ ଅଷ୍ଟମ ରାଷ୍ଟ୍ରୀୟ ପୋଷଣ ମାସ ସୁନ୍ଦରଗଡ଼ ଜିଲା ବଡ଼ଗାଁ ସ୍ଥିତ ଡିଗ୍ରୀ କଲେଜରେ ସେପ୍ଟେମ୍ବର ୧୫ ତାରିଖରୁ ଆରମ୍ଭ ହୋଇଥିଲା। ଏହି କାର୍ଯ୍ୟକ୍ରମ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅନୁଷ୍ଠାନର ଅଧ୍ୟକ୍ଷ ହେମନ୍ତ କୁମାର ପଣ୍ଡା ପୌରୋହିତ୍ୟ କରିଥିଲେ। ସେ ପୋଷଣ ଅଭିଯାନର ଆଭିମୁଖ୍ୟ ବିଷୟରେ ଆଲୋକପାତ କରି ସୁସ୍ଥ ଶରୀର ସୁସ୍ଥ ମନର ଦର୍ପଣ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମକୁ ସାଂସ୍କୃତିକ ବିଭାଗର ସଂଯୋଜିକା ମାନବିକା ସାମଲ ପରିଚାଳନା କରିଥିଲେ। ମୁଖ୍ୟ ବକ୍ତା ଭାବେ ବଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଭୁବନ

### ଡିଗ୍ରୀ କଲେଜରେ ପୋଷଣ ଅଭିଯାନ ସଚେତନତା କାର୍ଯ୍ୟକ୍ରମ ଉଦ୍‌ଯାପିତ

ସାହୁ ଯୋଗଦେଇଥିଲେ। ସେ ତାଙ୍କ ଅଭିଭାଷଣରେ ମେଦ ବହୁଳତା ଏବଂ ତା'ର ପ୍ରତିକାର ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ତଥ୍ୟ ସମ୍ବଳିତ ବିବରଣୀ ପ୍ରଦାନ କରିଥିଲେ। ସୁସ୍ଥ ଶରୀର ପାଇଁ ସୁଷମ ଖାଦ୍ୟ ସହିତ ବ୍ୟାୟାମ, ଯୋଗ ଏବଂ ମାନସିକ ଶାନ୍ତି ପାଇଁ ଧ୍ୟାନର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ। ଅନ୍ୟତମ ସ୍ୱାସ୍ଥ୍ୟକର୍ମୀ ତୁଳସା ପଟେଲ ସ୍ୱାସ୍ଥ୍ୟ ହିଁ ସମ୍ପଦ ଏବଂ ଭାଗବତ ଚିନ୍ତା ମସ୍ତିଷ୍କକୁ ସୁସ୍ଥ ରଖିବାରେ ସହାୟତା ହୋଇଥାଏ ବୋଲି ବୁଝାଇଥିଲେ। ପୋଷଣ ଅଭିଯାନର ଅନ୍ୟତମ ସଂଗ୍ରାମୀ ଅଙ୍ଗନୱାଡି କର୍ମୀ ସୂର୍ଯ୍ୟା କିଷାନ ଓ ଉର୍ମିଳା ଭୋଇ ନିଜର ଅନୁଭୂତି ଓ ମୂଲ୍ୟବାନ୍ ପ୍ରେରଣାଦାୟୀ ସରକାରୀ କାର୍ଯ୍ୟକ୍ରମ ବିଷୟରେ ସମସ୍ତଙ୍କୁ ସଚେତନ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀମାନେ ଉପସ୍ଥିତ ରହି ବିଭିନ୍ନ କାର୍ଯ୍ୟ ତୁଲାଇଥିଲେ। ଶେଷରେ ଅଧ୍ୟାପକ ତାପସ କର ଧନ୍ୟବାଦ ଅର୍ପଣ କରିଥିଲେ।


ସ୍ୱାସ୍ଥ୍ୟକର୍ମୀ ଛାତ୍ରୀଛାତ୍ର ମାନଙ୍କୁ ବୁଝାଉଛନ୍ତି।

## ରାଷ୍ଟ୍ରୀୟ ପୋଷଣ ଦିବସ ପାଳିତ

ବ୍ରଜରାଜନଗର,(ବିଜୟ ବରାଡ଼): ବ୍ରଜରାଜନଗର କଲେଜ ପ୍ରେକ୍ଷାଳୟରେ ରାଷ୍ଟ୍ରୀୟ ପୋଷଣ ମାସ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧକ୍ଷ ବିଜୟ କୁମାର ସାହୁ ସଭାପତିତ୍ୱ କରି ଉକ୍ତ ଦିବସ ପାଳନର ଉଦ୍ଦେଶ୍ୟ ଓ ଉପଯୋଗୀତା ସମ୍ବନ୍ଧରେ ଆଲୋଚନା କରିଥିଲେ। ବାଣିଜ୍ୟ ବିଭାଗ ମୁଖ୍ୟ ଭାଗିରଥୀ ତ୍ରିପାଠୀ, ଅଧାପକ ବିକ୍ରମ ପ୍ରଧାନ, ଓଡ଼ିଆ ବିଭାଗ ମୁଖ୍ୟ ଶ୍ରୀକର ଭୋଇ, ଇତିହାସ ବିଭାଗ ମୁଖ୍ୟ ଡ. ରତୁପର୍ଣ୍ଣା ମହାନ୍ତି ଯୋଗଦେଇ ରାଷ୍ଟ୍ରୀୟ ପୋଷଣ ଦିବସ ପାଳନ ସମାଜ ପାଇଁ ଅତ୍ୟନ୍ତ ଉପାଦେୟ ବୋଲି କହିଥିଲେ। ଅଧାପିକା ଡ. ପୁଷ୍ପାଞ୍ଜଳି ସାହୁ କାର୍ଯ୍ୟକ୍ରମ ପରିଚାଳନା ଓ ଅଧାପକ ଲଗୁ ଚରଣ ମାରାଣ୍ଡି ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ କଲେଜ ଅଧାପିକା, ଅଧାପକ, କର୍ମଚାରୀ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ଜିଲାସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡ଼ା ଚୟନ ଶିବିର

ଦେବଗଡ଼,୧୬।୧୦(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ଗୁରୁବାର ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମଠାରେ ଜିଲାସ୍ତରୀୟ ବିଦ୍ୟାଳୟ ସମୂହ ୧୪ ଓ ୧୭ ବର୍ଷରୁ କମ୍ ଛାତ୍ରୀଛାତ୍ରଙ୍କର କ୍ରୀଡ଼ା ଚୟନ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷା ଅଧିକାରୀ ଗେନ୍ଦ୍ରା କୁଜୁରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା ଆରକ୍ଷୀ ଅଧୀକ୍ଷକ ଅନିଲ କୁମାର ମିଶ୍ର, ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ମିଞ୍ଜ, ପୌର ପରିଷଦର ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଜିତ୍ କୁମାର ଭୋଜ, ଜିଲା କ୍ରୀଡ଼ା ଅଧିକାରୀ ତାପସ କୁମାର ମହନ୍ତ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ଘୁଟା ଯୋଗଦେଇଥିଲେ। ପ୍ରାରମ୍ଭରେ କ୍ରୀଡ଼ା ଶିକ୍ଷକ ବିରଞ୍ଚି ନାରାୟଣ ଦାଶଙ୍କ ତତ୍ତ୍ୱାବଧାନରେ ୩ଟି ବ୍ଲକର ଛାତ୍ରୀଛାତ୍ର ମାର୍ଚ୍ଚପାଷ୍ଟ କରିଥିଲେ। ଜିଲା ଶାରୀରିକ ଶିକ୍ଷା ଅଧିକାରୀ ପଦ୍ମିନୀ ମହାପାତ୍ର ବିବରଣୀ ପାଠ କରିଥିଲେ। ସୁଗୁଡ଼ା ସିଆର୍‌ସିସି ପ୍ରାଣବନ୍ଧୁ ଘଡେଇ ମଞ୍ଚ ସଂଯୋଜନା ଓ ଟାଇଁସର ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସଞ୍ଜୟ କୁମାର ବ୍ରହ୍ମା ଧନ୍ୟବାଦ ଦେଇଥିଲେ। ପୂର୍ବ ନିର୍ଦ୍ଧାରିତ ୩ଟି ବ୍ଲକର ୬ଟି ଜୋନ୍‌ରେ ଆୟୋଜିତ ଚୟନ ପ୍ରକ୍ରିୟାରେ ଚୟନ ହୋଇ ଆସିଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରେ ଦୁଇ ଦିନ ଧରି ଫୁଟ୍‌ବଲ, ଖୋ ଖୋ, କବାଡ଼ି, କ୍ରିକେଟ୍, ଯୋଗ, ଆଥ୍‌ଲେଟିକ୍ ପ୍ରତିଯୋଗିତା କରାଯାଇ ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ଖେଳ ପ୍ରତିଯୋଗିତାରେ ପ୍ରତିନିଧିତ୍ୱ ପାଇଁ ଖେଳାଳି ଚୟନ କରାଯିବ। ଡିଲେଶ୍ୱର ସ୍ୱାଇଁ, ରଞ୍ଜିତା ମିଶ୍ର, କୁନିତା ସାହୁ, କିରଣ ଟପନୋ, ଦମୟନ୍ତୀ ଦାସ, ଶ୍ୟାମସୁନ୍ଦର ବେହେରା, ଚିତ୍ତରଞ୍ଜନ ମହାପାତ୍ର, ମାନସ କୁମାର ଦାସ, ଜୟନାରାୟଣ ସାହୁ, କରୁଣାକର ପାନ୍ନା, ଜଗଦୀଶ ଭୋଇ, ସଞ୍ଜୟ କୁମାର ପ୍ରଧାନ, ରିଣ୍ଟୁ ବିଶ୍ୱାଳ, ଟିପଟନ ସାହୁ, ମନୋଜ କୁମାର ଜେନା ପ୍ରମୁଖ କ୍ରୀଡ଼ା ପରିଚାଳନା କରିଥିଲେ। ଏହି ଶିବିରରେ ୩ଟି ବ୍ଲକ ଅଞ୍ଚଳରୁ ୨୭୯ ଜଣ ବାଳକ, ୨୨୦ ବାଳିକା ଓ ୬୩ ଜଣ ଖେଳ ଶିକ୍ଷୟିତ୍ରୀଶିକ୍ଷକ ଯୋଗଦେଇଥିଲେ।

# ଜଙ୍ଗଲ ଜମିରେ ବେଆଇନ ନିର୍ମାଣ ବନ୍ଦ ନିର୍ଦ୍ଦେଶ

ଝାରସୁଗୁଡ଼ା,୧୬।୧୦(ଆଶିଷ ରଞ୍ଜନ ଦାଶ)


No. ... /4F (Misc.)
Dated Jharsuguda the 16th October, 2025

To
The Authorized Signatory,
M/s. Orissa Metaliks Pvt. Ltd.,
(Formerly MSP Metaliks)
Marakuta, Jharsuguda

Yours faithfully,
Divisional Forest Officer,
Jharsuguda Forest Division

**ଜଙ୍ଗଲ ଜମିକୁ କମ୍ପାନୀ ବ୍ୟବହାର କରିବା ଘଟଣା**

**ଯୁଗ୍ମ ତଦନ୍ତ ପରେ ସତ୍ୟତା ଜଣାପଡ଼ିଲା**

ଝାରସୁଗୁଡ଼ା ସଦର ବ୍ଲକ ଅଧୀନ ମରାକୁଟାଠାରେ ଥିବା ଓଡ଼ିଶା ମେଟାଲିକ୍ସ କମ୍ପାନୀ ଜଙ୍ଗଲ ଜମି ବ୍ୟବହାର କରିବା ଘଟଣାର ଯୁଗ୍ମ ତଦନ୍ତ ରାଜସ୍ୱ ଓ ଜଙ୍ଗଲ ବିଭାଗ ଦ୍ୱାରା କରାଯାଇଥିଲା। ତଦନ୍ତବେଳେ ଉକ୍ତ କମ୍ପାନୀ ଜଙ୍ଗଲ ଜମି ବ୍ୟବହାର କରୁଥିବା ନେଇ ସତ୍ୟତା ଜଣାପଡିଥିଲା। ଏହି କମ୍ପାନୀ ଭିତରେ ଥିବା କେଉଁ ପ୍ଲଟ୍‌ରେ କେତେ ଜଙ୍ଗଲ ଜମି ବ୍ୟବହାର କରୁଛି, ତାହାର ତଥ୍ୟ ଝାରସୁଗୁଡ଼ା ଡିଏଫ୍‌ଓଙ୍କୁ ଦିଆଯାଇଛି। ଫଳରେ ଡିଏଫ୍‌ଓ ଗୁରୁବାର ଉକ୍ତ କମ୍ପାନୀକୁ ଜଙ୍ଗଲ ଜମିରେ ବେଆଇନ ନିର୍ମାଣ ବନ୍ଦ ସହ ଜଙ୍ଗଲ ଜମି ଖାଲି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନା ଅନୁଯାୟୀ, ଉକ୍ତ କମ୍ପାନୀ ଜଙ୍ଗଲ ଜମି ବ୍ୟବହାର କରୁଥିବା ନେଇ ମରାକୁଟା ନାଏବ ସରପଞ୍ଚ ଆଶିଷ କୁମାର ଗର୍ଡିଆ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଜିଲାପାଳ ଏହାର ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲା ବନଖଣ୍ଡ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲା ବନଖଣ୍ଡ ଅଧିକାରୀ ଏହାର ଯୁଗ୍ମ ତଦନ୍ତ ପାଇଁ ଝାରସୁଗୁଡ଼ା ରେଞ୍ଜର ଏବଂ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ତହସିଲଦାରଙ୍କ ପକ୍ଷରୁ ଆର୍‌ଆଇ ରୁପାଲୀ ଓରାମ୍, ରେଞ୍ଜର ବିଜୟ ପ୍ରଧାନ, ଅଭିଯୋଗକାରୀ ଆଶିଷ କୁମାର ଗର୍ଡିଆ, ଓଡ଼ିଶା ମେଟାଲିକ୍ସ କମ୍ପାନୀର ଅଧିକାରୀ ମିଶି ଗତ ସେପ୍ଟେମ୍ବର ୧୯ରେ କମ୍ପାନୀ ପରିସରରେ ଥିବା ଜଙ୍ଗଲ ଜମିର ତଦନ୍ତ ଏବଂ ମାପଚୁପ କରିଥିଲେ। ଯୁଗ୍ମ ତଦନ୍ତ ପରେ ରେଞ୍ଜର, ଆର୍‌ଆଇ ସମସ୍ତ ରିପୋର୍ଟ ଜିଲା ବନଖଣ୍ଡ ଅଧିକାରୀଙ୍କୁ ପ୍ରଦାନ କରିଥିଲେ। ଏହି ରିପୋର୍ଟରେ ଉକ୍ତ କମ୍ପାନୀ ଖାତା ନମ୍ବର ୨୮୨, ପ୍ଲଟ୍ ନମ୍ବର ୨୦୪, ୨୦୫, ୨୦୬, ୨୦୨, ୩୮୧, ୪୬୪, ୪୬୬, ୪୭୦, ୧୩୮, ୧୯୯ କିସମ ଗ୍ରାମ୍ୟ ଜଙ୍ଗଲକୁ ବେଆଇନ ଭାବେ ବ୍ୟବହାର କରୁଥିବା ନେଇ ଦର୍ଶାଯାଇଛି। ଏହାକୁ ନେଇ ଝାରସୁଗୁଡ଼ା ବନଖଣ୍ଡ ଅଧିକାରୀ ଅଶୋକ ମନୁଭଇ ପତ୍ରସଂଖ୍ୟା ୫୭୪୨/୨୫ ଅନୁସାରେ ଗୁରୁବାର ଏକ ଚିଠି ମାଧ୍ୟମରେ ଉକ୍ତ କମ୍ପାନୀ ବ୍ୟବହାର କରୁଥିବା ଜଙ୍ଗଲ ଜମିରେ ବେଆଇନ ନିର୍ମାଣ ତୁରନ୍ତ ବନ୍ଦ କରି ଖାଲି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ କମ୍ପାନୀ ଭିଏନ୍ ଅଧିନିୟମ -୧୯୮୦ର ସମ୍ପୂର୍ଣ୍ଣ ଭାବେ ଉଲ୍ଲଂଘନ କରିଥିବା ଚିଠିରେ ଦର୍ଶାଇଛନ୍ତି। ଏନେଇ ଝାରସୁଗୁଡ଼ା ଡିଏଫଓ ଅଶୋକ ମନୁଭଇ କହିଛନ୍ତି, ଓଡ଼ିଶା ମେଟାଲିକ୍ସ କମ୍ପାନୀ ତୁରନ୍ତ ଜଙ୍ଗଲ ଜମି ଖାଲି ନ କଲେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅପରପକ୍ଷେ ଉକ୍ତ କମ୍ପାନୀର ଉପସଭାପତି ଅଜିତ୍ ସିଂ କହିଛନ୍ତି, ଆମେ ଏ ସମ୍ପର୍କିତ ଚିଠି ବନଖଣ୍ଡ ଅଧିକାରୀଙ୍କ ନିକଟରୁ ପାଇନାହୁଁ। ସୂଚନାଯୋଗ୍ୟ, ଏହି କମ୍ପାନୀ ଜଙ୍ଗଲ ଜମି ବ୍ୟବହାର କରୁଥିବା ନେଇ ଏନ୍‌ଜିଟିରେ ପିଟିଶନ ଦାଖଲ କରାଯାଇଛି। ଏନେଇ ତଦନ୍ତ ଜାରିରହିଛି।

# ବେଲପାହାଡ଼ ଡିଗ୍ରୀ କଲେଜରେ ପୋଷଣ ଅଭିଯାନ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ବେଲପାହାଡ଼,୧୬।୧୦(ସୁବାସ ପ୍ରଧାନ)

ବେଲପାହାଡ଼ ମହାବିଦ୍ୟାଳୟ ପରିସରରେ ରେଡ୍‌କ୍ରସ ପକ୍ଷରୁ ପୋଷଣ ଅଭିଯାନ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷ ଆଶିଷ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଲଖନପୁର କମ୍ୟୁନିଟି ହେଲ୍‌ଥ ସେଣ୍ଟର ଡାକ୍ତର ଶ୍ରୀଯୁକ୍ତ ଭୋଇ, ସମ୍ମାନିତ ଅତିଥି ଭାବେ ଡା. ସୁଶାନ୍ତ ପ୍ରଧାନ ଯୋଗଦେଇଥିଲେ। ଡା. ପ୍ରଧାନ ଶିଶୁ, ମାତୃ ଓ କିଶୋରଙ୍କ ଖାଦ୍ୟ କିପରି ଏକ ସୁସ୍ଥ ମାନସିକତା ଓ ସୁସ୍ଥ ପରିବେଶ ସୃଷ୍ଟି କରିପାରିବ ସେନେଇ ଆଲୋଚନା କରିଥିଲେ। ଏଥିସହ ପିପିଟି ଦେଖାଇ ଛାତ୍ରୀଛାତ୍ରଙ୍କୁ ମେଦବହୁଳତା, ତାର ବିଭିନ୍ନ କାରଣ ଏବଂ ଉପଚାର ବିଷୟରେ ସଚେତନ କରିଥିଲେ। ଏଥିରେ ବାଣିଜ୍ୟ ବିଭାଗ ମୁଖ୍ୟ ଦିଲ୍ଲୀପ କୁମାର ପଟେଲ, ବୃନ୍ଦାବନ ନାହାକଙ୍କ ସମେତ ଅଧାପିକା, ଅଧାପକ ଏବଂ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ରେଡ୍‌କ୍ରସ ଅଧିକାରୀ ସହଦେବ ବେହେରା ଧନ୍ୟବାଦ ଦେଇଥିଲେ।

# କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି


କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ଛାତ୍ରୀଛାତ୍ର।

ଦେବଗଡ଼,୧୬।୧୦(ଶଶାଙ୍କ ଶେଖର ଝାଙ୍କର)

ତିଲେଇବଣି ବ୍ଲକ ଟାଇଁସର କ୍ଲଷ୍ଟର କୁରଡ଼ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସିଆର୍‌ସିସି ଭେନ୍‌ସ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ତିଲେଇବଣି ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ଟାଇଁସର ସରପଞ୍ଚ ବାସନ୍ତୀ ପ୍ରଧାନ, ପରିଚାଳନା ସମିତି ସଭାନେତ୍ରୀ ରଞ୍ଜନା ବେହେରା ଯୋଗଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଡୋଳାଧର ସ୍ୱାଇଁ ଅତିଥି ପରିଚୟ, ସହକାରୀ ଶିକ୍ଷକ ତପନ କୁମାର ନାୟକ ମଞ୍ଚ ସଂଯୋଜନା ଓ ହଦମୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହୃଦାନନ୍ଦ ଖୁଣ୍ଟିଆ ଧନ୍ୟବାଦ ଦେଇଥିଲେ। କ୍ଲଷ୍ଟର ଅନ୍ତର୍ଗତ ସମସ୍ତ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ କନିଷ୍ଠ ଓ ବରିଷ୍ଠ ବର୍ଗରେ ତର୍କ, ସଙ୍ଗୀତ, ଚିତ୍ରାଙ୍କନ, ଜଣାଅଜଣା, ସୃଜନଶୀଳ ଲିଖନ ସୁନ୍ଦର ହସ୍ତାକ୍ଷର, ଦଳଗତ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଚାରକ ଭାବେ ଶିବାଶିଷ ଝାଙ୍କର, ଅମ୍ଳାଂଶୁ ପୂଜାରୀ, ରୁପେନ୍ଦ୍ର ଗୁମାନସିଂ ଦାୟିତ୍ୱ ତୁଲାଇଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# ଚୋରି ଅଭିଯୋଗରେ ୪ ଗିରଫ

ଝାରସୁଗୁଡ଼ା,୧୬।୧୦(ଆଶିଷ ରଞ୍ଜନ ଦାଶ)

ଚୋରି ଅଭିଯୋଗରେ ଝାରସୁଗୁଡ଼ା ବିମାନ ବନ୍ଦର ପୋଲିସ ୪ ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ସୁନ୍ଦରଗଡ଼ ଜିଲା ଲେଫ୍ରିପଡ଼ା ଅଞ୍ଚଳର ଗଣେଶ ଖଡ଼ି, ଗଞ୍ଜାମ ଭଞ୍ଜନଗର ଅଞ୍ଚଳର ରାଜୁ ସାଗର, ଝାଡ଼ଖଣ୍ଡ ରାଞ୍ଚି ଅଞ୍ଚଳର ବୁଟା ସାଏ ଓ ଅବ୍‌ଦୁଲ ରହିମ୍। ସେମାନେ ମଙ୍ଗଳବାର ବିଳମ୍ବିତ ରାତିରେ ଝାରସୁଗୁଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟର ବ୍ଲକ 'ଡି' କ୍ୱାର୍ଟର୍ସରୁ କେତେକ ଯନ୍ତ୍ରପାତି ଚୋରିକରି ଫେରାର ହୋଇଯାଇଥିଲେ। ଏନେଇ ଅଭିଯୋଗ ହେବା ପରେ ପୋଲିସ ମାମଲା ରୁଜୁ କରିଥିଲା।

# ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ଚତୁର୍ଥ କ୍ଲଷ୍ଟରସ୍ତରୀୟ ବୈଠକ

ଦେବଗଡ଼,୧୬।୧୦(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ଗୁରୁବାର ଚତୁର୍ଥ ମାସିକ କ୍ଲଷ୍ଟରସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠାନର ଅଧକ୍ଷ ସନ୍ତୋଷ କୁମାର ଗୌଡ଼ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ବୈଠକର ପ୍ରଥମ ପର୍ଯ୍ୟାୟରେ ବରିଷ୍ଠ ପ୍ରଶିକ୍ଷିକା ମନ୍ଦାକିନୀ ଗୁରୁ ପୂର୍ବ ମାସିକ ବୈଠକ ବିଷୟ ବସ୍ତୁର ଆଲୋଚନା କରିବା ସହ ଶିଶୁବାଟିକା, ପ୍ରଥମ, ଦ୍ୱିତୀୟ, ତୃତୀୟ ଶ୍ରେଣୀ ପାଇଁ ଚଳିତ ମାସର ଶୈକ୍ଷିକ କ୍ୟାଲେଣ୍ଡର ସମ୍ପର୍କରେ ଆଲୋକପାତ କରାଇଥିଲେ। ସେହିପରି ବରିଷ୍ଠ ପ୍ରଶିକ୍ଷିକା ନିବେଦିତା ବେହେରା, ବରିଷ୍ଠ ପ୍ରଶିକ୍ଷକ ଗୁରୁଚରଣ ବୋଦ୍ରା ଶିକ୍ଷକଙ୍କ ଗତିବିଧିଯୋଜନା, ସିଆର୍‌ସିସିଙ୍କ ଦ୍ୱାରା ପାଠଟୀକା ପ୍ରସ୍ତୁତି ଓ ଦଳଗତ ଉପସ୍ଥାପନା କରାଇଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ପ୍ରଶିକ୍ଷିକା ସୁରମା ମିର୍ଦ୍ଧା ବିଦ୍ୟାଳୟ ପରିଦର୍ଶନ ଓ ଆଲୋଚନା, ଶିକ୍ଷଣ ସୋପାନ ରେଜିଷ୍ଟର ଓ ପ୍ରଶିକ୍ଷିକା ପାର୍ଥିବୀ ପ୍ରିୟଦର୍ଶିନୀ ବର୍ଣ୍ଣାଳୀ କାର୍ଯ୍ୟକ୍ରମ ଓ ଜିଲାଭିତ୍ତିକ ଶୈକ୍ଷିକ ଆଲୋଚନା କରିଥିଲେ। ଏହି ବୈଠକରେ ଜିଲାର ୫୦ ଜଣ ସିଆର୍‌ସିସି ଯୋଗଦେଇଥିଲେ।

# ଅଲିମ୍ପିକ ମୂଲ୍ୟବୋଧ ଶିକ୍ଷା ତାଲିମ ଶିବିରରେ ହମିଦଙ୍କୁ ମାଷ୍ଟର ଟ୍ରେନର ଦାୟିତ୍ୱ

ବେଲପାହାଡ଼,୧୬।୧୦(ସୁବାସ ପ୍ରଧାନ)

ବେଲପାହାଡ଼ ଇଂଲିଶ ମିଡିୟମ ସ୍କୁଲର ଶାରୀରିକ ଶିକ୍ଷା ଶିକ୍ଷକ ହମିଦ୍ କୁମାର ମହାପାତ୍ର ଅଲିମ୍ପିକ ମୂଲ୍ୟବୋଧ ଶିକ୍ଷା ତାଲିମ ଶିବିରରେ ମାଷ୍ଟର ଟ୍ରେନର ଭାବେ ଯୋଗଦେବେ। ଓଡ଼ିଶାର ଅଲିମ୍ପିକ ମୂଲ୍ୟବୋଧ ଶିକ୍ଷା କାର୍ଯ୍ୟକ୍ରମ ଅନ୍ତର୍ଗତ ଥିବା ବିଦ୍ୟାଳୟଗୁଡ଼ିକର ପ୍ରଧାନ ଶିକ୍ଷକଙ୍କ ପାଇଁ ଦକ୍ଷତାବିକାଶ କାର୍ଯ୍ୟକ୍ରମ ଫର୍ ସ୍କୁଲ ଲିଡର ଆସନ୍ତା ୧୩ରୁ ୧୬ ତାରିଖ ପର୍ଯ୍ୟନ୍ତ ୧୭ ଜିଲାରେ ଅନୁଷ୍ଠିତ ହେବ। ହମିଦ୍‌ଙ୍କୁ ସୁନ୍ଦରଗଡ଼, ସମ୍ବଲପୁର, ବରଗଡ଼ ଏବଂ ଖୋର୍ଦ୍ଧା ଜିଲାର ଦାୟିତ୍ୱ ଦିଆଯାଇଛି। ସେ ଏହି ଜିଲାଗୁଡ଼ିକରେ ଥିବା ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ଅଲିମ୍ପିକ ମୂଲ୍ୟବୋଧ ବିଷୟରେ ଟ୍ରେନିଂ ଦେଉଛନ୍ତି। ଏଥିସହ ରାଜ୍ୟର ୧୭ ଜିଲାରୁ ମନୋନୀତ ୩୪ ଜଣ ଓଭିଇପି ଶିକ୍ଷକଙ୍କୁ ଭୁବନେଶ୍ୱରରେ ଆସନ୍ତା ୧୬ରୁ ୧୮ ତାରିଖ ପର୍ଯ୍ୟନ୍ତ ରାଜ୍ୟ ମାଷ୍ଟର ଟ୍ରେନର ତାଲିମ ଦିଆଯିବ। ଏଥିରେ ହମିଦ୍ ମଧ୍ୟ ମାଷ୍ଟର ଟ୍ରେନର ଦାୟିତ୍ୱ ନିର୍ବାହ କରିବେ। ଏହି ତାଲିମ ଶିବିର ଓଡ଼ିଶା ସ୍କୁଲ ଶିକ୍ଷା ପ୍ରାଧିକରଣ କାର୍ଯ୍ୟକ୍ରମ ବିଭାଗ, ଅଭିନବ ବିନ୍ଦ୍ରା ଫାଉଣ୍ଡେଶନ ଟ୍ରଷ୍ଟ ଏବଂ ଅନ୍ତର୍ଜାତୀୟ ଅଲିମ୍ପିକ କମିଟିର ଅଲିମ୍ପିକ ଫାଉଣ୍ଡେସନ ଫର୍ କଲ୍‌ଚର୍ ଆଣ୍ଡ୍ ହେରିଟେଜ୍ ସହିତ ମିଳିତ ଭାବରେ ଆୟୋଜିତ ହେଉଛି। ଅନ୍ତର୍ଜାତୀୟ ଅଲିମ୍ପିକ କମିଟି ଦ୍ୱାରା ସ୍ୱୀକୃତିପ୍ରାପ୍ତ ଓଭିଇପି ମାଷ୍ଟର ଟ୍ରେନର ହମିଦ କୁମାର ମହାପାତ୍ର ତାଲିମ ଦେବା ସମୟରେ ଖୁସି ପ୍ରକାଶ କରିଥିଲେ। ବର୍ତ୍ତମାନ ସମୟରେ ଏହି କାର୍ଯ୍ୟକ୍ରମ ଓଡ଼ିଶାର ୧୭ଟି ଜିଲାର ୫୦୦ ବିଦ୍ୟାଳୟରେ ପରିଚାଳିତ ହେଉଛି।

# ଶିବିରରୁ ୭୯ ୟୁନିଟ୍ ରକ୍ତ ସଂଗ୍ରହ


କାର୍ଯ୍ୟକ୍ରମରେ... ଶିବିରରେ ରକ୍ତଦାନ କରାଯାଉଛି।

ଦେବଗଡ଼,୧୬।୧୦(ଶଶାଙ୍କ ଶେଖର ଝାଙ୍କର)

ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନ୍ମଦିନ ଉପଲକ୍ଷେ ବିଜେଡି ସେବା ଦିବସ ପାଳନ କରିଛି। ଏହି ଅବସରରେ ଦେବଗଡ଼ ଜିଲା ବିଜେଡି ପକ୍ଷରୁ ଲାଲୁସାହିସ୍ଥିତ ଜିଲା ବିଜେଡି କାର୍ଯ୍ୟାଳୟରେ ରକ୍ତଦାନ ଶିବିର ଗୁରୁବାର ଆୟୋଜିତ ହୋଇଥିଲା। ଏଥିରେ ୭୯ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଦେବଗଡ଼ ଜିଲା ରକ୍ତଭଣ୍ଡାରରେ ରକ୍ତର ଘୋର ଅଭାବ ରହିଥିବା ବେଳେ ବିଜେଡି ପକ୍ଷରୁ ଅନୁଷ୍ଠିତ ରକ୍ତଦାନ ଶିବିର ମାଧ୍ୟମରେ ରୋଗୀଙ୍କୁ ରକ୍ତ ଯୋଗାଇବାରେ ସହାୟକ ହେବ ବୋଲି ବିଧାୟକ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧ୍ୟକ୍ଷ କୌଶିକ କୁମାର ପ୍ରଧାନ, ରିଆମାଳ ପଞ୍ଚାୟତ ସମିତି ଅଧ୍ୟକ୍ଷ ମଧୁସୂଦନ ପ୍ରଧାନ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ସୁଷମା ବେହେରା, ଜିଲା ମହିଳା ବିଜେଡି ସଭାନେତ୍ରୀ ଅରୁଣୀ ପ୍ରଧାନ, ଅନିତା ପାତ୍ର, ପାର୍ବତୀ ସାହୁ, ସୁଜାତା ପ୍ରଧାନ, ପ୍ରତାପ ଦେବ, ଭବାନୀ ଶଙ୍କର ସାହୁ, ସୋସିଆଲ ମିଡିଆ କୋର୍ଡିନେଟର ଶୁକଦେବ ଭଞ୍ଜ, ବାବୁଲାଲ ପୃଷେଠଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ସିପିଆର ସଚେତନତା ସପ୍ତାହ କାର୍ଯ୍ୟକ୍ରମ

ସମ୍ବଲପୁର,୧୬।୧୦(ବି.ଶଙ୍କର)


ସମ୍ବଲପୁରସ୍ଥିତ ବିକାଶ ନର୍ସିଂ କଲେଜରେ ସିପିଆର ସଚେତନତା ସ୍ୱତନ୍ତ୍ର କାର୍ଯ୍ୟକ୍ରମ।

ବିଦ୍ୟା ବିକାଶ ଅନୁଷ୍ଠାନ ସମୂହର ସମ୍ବଲପୁରସ୍ଥିତ ବିକାଶ ନର୍ସିଂ କଲେଜରେ ସିପିଆର ସଚେତନତା ସପ୍ତାହ ଉପଲକ୍ଷେ ଗୁରୁବାର ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅବସରରେ ବିକାଶ ହସ୍ପିଟାଲର ଖ୍ୟାତିନାମା ଡାକ୍ତର ଡା. ପ୍ରଦୀପ ରଜନ୍ନା ଏବଂ ତାଙ୍କ ଦଳ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ସିପିଆରର ଗୁରୁତ୍ୱ, ପ୍ରୟୋଗ ପ୍ରଣାଳୀ ଓ ଜୀବନ ରକ୍ଷାରେ ଏହାର ଭୂମିକା ବିଷୟରେ ଆଲୋକପାତ କରିଥିଲେ। ଡା. ରଜନ୍ନା ନିଜସ୍ୱ ଦଳ ସହ ଠିକ ଭାବରେ ସିପିଆର କିପରି କରାଯାଏ ତାହା ପ୍ରଦର୍ଶନ କରି ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ସେ କହିଥିଲେ ସମୟ ବ୍ୟର୍ଥ ନକରି ତୁରନ୍ତ ସିପିଆର ଆରମ୍ଭ କରି ଆମେ ରୋଗୀର ଜୀବନ ବଞ୍ଚାଇପାରିବା। ଏହି କାର୍ଯ୍ୟକ୍ରମରେ ବିକାଶ ଅନୁଷ୍ଠାନ ସମୂହର ଚେୟାରମ୍ୟାନ ଜି. ଭାସ୍କର ରାଓ, ନିର୍ଦ୍ଦେଶକ ଜି. ରାମକୃଷ୍ଣ, ମୁଖ୍ୟ ପ୍ରଶାସନିକ ଅଧିକାରୀ ସଞ୍ଜୀବ କୁମାର ବାବୁ, ବିକାଶ ନର୍ସିଂ କଲେଜ ଅଧକ୍ଷ ପ୍ରଫେସର ଈଶ୍ୱର ନାଗ, ବିକାଶ କନସେପ୍ଟ ସ୍କୁଲ ଅଧକ୍ଷ ମନୋରଞ୍ଜନ ପତି, ବିକାଶ ସିନିୟର ସେକେଣ୍ଡାରୀ ସ୍କୁଲ ଅଧକ୍ଷା ଡ. ପୁଷ୍ପିତା ପଣ୍ଡା, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କାର୍ଯ୍ୟନିର୍ବାହୀ ଅଧକ୍ଷ ଡ. ଦିବ୍ୟସିଂହ ମହନ୍ତ ଏବଂ ବିକାଶ ନର୍ସିଂ କଲେଜର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, କର୍ମଚାରୀ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ରମାନେ କାର୍ଯ୍ୟକ୍ରମ ଉଦ୍ଦେଶ୍ୟରେ ଏକ ସଂକ୍ଷିପ୍ତ ନାଟକ ପରିବେଷଣ କରିବା ସହିତ ବିଭିନ୍ନ ପ୍ରକାର ପୋଷ୍ଟର ତିଆରି କରିଥିଲେ।

# ପୂର୍ବତନ ବିଧାୟକ ନଟବର ବଞ୍ଛୋରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

ଲଖନପୁର,୧୬।୧୦(ଗୌତମ ସାହୁ)

ଝାରସୁଗୁଡ଼ା ଜିଲା କଣ୍ଢେଇକେଲାଠାରେ ଜନ୍ମିତ ତଥା ଭଟ୍‌ଲି ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ସ୍ୱର୍ଗତ ନଟବର ବଞ୍ଛୋରଙ୍କ ପ୍ରତିମୂର୍ତ୍ତି କଣ୍ଢେଇକେଲା ପ୍ରାଥମିକ ବିଦ୍ୟାଳୟ ସମ୍ମୁଖ ଛକଠାରେ ସ୍ଥାପନ କରାଯାଇଛି। ଏହି ଗ୍ରାମର ବୟୋବୃଦ୍ଧ ସାଥୀ ଶୁକ୍ରୁ ସା ଏବଂ ନଟବର ବଞ୍ଛୋରଙ୍କ ସ୍ତ୍ରୀ ସତ୍ୟଭାମା ଯୋଗଦେଇ ପ୍ରତିମୂର୍ତ୍ତିକୁ ଉନ୍ମୋଚନ କରିଥିଲେ। ଗୁଣନିଧି ପ୍ରଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ପରିଷଦ ସଦସ୍ୟ ସନତ୍ ସିଂ, ଖବରଦାତା ଶିବଶଙ୍କର ନନ୍ଦ, ମେହେବୁବ ମେହେତା, ଝାରସୁଗୁଡ଼ା ଓକିଲ ସଂଘ ସଭାପତି ତ୍ରିନାଥ ଗୁଆଲ, ଭଟ୍‌ଲି ବ୍ଲକର ପୂର୍ବତନ ଅଧକ୍ଷ ଗୋପାଳ ଅଗ୍ରୱାଲ, କୃଷକନେତା ବିରଞ୍ଚି ସାହୁ, ବୁଡି ଅଞ୍ଚଳ ସଂଗ୍ରାମ ସମିତି ଅଧକ୍ଷ ଗୋପୀନାଥ ମାଝୀ, ଲଖନପୁର ନାଗରିକ ପରିଷଦର ଅଧକ୍ଷ ପୀତାମ୍ବର ମିଶ୍ର, କମ୍ୟୁନିଷ୍ଟ ନେତା ରମେଶ ତ୍ରିପାଠୀ, ସମିତି ସଭ୍ୟ ଅନିଲ ବାରିକ, ସରପଞ୍ଚ ଅଶୋକ ସେଟ୍ ଯୋଗଦେଇ ନଟବରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ୧୯୪୯ ମସିହାରେ ଅନୁଷ୍ଠିତ ବିଖ୍ୟାତ ଢବାଫଟା ଆନ୍ଦୋଳନରେ କାରାବରଣ କରିଥିବା ୧୭ ଜଣ ସଂଗ୍ରାମୀଙ୍କ ଦାୟାଦଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି ପ୍ରଖ୍ୟାତ ଶିଳ୍ପୀ ତଥା ମୂର୍ତ୍ତି ନିର୍ମାଣ କରିଥିବା କପାସିରାର ଅମୂଲ୍ୟ ଭୋଇଙ୍କୁ ସମ୍ମାନିତ କରାଯାଇଛି। କଣ୍ଠଶିଳ୍ପୀ ମୂରଲୀଧର ବାରିକ ସ୍ୱାଗତ ସଙ୍ଗୀତ ଗାନ କରିଥିବାବେଳେ ବିଶିଷ୍ଟ ସଞ୍ଚାର ବାଦକ ବାସୁଦେବ ପଶାଏତ ସ୍ୱର୍ଗତ ବଞ୍ଛୋରଙ୍କ ରଚିତ ସଙ୍ଗୀତକୁ ନେଇ ସଞ୍ଚାର ପରିବେଷଣ କରିଥିଲେ। ପ୍ରାଧାପକ ତପନ କୁମାର ବାରିକ କାର୍ଯ୍ୟକ୍ରମ ସଂଯୋଜନା, ପ୍ରଧାନ ଶିକ୍ଷକ ସଦାନନ୍ଦ ପ୍ରଧାନ ଓ ଜୟନ୍ତ ପ୍ରଧାନ ମଞ୍ଚ ପରିଚାଳନା କରିଥିବାବେଳେ ପୂର୍ବତନ ସରପଞ୍ଚ ଚକନନ୍ଦ ସା ଧନ୍ୟବାଦ ଦେଇଥିଲେ। ଏଥିରେ ଅନେକ ବୁଦ୍ଧିଜୀବୀ, ଅବସରପ୍ରାପ୍ତ ଶିକ୍ଷକଙ୍କ ସମେତ ଛାତ୍ରୀଛାତ୍ର ଓ ଜନସାଧାରଣ ଉପସ୍ଥିତ ଥିଲେ।

ନଟବର ୧୯୫୭ରେ ଭଟ୍‌ଲି ନିର୍ବାଚନ ମଣ୍ଡଳୀରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ସେ ଶିକ୍ଷକତାରୁ ଇସ୍ତଫା ଦେଇ ଐତିହାସିକ ସାହୁକାର ବିରୋଧୀ ଢବାଫଟା ଆନ୍ଦୋଳନ, ହୀରାକୁଦ ବିସ୍ଥାପନ ତଥା ଲଛିପାଲି ଫାର୍ମ ବିରୋଧୀ ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ଏଥିସହ ସେ ଜଣେ ସଂଗ୍ରାମୀ, ମାନବବାଦୀ ନେତା, ବିଶିଷ୍ଟ କବି, ଗାୟକ ଓ ବାୟକ ଭାବରେ ସୁଖ୍ୟାତି ଅର୍ଜନ କରିଥିଲେ।



ପ୍ରତିମୂର୍ତ୍ତି ଉନ୍ମୋଚନ ସ୍ଥଳରେ ଛାତ୍ରୀ ଓ ଅନ୍ୟମାନେ।

# ଝାରସୁଗୁଡ଼ାବାସୀଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯିବ



କାର୍ଯ୍ୟକ୍ରମରେ ବିଧାୟକ, ଜିଲାପାଳଙ୍କ ସମେତ ଅନ୍ୟମାନେ।

ଝାରସୁଗୁଡ଼ା,୧୬।୧୦(ଆଶିଷ ରଞ୍ଜନ ଦାଶ)

**ଓଡ଼ିଶା ମାଇନିଂ କନ୍‌କ୍ଲେଭ୍ ଉଦ୍‌ଘାଟିତ**

ଝାରସୁଗୁଡ଼ାସ୍ଥିତ ଏକ ହୋଟେଲରେ ୨ ଦିନିଆ ଓଡ଼ିଶା ମାଇନିଂ କନ୍‌କ୍ଲେଭ୍ ସିଆଇଆଇ ଓଡ଼ିଶା ଦ୍ୱାରା ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ସିଆଇଆଇର ଭାଇସ୍ ଚେୟାରମ୍ୟାନ୍ ଜି. ସୁରେଶଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ଯୋଗଦେଇ କହିଛନ୍ତି, ବିକଶିତ ଭାରତ -୨୦୪୭, ବିକଶିତ ଓଡ଼ିଶା-୨୦୩୬ର ସ୍ୱପ୍ନ ପୂରଣରେ ଝାରସୁଗୁଡ଼ାର ଅବଦାନ ଅତୁଳନୀୟ ରହିବ। କାରଣ ଝାରସୁଗୁଡ଼ା ଓଡ଼ିଶାର ଶିଳ୍ପ ହବ୍ ହୋଇସାରିଛି। ଆଗାମୀ ଦିନରେ ଝାରସୁଗୁଡ଼ାବାସୀଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯିବା ସହ ଜିଲାରେ ଆହୁରି ବିକାଶମୂଳକ କାର୍ଯ୍ୟ କରାଯିବ। ଖଣି ଉତ୍ତୋଳନ ପାଇଁ ବିସ୍ଥାପିତ ହେଉଥିବା ଲୋକଙ୍କୁ ପୁନଃ ଥଇଥାନ କରାଯିବ। ସେହିପରି ଦକ୍ଷତା ବିକାଶ ସହ ସବୁଜ ଜଙ୍ଗଲ ସୃଷ୍ଟି କରିବା ପାଇଁ ଲକ୍ଷ୍ୟ ରହିଛି। ଆଗାମୀ ଦିନରେ ଝାରସୁଗୁଡ଼ାରେ ଟ୍ରକ୍ ଟର୍ମିନାଲ, ରେଲୱେ ସାଇଡିଂ ପ୍ରତିଷ୍ଠା ଉପରେ ଗୁରୁତ୍ୱ ଦେବା ପାଇଁ ସେ କହିଛନ୍ତି। ସେହିପରି ସମ୍ମାନିତ ଅତିଥି ଜିଲାପାଳ କୁଣାଲ ମୋତିରାମ ଚହ୍ୱାଣ କହିଛନ୍ତି, ଜିଲାରେ ବିଭିନ୍ନ ଖଣି କାମ ଆରମ୍ଭ ହେଲେ ପ୍ରଶାସନ ଆଇନ ଅନୁଯାୟୀ ସମସ୍ତ ସହଯୋଗ କରିବ। ଝାରସୁଗୁଡ଼ାରେ ଖଣି ଓ କମ୍ପାନୀ କାର୍ଯ୍ୟ ଆରମ୍ଭ ପାଇଁ ଗୁରୁତ୍ୱ ଦିଆଯିବ ବୋଲି ସେ କହିଛନ୍ତି। ଏଥିରେ ଅନ୍ୟ ଅତିଥି ଭାବେ ସମ୍ବଲପୁର ଆଇଆଇଏମ୍‌ର ନିର୍ଦ୍ଦେଶକ ମହାଦେବ ଜୟସ୍ୱାଲ, ଓଡ଼ିଶା ସିଆଇଆଇର ଅଶୋକ ବାରାତ, ପ୍ରବୋଧ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଝାରସୁଗୁଡ଼ା ଜିଲାରେ କାର୍ଯ୍ୟରତ ସମସ୍ତ ସରକାରୀ, ବେସରକାରୀ କମ୍ପାନୀର କର୍ମକର୍ତ୍ତା, ବ୍ୟବସାୟୀ, ସାମାଜିକ କର୍ମୀ ଉପସ୍ଥିତ ଥିଲେ।

**ପ୍ରଥମ ପୃଷ୍ଠାରୁ...**

## ଭାଜପାର ୪୦...

ସିଦ୍ଧାନ୍ତ ମହାପାତ୍ର, ପୂର୍ବତନ ଏମ୍‌ପି ଅନୁଭବ ମହାନ୍ତି, ବିଧାୟକ ଆକାଶ ଦାସନାୟକ, ରାଜ୍ୟ ସାଧାରଣ ସମ୍ପାଦକ(ସଂଗଠନ) ମାନସ କୁମାର ମହାନ୍ତି, ବରିଷ୍ଠ ନେତା ରଞ୍ଜନ କୁମାର ପଟେଲ, ପ୍ରସିଦ୍ଧ ଅଭିନେତା ତଥା ଛତିଶଗଡ଼ ବିଧାୟକ ଅନୁଜ ଶର୍ମା, ରୋହିତ ସାହୁ, ଯୋଗେଶ୍ୱର ରାଜୁ ସିହ୍ନା, ବିଧାୟକ ଲକ୍ଷ୍ମଣ ବାଗ ଏବଂ ସନତ ଗଡ଼ତିଆ ପ୍ରମୁଖ ସାମିଲ ଅଛନ୍ତି। ଏହି ଷ୍ଟାର ପ୍ରଚାରକ ତାଲିକା ପ୍ରଦାନ ସମୟରେ ରାଜ୍ୟ ଉପସଭାନେତ୍ରୀ ସୁଶ୍ରୀ ସୁକେଶୀ ଓରାମ, ରାଜ୍ୟ ମୁଖପାତ୍ର ସତ୍ୟବ୍ରତ ପଣ୍ଡା, ଦିଲୀପ ମଲିକ, ରାଜ୍ୟ ଗଣମାଧ୍ୟମ ସଂଯୋଜକ ସୁଜିତ କୁମାର ଦାସ, ରାଜ୍ୟ ଲିଗାଲ ସେଲ୍ ସଂଯୋଜକଜୟନ୍ତଜେନା, ବରିଷ୍ଠନେତାମୁରଲୀଶର୍ମାପ୍ରମୁଖଉପସ୍ଥିତଥିଲେ।

## ପଦାଧିକାରୀ ତାଲିକା ...

ରାଓ, ଶିବାଜୀ ମହାନ୍ତି, ଭବେନ୍ଦ୍ର କୁମାର ପଣ୍ଡା, ସିପ୍ରା ବାଜପେୟୀ, ସୁଦର୍ଶନ ଗୋଏଲ ଏବଂ ବିଷ୍ଣୁ ଦାସ ରହିଛନ୍ତି। ସେହିପରି ସାଧାରଣ ସମ୍ପାଦକ ଭାବେ ବିରଞ୍ଚି ନାରାୟଣ ତ୍ରିପାଠୀ,ସାରଦା ପ୍ରସାଦ ଶତପଥୀ, ସୀମାଞ୍ଚଳ ଖଟେଇ ଏବଂ ପୂର୍ଣ୍ଣିମା ପ୍ରିୟଦର୍ଶିନୀ ନାଏକଙ୍କୁ ନିଯୁକ୍ତି ଦିଆଯାଇଛି। ସମ୍ପାଦକ ଭାବେ ସରୋଜ କୁମାର କର, କାଳନ୍ଦୀ ସାମଲ, ସ୍ମୃତି ପଟ୍ଟନାୟକ, ପ୍ରୀତିପ୍ରତିଭା ଭୋଳ, ଭଗବାନ ମହାନ୍ତି, ପିଙ୍କି ପ୍ରଧାନ, ରାମଚନ୍ଦ୍ର ହାଁସଦା, ମମତା ସିଂ, ପୃଥ୍ୱୀରାଜ ମହାପାତ୍ର, ସ୍ମିତା ପ୍ରଧାନ ନିଯୁକ୍ତି ପାଇଛନ୍ତି। କୋଷାଧ୍ୟକ୍ଷ ଭାବେ ଅଜୟ କୁମାର ଅଗ୍ରୱାଲ ଏବଂ ଯୁଗ୍ମ କୋଷାଧ୍ୟକ୍ଷ ଭାବେ ଦିବାକର ହରିଚନ୍ଦନଙ୍କୁ ନୂଆ ଦାୟିତ୍ୱ ମିଳିଛି। ଏହି ପଦପଦବୀ ଲାଗି ଦଳର ରାଜ୍ୟ ସଭାପତି ମନମୋହନ ସାମଲ ଅନୁମୋଦନ କରିଥିବା ବେଳେ ଦଳର ରାଜ୍ୟ ସାଧାରଣ ସମ୍ପାଦକ(ସଂଗଠନ) ମାନସ ମହାନ୍ତିଙ୍କ ଦସ୍ତଖତରେ ବିଜ୍ଞପ୍ତି ଜାରି କରାଯାଇଛି।

# ଭାଜପାକୁ ଘାରିଛି କଂଗ୍ରେସ ଭୟ: ଅରବିନ୍ଦ

ଭୁବନେଶ୍ୱର,୧୬।୧୦
(ରବିନାରାୟଣ ଜେନା)

ବିଜେଡି–ଭଜପା ଭାଇଭାଇ। ଏକଥା ପୁଣିଥରେ ନୂଆପଡ଼ା ଉପନିର୍ବାଚନରେ ପ୍ରାର୍ଥୀ ଘୋଷଣାରୁ ଜଣାଯାଇଛି ବୋଲି ପ୍ରଦେଶ କଂଗ୍ରେସ କମିଟି ଗଣମାଧ୍ୟମ ବିଭାଗ ଅଧ୍ୟକ୍ଷ ଅରବିନ୍ଦ ଦାସ କହିଛନ୍ତି। ଗୁରୁବାର ଅରବିନ୍ଦ କହିଛନ୍ତି, ଖୋଦ୍ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନୂଆପଡ଼ାର ରାଜନୈତିକ ସଭାରେ କହିଛନ୍ତି, ଏଥର ଲଢ଼େଇ କଂଗ୍ରେସ ସହ ହେଉଛି। ବିଜେଡି ତୃତୀୟ ନମ୍ବରରେ ରହିବ। ମୁଖ୍ୟମନ୍ତ୍ରୀଙ୍କ କଥାରୁ କଂଗ୍ରେସ ପ୍ରାର୍ଥୀ ଆଗୁଆ ଥିବା ନେଇ ଭାଜପା ଆକଳନ କରିଛି। ସେ କହିଛନ୍ତି, କେବଳ କଂଗ୍ରେସକୁ ହରାଇବା ପାଇଁ ହିଁ ଦୁଇଦଳ ମିଳିତ ରଣନୀତି କରୁଛନ୍ତି। ପ୍ରଥମେ

**ଭାଜପାକୁ ଜିତାଇବାକୁ ବିଜେଡି ଦୁର୍ବଳ ପ୍ରାର୍ଥୀ ଦେଇଛି**

ଭାଜପା ଜଣେ ଯୋଗ୍ୟ ପ୍ରାର୍ଥୀ ନ ପାଇବାରୁ ବିଜେଡିରୁ ଜୟ ଢୋଲକିଆଙ୍କୁ ଘୋଡ଼ାବେପାର କରି ଛଡ଼ାଇ ନେଇ ପ୍ରାର୍ଥୀ ଘୋଷଣା କଲା। ତେବେ ଏହି ତ୍ରିକୋଣୀୟ ପ୍ରତିଦ୍ୱନ୍ଦ୍ୱିତାରେ କଂଗ୍ରେସର ବିଜୟ ସୁନିଶ୍ଚିତ ହେବ। କଂଗ୍ରେସର ଘାସିରାମ ମାଝୀ ଏକମାତ୍ର ପ୍ରାର୍ଥୀ, ଯାହାଙ୍କୁ କି ନୂଆପଡ଼ା ମାଟିର ପୁଅ ବୋଲି କୁହାଯାଇପାରେ। ଏହି ଦକ୍ଷ ଆଦିବାସୀ ଆଇନଜୀବୀ ଅତୀତରେ ୫ ଥର ବିଧାନସଭା ନିର୍ବାଚନ ହାରିଥିଲେ ମଧ୍ୟ ପ୍ରତିଥର ତାଙ୍କ ଭୋଟ ପରିମାଣ ବଢ଼ିଛି। ଏପରି କି ୨୦୨୪ରେ ୫୦ ହଜାର ୯୪୧ ଭୋଟ ପାଇଥିଲେ ବୋଲି ଅରବିନ୍ଦ କହିଛନ୍ତି।

# ପୋଖରୀରେ ବୁଡ଼ି ୨ ଶିଶୁଙ୍କ ମୃତ୍ୟୁ

ରାଇରଙ୍ଗପୁର,୧୬।୧୦ (ମାନସ ମହାନ୍ତି)

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅଧୀନ ଚାଡ଼ିରିପାହାଡ଼ ଗ୍ରାମରେ ଗୁରୁବାର ଏକ ଦୁଃଖଦ ଘଟଣା ଘଟିଛି। ଗାଧୋଇବାକୁ ଯାଇଥିବାବେଳେ ପୋଖରୀରେ ବୁଡ଼ି ୨ ଶିଶୁଙ୍କ ମୃତ୍ୟୁ ଘଟିଛି। ମୃତ ଶିଶୁ ଦ୍ୱୟ ହେଲେ ସେହି ଗ୍ରାମର ଦାସରଥି ହାଁସଦାଙ୍କ ପୁଅ ସାକିଲା ସିଂ (୯) ଏବଂ ମୁନିରାମ ମୁର୍ମୁଙ୍କ ପୁଅ ସୁବୋଧ ମୁର୍ମୁ (୮)। ସୂଚନା ଅନୁଯାୟୀ, ସକାଳ ୯ଟା ସମୟରେ ସାକିଲା ଓ ସୁବୋଧ ଗାଧୋଇବା ପାଇଁ ଗାଁ ପୋଖରୀକୁ ଯାଇଥିଲାବେଳେ ବୁଡ଼ିଯାଇଥିଲେ। ଖବରପାଇ ଡାମଡଲିଆ ଅଗ୍ନିଶମ କର୍ମଚାରୀ ପହଞ୍ଚି ପୋଖରୀରୁ ସୋମନଙ୍କୁ ଉଦ୍ଧାରକରି ରାଇରଙ୍ଗପୁର ହସ୍ପିଟାଲ ପଠାଇଥିଲେ। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଏ ସଂକ୍ରାନ୍ତରେ ଥାନାରେ ୨ଟି ଅପମୃତ୍ୟୁ ମାମଲା (ନଂ. ୧୮/୨୫ ଓ ୧୯/୨୫ ) ରୁଜୁ ହୋଇଛି। ଏନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ୨ ବ୍ଲକ, ୨ ଏନ୍‌ଏସି ଦାୟିତ୍ୱ ୫୨ ନେତାଙ୍କୁ ବାଣ୍ଟିଲା ବିଜେଡି

ଭୁବନେଶ୍ୱର, ୧୬।୧୦ (ସୁନିତ୍ ମିଶ୍ର)

ନୂଆପଡ଼ା ଉପନିର୍ବାଚନ ଲାଗି ବିଜେଡି ପକ୍ଷରୁ ଦଳୀୟ ନେତାମାନଙ୍କୁ ଗୁରୁବାର ଦାୟିତ୍ୱ ବଣ୍ଟାଯାଇଛି। ଏନେଇ ଦଳ ପକ୍ଷରୁ ବିଳମ୍ବିତ ସନ୍ଧ୍ୟାରେ ଦାୟିତ୍ୱ ପାଇଥିବା ନେତାଙ୍କ ତାଲିକା ପ୍ରକାଶ ପାଇଛି। ନୂଆପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀର ୨ଟି ବ୍ଲକ ଏବଂ ୨ଟି ଏନ୍‌ଏସି ଦାୟିତ୍ୱ ୫୨ଜଣ ନେତାଙ୍କ ଭିତରେ ବଣ୍ଟାଯାଇଛି। ନୂଆପଡ଼ା ବ୍ଲକ ଦାୟିତ୍ୱ ୧୮ ଜଣଙ୍କୁ ଦିଆଯାଇଛି। ସେମାନଙ୍କ ମଧ୍ୟରେ ନିରଞ୍ଜନ ପୂଜାରୀ, ସଞ୍ଜୟ ଦାସବର୍ମା, ପ୍ରତାପ ଜେନା, ଦିବ୍ୟ ଶଙ୍କର ମିଶ୍ର, ପ୍ରୀତି ରଞ୍ଜନ ଘଡ଼େଇ, ଧ୍ରୁବ ସାହୁ, ମନୋହର ରନ୍ଧାରୀ, ପ୍ରଦୀପ ଦିଶାରୀ, ତୁଷାରକାନ୍ତି ବେହେରା, ବ୍ରଜ କିଶୋର ପ୍ରଧାନ, ରମେଶ ଚନ୍ଦ୍ର ବେହେରା, ସାରଦା ପ୍ରସନ୍ନ ଜେନା, ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ସୁଦର୍ଶନ ହରିପାଲ, ପ୍ରଶାନ୍ତ କୁମାର ବେହେରା, ଦେବୀ ରଞ୍ଜନ ତ୍ରିପାଠୀ ଏବଂ ନୀହାର ରଞ୍ଜନ ବେହେରାଙ୍କୁ ଦିଆଯାଇଛି। ନୂଆପଡ଼ା ଏନ୍‌ଏସି ଦାୟିତ୍ୱରେ ୮ ଜଣ ରହିଛନ୍ତି। ସେଥିରେ ଅତନୁ ସବ୍ୟସାଚୀ ନାଏକ, ସାରଦା ପ୍ରସାଦ ନାଏକ, ଦେବେଶ ଆଚାର୍ଯ୍ୟ, ମନୋରମା ମହାନ୍ତି, ଦିପାଲୀ ଦାସ, ଆୟୁବ ଖାନ, ରିତା ସାହୁ, ସ୍ୱରୂପ ଦାସ ରହିଛନ୍ତି। ସେହିପରି କୋମନା ବ୍ଲକ ଦାୟିତ୍ୱରେ ପ୍ରଣବ ପ୍ରକାଶ ଦାସ, ପ୍ରତାପ ଦେବ, ଅଧୀରାଜ ପାଣିଗ୍ରାହୀ, ପୁଷ୍ପେନ୍ଦ୍ର ସିଂହଦେଓ, ଯୋଗେଶ ସିଂ, ରବି ନନ୍ଦ, ପ୍ରଦୀପ ମାଝୀ, ନଳିନୀକାନ୍ତ ପ୍ରଧାନ, ବ୍ୟୋମକେଶ ରାଏ, ସୁଶାନ୍ତ କୁମାର ରାଉତ, ସୁଭାଶିଷ ଖୁଣ୍ଟିଆ, ଜଗନ୍ନାଥ ସାରକା, ସରୋଜ ମେହେର, ବିଶ୍ୱରଞ୍ଜନ ମଲ୍ଲିକ, ଅବିନାଶ ସାମଲ, ଈଶ୍ୱର ପାଣିଗ୍ରାହୀ, ରୋହିତ ଯୋଶେଫ ତିର୍କୀ ଏବଂ ଉମାକାନ୍ତ ସାମନ୍ତରାୟ ରହିଛନ୍ତି। ଖରିଆର ରୋଡ୍ ଏନ୍‌ଏସି ଦାୟିତ୍ୱରେ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ବିକ୍ରମ ପଣ୍ଡା, କଳିକେଶ ନାରାୟଣ ସିଂଦେଓ, ସୌଭିକ ବିଶ୍ୱାଳ, ଗୌତମ ବୁଦ୍ଧ ଦାସ, ପ୍ରଶାନ୍ତ ମୁଦୁଲି ଏବଂ ରୁଦ୍ର ପ୍ରସାଦ ମହାରଥୀ ରହିଛନ୍ତି।

# ଜମି ଦଖଲକୁ ନେଇ ଉଗ୍ରରୂପ ନେଲା ବିବାଦ

ଦିଗପହଣ୍ଡି/ପାଟପୁର,୧୬।୧୦
(ଅଶେଷ ନାଥ ମିଶ୍ର/ସୀମାଞ୍ଚଳ ସାହୁ)

**ବିଏନ୍ଏସ୍ ୧୬୩ ଲାଗୁ, ୫ ପ୍ଲାଟୁନ୍ ଫୋର୍ସ ମୁତୟନ**



ବିବାଦୀୟ ଜମିରେ ଭଙ୍ଗାରୁଜା କରାଯାଇଥିବା ବେଳେ ପୋଲିସ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରୁଛି।

ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ ସିଙ୍ଗପୁର ପଞ୍ଚାୟତ ରତ୍ନମଣିପୁର ମୌଜା ରାସ୍ତାକଡ଼ରେ ଥିବା ଜମି ଦଖଲକୁ ନେଇ ସିଙ୍ଗପୁର ଏବଂ ରତ୍ନମଣିପୁର ଗ୍ରାମବାସୀଙ୍କ ମଧ୍ୟରେ ଲାଗି ରହିଥିବା ବିବାଦ ଗୁରୁବାର ଉଗ୍ରରୂପ ନେଇଛି। ବିବାଦୀୟ ଜମିରେ ସନ୍ଧ୍ୟାରେ ପୋଲିସ ପକ୍ଷରୁ ବିଏନ୍ଏସ୍ ୧୬୩ ଲାଗୁ ସହ ୫ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇଛି।

ଡେଙ୍ଗାଓସ୍ତା ଗ୍ରାମରୁ ସିଙ୍ଗପୁର ଯିବା ରାସ୍ତାରେ ରତ୍ନମଣିପୁର ମୌଜାରେ ଥିବା ପଞ୍ଚାୟତର ସରକାରୀ ଜମିକୁ ଉଭୟ ଗ୍ରାମର ବହୁ ସଂଖ୍ୟକ ବ୍ୟକ୍ତି ପ୍ରାୟ ୫୦ ବର୍ଷ ହେଲା ଜବରଦଖଲ କରି ରଖିଥିଲେ। କିଛିଦିନ ପୂର୍ବେ ପ୍ରଶାସନ ପକ୍ଷରୁ ପୋଲିସ ଉପସ୍ଥିତିରେ ସେଠାରୁ ଜବରଦଖଲ ଉଚ୍ଛେଦ କରାଯାଇଥିଲା। ପରେ ରତ୍ନମଣିପୁର ଏବଂ ଡେଙ୍ଗାଓସ୍ତା ଗ୍ରାମର କେତେଜଣ ବ୍ୟକ୍ତି ଉକ୍ତ ଜମିରେ ହନୁମାନ ମୂର୍ତ୍ତି ପ୍ରତିଷ୍ଠା ପାଇଁ ପ୍ରସ୍ତୁତି ଚଳାଇଥିଲେ। ଉକ୍ତ ଜମିକୁ ଲାଗିଥିବା ପଞ୍ଚାୟତ ପୋଖରୀ ପୋତି ଏକ ପାର୍କ କରିବାକୁ ଯୋଜନା ହୋଇଥିବାରୁ ସିଙ୍ଗପୁର ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏହାକୁ ବିରୋଧ କରି ଗୁରୁବାର ପୂର୍ବାହ୍ନରେ ସିଙ୍ଗପୁର ଗ୍ରାମବାସୀ ସାନଖେମୁଣ୍ଡି ତହସିଲ କାର୍ଯ୍ୟାଳୟ ଘେରାଉ କରିଥିଲେ। ତହସିଲଦାର ରାମଚନ୍ଦ୍ର ପଟ୍ଟନାୟକ ଖୁବ୍‌ଶୀଘ୍ର ବିବାଦୀୟ ଜମିରେ ନିର୍ମାଣ କାର୍ଯ୍ୟ ବନ୍ଦ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପରେ ଗ୍ରାମବାସୀ ରତ୍ନମଣିପୁର ଆସି ଉକ୍ତ ଜମିର ପାଚେରି ଓ ନିର୍ମାଣ କାମ ଭଙ୍ଗାରୁଜା କରିଥିଲେ। ଏହା ଜାଣିବା ପରେ ରତ୍ନମଣିପୁରର ବହୁ ଲୋକ ସେଠାରେ ପହଞ୍ଚିବାରୁ ସ୍ଥିତି ଅଣାୟତ୍ତ ହୋଇଥିଲା। ଉଭୟପକ୍ଷ ପରସ୍ପରକୁ ଟେକାପଥର ମାଡ଼ କରିଥିଲେ। ଏଥିରେ ଏକାଧିକ ଆହତ ହୋଇଥିଲେ। ପରେ ସିଙ୍ଗପୁରର ବହୁ ବ୍ୟକ୍ତି ଡେଙ୍ଗାଓସ୍ତା ଗ୍ରାମ ନିକଟ ୩୨୬ ନଂ. ଜାତୀୟ ରାଜପଥରେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ଖବରପାଇ ସାନଖେମୁଣ୍ଡି ତହସିଲଦାର ତଥା ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟ ପଟ୍ଟନାୟକଙ୍କ ସମେତ ଗଞ୍ଜାମ ଅତିରିକ୍ତ ଏସ୍‌ପି ସୀମା ସ୍ୱାଇଁ, ଆସିକା ଏସ୍‌ଡିପିଓ ସନ୍ତୋଷ କୁମାର ଜେନା, ପାଟପୁର, ଶେରଗଡ଼, ଧରାକୋଟ ଥାନା ଅଧିକାରୀ ଓ ଦିଗପହଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟ ଗ୍ରାମର ଉତ୍ତ୍ୟକ୍ତ ଲୋକଙ୍କ ସହ ଆଲୋଚନା କରିଥିଲେ । ପରେ ବ୍ରହ୍ମପୁର ଉପଜିଲାପାଳ ଅବିନାଶ କୁମାର, ତହସିଲଦାର ଓ ପୋଲିସ ଅଧିକାରୀମାନେ ବୁଝାଶୁଝା କରିବାରୁ ଅପରାହ୍ନ ସାଢ଼େ ୫ଟାରେ ରାସ୍ତାରୋକୋ ହଟିଥିଲା। ପରେ ପୁଣି ପୋଲିସ ଉପସ୍ଥିତିରେ ସିଙ୍ଗପୁରର କେତେଜଣ ଜମିରେ ଯଜ୍ଞ ପାଇଁ କରାଯାଇଥିବା ମଣ୍ଡପ, ଅସ୍ଥାୟୀ ଟେଣ୍ଟ ଭାଙ୍ଗି ଦେଇଥିଲେ। ଉତ୍ତେଜନାମୂଳକ ସ୍ଥିତିକୁ ଦେଖି ଉପଜିଲାପାଳଙ୍କ ଉପସ୍ଥିତିରେ ସେଠାରେ ବିଏନ୍ଏସ୍ ୧୬୩ ଲାଗୁ କରାଯାଇଛି।

# ଦାରିଦ୍ର୍ୟରେ ଥିବା ପରିବାର ପାଇଁ ସମ୍ମାନଜନକ ବ୍ୟବସ୍ଥା

ପ୍ରତିବର୍ଷ ଅକ୍ଟୋବର ୧୭ରେ ପାଳନ ହୋଇଆସୁଛି ଅନ୍ତର୍ଜାତୀୟ ଦାରିଦ୍ର୍ୟ ଦୂରୀକରଣ ଦିବସ। ଏହି ଦିବସ ଦାରିଦ୍ର୍ୟରେ ବାସ କରୁଥିବା ଲୋକଙ୍କର ବ୍ୟାପକ ସମାଜ ମଧ୍ୟରେ ବୁଝାମଣା ଏବଂ ଆଲୋଚନାକୁ ପ୍ରୋତ୍ସାହିତ କରିବା ପାଇଁ ଲକ୍ଷ୍ୟ ରଖେ। ଜାତିସଂଘର ସ୍ଥାୟୀ ବିକାଶ ଲକ୍ଷ୍ୟରେ ଉଲ୍ଲେଖ କରାଯାଇଥିବା ତଥ୍ୟ ଅନୁସାରେ, ୨୦୩୦ ସୁଦ୍ଧା ସବୁଠି ସମସ୍ତ ଲୋକଙ୍କ ପାଇଁ ଚରମ ଦାରିଦ୍ର୍ୟ ଦୂରକରିବା। କ୍ଷୁଧାରୁ ମୁକ୍ତି, ଅସୁରକ୍ଷିତ ବାସସ୍ଥାନ ଏବଂ ବିପଜ୍ଜନକ କାର୍ଯ୍ୟ ପରିସ୍ଥିତି ଅନ୍ତର୍ଭୁକ୍ତ ସହ ସମ୍ମାନର ଜୀବନ ପ୍ରଦାନକରି ଦାରିଦ୍ର୍ୟରେ ବଞ୍ଚୁଥିବା ଲୋକଙ୍କ ଅନୁପାତକୁ ଉଲ୍ଲେଖନୀୟ ଭାବରେ ହ୍ରାସ କରିବା। ଏଥିସହ ଏହା ଏକ ସ୍ଥାୟୀ ଭବିଷ୍ୟତକୁ ପ୍ରୋତ୍ସାହିତକରେ ଯେଉଁଠାରେ ଭବିଷ୍ୟତ ପିଢ଼ିର ନିଜସ୍ୱ ଆବଶ୍ୟକତା ପୂରଣ କରିବାର କ୍ଷମତାକୁ କ୍ଷତି ନ ପହଞ୍ଚାଇ ବର୍ତ୍ତମାନର ଆବଶ୍ୟକତା ପୂରଣ ହୁଏ। ସୂଚନାଯୋଗ୍ୟ, ୧୯୮୭ ଅକ୍ଟୋବର ୧୭ରେ ଅନ୍ତର୍ଜାତୀୟ ଦାରିଦ୍ର୍ୟ ଦୂରୀକରଣ ଦିବସ ଆରମ୍ଭ ହୋଇଥିଲା, ଯେତେବେଳେ ଦାରିଦ୍ର୍ୟର ଶିକାର ହୋଇଥିବା ଲୋକଙ୍କୁ ସମ୍ମାନିତ କରିବା ଏବଂ ଦାରିଦ୍ର୍ୟକୁ ମାନବାଧିକାରର ଉଲ୍ଲଂଘନ ଘୋଷଣା କରିବା ପାଇଁ ପ୍ୟାରିସ୍‌ଠାରେ ୧ଲକ୍ଷରୁ ଅଧିକ ଲୋକ ଏକତ୍ରିତ ହୋଇଥିଲେ। ତେବେ ୧୯୯୨ ମସିହାରେ ଜାତିସଂଘ ସାଧାରଣ ସଭା ଆନୁଷ୍ଠାନିକ ଭାବରେ ୧୭ ଅକ୍ଟୋବରକୁ ବିଶ୍ୱବ୍ୟାପୀ ଦାରିଦ୍ର୍ୟ ବିରୋଧରେ ସଚେତନତା ସୃଷ୍ଟି ଏବଂ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦିବସ ଭାବରେ ନାମିତ କରିଥିଲା। ଚଳିତବର୍ଷ ଅନ୍ତର୍ଜାତୀୟ ଦାରିଦ୍ର୍ୟ ଦୂରୀକରଣ ଦିବସ ଲାଗି ବିଷୟବସ୍ତୁ ରହିଛି 'ପରିବାର ପ୍ରତି ସମ୍ମାନ ଓ ପ୍ରଭାବଶାଳୀ ସମର୍ଥନ' ସୁନିଶ୍ଚିତକରି ସାମାଜିକ ଏବଂ ସାଂଗଠନିକ ଦୁର୍ବ୍ୟବହାରର ଅନ୍ତ ଘଟାଇବା। ଏହା ଦାରିଦ୍ର୍ୟରେ ଥିବା ପରିବାରଗୁଡ଼ିକୁ ଦଣ୍ଡ ଦେଉଥିବା କିମ୍ବା ଦୁର୍ବ୍ୟବହାର କରୁଥିବା ବ୍ୟବସ୍ଥାଗୁଡ଼ିକୁ ଭାଙ୍ଗିବା ଏବଂ ସେମାନଙ୍କୁ ସମ୍ମାନଜନକ ଓ ସହାୟକ ବ୍ୟବସ୍ଥା ସହ ବଦଳାଇବା ଉପରେ ଗୁରୁତ୍ୱାରୋପ କରେ।

**ଆଜି ଅନ୍ତର୍ଜାତୀୟ ଦାରିଦ୍ର୍ୟ ଦୂରୀକରଣ ଦିବସ**



# ୫୧ ସରପଞ୍ଚ, ସମିତି ସଭ୍ୟ ଭାଜପାରେ ମିଶିଲେ



ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ଅନ୍ୟ ଦଳର କର୍ମକର୍ତ୍ତା ଭାଜପାରେ ସାମିଲ ହେଉଛନ୍ତି।

ନୂଆପଡ଼ା,୧୬।୧୦
(ମକାରୁ ବେମାଲ)

**ଏମ୍‌ପି ପ୍ରାର୍ଥୀ ଲମ୍ବୋଦର, ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାମିଲ**

ନୂଆପଡ଼ା ଜିଲା ଖରିଆର ରୋଡ୍ ଗୋଟମା ଏୟାରଷ୍ଟ୍ରିପ ପଡିଆଠାରେ ଗୁରୁବାର ଭାଜପା ପକ୍ଷରୁ ଆୟୋଜିତ ବିଜୟ ସଙ୍କଳ୍ପ ସମାବେଶରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ବିଭିନ୍ନ ବିଭାଗର ମନ୍ତ୍ରୀ ଓ ବିଧାୟକଙ୍କ ଉପସ୍ଥିତିରେ ଜିଲାର ଶତାଧିକ ବିଜେଡି କର୍ମକର୍ତ୍ତା ଭାଜପାରେ ଯୋଗ ଦେଇଛନ୍ତି। ବିଜେଡିର ତୁଙ୍ଗ ନେତା ଲମ୍ବୋଦର ନିଆଲ ଶଙ୍ଖ ଛାଡି ପଦ୍ମ ଧରିଛନ୍ତି। ସେ ବିଜେଡି ଟିକେଟରେ ୨୦୧୪, ୨୦୧୯ରେ ଖଡିଆଳ ନିର୍ବାଚନ ମଣ୍ଡଳୀରେ ବିଧାୟକ ପ୍ରାର୍ଥୀ ହୋଇଥିବା ବେଳେ ୨୦୨୪ରେ କଳାହାଣ୍ଡି ଏମ୍‌ପି ପ୍ରାର୍ଥୀ ହୋଇଥିଲେ। ସେହିପରି ନୂଆପଡ଼ା ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁଙ୍କ ସମେତ ନୂଆପଡ଼ା ଓ କୋମନା ବ୍ଲକର ୫୧ ଜଣ ସରପଞ୍ଚ ଓ ସମିତି ସଭ୍ୟାସଭ୍ୟ ଭାଜପାରେ ଯୋଗ ଦେଇଛନ୍ତି। ଏହି ସମୟରେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରସନ୍ନ କୁମାର ପାଢ଼ୀ, ଯଦୁମଣି ପାଣିଗ୍ରାହୀ, ଯୁବମୋର୍ଚ୍ଚା ଜିଲା ସଭାପତି ଅଭିନନ୍ଦନ ପଣ୍ଡା, ଖରିଆର ରୋଡ ଏନ୍‌ଏସି ଅଧ୍ୟକ୍ଷା ସୋନିଆ ଜୈନ, ଜିଲା ସଭାପତି କମଲେଶ ଦୀକ୍ଷିତ ପ୍ରମୁଖ ଉପସ୍ଥିତ ଥିଲେ ।

# ୧୮ରେ ପ୍ରାର୍ଥୀପତ୍ର ଦାଖଲ କରିବେ ଜୟ

ନୂଆପଡ଼ା,୧୬।୧୦
(ମକାରୁ ବେମାଲ)

ନୂଆପଡ଼ା ଉପନିର୍ବାଚନ ଲାଗି ଚଳିତମାସ ୧୩ ତାରିଖରୁ ପ୍ରାର୍ଥୀପତ୍ର ଦାଖଲ ପାଇଁ ବିଜ୍ଞପ୍ତି ଜାରି ହୋଇଛି। ହେଲେ ଗୁରୁବାର ସୁଦ୍ଧା ଜଣେ ହେଲେ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିନାହାନ୍ତି। ଚତୁର୍ଥ ଦିନ ସୁଦ୍ଧା ୧୪ ଜଣ ପ୍ରାର୍ଥୀ ୧୫ ଗୋଟି ଫର୍ମ କ୍ରୟ କରିଛନ୍ତି। ଗୁରୁବାର ଭାଜପା ପ୍ରାର୍ଥୀ ଜୟ ଢୋଲକିଆ ବିଶାଳ ପଟୁଆରାରେ ଆସି ପ୍ରାର୍ଥୀପତ୍ର ଦାଖଲ କରିବାର ଥିଲା। ହେଲେ କୌଣସି କାରଣବଶତଃ ସେ ପ୍ରାର୍ଥୀପତ୍ର ଦାଖଲ କରିନାହାନ୍ତି। ବିଶ୍ୱସ୍ତ ସୂତ୍ରରୁ ପ୍ରକାଶ ଯେ, ଗୁରୁଙ୍କ ଆଦେଶ କ୍ରମେ ୧୮ ତାରିଖ ପ୍ରାର୍ଥୀପତ୍ର ଦାଖଲ କରିବେ ବୋଲି ଜଣାପଡିଛି। ବାପା ବିଧାୟକ ହୋଇ ଜିଲାର ବିକାଶ ପାଇଁ କାର୍ଯ୍ୟ କରିବା ସହ ଲୋକଙ୍କ ସେବା କରୁଥିଲେ। ଜନତା ଜନାର୍ଦ୍ଦନ ଆଶୀର୍ବାଦ କଲେ ବାପାଙ୍କ ଅଧୁରା ସ୍ୱପ୍ନ ପୂରା କରିବି ବୋଲି ଜୟ କହିଥିଲେ।

# ଭାନୁ ପ୍ରତାପଙ୍କ ବହିଷ୍କାର ପ୍ରତ୍ୟାହାର କଲା ବିଜେଡି

ଭୁବନେଶ୍ୱର, ୧୬।୧୦(ସୁନିତ୍ ମିଶ୍ର)

ନୂଆପଡ଼ାକୁ ନେଇ ଏବେ ସବୁ ଦଳରେ ରାଜନୀତି ଜୋର୍ ଧରିବାରେ ଲାଗିଛି। ସବୁ ଦଳରେ ଏବେଠାରୁ ଦଳଡିଆଁ ପର୍ବ ମଧ୍ୟ ଆରମ୍ଭ ହୋଇଯାଇଛି। ନୂଆପଡ଼ା ଜିଲା ପରିଷଦ ସଦସ୍ୟ ଭାନୁ ପ୍ରତାପ ସିଂ ମାଝୀଙ୍କୁ ଦଳ ପକ୍ଷରୁ ପୂର୍ବରୁ ବହିଷ୍କାର କରାଯାଇଥିଲା। ହେଲେ ଏହି ବହିଷ୍କାର ଆଦେଶକୁ ଗୁରୁବାର ପ୍ରତ୍ୟାହାର କରି ନିଆଯାଇଛି। ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଦଳର ଉପସଭାପତି ପ୍ରତାପ ଜେନାଙ୍କ ଦସ୍ତଖତରେ ଜିଲା ଆଦିବାସୀ କଲ୍ୟାଣ ସଂଘର ସଭାପତି ଭାନୁ ପ୍ରତାପଙ୍କ ବହିଷ୍କାର ପ୍ରତ୍ୟାହାର କରାଯାଇଛି। ବହିଷ୍କାର ପ୍ରତ୍ୟାହାର ପରେ ଶଙ୍ଖ ଭବନଠାରେ ମାଝୀଙ୍କୁ ଦଳ ତରଫରୁ ସ୍ୱାଗତ କରାଯାଇଛି। ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ପ୍ରତାପ ଜେନା, ଉପସଭାପତି ଅତନୁ ସବ୍ୟସାଚୀ ନାୟକ ଓ ରାଜ୍ୟ ସଭା ସଦସ୍ୟ ନିରଞ୍ଜନ ବିଶି ତାଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ଦଳକୁ ସ୍ୱାଗତ ଜଣାଇଛନ୍ତି। ଏହି ଅବସରରେ ଭାନୁ ପ୍ରତାପ କହିଛନ୍ତି, ବିଜୁବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ଏବଂ ନବୀନବାବୁଙ୍କ ନେତୃତ୍ୱରେ ସେ ଦୀର୍ଘଦିନ ଧରି ପ୍ରଥମେ ଜନତା ଦଳ ଏବଂ ପରେ ବିଜେଡିରେ କାର୍ଯ୍ୟ କରିଆସୁଛନ୍ତି। ଦଳରୁ ବହିଷ୍କୃତ ହୋଇଥିଲେ ମଧ୍ୟ କୌଣସି ଅନ୍ୟ ଦଳରେ ଯୋଗଦେଇ ନ ଥିଲେ। ନିଜ ଘରକୁ ଫେରି ସେ ଆନନ୍ଦିତ।

# ଗଙ୍ଗନଗରଠାରେ ଜନସମ୍ପର୍କ ଯାତ୍ରାରେ ଯୋଗଦେଲେ ନବୀନ



ଭୁବନେଶ୍ୱର, ୧୬।୧୦ (ସୁନିତ୍ ମିଶ୍ର)

ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଗୁରୁବାର ୮୦ ବର୍ଷରେ ପଦାର୍ପଣ କରିଛନ୍ତି। ତାଙ୍କ ଜନ୍ମଦିନ ଅବସରରେ ସେ ପୂର୍ବାହ୍ନରେ ଭୁବନେଶ୍ୱର ଏକାମ୍ର ନିର୍ବାଚନମଣ୍ଡଳୀର ଗଙ୍ଗନଗର ବିଜୁ ଆଦର୍ଶ କଲୋନିଠାରେ ଆୟୋଜିତ ଜନସମ୍ପର୍କ ପଦଯାତ୍ରା କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି। ଏହି ଅବସରରେ ବିଜେଡି ନେତା ଓ କର୍ମୀମାନଙ୍କ ଗହଣରେ ନବୀନ କିଛି ବାଟ ଚାଲିବା ସହିତ ଆୟୋଜିତ ସଭାରେ ଉପସ୍ଥିତ ଜନତା ଏବଂ କର୍ମୀଙ୍କୁ ଜନ୍ମଦିନର ଶୁଭେଚ୍ଛା ପାଇଁ ଧନ୍ୟବାଦ ଜଣାଇଛନ୍ତି। ଏହି ଅବସରରେ ସେ କହିଛନ୍ତି, ବିଜେଡି ରାଜ୍ୟବାସୀଙ୍କ ସହିତ ସବୁବେଳେ ରହିଛି ଓ ରହିଥିବ। ସେବା ବିଜେଡିର ମୂଳମନ୍ତ୍ର। ତେଣୁ ଲୋକଙ୍କ ସେବା ଜାରି ରଖିବା ପାଇଁ କର୍ମୀମାନଙ୍କୁ ପରାମର୍ଶ ଦେବା ସହିତ ଶେଷ ପର୍ଯ୍ୟନ୍ତ ସେ ଓଡ଼ିଶାର ସେବା କରିଚାଲିବେ ବୋଲି ନବୀନ କହିଛନ୍ତି। ଭୁବନେଶ୍ୱର ବିଜେଡି ସଭାପତି ଅଶୋକ ଚନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଦଳର ବରିଷ୍ଠ ଉପସଭାପତି ଦେବୀପ୍ରସାଦ ମିଶ୍ର, ଏମ୍‌ପି ଦେବାଶିଷ ସାମନ୍ତରାୟ, ବିଧାୟକ ପ୍ରମିଳା ମଲିକ, ବିଧାୟକ ଅନନ୍ତ ନାରାୟଣ ଜେନା, ବିଧାୟକ ସୁଶାନ୍ତ ରାଉତ, ବିଧାୟକ ବିଭୂତି ବଳବନ୍ତରାୟ, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହଁର ଏବଂ ବିଜେଡିର କର୍ପୋରେଟରମାନେ ଯୋଗଦେଇଥିଲେ। ଏହି ଅବସରରେ ନବୀନ ପିଲାମାନଙ୍କୁ ଚକୋଲେଟ ବାଣ୍ଟିଥିଲେ। ନବୀନ ତାଙ୍କ ଜନ୍ମଦିନ ଏସ୍‌ଓଏସ୍ ଭିଲେଜର ପିଲାମାନଙ୍କ ଗହଣରେ ପାଳିଛନ୍ତି। ସେଠାରେ ପୂର୍ବାହ୍ନରେ ପହଞ୍ଚିବା ପରେ ପିଲାମାନେ ତାଙ୍କୁ ସ୍ୱାଗତ କରିଥିଲେ। ପିଲାଙ୍କ ଦ୍ୱାରା ପ୍ରସ୍ତୁତ କେକ୍ କାଟିବା ସହ ପିଲାଙ୍କୁ ତାହା ଖୁଆଇ ଦେଇଥିଲେ। ପିଲାଙ୍କୁ ଉପହାର ଦେଇଥିଲେ। ପିଲାଙ୍କୁ ଆଶୀର୍ବାଦ କରି ନବୀନ କହିଛନ୍ତି, ବର୍ତ୍ତମାନ ପିଲାଙ୍କ ସହ ଜନ୍ମଦିନ ପାଳନ କରି ସେ ବହୁତ ଖୁସି। ତାଙ୍କ ଜନ୍ମଦିନରେ ସାମିଲ ହୋଇଥିବାରୁ ପିଲାମାନଙ୍କୁ ସେ ଧନ୍ୟବାଦ ଜଣାଇବା ସହ ଭବିଷ୍ୟତରେ ଭଲ ମଣିଷ ହେବା ପାଇଁ ଆଶୀର୍ବାଦ କରିଛନ୍ତି।

# ଭାଜପା ପ୍ରାର୍ଥୀଙ୍କୁ ନେଇ ସୃଷ୍ଟି ହୋଇଥିବା ଅନ୍ତର୍ଦ୍ୱନ୍ଦ୍ୱର ସମାଧାନ ହୋଇପାରିନି: ବିଜେଡି

ଭୁବନେଶ୍ୱର, ୧୬।୧୦(ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ନୂଆପଡ଼ାରେ ଦେଇଥିବା ବକ୍ତବ୍ୟ ଉପରେ ବିଜେଡି ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ହତାଶ ଭାବ ତାଙ୍କ ଭାଷଣରେ ପରିଲକ୍ଷିତ ହେଉଥିଲା। ଚିରାଚରିତ ଢଙ୍ଗରେ ମୁଖ୍ୟମନ୍ତ୍ରୀ କେବଳ ଗୁଡ଼ିଏ ଗପ ଶୁଣାଇଛନ୍ତି, ଯାହାକୁ କେବେ ବି ନୂଆପଡ଼ାବାସୀ ଗ୍ରହଣ କରିବେ ନାହିଁ। ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ଭାଜପା ପ୍ରାର୍ଥୀ ମନୋନୟନ ପତ୍ର ଦାଖଲ କରିବେ ବୋଲି କୁହାଯାଇଥିଲା। କିନ୍ତୁ ତାହା ହୋଇପାରି ନାହିଁ। ଭାଜପାରେ ପ୍ରାର୍ଥୀଙ୍କୁ ନେଇ ସୃଷ୍ଟି ହୋଇଥିବା ଅନ୍ତର୍ଦ୍ୱନ୍ଦ୍ୱ ଏବେ ମଧ୍ୟ ସମାଧାନ ହୋଇପାରିନାହିଁ ବୋଲି ଜଳ ଜଳ ଦିଶୁଛି। ସମ୍ଭବତଃ ସେହି କାରଣରୁ ମୁଖ୍ୟମନ୍ତ୍ରୀଙ୍କ ହତାଶଭାବ ସୃଷ୍ଟି ହୋଇଛି। ମୁଖ୍ୟମନ୍ତ୍ରୀ ବର୍ତ୍ତମାନ ଦେଇଥିବା ବକ୍ତବ୍ୟ ଅନ୍ତଃସାରଶୂନ୍ୟ ଥିଲା। କେବଳ ଭାଜପାର ବିଜୟ ନିଶ୍ଚିତ ବୋଲି ଦାବି କରିବା ଛଡ଼ା ତାଙ୍କ ବକ୍ତବ୍ୟରେ ଆଉ କିଛି ନ ଥିଲା। ପ୍ରବାଦ ପୁରୁଷ ବିଜୁବାବୁ ମୁଖ୍ୟମନ୍ତ୍ରୀ ଥିବା ସମୟରେ ନୂଆପଡ଼ା ଜିଲା ଜନ୍ମ ନେଇଥିଲା। ନବୀନ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରିତ୍ୱ ସମୟରେ ନୂଆପଡ଼ାର ବିକାଶ ତ୍ୱରାନ୍ୱିତ ହୋଇଥିଲା। ନୂଆପଡ଼ାବାସୀ ବିଜେଡି ସହିତ ଅଛନ୍ତି। ଉପନିର୍ବାଚନରେ ନୂଆପଡ଼ାବାସୀ ବିଜେଡି ସପକ୍ଷରେ ମତଦାନ କରିବେ ବୋଲି ଲେନିନ୍ କହିଛନ୍ତି।

**ଏସ୍‌ଏଲ୍‌ଆର୍/ଏଲ୍‌ଭିପିଏଚ୍‌ର ଲିଜିଂ ନିମନ୍ତେ ଇ-ନିଲାମ ବିଜ୍ଞପ୍ତି**

ଇ-ନିଲାମ ବିଜ୍ଞପ୍ତି ନଂ.: ଲିଜ୍-କେଜିପି-୨୫-୨୦ ତାରିଖ: ୧୫।୧୦।୨୦୨୫

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ, ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ, ଖଡ଼ଗପୁର ମଣ୍ଡଳ, ଦକ୍ଷିଣ ପୂର୍ବ ରେଳପଥ ଟ୍ରେନ୍ ଯୋଗେ ପାର୍ସଲଗୁଡ଼ିକର ପରିବହନ ପାଇଁ ୦୩ (ତିନି) ବର୍ଷ ଅବଧି ଲାଗି ଏସ୍‌ଏଲ୍‌ଆର୍/ଏଲ୍‌ଭିପିଏଚ୍‌ଗୁଡ଼ିକର ଲିଜିଂ ନିମନ୍ତେ ଇ-ନିଲାମ ଆହ୍ୱାନ କରୁଛନ୍ତି, ଯାହା https://www.ireps.gov.in/ ୱେବ୍‌ସାଇଟ୍‌ରେ ଅଧିସୂଚିତ ହୋଇଛି । **ବର୍ଗ:** ପାର୍ସଲ, **କାଟାଲଗ୍ ନଂ.:** ଲିଜ୍-କେଜିପି-୨୫-୨୦, **ଇ-ନିଲାମ ତାରିଖ:** ୩୧।୧୦।୨୦୨୫ । **ନିଲାମ ଆରମ୍ଭ ସମୟ:** ୧୦.୦୦ ଘଟିକା। **ନିଲାମ ସମାପ୍ତି ସମୟ:** ୧୭.୩୦ ଘଟିକା। ଆଗ୍ରହୀ ପକ୍ଷ ଏବଂ ଠିକାଦାରମାନେ ଏଥିପ୍ରତି ଧ୍ୟାନଦେବା ଏବଂ ଟ୍ରେନ୍‌ଗୁଡ଼ିକର ବିବରଣୀ ତଥା ଇ-ନିଲାମ ବିଜ୍ଞପ୍ତି ସମ୍ବନ୍ଧୀୟ ସୂଚନା ପାଇଁ ଉପରୋକ୍ତ ୱେବ୍‌ସାଇଟ୍ ଦେଖିବା ଆବଶ୍ୟକ । ଅନୁସନ୍ଧାନ/ସ୍ପଷ୍ଟୀକରଣ ପାଇଁ, ଯଦି ଥାଏ, ଦୟାକରି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ ।

(PR-728) **ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ, ଖଡ଼ଗପୁର**

**ଦକ୍ଷିଣ ପୂର୍ବ ରେଳପଥ**
ହର୍ଷର ସହିତ ଆମେ ସେବାରତ

**ଦ.ପୂ. ରେଳପଥ – ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଉପମୁଖ୍ୟ ବୈଦ୍ୟୁତିକ ଯନ୍ତ୍ରୀ (ସିଓଏନ୍), ଦକ୍ଷିଣ ପୂର୍ବ ରେଳପଥ, ରାଉରକେଲା ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି: **ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ୦୨-ଟେଣ୍ଡର-ଇଏଲ୍‌ସିଓଏନ୍-ସିକେପି-୨୫-୨୬, ତାରିଖ: ୧୫।୧୦।୨୦୨୫।** **କାର୍ଯ୍ୟର ସଂକ୍ଷିପ୍ତ ବର୍ଣ୍ଣନା:** ଚକ୍ରଧରପୁର ମଣ୍ଡଳରେ ଏମ୍‌ସିଏଲ୍ ଡିପୋଜିଟ୍ କାର୍ଯ୍ୟ ପାଇଁ ବରପାଲି ଲୋଡିଂ ବଲ୍‌ବ ଲାଇନ୍ (୪୭.୭୦ କିମି)ଠାରେ ୨୫ କେଭି ଓଏଚ୍‌ଇର ଯୋଗାଣ, ଉତ୍ଥାପନ, ପରୀକ୍ଷଣ ଓ କମିଶନିଂ । **ମୂଲ୍ୟ:** ₹୨୪,୮୬,୨୩,୦୧୨ । **ବିଡ୍ ଅମାନତ:** ₹୧୩,୯୩,୧୦୦ । **ସମାପ୍ତି ଅବଧି:** ୧୮ (ଅଠର) ମାସ । **ଧାର୍ଯ୍ୟ ତାରିଖ:** ୧୪।୧୧।୨୦୨୫ । ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ/ ବର୍ଣ୍ଣନା/ ବିନିର୍ଦ୍ଦିଷ୍ଟତା ପାଇଁ ତଥା ଅନ୍‌ଲାଇନ୍‌ରେ ନିଜର ବିଡ୍ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିପାରନ୍ତି । ଏହି କାର୍ଯ୍ୟ ପାଇଁ କୌଣସି କ୍ଷେତ୍ରରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । **ବି.ଦ୍ର.:** ଅନ୍ୟ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ www.ireps.gov.in ପରିଦର୍ଶନ କରିପାରନ୍ତି । (PR-731)

**ଭାରତୀୟ ରିଜର୍ଭ ବ୍ୟାଙ୍କ**
ସମ୍ପଦା ବିଭାଗ, ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ,
ଭୁବନେଶ୍ୱର – 751 001

**ଟେଣ୍ଡର ବିଜ୍ଞପ୍ତି**

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର **ନିଜର ମୁଖ୍ୟ କାର୍ଯ୍ୟାଳୟ ଭବନର ପ୍ରଥମ ତଳ ପୋର୍ଟିକୋ ସାମ୍ନା ବାମ କୋଣରେ ନୋମିନାଲ ସାଇଜ 15 ଫୁଟ୍ x 9 ଫୁଟ୍ ର ପି4 କିମ୍ବା ତାହାଠାରୁ ଭଲ ସଂପୂର୍ଣ୍ଣ ରଙ୍ଗିନ୍ ଆଉଟଡୋର୍ ଏକ୍ଟିଭ୍ ଏଲଇଡି ଭିଡିଓ ୱାଲର ଯୋଗାଣ, ସ୍ଥାପନା, ପରୀକ୍ଷଣ ଓ କାର୍ଯ୍ୟକ୍ଷମତା ନିମନ୍ତେ** ଯୋଗ୍ୟ ସଂସ୍ଥାମାନଙ୍କଠାରୁ ଦୁଇଟି ଭାଗରେ ଇ-ଟେଣ୍ଡର ଆହ୍ୱାନ କରୁଅଛି ।

ଆଗ୍ରହୀ ସଂସ୍ଥାମାନେ ବିସ୍ତୃତ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ www.rbi.org.in ଦେଖିପାରିବେ କିମ୍ବା ବ୍ୟାଙ୍କର ସମ୍ପଦା ବିଭାଗ ସହିତ ଯୋଗାଯୋଗ କରିପାରିବେ । MSTC ପୋର୍ଟାଲ www.mstcecommerce.com/eprocn ରେ ଆବେଦନର ଶେଷ ତାରିଖ ନଭେମ୍ବର 10, 2025 ଅପରାହ୍ନ 02:00 ଟା ଅଟେ ।

**କ୍ଷେତ୍ରୀୟ ନିର୍ଦ୍ଦେଶକ**
**ଭୁବନେଶ୍ୱର**

# ୫୧ ସରପଞ୍ଚ, ସମିତି ସଭ୍ୟ ଭାଜପାରେ ମିଶିଲେ



ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ଅନ୍ୟ ଦଳର କର୍ମକର୍ତ୍ତା ଭାଜପାରେ ସାମିଲ ହେଉଛନ୍ତି।

## ଏମ୍‌ପି ପ୍ରାର୍ଥୀ ଲମ୍ବୋଦର, ବ୍ଲକ ଅଧକ୍ଷା ତାରେଶ୍ୱରୀ ସାମିଲ

ନୂଆପଡ଼ା,୧୬।୧୦ (ମକାରୁ ବେମାଲ)

ନୂଆପଡ଼ା ଜିଲା ଖରିଆର ରୋଡ୍ ଗୋତମା ଏୟାରଷ୍ଟ୍ରିପ ପଡିଆଠାରେ ଗୁରୁବାର ଭାଜପା ପକ୍ଷରୁ ଆୟୋଜିତ ବିଜୟ ସଙ୍କଳ୍ପ ସମାବେଶରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ବିଭିନ୍ନ ବିଭାଗର ମନ୍ତ୍ରୀ ଓ ବିଧାୟକଙ୍କ ଉପସ୍ଥିତିରେ ଜିଲାର ଶତାଧିକ ବିଜେଡି କର୍ମକର୍ତ୍ତା ଭାଜପାରେ ଯୋଗ ଦେଇଛନ୍ତି। ବିଜେଡିର ତୁଙ୍ଗ ନେତା ଲମ୍ବୋଦର ନିଆଲ ଶଙ୍ଖ ଛାଡି ପଦ୍ମ ଧରିଛନ୍ତି। ସେ ବିଜେଡି ଟିକେଟରେ ୨୦୧୪, ୨୦୧୯ରେ ଖଡିଆଳ ନିର୍ବାଚନ ମଣ୍ଡଳୀରେ ବିଧାୟକ ପ୍ରାର୍ଥୀ ହୋଇଥିବା ବେଳେ ୨୦୨୪ରେ କଳାହାଣ୍ଡି ଏମ୍‌ପି ପ୍ରାର୍ଥୀ ହୋଇଥିଲେ। ସେହିପରି ନୂଆପଡ଼ା ବ୍ଲକ ଅଧକ୍ଷା ତାରେଶ୍ୱରୀ ସାହୁଙ୍କ ସମେତ ନୂଆପଡ଼ା ଓ କୋମନା ବ୍ଲକର ୫୧ ଜଣ ସରପଞ୍ଚ ଓ ସମିତି ସଭ୍ୟାସଭ୍ୟ ଭାଜପାରେ ଯୋଗ ଦେଇଛନ୍ତି । ଏହି ସମୟରେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରସନ୍ନ କୁମାର ପାଢୀ, ଯଦୁମଣି ପାଣିଗ୍ରାହୀ, ଯୁବମୋର୍ଚ୍ଚା ଜିଲା ସଭାପତି ଅଭିନନ୍ଦନ ପଣ୍ଡା, ଖରିଆର ରୋଡ ଏନ୍‌ଏସି ଅଧକ୍ଷା ସୋନିଆ ଜୈନ, ଜିଲା ସଭାପତି କମଲେଶ ଦୀକ୍ଷିତ ପ୍ରମୁଖ ଉପସ୍ଥିତ ଥିଲେ ।

# ୨ ବ୍ଲକ, ୨ ଏନ୍‌ଏସି ଦାୟିତ୍ୱ ୫୨ ନେତାଙ୍କୁ ବାଣ୍ଟିଲା ବିଜେଡି

ଭୁବନେଶ୍ୱର, ୧୬।୧୦ (ସୁନିତ୍ ମିଶ୍ର)

ନୂଆପଡ଼ା ଉପନିର୍ବାଚନ ଲାଗି ବିଜେଡି ପକ୍ଷରୁ ଦଳୀୟ ନେତାମାନଙ୍କୁ ଗୁରୁବାର ଦାୟିତ୍ୱ ବଣ୍ଟାଯାଇଛି। ଏନେଇ ଦଳ ପକ୍ଷରୁ ବିଳମ୍ବିତ ସନ୍ଧ୍ୟାରେ ଦାୟିତ୍ୱ ପାଇଥିବା ନେତାଙ୍କ ତାଲିକା ପ୍ରକାଶ ପାଇଛି। ନୂଆପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀର ୨ଟି ବ୍ଲକ ଏବଂ ୨ଟି ଏନ୍‌ଏସି ଦାୟିତ୍ୱ ୫୨ଜଣ ନେତାଙ୍କ ଭିତରେ ବଣ୍ଟାଯାଇଛି। ନୂଆପଡ଼ା ବ୍ଲକ ଦାୟିତ୍ୱ ୧୮ ଜଣଙ୍କୁ ଦିଆଯାଇଛି। ସେମାନଙ୍କ ମଧ୍ୟରେ ନିରଞ୍ଜନ ପୂଜାରୀ, ସଞ୍ଜୟ ଦାସବର୍ମା, ପ୍ରତାପ ଜେନା, ଦିବ୍ୟ ଶଙ୍କର ମିଶ୍ର, ପ୍ରୀତି ରଞ୍ଜନ ଘଡ଼େଇ, ଧ୍ରୁବ ସାହୁ, ମନୋହର ରନ୍ଧାରୀ, ପ୍ରଦୀପ ଦିଶାରୀ, ତୁଷାରକାନ୍ତି ବେହେରା, ବ୍ରଜ କିଶୋର ପ୍ରଧାନ, ରମେଶ ଚନ୍ଦ୍ର ବେହେରା, ସାରଦା ପ୍ରସନ୍ନ ଜେନା, ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ସୁଦର୍ଶନ ହରିପାଲ, ପ୍ରଶାନ୍ତ କୁମାର ବେହେରା, ଦେବୀ ରଞ୍ଜନ ତ୍ରିପାଠୀ ଏବଂ ନୀହାର ରଞ୍ଜନ ବେହେରାଙ୍କୁ ଦିଆଯାଇଛି। ନୂଆପଡ଼ା ଏନ୍‌ଏସି ଦାୟିତ୍ୱରେ ୮ ଜଣ ରହିଛନ୍ତି। ସେଥିରେ ଅତନୁ ସବ୍ୟସାଚୀ ନାଏକ, ସାରଦା ପ୍ରସାଦ ନାଏକ, ଦେବେଶ ଆଚାର୍ଯ୍ୟ, ମନୋରମା ମହାନ୍ତି, ଦିପାଲୀ ଦାସ, ଆୟୁବ ଖାନ, ଗିତା ସାହୁ, ସ୍ୱରୂପ ଦାସ ରହିଛନ୍ତି। ସେହିପରି କୋମନା ବ୍ଲକ ଦାୟିତ୍ୱରେ ପ୍ରଣବ ପ୍ରକାଶ ଦାସ, ପ୍ରତାପ ଦେବ, ଅଧୀରାଜ ପାଣିଗ୍ରାହୀ, ପୁଷ୍ପେନ୍ଦ୍ର ସିଂହଦେଓ, ଯୋଗେଶ ସିଂ, ରବି ନନ୍ଦ, ପ୍ରଦୀପ ମାଝୀ, ନଳିନୀକାନ୍ତ ପ୍ରଧାନ, ବ୍ୟୋମକେଶ ରାଏ, ସୁଶାନ୍ତ କୁମାର ରାଉତ, ସୁଭାଶିଷ ଖୁଣ୍ଟିଆ, ଜଗନ୍ନାଥ ସାରକା, ସରୋଜ ମେହେର, ବିଶ୍ୱରଞ୍ଜନ ମଲ୍ଲିକ, ଅବିନାଶ ସାମଲ, ଈଶ୍ୱର ପାଣିଗ୍ରାହୀ, ରୋହିତ ଯୋଶେଫ ତିର୍କୀ ଏବଂ ଉମାକାନ୍ତ ସାମନ୍ତରାୟ ରହିଛନ୍ତି। ଖରିଆର ରୋଡ୍ ଏନ୍‌ଏସି ଦାୟିତ୍ୱରେ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ବିକ୍ରମ ପଣ୍ଡା, କଳିକେଶ ନାରାୟଣ ସିଂଦେଓ, ସୌଭିକ ବିଶ୍ୱାଳ, ଗୌତମ ବୁଦ୍ଧ ଦାସ, ପ୍ରଶାନ୍ତ ମୁଦୁଲି ଏବଂ ରୁଦ୍ର ପ୍ରସାଦ ମହାରଥୀ ରହିଛନ୍ତି।

ପ୍ରଥମ ପୃଷ୍ଠାରୁ...

## ନୂଆପଡ଼ାର ବିକାଶ ...

ନୂଆପଡ଼ା ଉପନିର୍ବାଚନ ପାଇଁ ପ୍ରାର୍ଥୀ ନ ମିଳିବାରୁ ବରଗଡ଼ ଜିଲାରୁ ପ୍ରାର୍ଥୀ ଆଣି ଛିଡ଼ା କରିଛି। ନୂଆପଡ଼ାର କର୍ମକର୍ତ୍ତାଙ୍କ ଉପରେ ବିଶ୍ୱାସ ନ ଥିବାରୁ ବାହାର ଜିଲାରୁ ପ୍ରାର୍ଥୀ ଆଣିଛନ୍ତି। ଯେଉଁଠୁ ପ୍ରାର୍ଥୀ ଆଣିଲେ ମଧ୍ୟ ନୂଆପଡ଼ା ଉପନିର୍ବାଚନରେ ପଦ୍ମ ଫୁଟିବ। ପୂର୍ବତନ ବିଧାୟକ ସ୍ୱର୍ଗତ ଢୋଲକିଆ ଓ ପୂର୍ବତନ ଭାଜପା ରାଜ୍ୟ ସଭାପତି ବସନ୍ତ ପଣ୍ଡା ଉଭୟ ଦଳର ସଂଗଠନକୁ ମଜଭୁତ କରି ରଖିଥିଲେ। ଉଭୟଙ୍କ ସଙ୍ଗଠନ ଏକାଠି ମିଶିଗଲେ ଭାଜପା ଆହୁରି ମଜଭୁତ ହୋଇଯିବ। ବର୍ତ୍ତମାନ ନୂଆପଡ଼ାରେ ବିଜେଡି ନାହିଁ । ଢୋଲକିଆଙ୍କ ଅନୁସାରେ ଦଳ ରହିଥିଲା। ସ୍ୱର୍ଗତ ଢୋଲକିଆଙ୍କ ପୁଅ ଜୟ ଢୋଲକିଆ ଭାଜପାରେ ଯୋଗଦାନ କରିବା ପରେ ବିଜେଡିର ସମସ୍ତ କର୍ମକର୍ତ୍ତା ଭାଜପାରେ ଯୋଗଦାନ କରୁଛନ୍ତି। ପ୍ରାର୍ଥୀ ଜୟ ଢୋଲକିଆ ବହୁମତରେ ବିଜୟୀ ହେବେ। ୨୦୩୬ ପର୍ଯ୍ୟନ୍ତ ସମୃଦ୍ଧ ଓଡ଼ିଶା ଓ ବିକଶିତ ଭାରତ ଗଠନ କରିବା ସହ ନୂଆପଡ଼ାକୁ ବିକାଶଶୀଳ ଜିଲାରେ ପରିଣତ କରିବୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ସମାବେଶରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ମନ୍ତ୍ରୀ ସୁରେଶ ପୂଜାରୀ, ମୁକେଶ ମହାଲିଙ୍ଗ, ବିଭୂତି ଭୂଷଣ ଜେନା, କୃଷ୍ଣଚନ୍ଦ୍ର ପାତ୍ର, ଏମ୍‌ପି ପ୍ରଦୀପ ପୁରୋହିତ, କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ, ଜୟନାରାୟଣ ମିଶ୍ର, ଆକାଶଦାସ ନାୟକ, ବାବୁ ସିଂ, ଇରାଶିଷ ଆଚାର୍ଯ୍ୟ, ଲିକୁ ସାହୁ, ପୂର୍ବତନ ବିଧାୟକ ନାଉରି ନାଏକ, କୁସୁମ ଟେଟେ, ସ୍ୱର୍ଗତ ଢୋଲକିଆଙ୍କ ପତ୍ନୀ କଳ୍ପନା ଢୋଲକିଆଙ୍କ ସମେତ ଜିଲା ଭାଜପା କର୍ମକର୍ତ୍ତା ଉପସ୍ଥିତ ଥିଲେ। ଜିଲା ସଭାପତି କମଲେଶ ଦୀକ୍ଷିତ ମଞ୍ଚ ପରିଚାଳନା କରିଥିଲେ।

## ଭାଜପାର ୪୦...

ସିଦ୍ଧାନ୍ତ ମହାପାତ୍ର, ପୂର୍ବତନ ଏମ୍‌ପି ଅନୁଭବ ମହାନ୍ତି, ବିଧାୟକ ଆକାଶ ଦାସନାୟକ, ରାଜ୍ୟ ସାଧାରଣ ସମ୍ପାଦକ(ସଙ୍ଗଠନ) ମାନସ କୁମାର ମହାନ୍ତି, ବରିଷ୍ଠ ନେତା ରଞ୍ଜନ କୁମାର ପଟେଲ, ପ୍ରସିଦ୍ଧ ଅଭିନେତା ତଥା ଛତିଶଗଡ଼ ବିଧାୟକ ଅନୁଜ ଶର୍ମା, ରୋହିତ ସାହୁ, ଯୋଗେଶ୍ୱର ରାଜୁ ସିହ୍ନା, ବିଧାୟକ ଲକ୍ଷ୍ମଣ ବାଗ ଏବଂ ସନତ ଗଡ଼ତିଆ ପ୍ରମୁଖ ସାମିଲ ଅଛନ୍ତି। ଏହି ଷ୍ଟାର ପ୍ରଚାରକ ତାଲିକା ପ୍ରଦାନ ସମୟରେ ରାଜ୍ୟ ଉପସଭାନେତ୍ରୀ ସୁଶ୍ରୀ ସୁକେଶୀ ଓରାମ, ରାଜ୍ୟ ମୁଖପାତ୍ର ସତ୍ୟବ୍ରତ ପଣ୍ଡା, ଦିଲୀପ ମଲିକ, ରାଜ୍ୟ ଗଣମାଧ୍ୟମ ସଂଯୋଜକ ସୁଜିତ କୁମାର ଦାସ, ରାଜ୍ୟ ଲିଗାଲ ସେଲ୍ ସଂଯୋଜକ ଜୟନ୍ତ ଜେନା, ବରିଷ୍ଠ ନେତା ମୁରଲୀ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।

## ପଦାଧିକାରୀ ତାଲିକା ...

ରାଓ, ଶିବାଜୀ ମହାନ୍ତି, ଭବେନ୍ଦ୍ର କୁମାର ପଣ୍ଡା, ସିପ୍ରା ବାଜପେୟୀ, ସୁଦର୍ଶନ ଗୋଏଲ ଏବଂ ବିଷ୍ଣୁ ଦାସ ରହିଛନ୍ତି। ସେହିପରି ସାଧାରଣ ସମ୍ପାଦକ ଭାବେ ବିରଞ୍ଚି ନାରାୟଣ ତ୍ରିପାଠୀ,ସାରଦା ପ୍ରସାଦ ଶତପଥୀ, ସୀମାଞ୍ଚଳ ଖଟେଇ ଏବଂ ପୂର୍ଣ୍ଣିମା ପ୍ରିୟଦର୍ଶିନୀ ନାଏକଙ୍କୁ ନିଯୁକ୍ତି ଦିଆଯାଇଛି। ସମ୍ପାଦକ ଭାବେ ସରୋଜ କୁମାର କର, କାଳନ୍ଦୀ ସାମଲ, ସ୍ମୃତି ପଟ୍ଟନାୟକ, ପ୍ରୀତିପ୍ରତିଭା ଭୋଳ, ଭଗବାନ ମହାନ୍ତି, ପିଙ୍କି ପ୍ରଧାନ, ରାମଚନ୍ଦ୍ର ହାଁସଦା, ମମତା ସିଂ, ପୃଥ୍ୱୀରାଜ ମହାପାତ୍ର, ସ୍ମିତା ପ୍ରଧାନ ନିଯୁକ୍ତି ପାଇଛନ୍ତି। କୋଷାଧକ୍ଷ ଭାବେ ଅଜୟ କୁମାର ଅଗ୍ରୱାଲ ଏବଂ ଯୁଗ୍ମ କୋଷାଧ୍ୟକ୍ଷ ଭାବେ ଦିବାକର ହରିଚନ୍ଦନଙ୍କୁ ନୂଆ ଦାୟିତ୍ୱ ମିଳିଛି। ଏହି ପଦପଦବୀ ଲାଗି ଦଳର ରାଜ୍ୟ ସଭାପତି ମନମୋହନ ସାମଲ ଅନୁମୋଦନ କରିଥିବା ବେଳେ ଦଳର ରାଜ୍ୟ ସାଧାରଣ ସମ୍ପାଦକ(ସଙ୍ଗଠନ) ମାନସ ମହାନ୍ତିଙ୍କ ଦସ୍ତଖତରେ ବିଜ୍ଞପ୍ତି ଜାରି କରାଯାଇଛି।

## ଅନ୍ଧାରରେ ରାଜ୍ୟର ...

ସେବା ଶତପ୍ରତିଶତ ପହଞ୍ଚିଛି ବୋଲି ପ୍ରମାଣପତ୍ର ଗ୍ରହଣ କରିବା ଲାଗି ସଚିବ ନାୟାର ଦର୍ଶାଇଛନ୍ତି। ଅନ୍ୟପକ୍ଷରେ ରାଜ୍ୟରେ ମୋବାଇଲ ନେଟ୍‌ୱର୍କ ସେବା ଏବେ ସୁଦ୍ଧା ୫୧% ରହିଛି। ଅଦ୍ୟାବଧି ୪୯% ଅଞ୍ଚଳରେ ମୋବାଇଲ ନେଟ୍‌ୱର୍କ ପହଞ୍ଚି ପାରିନାହିଁ। ତେବେ ୨୧ଟି ଅଞ୍ଚଳରେ ଏପର୍ଯ୍ୟନ୍ତ ସର୍ଭେ ହୋଇନାହିଁ। ୫ଟି ଗ୍ରାମର ସ୍ଥିତି ନେଇ ତଥ୍ୟରେ ତାଳମେଳ ନାହିଁ। ଏହି ପରିପ୍ରେକ୍ଷୀରେ ଗଞ୍ଜାମ, କେନ୍ଦୁଝର ଓ କନ୍ଧମାଳ ଜିଲାରେ ବିଶେଷ ଧ୍ୟାନ ଦେବା ଲାଗି ସଚିବ ପରାମର୍ଶ ଦେଇଛନ୍ତି। ସଚିବ ନାୟାର ଦର୍ଶାଇଛନ୍ତି, ରାଜ୍ୟରେ ୭୬ଟି ଆଦିବାସୀ ଛାତ୍ରୀଛାତ୍ରଙ୍କ ପାଇଁ ଛାତ୍ରାବାସ ନିର୍ମାଣକୁ ଅନୁମୋଦନ କରାଯାଇଛି। ସେଥିମଧ୍ୟରୁ ୬ଟିରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି, କିନ୍ତୁ ବାକି ଜିଲାଗୁଡ଼ିକ ଯଥା– ଢେଙ୍କାନାଳ, ଗଞ୍ଜାମ, କନ୍ଧମାଳ, କେନ୍ଦୁଝର, ମାଲକାନଗିରି, ମୟୂରଭଞ୍ଜ, ନୂଆପଡ଼ା ଓ ସୁନ୍ଦରଗଡ଼ରେ କାମ ଆରମ୍ଭ ହୋଇନାହିଁ। ସମସ୍ତ ଛାତ୍ରାବାସ ନିର୍ମାଣ କାର୍ଯ୍ୟ ଯେପରି ମାର୍ଚ୍ଚ ୨୦୨୬ ପୂର୍ବରୁ ସମାପ୍ତ ହେବ, ସେ ଦିଗରେ ତ୍ୱରିତ୍ ପଦକ୍ଷେପ ଗ୍ରହଣ କରିବା ଲାଗି ସେ ପତ୍ରରେ ଉଲ୍ଲେଖ କରିଛନ୍ତି।

# ଗଙ୍ଗନଗରଠାରେ ଜନସମ୍ପର୍କ ଯାତ୍ରାରେ ଯୋଗଦେଲେ ନବୀନ



ଭୁବନେଶ୍ୱର, ୧୬।୧୦ (ସୁନିତ୍ ମିଶ୍ର)

ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଗୁରୁବାର ୮୦ ବର୍ଷରେ ପଦାର୍ପଣ କରିଛନ୍ତି। ତାଙ୍କ ଜନ୍ମଦିନ ଅବସରରେ ସେ ପୂର୍ବାହ୍ନରେ ଭୁବନେଶ୍ୱର ଏକାମ୍ର ନିର୍ବାଚନମଣ୍ଡଳୀର ଗଙ୍ଗନଗର ବିଜୁ ଆଦର୍ଶ କଲୋନିଠାରେ ଆୟୋଜିତ ଜନସମ୍ପର୍କ ପଦଯାତ୍ରା କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି। ଏହି ଅବସରରେ ବିଜେଡି ନେତା ଓ କର୍ମୀମାନଙ୍କ ଗହଣରେ ନବୀନ କିଛି ବାଟ ଚାଲିବା ସହିତ ଆୟୋଜିତ ସଭାରେ ଉପସ୍ଥିତ ଜନତା ଏବଂ କର୍ମୀଙ୍କୁ ଜନ୍ମଦିନର ଶୁଭେଚ୍ଛା ପାଇଁ ଧନ୍ୟବାଦ ଜଣାଇଛନ୍ତି। ଏହି ଅବସରରେ ସେ କହିଛନ୍ତି, ବିଜେଡି ରାଜ୍ୟବାସୀଙ୍କ ସହିତ ସବୁବେଳେ ରହିଛି ଓ ରହିଥିବ। ସେବା ବିଜେଡିର ମୂଳମନ୍ତ୍ର। ତେଣୁ ଲୋକଙ୍କ ସେବା ଜାରି ରଖିବା ପାଇଁ କର୍ମୀମାନଙ୍କୁ ପରାମର୍ଶ ଦେବା ସହିତ ଶେଷ ପର୍ଯ୍ୟନ୍ତ ସେ ଓଡ଼ିଶାର ସେବା କରିଚାଲିବେ ବୋଲି ନବୀନ କହିଛନ୍ତି। ଭୁବନେଶ୍ୱର ବିଜେଡି ସଭାପତି ଅଶୋକ ଚନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଦଳର ବରିଷ୍ଠ ଉପସଭାପତି ଦେବୀପ୍ରସାଦ ମିଶ୍ର, ଏମ୍‌ପି ଦେବାଶିଷ ସାମନ୍ତରାୟ, ବିଧାୟକ ପ୍ରମିଳା ମଲିକ, ବିଧାୟକ ଅନନ୍ତ ନାରାୟଣ ଜେନା, ବିଧାୟକ ସୁଶାନ୍ତ ରାଉତ, ବିଧାୟକ ବିଭୂତି ବଳବନ୍ତରାୟ, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହଁର ଏବଂ ବିଜେଡିର କର୍ପୋରେଟରମାନେ ଯୋଗଦେଇଥିଲେ। ଏହି ଅବସରରେ ନବୀନ ପିଲାମାନଙ୍କୁ ଚକୋଲେଟ ବାଣ୍ଟିଥିଲେ। ନବୀନ ତାଙ୍କ ଜନ୍ମଦିନ ଏସ୍‌ଓଏସ୍ ଭିଲେଜର ପିଲାମାନଙ୍କ ଗହଣରେ ପାଳିଛନ୍ତି। ସେଠାରେ ପୂର୍ବାହ୍ନରେ ପହଞ୍ଚିବା ପରେ ପିଲାମାନେ ତାଙ୍କୁ ସ୍ୱାଗତ କରିଥିଲେ। ପିଲାଙ୍କ ଦ୍ୱାରା ପ୍ରସ୍ତୁତ କେକ୍ କାଟିବା ସହ ପିଲାଙ୍କୁ ତାହା ଖୁଆଇ ଦେଇଥିଲେ। ପିଲାଙ୍କୁ ଉପହାର ଦେଇଥିଲେ। ପିଲାଙ୍କୁ ଆଶୀର୍ବାଦ କରି ନବୀନ କହିଛନ୍ତି, ବର୍ତ୍ତମାନ ପିଲାଙ୍କ ସହ ଜନ୍ମଦିନ ପାଳନ କରି ସେ ବହୁତ ଖୁସି। ତାଙ୍କ ଜନ୍ମଦିନରେ ସାମିଲ ହୋଇଥିବାରୁ ପିଲାମାନଙ୍କୁ ସେ ଧନ୍ୟବାଦ ଜଣାଇବା ସହ ଭବିଷ୍ୟତରେ ଭଲ ମଣିଷ ହେବା ପାଇଁ ଆଶୀର୍ବାଦ କରିଛନ୍ତି।

# ଦାରିଦ୍ର୍ୟରେ ଥିବା ପରିବାର ପାଇଁ ସମ୍ମାନଜନକ ବ୍ୟବସ୍ଥା

ଆଜି ଅନ୍ତର୍ଜାତୀୟ ଦାରିଦ୍ର୍ୟ ଦୂରୀକରଣ ଦିବସ



ପ୍ରତିବର୍ଷ ଅକ୍ଟୋବର ୧୭ରେ ପାଳନ ହୋଇଆସୁଛି ଅନ୍ତର୍ଜାତୀୟ ଦାରିଦ୍ର୍ୟ ଦୂରୀକରଣ ଦିବସ। ଏହି ଦିବସ ଦାରିଦ୍ର୍ୟରେ ବାସ କରୁଥିବା ଲୋକଙ୍କର ବ୍ୟାପକ ସମାଜ ମଧ୍ୟରେ ବୁଝାମଣା ଏବଂ ଆଲୋଚନାକୁ ପ୍ରୋତ୍ସାହିତ କରିବା ପାଇଁ ଲକ୍ଷ୍ୟ ରଖେ। ଜାତିସଂଘର ସ୍ଥାୟୀ ବିକାଶ ଲକ୍ଷ୍ୟରେ ଉଲ୍ଲେଖ କରାଯାଇଥିବା ତଥ୍ୟ ଅନୁସାରେ, ୨୦୩୦ ସୁଦ୍ଧା ସବୁଠି ସମସ୍ତ ଲୋକଙ୍କ ପାଇଁ ଚରମ ଦାରିଦ୍ର୍ୟ ଦୂରକରିବା। କ୍ଷୁଧାରୁ ମୁକ୍ତି, ଅସୁରକ୍ଷିତ ବାସସ୍ଥାନ ଏବଂ ବିପଜ୍ଜନକ କାର୍ଯ୍ୟ ପରିସ୍ଥିତି ଅନ୍ତର୍ଭୁକ୍ତ ସହ ସମ୍ମାନର ଜୀବନ ପ୍ରଦାନକରି ଦାରିଦ୍ର୍ୟରେ ବଞ୍ଚୁଥିବା ଲୋକଙ୍କ ଅନୁପାତକୁ ଉଲ୍ଲେଖନୀୟ ଭାବରେ ହ୍ରାସ କରିବା। ଏଥିସହ ଏହା ଏକ ସ୍ଥାୟୀ ଭବିଷ୍ୟତକୁ ପ୍ରୋତ୍ସାହିତକରେ ଯେଉଁଠାରେ ଭବିଷ୍ୟତ ପିଢ଼ିର ନିଜସ୍ୱ ଆବଶ୍ୟକତା ପୂରଣ କରିବାର କ୍ଷମତାକୁ କ୍ଷତି ନ ପହଞ୍ଚାଇ ବର୍ତ୍ତମାନର ଆବଶ୍ୟକତା ପୂରଣ ହୁଏ। ସୂଚନାଯୋଗ୍ୟ, ୧୯୮୭ ଅକ୍ଟୋବର ୧୭ରେ ଅନ୍ତର୍ଜାତୀୟ ଦାରିଦ୍ର୍ୟ ଦୂରୀକରଣ ଦିବସ ଆରମ୍ଭ ହୋଇଥିଲା, ଯେତେବେଳେ ଦାରିଦ୍ର୍ୟର ଶିକାର ହୋଇଥିବା ଲୋକଙ୍କୁ ସମ୍ମାନିତ କରିବା ଏବଂ ଦାରିଦ୍ର୍ୟକୁ ମାନବାଧିକାରର ଉଲ୍ଲଂଘନ ଘୋଷଣା କରିବା ପାଇଁ ପ୍ୟାରିସ୍‌ଠାରେ ୧ଲକ୍ଷରୁ ଅଧିକ ଲୋକ ଏକତ୍ରିତ ହୋଇଥିଲେ। ତେବେ ୧୯୯୨ ମସିହାରେ ଜାତିସଂଘ ସାଧାରଣ ସଭା ଆନୁଷ୍ଠାନିକ ଭାବରେ ୧୭ ଅକ୍ଟୋବରକୁ ବିଶ୍ୱବ୍ୟାପୀ ଦାରିଦ୍ର୍ୟ ବିରୋଧରେ ସଚେତନତା ସୃଷ୍ଟି ଏବଂ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦିବସ ଭାବରେ ନାମିତ କରିଥିଲା। ଚଳିତବର୍ଷ ଅନ୍ତର୍ଜାତୀୟ ଦାରିଦ୍ର୍ୟ ଦୂରୀକରଣ ଦିବସ ଲାଗି ବିଷୟବସ୍ତୁ ରହିଛି 'ପରିବାର ପ୍ରତି ସମ୍ମାନ ଓ ପ୍ରଭାବଶାଳୀ ସମର୍ଥନ' ସୁନିଶ୍ଚିତକରି ସାମାଜିକ ଏବଂ ସାଂଗଠନିକ ଦୁର୍ବ୍ୟବହାରର ଅନ୍ତ ଘଟାଇବା। ଏହା ଦାରିଦ୍ର୍ୟରେ ଥିବା ପରିବାରଗୁଡ଼ିକୁ ଦଣ୍ଡ ଦେଉଥିବା କିମ୍ବା ଦୁର୍ବ୍ୟବହାର କରୁଥିବା ବ୍ୟବସ୍ଥାଗୁଡ଼ିକୁ ଭାଙ୍ଗିବା ଏବଂ ସେମାନଙ୍କୁ ସମ୍ମାନଜନକ ଓ ସହାୟକ ବ୍ୟବସ୍ଥା ସହ ବଦଳାଇବା ଉପରେ ଗୁରୁତ୍ୱାରୋପ କରେ।

# ୧୮ରେ ପ୍ରାର୍ଥିପତ୍ର ଦାଖଲ କରିବେ ଜୟ

ନୂଆପଡ଼ା,୧୬।୧୦ (ମକାରୁ ବେମାଲ)

ନୂଆପଡ଼ା ଉପନିର୍ବାଚନ ଲାଗି ଚଳିତମାସ ୧୩ ତାରିଖରୁ ପ୍ରାର୍ଥିପତ୍ର ଦାଖଲ ପାଇଁ ବିଜ୍ଞପ୍ତି ଜାରି ହୋଇଛି। ହେଲେ ଗୁରୁବାର ସୁଦ୍ଧା ଜଣେ ହେଲେ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିନାହାନ୍ତି। ଚତୁର୍ଥ ଦିନ ସୁଦ୍ଧା ୧୪ ଜଣ ପ୍ରାର୍ଥୀ ୧୫ ଗୋଟି ଫର୍ମ କ୍ରୟ କରିଛନ୍ତି। ଗୁରୁବାର ଭାଜପା ପ୍ରାର୍ଥୀ ଜୟ ଢୋଲକିଆ ବିଶାଳ ପଟୁଆରାରେ ଆସି ପ୍ରାର୍ଥିପତ୍ର ଦାଖଲ କରିବାର ଥିଲା। ହେଲେ କୌଣସି କାରଣବଶତଃ ସେ ପ୍ରାର୍ଥିପତ୍ର ଦାଖଲ କରିନାହାନ୍ତି। ବିଶ୍ୱସ୍ତ ସୂତ୍ରରୁ ପ୍ରକାଶ ଯେ, ଗୁରୁଙ୍କ ଆଦେଶ କ୍ରମେ ୧୮ ତାରିଖ ପ୍ରାର୍ଥିପତ୍ର ଦାଖଲ କରିବେ ବୋଲି ଜଣାପଡିଛି। ବାପା ବିଧାୟକ ହୋଇ ଜିଲାର ବିକାଶ ପାଇଁ କାର୍ଯ୍ୟ କରିବା ସହ ଲୋକଙ୍କ ସେବା କରୁଥିଲେ। ଜନତା ଜନାର୍ଦ୍ଦନ ଆଶୀର୍ବାଦ କଲେ ବାପାଙ୍କ ଅଧୁରା ସ୍ୱପ୍ନ ପୂରା କରିବି ବୋଲି ଜୟ କହିଥିଲେ।


**ଏସ୍‌ଏଲ୍‌ଆର୍/ଏଲ୍‌ଭିପିଏଚ୍‌ର ଲିଜିଂ ନିମନ୍ତେ ଇ-ନିଲାମ ବିଜ୍ଞପ୍ତି**

ଇ-ନିଲାମ ବିଜ୍ଞପ୍ତି ନଂ.: ଲିଜ୍-କେଜିପି-୨୫-୨୦ ତାରିଖ: ୧୫।୧୦।୨୦୨୫

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ, ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ, ଖଡ଼ଗପୁର ମଣ୍ଡଳ, ଦକ୍ଷିଣ ପୂର୍ବ ରେଳପଥ ଟ୍ରେନ୍ ଯୋଗେ ପାର୍ସଲଗୁଡ଼ିକର ପରିବହନ ପାଇଁ ୦୩ (ତିନି) ବର୍ଷ ଅବଧି ଲାଗି ଏସ୍‌ଏଲ୍‌ଆର୍/ଏଲ୍‌ଭିପିଏଚ୍‌ଗୁଡ଼ିକର ଲିଜିଂ ନିମନ୍ତେ ଇ-ନିଲାମ ଆହ୍ୱାନ କରୁଛନ୍ତି, ଯାହା https://www.ireps.gov.in/ ୱେବ୍‌ସାଇଟ୍‌ରେ ଅଧିସୂଚିତ ହୋଇଛି । ବର୍ଗ: ପାର୍ସଲ, କାଟାଲଗ୍ ନଂ.: ଲିଜ୍-କେଜିପି-୨୫-୨୦, ଇ-ନିଲାମ ତାରିଖ: ୩୧।୧୦।୨୦୨୫ । ନିଲାମ ଆରମ୍ଭ ସମୟ: ୧୦.୦୦ ଘଟିକା। ନିଲାମ ସମାପ୍ତି ସମୟ: ୧୭.୩୦ ଘଟିକା। ଆଗ୍ରହୀ ପକ୍ଷ ଏବଂ ଠିକାଦାରମାନେ ଏଥିପ୍ରତି ଧ୍ୟାନଦେବା ଏବଂ ଟ୍ରେନ୍‌ଗୁଡ଼ିକର ବିବରଣୀ ତଥା ଇ-ନିଲାମ ବିଜ୍ଞପ୍ତି ସମ୍ବନ୍ଧୀୟ ସୂଚନା ପାଇଁ ଉପରୋକ୍ତ ୱେବ୍‌ସାଇଟ୍ ଦେଖିବା ଆବଶ୍ୟକ । ଅନୁସନ୍ଧାନ/ସ୍ପଷ୍ଟୀକରଣ ପାଇଁ, ଯଦି ଥାଏ, ଦୟାକରି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ ।

(PR-728) ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ, ଖଡ଼ଗପୁର

ଦକ୍ଷିଣ ପୂର୍ବ ରେଳପଥ
ହର୍ଷର ସହିତ ଆମେ ସେବାରତ



**ଦ.ପୂ. ରେଳପଥ – ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଉପମୁଖ୍ୟ ବୈଦ୍ୟୁତିକ ଯନ୍ତ୍ରୀ (ସିଓଏନ୍), ଦକ୍ଷିଣ ପୂର୍ବ ରେଳପଥ, ରାଉରକେଲା ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି: ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ୦୨-ଟେଣ୍ଡର-ଇଏଲ୍‌ସିଓଏନ୍-ସିକେପି-୨୫-୨୬, ତାରିଖ: ୧୫।୧୦।୨୦୨୫। କାର୍ଯ୍ୟର ସଂକ୍ଷିପ୍ତ ବର୍ଣ୍ଣନା: ଚକ୍ରଧରପୁର ମଣ୍ଡଳରେ ଏମ୍‌ସିଏଲ୍ ଡିପୋଜିଟ୍ କାର୍ଯ୍ୟ ପାଇଁ ବରପାଲି ଲୋଡିଂ ବଲ୍‌ବ ଲାଇନ୍ (୪୭.୭୦ କିମି)ଠାରେ ୨୫ କେଭି ଓଏଚ୍‌ଇର ଯୋଗାଣ, ଉତ୍ଥାପନ, ପରୀକ୍ଷଣ ଓ କମିଶନିଂ । ମୂଲ୍ୟ: ₹୨୪,୮୬,୨୩,୦୧୨ । ବିଡ୍ ଅମାନତ: ₹୧୩,୯୩,୧୦୦ । ସମାପ୍ତି ଅବଧି: ୧୮ (ଅଠର) ମାସ । ଧାର୍ଯ୍ୟ ତାରିଖ: ୧୪।୧୧।୨୦୨୫ । ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ/ ବର୍ଣ୍ଣନା/ ବିନିର୍ଦ୍ଦିଷ୍ଟତା ପାଇଁ ତଥା ଅନ୍‌ଲାଇନ୍‌ରେ ନିଜର ବିଡ୍ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିପାରନ୍ତି । ଏହି କାର୍ଯ୍ୟ ପାଇଁ କୌଣସି କ୍ଷେତ୍ରରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ବି.ଦ୍ର.: ଅନ୍ୟ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ www.ireps.gov.in ପରିଦର୍ଶନ କରିପାରନ୍ତି । (PR-731)



**JHARKHAND URBAN INFRASTRUCTURE DEVELOPMENT COMPANY LIMITED**
(Govt. of Jharkhand Undertaking)
JUIDCO Bhawan, Kutchery Road, Ranchi-834001, Jharkhand.
Ph No.: +91-651-2225878,
CIN: U45200JH2013SGC001752,
e-mail Id-juidcolimited@gmail.com

NIT No.: JUIDCO/NIT/H to B/Road/RNC/671
Date- 16.10.2025

**e-Procurement (Tender Notice)**

| | | |
|---|---|---|
| 1 | Name of Work | Resurfacing/ Refurbishing work of Road from Hinoo Chowk to Birsa Chowk in Ranchi Jharkhand. |
| 2 | Mode of Bid Submission | e-tendering (http://jharkhandtenders.gov.in) |
| 3 | Estimated Cost (Rs.) | Rs. 6,94,39,040.00/- (Rupees Six Crore Ninety-Four Lakhs, Thirty-Nine Thousand, Fourty) only. |
| 4 | Time of Completion | 06 Months |
| 5 | Tender Fee and Bid Security to be submitted online | Tender document fee: Rs 25,000/- (Rupees Twenty-Five Thousand) only. **Non-Refundable.** Bid Security: Rs 6,95,000.00/- (Rupees Eight Lakhs Thirty-Seven Thousand) only |
| 6 | Date/Time of Publication of Tender on Website | 17.10.2025 at 15:00 Hrs. |
| 7 | Last Date/Time of Bid Submission | 07.11.2025 at 17:00 Hrs. |
| 8 | Date/Time of opening of Bid | 10.11.2025 at 17:00 Hrs. |
| 9 | Bid Submission Address | Jharkhand Urban Infrastructure Development Company Limited, JUIDCO Bhawan, Kutchery Chowk, Ranchi, Jharkhand- 834001 |
| 10 | Helpline Number of e-procurement Cell | 0651-2225878 |

Further details can be seen on website http://jharkhandtenders.gov.in

Sd/-
Project Director (Technical)
JUIDCO Ltd, Ranchi

PR 364300 (Urban Development)25-26*D



**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**AUL EMBANKMENT DIVISION, AUL**
Dist : Kendrapara, Odisha - 754219
Tel/Fax : 06729-295188, Mail id : aulembankment@gmail.com

**'e' Procurement Notice No. AUL-14 OF 2025-26**

1. No. of the work : **47 no. Flood Control & Road works.**
2. Tender Cost : Varies from ₹ 39,67,360.00 to ₹ 83,92,152.00
3. Bid Document Cost : Rs.6000.00 to 10000.00
4. Bid Security : Varies from Rs.39,700.00 to 84,000.00
5. Class of Contractor : C & B Class
6. Period of Completion : Six calendar months
7. Other details are as follows.

| Procurement Officer | Bid Identification No. | Availability of Tender On-line for bidding | | Date of Opening of Technical Bid |
|---|---|---|---|---|
| | | From | To | |
| Superintending Engineer, Aul Embankment Division, Aul | AUL 01 of 2025-26 To AUL 47 of 2025-26 (47 nos. work) | **18.10.2025** 10.00 A.M. | **27.10.2025** 5.00 P.M. | **28.10.2025** 11.00 A.M. |

8. e-mail Id : aulembankment@gmail.com
9. **If required Lottery will be held on dtd.18.11.2025 at 11.00 A.M.**

Further detail conditions can be seen from the Govt. website www.tendersodisha.gov.in

Sd./- Superintending Engineer
Aul Embankment Division
Aul



**ଭାରତୀୟ ରିଜର୍ଭ ବ୍ୟାଙ୍କ**
ସମ୍ପଦା ବିଭାଗ, ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ,
ଭୁବନେଶ୍ୱର – 751 001

**ଟେଣ୍ଡର ବିଜ୍ଞପ୍ତି**

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ନିଜର ମୁଖ୍ୟ କାର୍ଯ୍ୟାଳୟ ଭବନର ପ୍ରଥମ ତଳ ପୋର୍ଟିକୋ ସାମ୍ନା ବାମ କୋଣରେ ନୋମିନାଲ ସାଇଜ 15 ଫୁଟ୍ x 9 ଫୁଟ୍ ର ପି4 କିମ୍ବା ତାହାଠାରୁ ଭଲ ସଂପୂର୍ଣ୍ଣ ରଙ୍ଗିନ ଆଉଟଡୋର୍ ଏକ୍ଟିଭ୍ ଏଲଇଡି ଭିଡିଓ ୱାଲର ଯୋଗାଣ, ସ୍ଥାପନା, ପରୀକ୍ଷଣ ଓ କାର୍ଯ୍ୟକ୍ଷମତା ନିମନ୍ତେ ଯୋଗ୍ୟ ସଂସ୍ଥାମାନଙ୍କଠାରୁ ଦୁଇଟି ଭାଗରେ ଇ-ଟେଣ୍ଡର ଆହ୍ୱାନ କରୁଅଛି ।

ଆଗ୍ରହୀ ସଂସ୍ଥାମାନେ ବିସ୍ତୃତ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ www.rbi.org.in ଦେଖି ପାରିବେ କିମ୍ବା ବ୍ୟାଙ୍କର ସମ୍ପଦା ବିଭାଗ ସହିତ ଯୋଗାଯୋଗ କରିପାରିବେ । MSTC ପୋର୍ଟାଲ www.mstcecommerce.com/eprocn ରେ ଆବେଦନର ଶେଷ ତାରିଖ ନଭେମ୍ବର 10, 2025 ଅପରାହ୍ନ 02:00 ଟା ଅଟେ ।

କ୍ଷେତ୍ରୀୟ ନିର୍ଦ୍ଦେଶକ
ଭୁବନେଶ୍ୱର



**e-Procurement Cell**
**Executive Engineer, National Rural Employment Programme, Ranchi**
**JHARKHAND, RANCHI**

**Very Short Term e-Procurement Notice**
**Tender Reference No.16/2025-26**

| Sl. No | Name of Scheme | Estimated Amount (Lac) | Earnest Money (Lac) | BoQ Cost | Scheme Completion Date | Tools & Plant |
|---|---|---|---|---|---|---|
| 1 | Construction of New Class Room 10 ACR with Hall cum library Room at the campus of KGBV CM SOE Namkum Ranchi | 191.02900 | 3.85 | 10000.00 | 12 month | कार्य के अनुरूप |
| 2 | Construction of 6 ACR in Kasturba Gandhi Balika Vidyalaya Under Silli Block | 74.48300 | 1.50 | 10000.00 | 12 month | कार्य के अनुरूप |
| 3 | Construction of 6 ACR in Jharkhand Residential Girls School Under Rahe Block | 74.48300 | 1.50 | 10000.00 | 12 month | कार्य के अनुरूप |

| | | |
|---|---|---|
| 3 | Date of Publication of Tender on Website | 17.10.2025 at 9:00 AM |
| 4 | Start Date of Submission of Bids | 17.10.2025 at 11:00 AM |
| 5 | Last Date/Time of Submission of Bids | 01.11.2025 at 11:00 AM |
| 6 | Date/Time of opening of Bid | 03.11.2025 at 2:00 PM |
| 7 | Name & Address of office Inviting tender e-Procurement Cell, | National Rural Employment Programme, Ranchi. |
| 8 | Helpline Number of e-procurement Cell | 94727-45569 |

Any change can be seen on Website *http:// Jharkhandtenders.gov.in.*
*Any other information can be seen on http:// Jharkhandtenders.gov.in.*

PR 364277 (NREP) 25-26 (D)

Nodal Officer
e-Procurement Cell
Executive Engineer, National Rural Employment Program me, Ranchi

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ବଜାରରେ ମହିନ୍ଦ୍ରାର ନୂଆ ବୋଲେରୋ ରେଞ୍ଜ

ଭୁବନେଶ୍ୱର,୧୬।୧୦(ଅନୁରାଧା ମହାରଣା)



ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ଲିମିଟେଡ୍ (ଏମ୍ ଆଣ୍ଡ ଏମ୍) ପକ୍ଷରୁ ବୋଲେରୋ ନୂଆ ରେଞ୍ଜର ବଜାର ପ୍ରବେଶ ହୋଇଛି। ଗୁରୁବାର ଭୁବନେଶ୍ୱର ମଞ୍ଚେଶ୍ୱରସ୍ଥିତ ଉତ୍କଳ ଅଟୋମୋବାଇଲ ପକ୍ଷରୁ ବଜାର ପ୍ରବେଶ କାର୍ଯ୍ୟକ୍ରମରେ ଏରିଆ ସେଲ୍ସ ମ୍ୟାନେଜର ତନ୍ମୟ ଦେ, ଜେନେରାଲ ମ୍ୟାନେଜର ସଞ୍ଜୟ ବିଶ୍ୱାଳ ଏବଂ ବିଜ୍‌ନେସ୍ ଡେଭଲପମେଣ୍ଟ ମ୍ୟାନେଜର ରୋମିଲା ମଜୁମଦାର ଏବଂ ରାଜେଶ ରଥ ପ୍ରମୁଖ ଏହି ଅତ୍ୟାଧୁନିକ ଡିଜାଇନ ସହ ପ୍ରସ୍ତୁତ ଗାଡ଼ିର ଅନାବରଣ କରିଥିଲେ। ନୂତନ ବୋଲେରୋର ମୂଲ୍ୟ ଏକ୍ସ-ଶୋ'ରୁମ୍ ଆଧାରରେ ୭.୯୯ ଲକ୍ଷ ଟଙ୍କାରୁ ଆରମ୍ଭ ହେଉଥିବାବେଳେ ନୂତନ ଟପ୍-ଏଣ୍ଡ ବି୮ ଭାରିଆଣ୍ଟ ୯.୬୯ ଲକ୍ଷ ଟଙ୍କାରେ ଉପଲବ୍ଧ। ନୂତନ ବୋଲେରୋ ନିଓର ମୂଲ୍ୟ ୮.୪୯ ଲକ୍ଷ ଟଙ୍କାରୁ ଆରମ୍ଭ ହେଉଛି, ଯାହାର ନୂତନ ଟପ୍-ଏଣ୍ଡ ଏନ୍୧୧ ଭାରିଆଣ୍ଟ ୯.୯୯ ଲକ୍ଷ ଟଙ୍କାରେ ମିଳିବ। ଅତ୍ୟାଧୁନିକ ଜ୍ଞାନକୌଶଳରେ ପ୍ରସ୍ତୁତ ଏହି ନୂଆ ବୋଲେର ଗ୍ରାହକଙ୍କ ଦ୍ୱାରା ଆଦୃତ ହୋଇପାରିବ ବୋଲି ଆଶା କରାଯାଉଛି। ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ଲିମିଟେଡ୍‌ର ଅଟୋମୋଟିଭ ଡିଭିଜନର ମୁଖ୍ୟ ଏକ୍‌ଜିକ୍ୟୁଟିଭ ଅଫିସର ନଳିନୀକାନ୍ତ ଗୋଲ୍ଲଗୁଣ୍ଟା କହିଛନ୍ତି, ୨୫ ବର୍ଷରୁ ଅଧିକ ସମୟରୁ ବୋଲେରୋ ଲୋକାଦୃତ ଥିବାବେଳେ ଏସ୍‌ୟୁଭି ଭାବେ ସ୍ଥାନ ପାଇଛି। ନୂଆ ବୋଲେରୋ ରେଞ୍ଜକୁ ବର୍ତ୍ତମାନ ପିଢ଼ି ବିଶେଷକରି ସହରାଞ୍ଚଳ ଗ୍ରାହକଙ୍କ ଆଗ୍ରହକୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରାଯାଇଛି।

## କେନ୍ଦୁଝରରେ ବିଓଆଇ ସତର୍କତା ସଚେତନତା ସପ୍ତାହ

ଭୁବନେଶ୍ୱର,୧୬।୧୦

ବ୍ୟାଙ୍କ ଅଫ୍ ଇଣ୍ଡିଆ(ବିଓଆଇ) ପକ୍ଷରୁ କେନ୍ଦୁଝରରେ ସତର୍କତା ସଚେତନତା ସପ୍ତାହ ଅକ୍ଟୋବର ୨୮ରୁ ନଭେମ୍ବର ୩ ପର୍ଯ୍ୟନ୍ତ କେନ୍ଦୁଝର ଅଞ୍ଚଳରେ ପାଳନ ହେବାକୁ ଯାଉଛି। ଏହି ଉପଲକ୍ଷେ ଲୋକମାନଙ୍କ ମଧ୍ୟରେ ସଚେତନତା ଆଣିବା ପାଇଁ ବିଓଆଇର କେନ୍ଦୁଝର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ କରାଯାଇଛି। କେନ୍ଦୁଝର ଆଞ୍ଚଳିକ କାର୍ଯ୍ୟାଳୟର ଆଞ୍ଚଳିକ ପ୍ରବନ୍ଧକ ଅମିତ୍ କୁମାର ପାଲ୍‌ଙ୍କ ମାର୍ଗଦର୍ଶନରେ କେନ୍ଦୁଝର ଅଞ୍ଚଳ ଅନ୍ତର୍ଗତ ଗ୍ରାମୀଣ ଓ ଅର୍ଦ୍ଧ ସହରୀ ଶାଖାଗୁଡ଼ିକରେ 'ଗ୍ରାମସଭା'ର ଆୟୋଜନ କରାଯାଇଥିଲା। ଏଥିରେ ଉପ-ଆଞ୍ଚଳିକ ପ୍ରବନ୍ଧକ ସିଦ୍ଧାର୍ଥ କୁମାର ବେହେରା ଉପସ୍ଥିତ ଥିଲେ। ସତର୍କତା ଅଧିକାରୀ ବି. ମହେଶ ଏବଂ ଶାଖା ପ୍ରବନ୍ଧକ ଲିଙ୍ଗରାଜ ବେହେରା ଉପସ୍ଥିତ ରହିଥିଲେ। ଚଳିତ ବର୍ଷ ସତର୍କତା ସଚେତନତା ସପ୍ତାହ- ୨୦୨୫ର ବିଷୟବସ୍ତୁ ଉପରେ ବିସ୍ତୃତ ଆଲୋଚନା କରିଥିଲେ।

# ରାଉରକେଲାରେ ତନିସ୍କ ଷ୍ଟୋରର ଲଞ୍ଚ୍



ଭୁବନେଶ୍ୱର,୧୬।୧୦

ତନିସ୍କ ରାଉରକେଲା ଆମ୍ବେଦକର ଛକ କଚେରି ରୋଡ୍‌ରେ ଏକ ଷ୍ଟୋରକୁ ଗୁରୁବାର ଲଞ୍ଚ୍ କରାଯାଇଛି। ଟାଇଟନ କମ୍ପାନୀ ଲିମିଟେଡ୍‌ର ରିଜିଓନାଲ ବିଜ୍‌ନେସ୍ ହେଡ୍ ଶାହ ଗୌରବ କ୍ରିଷ୍ଣା ଏବଂ ତନିସ୍କର ସର୍କଲ ବିଜ୍‌ନେସ୍ ମ୍ୟାନେଜର ଅରିନ୍ଦମ ପରମାଣିକ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଷ୍ଟୋର ପକ୍ଷରୁ ସ୍ୱତନ୍ତ୍ର କଲେକ୍ସନ ସହ ଅଫର ଘୋଷଣା କରାଯାଇଛି। ସୁନାଗହଣା ବଦଳ ଉପରେ ଶୂନ୍ୟ ପ୍ରତିଶତ କାଟ୍ ଘୋଷଣା କରାଯାଇଥିବାବେଳେ ଅକ୍ଟୋବର ୨୧ ପର୍ଯ୍ୟନ୍ତ ପ୍ରତି ଗ୍ରାମ୍‌ରେ ୪୫୦ ଟଙ୍କା ପର୍ଯ୍ୟନ୍ତ ରିହାତି ପ୍ରଦାନ କରାଯିବ। ୧୦ ହଜାର ବର୍ଗଫୁଟ୍ ପରିମିତ ଅଞ୍ଚଳରେ ନିର୍ମିତ ଏହି ଷ୍ଟୋରରେ ସୁନା, ହୀରା, କୁନ୍ଦନ ଏବଂ ପୋଲକି ଗହଣା ଉପଲବ୍ଧ ରହିଛି। ଏହି ଅବସରରେ ପାର୍ବଣ କଲେକ୍ସନ 'ମୃଗାଙ୍କ'ର ମଧ୍ୟ ପ୍ରଦର୍ଶନ ତଥା ବିକ୍ରୟର ଶୁଭାରମ୍ଭ

### ଚାହିଦାରେ ପାର୍ବଣ କଲେକ୍ସନ 'ମୃଗାଙ୍କ'

କରାଯାଇଛି। ଏହା ସହ 'ଆବାହନ' ଓ ଗ୍ଲାମ୍ ଡେଜ୍ ଭଳି କଲେକ୍ସନରେ ସ୍ୱତନ୍ତ୍ର ଡିଜାଇନର ଗହଣା ରହିଛି। 'ଡୋର' ଅଧୀନରେ ଏକ୍ସକ୍ଲୁସିଭ ରେଞ୍ଜର ମଙ୍ଗଳସୂତ୍ର ଏବଂ 'ଷ୍ଟନିଙ୍ଗ୍ ଏଭ୍ରି ଇୟର' ଅଧୀନରେ ସୁନାର ଓ ହୀରାର ସ୍ୱତନ୍ତ୍ର ଡିଜାଇନର କାନଫୁଲ ରହିଛି। 'କଲାଇ' ଅଧୀନରେ ଆକର୍ଷଣୀୟ ଚୁଡ଼ି ଏବଂ 'ଅବୀର' ଏବଂ 'ରିବାହ' ଅଧୀନରେ ଉପଲବ୍ଧ ଗହଣା ଗ୍ରାହକଙ୍କୁ ଆକୃଷ୍ଟ କରୁଛି। ଏହି ଅବସରରେ ଶାହ ଗୌରବ କ୍ରିଷ୍ଣା କହିଛନ୍ତି, ରାଉରକେଲା ଅପେକ୍ଷାକୃତ ଅଧିକ ବଡ଼ ଷ୍ଟୋରର ଲଞ୍ଚକରି ଆମେ ଖୁସି ଅନୁଭବ କରୁଛୁ। ଗ୍ରାହକ ସେବାକୁ ତନିସ୍କ ସବୁବେଳେ ପ୍ରାଥମିକତା ଦେଇ ଆସୁଥିବାବେଳେ ଉକ୍ତ ଷ୍ଟୋର ଏହି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବ ବୋଲି ଆଶା କରାଯାଉଛି।

# ଏଲ୍ଆଇସିର ଜନସୁରକ୍ଷା, ବୀମା ଲକ୍ଷ୍ମୀ ପ୍ଲାନ୍



ଭୁବନେଶ୍ୱର,୧୬।୧୦(ଅନୁରାଧା ମହାରଣା)

ଭାରତୀୟ ଜୀବନ ବୀମା ନିଗମ(ଏଲ୍ଆଇସି)ର ସିଇଓ ଏବଂ ଏମ୍‌ଡି ଆର୍. ଦୋରଇସ୍ୱାମୀଙ୍କ ଦ୍ୱାରା ଦୁଇଟି ନୂତନ ଯୋଜନା ଜନସୁରକ୍ଷା, ବୀମା ଲକ୍ଷ୍ମୀ ପ୍ଲାନ୍‌ର ଶୁଭାରମ୍ଭ କରାଯାଇଛି। ନୂତନ ନେକ୍ସଟ ଜେନ୍ ଜିଏସ୍‌ଟି ରେଜିମ୍‌ରେ ଏଲ୍ଆଇସି ଦ୍ୱାରା ପରିଚାଳିତ ପ୍ରଥମ ଦୁଇଟି ଉତ୍ପାଦ। ବର୍ତ୍ତମାନର ଅସ୍ଥିର ସୁଧ ହାରର ପରିସ୍ଥିତିରେ ଏହି ଦୁଇଟି ଯୋଜନା ନୀତି କାଳ ସମଗ୍ର ବୀମା କାଳରେ ଗ୍ୟାରେଣ୍ଟି ଯୋଗଦାନ ପ୍ରଦାନ କରୁଛି। ଏହି ଦୁଇଟି ଯୋଜନାରେ ୩ ବର୍ଷର ପୂର୍ଣ୍ଣ ପ୍ରିମିୟମ ପେମେଣ୍ଟ ପରେ ଅଟୋ କଭର ସୁବିଧା ଉପଲବ୍ଧ। ଜନସୁରକ୍ଷା ଏକ ଜୀବନ ମାଇକ୍ରୋ ବୀମା ଯୋଜନା। ଏହା ନିମ୍ନ ଆୟ ଗୋଷ୍ଠୀର ଲୋକମାନଙ୍କ ପାଇଁ ପ୍ରସ୍ତୁତ ହୋଇଛି। ସେହିପରି ବୀମା ଲକ୍ଷ୍ମୀ ପ୍ଲାନ୍ ମହିଳାଙ୍କ ପାଇଁ ବିଶେଷ ଭାବେ ପ୍ରସ୍ତୁତ କରାଯାଇଛି। ଉକ୍ତ ପ୍ଲାନ୍‌ରେ ପ୍ରତ୍ୟେକ ୨ ବର୍ଷ କିମ୍ବା ୪ ବର୍ଷ ପରେ ନିୟମିତ ନିର୍ଦ୍ଧାରିତ ଟଙ୍କା ଫେରସ୍ତ କିମ୍ବା ପ୍ରିମିୟମ ପେମେଣ୍ଟ ବନ୍ଦ ହେବା ପରେ ଆକର୍ଷଣୀୟ ଗ୍ୟାରେଣ୍ଟି ମ୍ୟାଚୁରିଟି ସୁବିଧା ପ୍ରଦାନ କରୁଛି। ଅଧିକ ସୂଚନା ପାଇଁ ଏଲ୍ଆଇସି ୱେବ୍‌ସାଇଟ କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରିବାକୁ ପରାମର୍ଶ ଦିଆଯାଇଛି।

# ଡୁରିଆନ୍ ଫର୍ନିଚରର ପାର୍ବଣ ଅଫର

ଭୁବନେଶ୍ୱର,୧୬।୧୦

Durian

ସାମନ୍ତରାପୁରସ୍ଥିତ ଡୁରିଆନ୍ ଫର୍ନିଚର ପକ୍ଷରୁ ପାର୍ବଣର ଅଫର ଘୋଷଣା କରାଯାଇଛି। ସେପ୍ଟେମ୍ବର ୯ରୁ ଆରମ୍ଭ ହୋଇଥିବା ଏହି ଅଫର ଅକ୍ଟୋବର ୨୬ ପର୍ଯ୍ୟନ୍ତ ଚାଲିବ। ଏଠାରେ ମିଳୁଥିବା ବିଭିନ୍ନ ପ୍ରଡକ୍ଟ ଉପରେ ନିର୍ଦ୍ଧାରିତ ସର୍ତ୍ତ ସହ ୫୦% ପର୍ଯ୍ୟନ୍ତ ରିହାତି ଘୋଷଣା କରାଯାଇଛି। ଡୁରିଆନ୍ ଫର୍ନିଚର ମ୍ୟାନେଜର ଅନୀଲ କୁମାର ମହାପାତ୍ର କହିଛନ୍ତି, ଶୋ'ରୁମ୍‌ରେ ୨୦ ହଜାର ଟଙ୍କାରୁ ବେଡ୍ ଆରମ୍ଭ ହେଉଥିବାବେଳେ ୧୨ ହଜାରରୁ ସୋଫା ଆଦି ଉପଲବ୍ଧ ହେଉଛି। ଗ୍ରାହକଙ୍କ ବରାଦ ଅନୁସାରେ କଷ୍ଟୋମାଇଜଡ୍ ଫର୍ନିଚର ମଧ୍ୟ ଯୋଗାଇଦିଆଯାଉଛି। କ୍ୱିନ୍ ବେଡ୍, କିଙ୍ଗ୍ ବେଡ୍‌ର ଚାହିଦା ଅଧିକ ରହିଥିବାବେଳେ ଫାବ୍ରିକ୍, ଲେଦର ଏବଂ ଉଡେନ୍ ସୋଫାକୁ ମଧ୍ୟ ଖୁବ୍ ପସନ୍ଦ କରୁଛନ୍ତି। ଡାଇନିଂ ସେଟ୍ ସହ ଚେୟାର, ଟେବୁଲ ଆଦି ଅଫିସ୍ ଫର୍ନିଚର ମଧ୍ୟ ସୁଲଭ ମୂଲ୍ୟରେ ମିଳିପାରୁଥିବା ଅନୀଲ କହିଛନ୍ତି। ତେବେ ବିକ୍ରି ପରବର୍ତ୍ତୀ ସେବା ପ୍ରଦାନ ଉପରେ ଗୁରୁତ୍ୱ ଦିଆଯାଉଥିବା ସେ କହିଛନ୍ତି। ସେହିପରି ବିଭିନ୍ନ ଉତ୍ପାଦ ଉପରେ ୩ରୁ ୫ ବର୍ଷ ପର୍ଯ୍ୟନ୍ତ ୱାରେଣ୍ଟି ରହୁଥିବା ଡୁରିଆନ୍ ଫର୍ନିଚର ପକ୍ଷରୁ ସୂଚନା ଦିଆଯାଇଛି।

# Classified Everyday
**0674-2580101, 9692975378**



**REAL ESTATE**
**SALE**

**Ready to move 1/2BHK flat for sale @ 18/24lakh at Gudiapokhari Bhubaneswar, Call- 9861642492.** D-2018

**3BHK Flats sale at Kalinganagar, Ghatikia, Bhubaneswar. Close to school, College and Hospital. Near to possession. For inquiry Call: 8260261992.** D-76860

ସ୍ଥିତିବାନ୍ ପ୍ଲଟ୍ ପିତାପଲ୍ଲୀ **N.H.-16** ପାଖରେ **Litigation free 30ft. Road,** ଇଲେକ୍ଟ୍ରି, **Possession** ଥାଇ ଉପଲବ୍ଧ। **6372526344.** D-04




Kerala Ayurveda Massage therapy gents/ Ladies pain relief, Bhubaneswar. 9337672475. D-2217

The massage felt totally professional! & comfortable at all times- 7978109255. D-76500

Newly open Jyoti spa positively health benefits (Expert therapist). 8458067955. D-76942

**LOST**

Anil Kumar Bansal Prop. of M/s Ram Pratap Rice & Chuda Mill At-Dunguripali, P.S.- Belpada, Dist.- Bolangir reported at Kantabanji P.S.- bearing GD No.- 014/dtd.- 16.10.2025 that the Security Deposit Receipt of an amount Rs. 5,81,554.60 paisa for Electric Connection bearing Consumer No.912000000019 was issued on 1.11.2021 has been lost somewhere in residential House at near Govt. Boys, High School,Kantabanji P.O./ P.S.- Kantabanji, Dist.- Bolangir. D-2296

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar, dt.- 06.10.25, I, MAGA MUDULI, Resident of Muduli Sahi, P.O./P.S.- Satyabadi, Puri, 752014, that I have changed my name MAGUNI MUDULI to MAGA MUDULI. Henceforth, I shall be know as MAGA MUDULI for all purposes.
MAGA MUDULI
D-2294

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

I, Sri Giridhara Nayak declared that as per affidavit No.-983 Dtd- 9/10/2025 before the Notary Public, Sunabeda my sons old name Splandana Nayak has been changed to Spandan Nayak. Henceforth, he will be known as Spandan Nayak, son of Giridhara Nayak of Village Khadagapur, P.O.- Nandapur, Dist.- Koraput for all purposes.
D-2293

By virtue of an affidavit before the Executive Magistrate, Rasulpur, Dist.- Jajpur, dated- 24.09.2025. I, Runu Nayak, D/o- Basanta Nayak, At- Bantara, P.O.- Bhotaka, P.S.- Kuakhia, Dist.- Jajpur, PIN- 755009, Odisha declare that I have changed my name & father name from Jhuni Nayak, D/o- Niranjan Nayak to Ranu Nayak, D/o- Basanta Nayak. Henceforth, I shall be known as Runu Nayak, D/o- Basanta Nayak for all future purpose. D-2301

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

By virtue of an affidavit sworn before Executive Magistrate, Pattamundai, dated- 26.08.2025, I, Sanjana Ojha, At/P.O.- Ainipada, P.S.- Pattamundai, Dist.- Kendrapara, Odisha declare that I have changed my name from Sanjana Samantsinghar to Sanjana Ojha. Henceforth, I shall be known as Sanjana Ojha for all purposes.
Sanjana Ojha
D-2292

I, Rina Rani Samal (formerly Miss Sajani Rani Palai, D/o- Durjyadhan Palai), W/o- Kumud Charan Samal, holder of LIC Policy No.- 589504620, presently residing at Plot- 1009, Anand Vihar, Nayapalli, Bhubaneswar- 751012, earlier of Urunia, P.O.- Lunga, P.S.- Basudevpur, Dist.- Bhadrak- 756124, and later at Goramati, P.O.- Sabarang, Dist.- Bhadrak- 756123, declare both names refer to the same person. D-2298

By virtue of an affidavit in the Court of Executive Magistrate, Khaira, I, Debasmita Ghanta, W/o- Arun Kumar Jena of Vill- Sampei, P.S.- Khaira, Dist.- Balasore declare that in my Aadhaar Card my name has been recorded as Debasmita Ghanta but in my Husband's service regd (Military) my name has been mentioned as Debasmita Jena. Both the above names belongs to one & same person.
Debasmita Ghanta
D-2300

By virtue of an affidavit sworn before the Executive Magistrate, Puri on dtd- 18.09.2025. I, Balaram Das, S/o- Bhima Das, resident of At- Gopalpur Road, P.O.- Baliguali, P.S.- Penthakata Marine, Dist.- Puri, PIN- 752002, Odisha declare that I have changed my name from Balaram Behera, S/o- Bhima Behera to Balaram das, S/o- Bhima Das. Henceforth, I shall be known as Balaram Das for all future purpose. D-2299

I, Lanka Prasanna Kumar, S/o- Lanka Purna Chandra Rao, presently residing at TRL Township, Belpahar, Dist.- Jharsuguda, Odisha, 768218 declared by this affidavit vide No.- 12, Dtd.- 15.10.2025 that true and correct name of my wife is Lanka Sharmila Tagore and she will be known as Lanka Sharmila Tagore for all purpose. D-2297

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ମନେ ପଡ଼ନ୍ତି**

**ଶ୍ରାଦ୍ଧ ଶ୍ରଦ୍ଧାଞ୍ଜଳି (ସପ୍ତମ ବର୍ଷ)**



**ସ୍ୱର୍ଗତା ସ୍ନେହଲତା ମହାନ୍ତି**
ସ୍ୱାମୀ: ସ୍ୱର୍ଗତ ଗିରିଧାରୀ ମହାନ୍ତି
ବାପୁଜୀ ନଗର, ଭୁବନେଶ୍ୱର
ଗ୍ରାମ: ବଡ଼ଗାଁ, ଜିଲ୍ଲା: କେନ୍ଦ୍ରାପଡ଼ା
ସପ୍ତମ ଶ୍ରାଦ୍ଧବାର୍ଷିକୀ ଅବସରରେ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା। ଏହି ପୁଣ୍ୟ ତିଥିରେ ଆମେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି ଆଶୀର୍ବାଦ ଭିକ୍ଷା କରୁଛୁ।
-: ଶୋକସନ୍ତପ୍ତ :-
ବନ୍ଧୁ ଓ ପରିବାରବର୍ଗ।
ଧ-୨୨୯୪

**ଧରିତ୍ରୀ DHARITRI**
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

## ପଣ୍ୟ ପରିବହନରେ ଖୋର୍ଦ୍ଧାରୋଡ୍ ରେଳମଣ୍ଡଳର ରେକର୍ଡ

ଭୁବନେଶ୍ୱର,୧୬।୧୦(ଅନୁରାଧା ମହାରଣା)

ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଚଳିତ ଆର୍ଥିକ ବର୍ଷର ପ୍ରଥମାର୍ଦ୍ଧ (ଏପ୍ରିଲ-ସେପ୍ଟେମ୍ବର ୨୦୨୫) ମଧ୍ୟରେ ପଣ୍ୟ ପରିବହନରେ ଉଲ୍ଲେଖନୀୟ ଅଭିବୃଦ୍ଧି ହାସଲ କରିଛି। ଏହି ସମୟ ମଧ୍ୟରେ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ୧୫୬.୫୭ ମିଲିୟନ ଟନ୍ ପଣ୍ୟ ପରିଚାଳନା କରିଛି। ଏହି ସମୟ ମଧ୍ୟରେ ୮୬.୧୬ ନିୟୁତ ଟନ୍ ପଣ୍ୟ ବୋଝେଇ କରାଯାଇଥିଲା ବେଳେ ୭୦.୪୧ ନିୟୁତ ଟନ୍ ପଣ୍ୟ ପରିବହନ ରେଳମଣ୍ଡଳର କ୍ଷେତ୍ରାଧିକାର ମଧ୍ୟରେ ନିକାଶନ କରାଯାଇଥିଲା। ପୂର୍ବ ଆର୍ଥିକ ବର୍ଷର ସମାନ ସମୟ (ଏପ୍ରିଲ-ସେପ୍ଟେମ୍ବର ୨୦୨୪) ମଧ୍ୟରେ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ୧୪୮.୧୩ ନିୟୁତ ଟନ୍ ପଣ୍ୟ କାରବାର କରିଥିଲା, ଯେଉଁଥିରେ ୭୯.୨୫ ନିୟୁତ ଟନ୍ ବୋଝେଇ ଏବଂ ୬୮.୮୮ ନିୟୁତ ଟନ୍ ନିକାଶନ ଅନ୍ତର୍ଭୁକ୍ତ ଥିଲା । ଗତବର୍ଷର ସମାନ ସମୟ ତୁଳନାରେ ଏହି ମଣ୍ଡଳ ୮.୪୪ ନିୟୁତ ଟନ୍ ଅଧିକ ପଣ୍ୟ ପରିବହନ କରିଛି, ଯାହା ଗତ ବର୍ଷ ତୁଳନାରେ ୫.୭% ଅଭିବୃଦ୍ଧିକୁ ଦର୍ଶାଉଛି। ଏଥିରେ ପୂର୍ବ ବର୍ଷର ପ୍ରଦର୍ଶନ ତୁଳନାରେ ଲୋଡିଂରେ ୬.୯୧ ମିଲିୟନ ଟନ୍ (୮.୭% ଅଭିବୃଦ୍ଧି) ଏବଂ ଅପସାରଣରେ ୧.୫୩ ମେଟ୍ରିକ ଟନ୍ (୨.୨% ଅଭିବୃଦ୍ଧି) ଅନ୍ତର୍ଭୁକ୍ତ । ଗତ ବର୍ଷର ସମାନ ସମୟ ମଧ୍ୟରେ ୫୪.୩ ନିୟୁତ ଟନ୍ ତୁଳନାରେ ତାଳଚେର ଅଞ୍ଚଳ ସର୍ବାଧିକ ୫୭.୦ ମିଲିୟନ ଟନ୍ ପଣ୍ୟ ପରିବହନ ଅବଦାନ ରଖିଛି। ପାରାଦୀପ ଅଞ୍ଚଳରେ ୨୮.୧ ମିଲିୟନ ଟନ୍ ଲୋଡିଂକରି ଯଥେଷ୍ଟ ବୃଦ୍ଧି ଘଟିଛି, ଯାହା ଗତ ଆର୍ଥିକ ବର୍ଷରେ ୨୫.୨ ମିଲିୟନ ଟନ୍ ଥିଲା । ସେହିପରି ଧାମରା ବନ୍ଦର ଅଞ୍ଚଳ ୧୮.୩ ମେଟ୍ରିକ ଟନ୍ ପରିଚାଳନା କରିଥିଲା, ଯାହା ପୂର୍ବ ବର୍ଷରେ ୧୬.୫ ମିଲିୟନ ଟନ୍ ଥିଲା। ଗୋପାଳପୁର ବନ୍ଦର ଅଞ୍ଚଳ ୧.୫ ମେଟ୍ରିକ ଟନ୍ ଅବଦାନ ଦେଇଥିଲା ଯାହା ପୂର୍ବ ବର୍ଷରେ ୧.୩ ମିଲିୟନ ଟନ୍ ଥିଲା। ନୟାଗଡ଼-କେନ୍ଦୁଝର ଅଞ୍ଚଳ ୪.୮ ମେଟ୍ରିକ ଟନ୍ ପରିଚାଳନା କରିଥିଲା, ଯାହା ପୂର୍ବ ବର୍ଷରେ ୪.୫ ମେଟ୍ରିକ ଟନ୍ ଥିଲା। ଇସ୍ପାତ କାରଖାନାରୁ ପଣ୍ୟ ପରିବହନ ସ୍ଥିର ରହିଛି। ଏହା ଗତ ଆର୍ଥିକ ବର୍ଷର ସମାନ ଅବଧିରେ ୧୪.୪ ମିଲିୟନ ଟନ୍ ପରିଚାଳିତ ହୋଇଥିଲା। ଏହା ସାମାନ୍ୟ ବୃଦ୍ଧି ପାଇ ୧୪.୫ ମିଲିୟନ ଟନ୍ ହୋଇଛି।

# ୧୯୬୦ ଦଶକରେ ଭୁବନେଶ୍ୱରର କ୍ରୀଡ଼ା ଦୃଶ୍ୟପଟ


ଅଶୋକ ମହାନ୍ତି






**ଆମ ରାଜ୍ୟର ରାଜଧାନୀ ଦେଶର ଅନ୍ୟତମ ପ୍ରସିଦ୍ଧ ଶୈବପୀଠ ଭୁବନେଶ୍ୱର ସହରର ଇତିହାସ ୨୦୦୦ ବର୍ଷ ପୁରାତନ ହେଲେ ମଧ୍ୟ ଆଧୁନିକ ଭୁବନେଶ୍ୱର ସହର ୧୯୪୮ରେ ରାଜ୍ୟର ନୂତନ ରାଜଧାନୀର ମାନ୍ୟତା ପାଇଥିଲା। ୧୯୬୦ ଦଶକରେ ଶୈଶବ ଅବସ୍ଥାରୁ ଯୁବାବସ୍ଥାରେ ପ୍ରବେଶ କରିଥିବା ପ୍ରାୟ ୩୫ ହଜାର ଲୋକସଂଖ୍ୟାର ସହର ଭୁବନେଶ୍ୱରର ସେ ସମୟରେ କ୍ରୀଡ଼ା ଦୃଶ୍ୟପଟ କିପରି ଥିଲା ତା' ଉପରେ ସମ୍ୟକ ଆଲୋକପାତ...**

ଅଧୁନା ଭୁବନେଶ୍ୱରକୁ ଦେଶର 'ଅଘୋଷିତ କ୍ରୀଡ଼ା ରାଜଧାନୀ', 'ଆଇଡିଆଲ୍ ସ୍ପୋର୍ଟସ ଡେଷ୍ଟିନେଶନ', 'କ୍ରୀଡ଼ା ହବ୍' ଭାବେ ବର୍ଣ୍ଣନା କରାଯାଉଛି। ୬୦ ଦଶକରେ ଆଜିର ଦିନ ଭଳି ଖେଳାଳିମାନଙ୍କୁ ପ୍ରଚୁର ଅର୍ଥରାଶି ପୁରସ୍କାର, ସରକାରୀ ଓ ବେସରକାରୀ ସଂସ୍ଥାମାନଙ୍କରେ କର୍ମନିଯୁକ୍ତି, ଖେଳ ଅଭ୍ୟାସ ଏବଂ ପ୍ରତିଯୋଗିତା ପାଇଁ ଅତ୍ୟାଧୁନିକ କ୍ରୀଡ଼ାଙ୍ଗନ, ସନ୍ତରଣାଗାର, ଜିମ୍ନାସିୟମ୍, ଶୀତତାପ ନିୟନ୍ତ୍ରିତ କୋଠରିରେ ରହିବାର ବ୍ୟବସ୍ଥା ପ୍ରଭୃତି ପର୍ଯ୍ୟାପ୍ତ ସୁବିଧାସୁଯୋଗ ଉପଲବ୍ଧ ନ ଥିଲା। ଖେଳକୁ ଭଲ ପାଉଥିବା ଯୁବବର୍ଗ କ୍ରୀଡ଼ା ଅଭ୍ୟାସ ସହିତ କ୍ରୀଡ଼ା କାର୍ଯ୍ୟକ୍ରମରେ ଭାଗ ନେଉଥିଲେ ଏବଂ ଏହା ଥିଲା ମନୋରଞ୍ଜନର ଏକ ପ୍ରକୃଷ୍ଟ ମାଧ୍ୟମ।

ସେ ସମୟର କ୍ରୀଡ଼ା ଭିତ୍ତିଭୂମି (ଆଉଟ୍‌ଡୋର): ଭୁବନେଶ୍ୱର ସହରରେ ଯେଉଁ କେତୋଟି ସୀମିତ ଖେଳପଡ଼ିଆ ଥିଲା– ସେଗୁଡ଼ିକ ମଧ୍ୟରେ ପ୍ରମୁଖ ଥିଲା– ଏକ ନମ୍ବର ହାଇସ୍କୁଲ ପଡ଼ିଆ, ୩ ନମ୍ବର କ୍ୟାପିଟାଲ ହାଇସ୍କୁଲ ପଡ଼ିଆ, ଷ୍ଟୁଆର୍ଟ ସ୍କୁଲ୍ ପଡ଼ିଆ, ରିଜିଓନାଲ କଲେଜ ପଡ଼ିଆ, ଓୟୁଏଟି ପଡ଼ିଆ, ପୁରୁଣା ପରେଡ଼ ଗ୍ରାଉଣ୍ଡ (ବର୍ତ୍ତମାନ ଆଇଜି ପାର୍କ), ବି.ଏମ୍. ହାଇସ୍କୁଲ (ପୁରୁଣା ଭୁବନେଶ୍ୱର) ଏବଂ ଭୁବନେଶ୍ୱର ଉପକଣ୍ଠରେ ଥିବା ଯଦୁପୁର ଗ୍ରାମ ପଡ଼ିଆ। କେବଳ ରିଜିଓନାଲ କଲେଜ ପଡ଼ିଆ ବ୍ୟତୀତ ଅନ୍ୟ ସମସ୍ତ ପଡ଼ିଆର ଉପରଭାଗ ଥିଲା ଗୋଡ଼ି ଭର୍ତ୍ତି ଟାଙ୍ଗରା ଭୂମି। ଏପରି ପ୍ରତିକୂଳ ଅବସ୍ଥାରେ ମଧ୍ୟ କ୍ରୀଡ଼ାବିତ୍‌ମାନେ ଛୋଟ ଛୋଟ ଜଖମକୁ ଖାତିର ନ କରି କ୍ରୀଡ଼ା ଅଭ୍ୟାସ ଜାରି ରଖିଥିଲେ। ପ୍ରାୟତଃ ଏକ ନମ୍ବର ହାଇସ୍କୁଲ ପଡ଼ିଆ ଏବଂ ପରେଡ ପଡ଼ିଆରେ ଭୁବନେଶ୍ୱର ଫୁଟ୍‌ବଲ ଏବଂ କ୍ରିକେଟ ଲିଗ୍ ଆୟୋଜିତ ହେଉଥିଲା।

ଇନ୍‌ଡୋର ଗେମ୍ସ ଯଥା କ୍ୟାରମ୍, ଚେସ୍, ବ୍ରିଜ, ଟେବୁଲ ଟେନିସ୍ ପ୍ରଭୃତି ଦୁଇ ନମ୍ବରସ୍ଥିତ ସେକ୍ରେଟାରିଏଟ୍ ରିକ୍ରିଏଶନ କ୍ଲବରେ ଖେଳାଯାଉଥିଲା ଏବଂ ପ୍ରତିଯୋଗିତା ଆୟୋଜନ ହେଉଥିଲା।

କ୍ରୀଡ଼ା ସଙ୍ଗଠନ/କ୍ଲବ: ଅଗ୍ରଣୀ କ୍ରୀଡ଼ା ଅନୁଷ୍ଠାନ ବା କ୍ଲବ ମଧ୍ୟରେ ଥିଲା ଭୁବନେଶ୍ୱର ଆଥ୍‌ଲେଟିକ ଆସୋସିଏଶନ, ପୁରୁଣା ଭୁବନେଶ୍ୱରର ଟାଉନ କ୍ଲବ, ଏକନମ୍ବରସ୍ଥିତ କିଶୋର କ୍ଲବ, କ୍ୟାପିଟାଲ ସ୍ପୋର୍ଟ୍ସ କ୍ଲବ, ସେକ୍ରେଟାରିଏଟ୍ ରିକ୍ରିଏଶନ କ୍ଲବ, ଏଜି ରିକ୍ରିଏଶନ କ୍ଲବ, କପିଳେଶ୍ୱର –ସୁନ୍ଦରପଦା ଫୁଟବଲ କ୍ଲବ, ଯଦୁପୁର ଫୁଟବଲ ଆସୋସିଏଶନ ପ୍ରଭୃତି। ସେ ସମୟର ବିଶିଷ୍ଟ କ୍ରୀଡ଼ା ସଙ୍ଗଠକମାନେ ଥିଲେ ସ୍ୱର୍ଗତ ଗତିକୃଷ୍ଣ ପଣ୍ଡା (ଭୁବନେଶ୍ୱର ଆଥ୍‌ଲେଟିକ୍ ଆସୋସିଏଶନର ପ୍ରତିଷ୍ଠାତା ସଭ୍ୟ ଏବଂ ସମ୍ପାଦକ), ରବି ରାୟ, ସାରଦା କାନୁନ୍‌ଗୋ, ଜୟଦେବ ମହାପାତ୍ର(ଟାଉନ କ୍ଲବ ସମ୍ପାଦକ), ଜୟନ୍ତ ମହାପାତ୍ର, ମନୋରଞ୍ଜନ ମହାନ୍ତି, ଜି.ସି. ଭୋଳ (ରିଜିଓନାଲ କଲେଜର କ୍ରୀଡ଼ା ଶିକ୍ଷକ), ବାସୁଦେବ ଗରାବଡୁ (ପୁରୁଣା ଭୁବନେଶ୍ୱର) ଏବଂ ରାମ ନାରାୟଣ ପଟ୍ଟନାୟକ ପ୍ରମୁଖ। ବର୍ତ୍ତମାନ ରାମନାରାୟଣ ପଟ୍ଟନାୟକଙ୍କୁ ଛାଡ଼ିଦେଲେ ଅନ୍ୟ ସମସ୍ତେ ପରଲୋକ ଗମନ କରି ସାରିଛନ୍ତି।

୬୦ ଦଶକରେ ଭୁବନେଶ୍ୱର ସହରରେ ସବୁଠାରୁ ଲୋକପ୍ରିୟ ଖେଳ ଥିଲା ଫୁଟ୍‌ବଲ। ଶୁଭେନ୍ଦୁ ପଟ୍ଟନାୟକ ଭୁବନେଶ୍ୱରର ପ୍ରଥମ ଖେଳାଳି ଭାବେ ୧୯୬୫ରେ ରାଜ୍ୟ ସନ୍ତୋଷ ଟ୍ରଫି ଦଳର ସଦସ୍ୟ ହୋଇଥିଲେ। କ୍ୟାପିଟାଲ ସ୍ପୋର୍ଟସ କ୍ଲବର ଖେଳାଳିମାନଙ୍କ ମଧ୍ୟରେ ଥିଲେ– ଶୁଭେନ୍ଦୁ ପଟ୍ଟନାୟକ, ବ୍ରଜ, ନିଶି ମହାନ୍ତି, ଜୀବନାନନ୍ଦ ଆଚାର୍ଯ୍ୟ, ବୈକୁଣ୍ଠ ବେହେରା, ସୁବାସ ପାଣିଗ୍ରାହୀ, ସ୍ୱର୍ଗତ ମନୋରଞ୍ଜନ ମହାନ୍ତି, ବରେଶ ମହାପାତ୍ର, ପ୍ରମେଶ ମହାପାତ୍ର, ଅଶୋକ ମହାନ୍ତି (ମଣ୍ଟୁ), ମନମୋହନ ହୋତା, ମନ୍ମଥ ସାହୁ (ଗୁଣ), ଜୟନ୍ତ ସାହୁ (ଟୁକୁ), ସ୍ୱର୍ଗତ ବାଦଲ ପଟ୍ଟନାୟକ, ଭକ୍ତବତ୍ସଳ ଦାସ (ଗଟୁ), ସଞ୍ଜୟ ଦାସ (କଇଁ), ସ୍ୱର୍ଗତ ସତ୍ୟ ମହାନ୍ତି, ପତାକି (ସ୍ୱର୍ଗତ), ଆଶିଷ ପଟ୍ଟନାୟକ, ବସନ୍ତ ହୋତା ଏବଂ ଅଶୋକ ମହାନ୍ତି (ଲେଖକ) ପ୍ରମୁଖ। ପୁରୁଣା ଭୁବନେଶ୍ୱରର ନନି ଦତ୍ତ, ଗୋକୁଳାନନ୍ଦ ବେହେରା, ଶ୍ୟାମ ସାହୁ, ନରେନ୍ଦ୍ର ସେଠୀ, ଗୌର ଭଟ୍ଟାଚାର୍ଯ୍ୟ ଓ ରବି ନନ୍ଦ (କଳ୍ପନା ଟକିଜ୍‌ର ମାଲିକ) ପ୍ରମୁଖ ଖେଳାଳି ଥିଲେ। ଟେକ୍ସଟ୍ ବୁକ୍ ପ୍ରେସ୍ ନିର୍ଦ୍ଦେଶକ ଥିବା ଦିଲୀପ ଦାସମହାପାତ୍ର ଜଣେ ଉଚ୍ଚକୋଟୀର ଫୁଟ୍‌ବଲ ଖେଳାଳି ସହିତ ଭଲିବଲ (ରାଜ୍ୟକୁ ପ୍ରତିନିଧିତ୍ୱ), ଦୌଡ଼କୁଦ, କ୍ରିକେଟ ଏବଂ ଟେବୁଲ ଟେନିସ୍‌ରେ ଜଣେ ଶ୍ରେଷ୍ଠ ଖେଳାଳିର ମାନ୍ୟତା ପାଇଥିଲେ।

କ୍ରିକେଟ: ଦେବ ମହାପାତ୍ର ଭୁବନେଶ୍ୱରର ପ୍ରଥମ ଖେଳାଳି ଭାବେ ଓଡ଼ିଶା ରଣଜି ଦଳର ସଦସ୍ୟ ଭାବେ ରାଜ୍ୟକୁ ପ୍ରତିନିଧିତ୍ୱ କରିଥିଲେ। ଅନ୍ୟ ପ୍ରମୁଖ ଖେଳାଳିମାନଙ୍କ ମଧ୍ୟରେ ଥିଲେ ଏନ.ପି. ଦାସ (ଧିରୁ), ବନି (ସର୍ବଭାରତୀୟ ବନ ସେବା ଅଧିକାରୀ), ମିହିର (ଓୟୁଏଟି), ମିଷ୍ଟ୍ରି ସ୍ପିନର ଗୋପାଳ ଦାସ, ଉମା ତ୍ରିପାଠୀ, ସୁରଞ୍ଜନ କାନୁନ୍‌ଗୋ, ମିନୁ କାନୁନ୍‌ଗୋ, ସ୍ୱର୍ଗତ ବାଦଲ ପଟ୍ଟନାୟକ, ସ୍ୱର୍ଗତ ଫାଲ୍‌ଗୁନି ସିଂ, ଗୌରାଙ୍ଗ ପରିଜା, ଭବାନୀ ବ୍ରହ୍ମା, ସୁଭାଷ ମହାପାତ୍ର, ପ୍ରମେଶ ମହାପାତ୍ର, ରବି ମହାପାତ୍ର, ରୁଡ଼ି ବର୍ଗ (ତତ୍କାଳୀନ ମୁଖ୍ୟ ଶାସନ ସଚିବ ଏ.କେ. ବାରେନ୍‌ଙ୍କ ପୁତ୍ର), ଦୁର୍ଲ୍ଲଭ ବିଶ୍ୱାସ, ଦୁଇ ଭାଇ ପ୍ରଫୁଲ୍ଲ ଓ ରବି ପଟ୍ଟନାୟକ, ମନସୁର ଅଲ୍ଲୀ, ମକସୁଦ ଅଲ୍ଲୀ ପ୍ରମୁଖ।

ଭଲିବଲ: ଭୁବନେଶ୍ୱରର ଆଗଧାଡ଼ିର ଖେଳାଳିମାନେ ସେ ସମୟରେ ତତ୍କାଳୀନ ପରେଡ୍ ଗ୍ରାଉଣ୍ଡ (ବର୍ତ୍ତମାନ ଇନ୍ଦିରା ଗାନ୍ଧୀ ପାର୍କ) ଏବଂ ଏ.ଜି. ରିକ୍ରିଏଶନ ୪ ନଂ. ୟୁନିଟ୍ ପଡ଼ିଆରେ ଅଭ୍ୟାସ କରୁଥିଲେ। ପ୍ରମୁଖ ଖେଳାଳିମାନଙ୍କ ମଧ୍ୟରେ ଥିଲେ ଦିଲୀପ ଦାସ ମହାପାତ୍ର, ବଦ୍ରି ମହାପାତ୍ର, ବିମଳ ମହାପାତ୍ର, ପ୍ରସନ୍ନ ପଟ୍ଟନାୟକ, ଜୀବନ, ରଞ୍ଜନ ଏବଂ ମୂର୍ତ୍ତି ପ୍ରଭୃତି। ବିଜେବି କଲେଜରେ ଯେଉଁ ମହିଳାମାନେ ଖେଳୁଥିଲେ ସେମାନେ ହେଲେ ଶୈଳବାସିନୀ ମହାନ୍ତି, ମୀନାକ୍ଷୀ ଦାସ, ପ୍ରଭାତ ନଳିନୀ ଏବଂ ନିନା କପୁର ପ୍ରମୁଖ।

ଆଥ୍‌ଲେଟିକ୍ସ (ଦୌଡ଼କୁଦ): ଭୁବନେଶ୍ୱର ଆଥ୍‌ଲେଟିକ୍ ଆସୋସିଏଶନ୍ ଦ୍ୱାରା ପ୍ରତିବର୍ଷ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ ହେଉଥିଲା ପରେଡ୍ ଗ୍ରାଉଣ୍ଡରେ। ସେ ସମୟରେ ଉଚ୍ଚକୋଟୀର ଆଥ୍‌ଲେଟ୍ସଙ୍କ ମଧ୍ୟରେ ଥିଲେ ଜଗଦାନନ୍ଦ ମହାପାତ୍ର (ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଭଣଜା), ରବି ମହାପାତ୍ର, ରୁଡ଼ି ବର୍ଗ, ଜୟନ୍ତ ସାହୁ (ଟୁକୁ), ଆଶିଷ ପଟ୍ଟନାୟକ, ସଞ୍ଜୟ ଦାସ (କଇଁ), ସତ୍ୟ ମହାନ୍ତି, ନରେନ୍ଦ୍ର ସେଠୀ, ଆର୍ତ୍ତ ମହାନ୍ତି ପ୍ରଭୃତି।

ବ୍ୟାଡ୍‌ମିଣ୍ଟନ: ୨ ନମ୍ବର ୟୁନିଟ୍‌ରେ ପାଲଘେରା ହୋଇ ଫ୍ଲଡ୍ ଲାଇଟ୍‌ରେ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିଲା। ପ୍ରମୁଖ ଖେଳାଳିମାନେ ଥିଲେ ବିଷ୍ଣୁ ମହାନ୍ତି, ବରେଶ ମହାପାତ୍ର, ପ୍ରମେଶ ମହାପାତ୍ର, ଅଶୋକ ମହାନ୍ତି (ମଣ୍ଟୁ), ମନମୋହନ ହୋତା, ପ୍ରତାପ ବେହେରା, ଜୟନ୍ତ ହୋତା, ରାଜୁ ସାହୁ, ଲକ୍ଷ୍ମୀକାନ୍ତ ମହାନ୍ତି, ଦେବାଶିଷ ମହାପାତ୍ର ପ୍ରମୁଖ। ବିଜେବି କଲେଜରେ ଯେଉଁ ଝିଅମାନେ ଟୁର୍ନାମେଣ୍ଟରେ ଭାଗ ନେଉଥିଲେ, ସେମାନେ ହେଲେ ନିନା କପୁର, ଜ୍ୟୋତ୍ସ୍ନା ବେହେରା, ମୀନାକ୍ଷୀ ଦାସ, ପ୍ରଭାତ ନଳିନୀ, ଶୈଳବାସିନୀ, ମିରା ସିଂ, ଶ୍ରୀଲେଖା ଭଞ୍ଜ ମିଶ୍ର।

ଚେସ୍ ଖେଳର ପ୍ରସାର ଦିଗରେ ସ୍ୱର୍ଗତ ଅରାତି ବିଜୟ ମହାନ୍ତି ଏବଂ କେଶବ ଚନ୍ଦ୍ର ଦାସ ପ୍ରୟାସ ଆରମ୍ଭ କରିଥିଲେ। ତାଙ୍କ ଉଦ୍ୟମରେ ସେକ୍ରେଟାରିଏଟ୍ ରିକ୍ରିଏଶନ କ୍ଲବ୍‌ରେ ନିୟମିତ ଚେସ୍ ଖେଳ ହେଉଥିବା ବେଳେ ପ୍ରତିଯୋଗିତା ଆୟୋଜନ ହେଉଥିଲା। ଅନ୍ୟ ଖେଳଗୁଡ଼ିକ ମଧ୍ୟରେ ୬୦ ଦଶକର ଶେଷ ଭାଗରେ ବାସ୍କେଟବଲ ଆରମ୍ଭ ହୋଇଥିଲା। କଟକର ମାରୱାଡି ସ୍କୁଲରୁ ଡିଏମ୍ ସ୍କୁଲକୁ ବଦଳି ହୋଇ ଆସିଥିବା ପୂର୍ବତନ ବାସ୍କେଟବଲ ଖେଳାଳି କ୍ରୀଡ଼ା ଶିକ୍ଷକ ହନାନ୍ ସାର୍‌ଙ୍କ ତତ୍ତ୍ୱାବଧାନରେ ମୋହନ କିନି, ଜୟଦୂତ ରହମନ, ମକବୁଲ ଅଲ୍ଲୀ ପ୍ରଭୃତି ଆଗଧାଡ଼ିର ଖେଳାଳି ଥିଲେ।

ବଡ଼ିବିଲ୍‌ଡିଂ ଓ ଭାରୋତ୍ତୋଳନ: ପୁରୁଣା ଭୁବନେଶ୍ୱରର ବଉଳଗଡ଼ ଜିମ୍‌ନାସିୟମ, ପୁରୁଣା ଷ୍ଟେଶନ ରୋଡ୍‌ରେ ଥିବା ଶକ୍ତି ସଂଘ, ୮ ନମ୍ବର ୟୁନିଟ୍‌ର ରୟାଲ ଜିମ୍‌ନାସିୟମ, ଏକ ନମ୍ବର କିଶୋର କ୍ଲବ, ୟୁନିଟ୍–୬ ଜିମ୍‌ନାସିୟମ, ୩ ନମ୍ବର ୟୁନିଟ୍‌ର ଉଷା ଆଲୋକ କ୍ଲବମାନଙ୍କରେ ନିୟମିତ ଭାବେ ଯୁବକମାନେ ବଡ଼ି ବିଲ୍‌ଡିଂ ଏବଂ ଭାରୋତ୍ତୋଳନ ଅଭ୍ୟାସ କରୁଥିଲେ ଏବଂ ପ୍ରତିଯୋଗିତାରେ ଭାଗ ନେଉଥିଲେ।

୨ ନଂ. ୟୁନିଟ୍‌ସ୍ଥିତ ସେକ୍ରେଟାରିଏଟ୍ ରିକ୍ରିଏଶନ କ୍ଲବ୍‌ରେ ନିୟମିତ ଟେବୁଲ ଟେନିସ ଖେଳାଯାଉଥିଲା ଏବଂ ପ୍ରତିଯୋଗିତା ମଧ୍ୟ ଆୟୋଜିତ ହେଉଥିଲା। ଦିଲୀପ ଦାସ ମହାପାତ୍ର, ସୁକାନ୍ତ ଘୋଷ, ଜଟଣୀର ରାଓ ଭ୍ରାତା, ସତିଶ ପଟ୍ଟନାୟକ, ଅର୍‌ନେଷ୍ଟ ଫ୍ଲୋଟ, ରାଜୁ ସାହୁ ପ୍ରମୁଖ ଉଚ୍ଚକୋଟୀର ଖେଳାଳି ଥିଲେ।

ଉନ୍ନତ ଭିତ୍ତିଭୂମିର ଅଭାବ, ସୀମିତ ସୁବିଧା ସୁଯୋଗ ସତ୍ତ୍ୱେ ଭୁବନେଶ୍ୱର ସହରରେ କ୍ରୀଡ଼ାର ଏକ ଅନୁକୂଳ ବାତାବରଣ ଥିଲା ଏବଂ ଯୁବତୀ ଯୁବକମାନେ କ୍ରୀଡ଼ାକୁ ଏକ ମନୋରଞ୍ଜନର ମାଧ୍ୟମ ଭାବେ ଉପଭୋଗ କରୁଥିଲେ।


ୟୁନିଟ୍–୧ ଗ୍ରାଉଣ୍ଡରେ ବଲ୍‌କୁ କିକ୍ କରି ଏକ ଫୁଟ୍‌ବଲ ମ୍ୟାଚର ଶୁଭାରମ୍ଭ କରିବା ଅବସରରେ ଶୁଭେନ୍ଦୁ ପଟ୍ଟନାୟକ

# ଓଡ଼ିଶା 'ଖୋ ଖୋ'ର ଗର୍ବ ମାଗାଇ

ଭୁବନେଶ୍ୱର, ୧୬।୧୦(ଅନାଦି କର)

'ଆମ ଆଦିବାସୀ ଗାଁରେ ସାଧାରଣତଃ ବଡ଼ ଆକାରରେ ଦୀପାବଳି ପାଳନ କରାଯାଏ ନାହିଁ। କିନ୍ତୁ ଏଥର ଏହାକୁ ଖୁବ ଆଡ଼ମ୍ବରରେ ପାଳନ କରାଯିବ। ମୋ ପାଇଁ ମୋ ଝିଅ ହିଁ ଲକ୍ଷ୍ମୀ। ସେ ନିଜର ଉପଲବ୍ଧି ବଳରେ ଏହି ଦୀପାବଳିକୁ ମୋ ପାଇଁ ସ୍ୱତନ୍ତ୍ର କରି ଦେଇଛି। ସେ ତା'ର ଗାଁ, ରାଜ୍ୟ ଓ ଦେଶ ପାଇଁ ଗୌରବ ଆଣିଛି। ତା' ବିଷୟରେ ଚିନ୍ତା କରି ମୋ ହୃଦୟ ଗର୍ବରେ ଭରି ଯାଉଛି'। ଭାରତର ସର୍ବ ପ୍ରଥମ ଖୋ ଖୋ ବିଶ୍ୱକପ୍ ଟ୍ରଫି ସହ ଓଡ଼ିଶା ଫେରିଥିବା ୨୧ ବର୍ଷୀୟା ମାଗାଇ ମାଝୀଙ୍କ ମା' ବୁଧବାରୀ ଲୁହଭରା ଆଖିରେ ଏହା କହିଛନ୍ତି। କିନ୍ତୁ ସଫଳତାର ଏହି ମୁହୂର୍ତ୍ତରେ ପହଞ୍ଚିବା ପାଇଁ ମାଗାଇଙ୍କୁ ଅନେକ ବାଧା, ସଂଘର୍ଷ, ଦ୍ୱନ୍ଦ୍ୱ ଦେଇ ଗତି କରିବାକୁ ପଡ଼ିଥିଲା।

୨୦୦୪ ଅଗଷ୍ଟ ୧୮ ତାରିଖରେ ରାୟଗଡ଼ା ଜିଲା, କାଶୀପୁର ବ୍ଲକ, ଚନ୍ଦ୍ରଗିରି ପଞ୍ଚାୟତର କାସନାଦାରା ଗାଁରେ ମାଗାଇଙ୍କ ଜନ୍ମ। ତାଙ୍କ ଜନ୍ମର ମାସକ ପରେ ତାଙ୍କ ବାପା ଦାମୁ ମାଝୀଙ୍କର ଅକାଳ ବିୟୋଗ ଘଟିଥିଲା। ତାଙ୍କ ବାପା ପେସାରେ ଚାଷୀ ଥିଲେ। ସେ ଜଣେ ବିଧବା ଓ ଏକ ନବଜାତ ଝିଅକୁ ପଛରେ ଛାଡ଼ି ଯାଇଥିଲେ। ଗରିବ ଅଧ୍ୟୁଷିତ କାଶୀପୁର ବ୍ଲକରେ ବୁଧବାରୀ ଝିଅକୁ ହଷ୍ଟେଲରେ ରଖିବାକୁ ନିଷ୍ପତ୍ତି ନେଇଥିଲେ, ଯାହାକି ତାଙ୍କର ଓ ତାଙ୍କ ଝିଅର ଜୀବନ ବଦଳାଇ ଦେଇଥିଲା।

୨୦୧୩ରେ ମାଗାଇ ୯ ବର୍ଷ ବୟସରେ ଖୋ ଖୋ ଖେଳିବା ଆରମ୍ଭ କରିଥିଲେ। ଭାରତର ଏହି ପୁରାତନ କ୍ରୀଡ଼ା ତାଙ୍କର ଅନ୍ତରାତ୍ମାକୁ ଜାଗ୍ରତ କରିଥିଲା। ସେ ଘରଠାରୁ ଖୁବ୍ ଦୂରରେ ଭୁବନେଶ୍ୱରସ୍ଥିତ ଓଡ଼ିଶା ଖୋ ଖୋ ହାଇ ପର୍‌ଫର୍ମାନ୍ସ ସେଣ୍ଟରରେ ଟ୍ରେନିଂ ନେଇଥିଲେ। ଟ୍ରେନିଂ ସେଣ୍ଟରରେ ସେ ମା'ଙ୍କଠାରୁ ଦୂରରେ ରହି କଠିନ ପରିଶ୍ରମ ଓ ଝାଳବୁହା ଅଭ୍ୟାସ କରିଥିଲେ। ୨୦୧୯ରେ ତାଙ୍କ ପ୍ରତିନିଧିତ୍ୱରେ ଓଡ଼ିଶା ୫୩ତମ ସିନିୟର ଜାତୀୟ ଖୋ ଖୋ ଚାମ୍ପିୟନଶିପ୍‌ରେ ବ୍ରୋଞ୍ଜ ଓ ୨୦୨୨ରେ ୩୬ତମ ଜାତୀୟ ଗେମ୍ସରେ ଓଡ଼ିଶା ରୌପ୍ୟ ପଦକ ଜିତିଥିଲା। ୨୦୨୪ରେ ତାଙ୍କ ପ୍ରତିନିଧିତ୍ୱରେ ଓଡ଼ିଶା ଖେଲୋ ଇଣ୍ଡିଆ ସିନିୟର ମହିଳା ଖୋ ଖୋ ଲିଗ୍ ଫେଜ ୩ରେ ଚାମ୍ପିୟନ ହୋଇଥିଲା। ଏହାପରେ ତାଙ୍କୁ ଚଳିତ ବର୍ଷ ଜାନୁଆରୀରେ ଅନୁଷ୍ଠିତ ଖୋ ଖୋ ବିଶ୍ୱକପ୍ ଲାଗି ଭାରତୀୟ ମହିଳା ଦଳରେ ସାମିଲ କରାଯାଇଥିଲା। ପୂରା ଟୁର୍ନାମେଣ୍ଟରେ ଭାରତୀୟ ଦଳ ସମ୍ପୂର୍ଣ୍ଣ କାୟା ବିସ୍ତାର କରି ଖେଳିଥିଲା। ଲିଗ୍ ପର୍ଯ୍ୟାୟରେ ଦକ୍ଷିଣ କୋରିଆ, ଇରାନ, ମାଲେସିଆକୁ ହରାଇବା ପରେ ଭାରତୀୟ ଦଳ କ୍ୱାର୍ଟର ଫାଇନାଲରେ ବାଂଲାଦେଶ ଓ ସେମିଫାଇନାଲରେ ଦକ୍ଷିଣ ଆଫ୍ରିକାକୁ ହରାଇଥିଲା। ଶେଷରେ ଫାଇନାଲରେ ନେପାଳକୁ ୪୦–୭୮ ବ୍ୟବଧାନରେ ହରାଇ ଭାରତ ପ୍ରଥମ ମହିଳା ଖୋ ଖୋ ବିଶ୍ୱକପ୍‌ରେ ଚାମ୍ପିୟନ ହୋଇଥିଲା। ଏହାର ପ୍ରଭାବ ସ୍ୱରୂପ ତାଙ୍କ ଗାଁରେ ଖୋ ଖୋ କେବଳ ଏକ ଖେଳହୋଇ ରହି ନ ଥିଲା। ମାଗାଇ ଦେଖାଇ ଦେଇଥିଲେ ଯେ, ପରିଶ୍ରମ ଓ ଉଚିତ ମାର୍ଗଦର୍ଶନ ବଳରେ ଝିଅମାନେ ସବୁ କିଛି ହାସଲ କରିପାରିବେ। ଏହି ବିଜୟ କେବଳ ତାଙ୍କର ନ ଥିଲା ବରଂ କୌଣସି ବାଧାକୁ ଖାତିର ନ କରି ଆଗକୁ ବଢୁଥିବା ପ୍ରତ୍ୟେକ ଝିଅର ବିଜୟ ଥିଲା।

ଏବେ ଗାଁ ଲୋକଙ୍କ ଫୁସଫୁସ ପ୍ରଶଂସାରେ ପରିଣତ ହୋଇଛି। ଏ ସମ୍ପର୍କରେ ତାଙ୍କ ମା' ବୁଧବାରୀ କହିଛନ୍ତି, ମୋ ଗାଁ ଓ ଜିଲାର ଅନେକ ଲୋକେ ମୋତେ ପଚାରୁଛନ୍ତି ଯେ, ସେମାନେ କେଉଁ ଭଳି ସେମାନଙ୍କ ଝିଅକୁ ମୋ ଝିଅ ଭଳି କରିପାରିବେ। ପୂର୍ବରୁ ବାପା–ମା' ଖେଳକୁ ସନ୍ଦେହ ଦୃଷ୍ଟିରେ ଦେଖୁଥିଲେ। ଏବେ ଖେଳକୁ ସମୃଦ୍ଧ ଓ ଗୌରବର ମାର୍ଗ ଭଳି ଦେଖୁଛନ୍ତି। ଯେଉଁ ଝିଅର ଶର୍ଟ ପିନ୍ଧିବା ଓ ଖେଳିବାକୁ ନେଇ ପ୍ରଶ୍ନ କରାଯାଉଥିଲା, ସେହି ଝିଅ ଅନ୍ଧାରରେ ଆଲୋକ ହୋଇ ଅନେକଙ୍କୁ ବାଟ ଦେଖାଉଛି। ଖୋ ଖୋ ଆଦିବାସୀ ଓଡ଼ିଶାରେ ଏକ ଖେଳରୁ ଖୁବ ଅଧିକ ପାଲଟି ଯାଇଛି। ଏହି ଖେଳ ଏବେ ସମ୍ଭାବନାର ଏକ ପ୍ରତୀକ ପାଲଟି ଯାଇଛି।


ମା' ବୁଧବାରୀଙ୍କ ସହ ମାଗାଇ ମାଝୀ


ଫଷ୍ଟିନୋ ଓରୋ

## ୧୨ ବର୍ଷୀୟ ଫଷ୍ଟିନୋ ଚାମ୍ପିୟନ

**ଜିସିଏଲ୍ କଣ୍ଟେଣ୍ଡର୍ସ ଚେସ୍**

ମୁମ୍ବାଇ, ୧୬।୧୦ (ପି.ଟି.)

ଆର୍ଜେଣ୍ଟିନାର ୧୨ବର୍ଷୀୟ ବିସ୍ମୟ ଫଷ୍ଟିନୋ ଓରୋ ଏଠାରେ ଅନୁଷ୍ଠିତ ଜିସିଏଲ୍ କଣ୍ଟେଣ୍ଡର୍ସ ନକ୍‌ଆଉଟ ଚ୍ୟାଲେଞ୍ଜର୍ସ ରାଉଣ୍ଡ ଚେସ୍ ଟୁର୍ନାମେଣ୍ଟର ୨୧ ବର୍ଷରୁ କମ୍ ପ୍ରୋଡିଜି କାଟେଗୋରିରେ ଚାମ୍ପିୟନ ହୋଇଛନ୍ତି। ଅନ୍ୟପକ୍ଷରେ ଗ୍ରାଣ୍ଡମାଷ୍ଟର ଜୋସ୍ ମାର୍ଟିନେଜ୍ ଏବଂ ମହିଳା ଗ୍ରାଣ୍ଡମାଷ୍ଟର ମାଇ ନାର୍ଭା ଯଥାକ୍ରମେ ପୁରୁଷ ଓ ମହିଳା ଚାମ୍ପିୟନଶିପ୍ ଜିତିଛନ୍ତି। ବର୍ତ୍ତମାନ ଏହି ୩ଜଣ ଗ୍ଲୋବାଲ ଚେସ୍ ଲିଗ୍ (ଜିସିଏଲ୍) ତୃତୀୟ ସିଜନର ଅଫିସିଆଲ ବ୍ରାଣ୍ଡ ଆମ୍ବାସଡର ହେବେ। ଟେକ୍ ମହିନ୍ଦ୍ରା ଓ ଫିଡେର ମିଳିତ ଉଦ୍ୟମରେ ଏହି ଟୁର୍ନାମେଣ୍ଟ ମୁମ୍ବାଇରେ ଡିସେମ୍ବର ୧୩ରୁ ୨୪ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଓରୋ 'ମେସି ଅଫ୍ ଚେସ୍' ଭାବେ ପରିଚିତ। ସେ ଏକ ରୋମାଞ୍ଚକ ଫାଇନାଲରେ ଭାରତୀୟ ଗ୍ରାଣ୍ଡମାଷ୍ଟର ପ୍ରଣବ ଆନନ୍ଦଙ୍କୁ ହରାଇ ଦେଇଥିବା ବେଳେ ଗ୍ରାଣ୍ଡମାଷ୍ଟର ଜୋସ୍ ମାର୍ଟିନେଜ୍ ଆମେରିକାନ୍ ଷ୍ଟ୍ରିମର ଓ ବ୍ଲିଜ୍ ସ୍ପେଶାଲିଷ୍ଟ ଅନ୍ତର୍ଜାତୀୟ ମାଷ୍ଟର ଆଣ୍ଡ୍ର୍ୟୁ ଟଙ୍ଗ୍‌ଙ୍କୁ ପରାସ୍ତ କରିଛନ୍ତି। ଇସ୍ତୋନିଆର ନାର୍ଭା ୟୁକ୍ରେନର ମହିଳା ଗ୍ରାଣ୍ଡମାଷ୍ଟର ୟୁଲିଆ ଓସ୍ମାକ୍‌ଙ୍କ ବିପକ୍ଷରେ ବିଜୟ ହାସଲ କରିଛନ୍ତି।

# ଓଡ଼ିଶା ଇନିଂସ ୨୭୧ରେ ସୀମିତ

**ଭୁବନେଶ୍ୱର, ୧୬।୧୦ (ତପନ ସ୍ୱାଇଁ)**

ଚଳିତ ରଣଜୀ ଟ୍ରଫି ସିଜନ ଆରମ୍ଭରୁ ଓଡ଼ିଶାର ଦଳଗତ ବ୍ୟାଟିଂ ବିଫଳତା ପରିଲକ୍ଷିତ ହୋଇଛି। କଟକର ବାରବାଟୀ ଷ୍ଟାଡିୟମରେ ଚାଲିଥିବା ବରୋଦା ବିପକ୍ଷ ରଣଜୀ ମ୍ୟାଚରେ ଏକଦା ୫ ଉଇକେଟ ହରାଇ ୨୫୦ ରନ କରିଥିବା ଓଡ଼ିଶା ଦଳର ପ୍ରଥମ ଇନିଂସ ୨୭୧ ରନ୍‌ରେ ସୀମିତ ରହି ଯାଇଛି। ଅର୍ଥାତ୍ ଅବଶିଷ୍ଟ ୨୧ ରନ ମଧ୍ୟରେ ଦଳ ୫ ଉଇକେଟ ହରାଇଛି। ଗୁରୁବାର ଦ୍ୱିତୀୟ ଦିବସ ଷ୍ଟମ୍ପ ପ୍ରତ୍ୟାହୃତ ହେବା ବେଳକୁ ବରୋଦା ପ୍ରଥମ ଇନିଂସରେ ୨

**ରଣ୍‌ଜୀ ଟ୍ରଫି**

**ବରୋଦା: ୧୨୭/୨**

ଉଇକେଟ ହରାଇ ୧୨୭ ରନ କରିଛି। ଜ୍ୟୋସ୍ନିଲ ସିଂ ୧୨ ଓ ଶାଶ୍ୱତ ରାଉତ ୮ ରନକରି ଆଉଟ ହୋଇଥିବାବେଳେ ଶିଭାଲିକ ଶର୍ମା ୭୫ ଓ ସୁକୀର୍ତ୍ତ ପାଣ୍ଡେ ୩୨ ରନରେ ଅପରାଜିତ ରହିଛନ୍ତି। ବରୋଦା ଇନିଂସରେ ୬୧ ଓଭର ଖେଳ ହୋଇଥିଲେ ମଧ୍ୟ ଓଡ଼ିଶାର କୌଣସି ସ୍ପେଶାଲିଷ୍ଟ ବୋଲର ଗୋଟିଏ ହେଲେ ଉଇକେଟ ପାଇ ନାହାନ୍ତି। ଜ୍ୟୋସ୍ନିଲ ରନ୍‌ଆଉଟ ହୋଇଥିବାବେଳେ ଅନ୍ୟ ଉଇକେଟଟି ସାମୟିକ ବୋଲର ଗୋବିନ୍ଦ ପୋଦ୍ଦାର ହାସଲ କରିଛନ୍ତି। ୮ ଉଇକେଟ ସୁରକ୍ଷିତ ଥିବାବେଳେ ବରୋଦା ଓଡ଼ିଶାର ପ୍ରଥମ ଇନିଂସ ସ୍କୋରଠାରୁ ଆଉ ୧୪୪ ରନ ପଛରେ ରହିଛି।

**ଧୂପର ଶତକରୁ ବଞ୍ଚିତ**

ପ୍ରଥମ ଦିବସର ଅସମାପ୍ତ ସ୍କୋର ୨୦୫/୫ରୁ ଖେଳ ଆରମ୍ଭ କରିଥିବା ଓଡ଼ିଶା ଦ୍ୱିତୀୟ ଦିବସରେ ଆଉ ୬୬ ରନ ଯୋଗ କରିବାକୁ ସକ୍ଷମ ହୋଇଥିଲା। ଆତ୍ମବିଶ୍ୱାସର ସହ ଖେଳିଥିବା ରାଜେଶ ଧୂପର ଶତକ ହାସଲରୁ ଅଳ୍ପକେ ବଞ୍ଚିତ ହୋଇଥିଲେ। ସେ ୨୫୨ଟି ବଲ୍‌ର ସମ୍ମୁଖୀନ ହୋଇ ୭ ଚୌକା ଓ ୨ ଛକା ସହାୟତାରେ ୯୪ ରନ କରିଥିବାବେଳେ ଅତୀତ ସେଠ୍‌ଙ୍କ ବଲ୍‌ରେ ଏଲ୍‌ବିଡବ୍ଲ୍ୟୁ ଆଉଟ ହୋଇଯାଇଥିଲେ। ଉଇକେଟ କିପର ଆଶୀର୍ବାଦ ସ୍ୱାଇଁ ୨୨ ରନର ଯୋଗଦାନ ଦେଇଥିବାବେଳେ ଲୋୟର ଅର୍ଡରରେ କୌଣସି ବ୍ୟାଟର ଦୁଇଅଙ୍କ ସ୍ପର୍ଶ କରିପାରି ନ ଥିଲେ। ବରୋଦା ବୋଲରଙ୍କ ମଧ୍ୟରେ ଅତୀତ ସେଠ୍ ୪ଟି, ରସିଖ ସଲାମ ୩ଟି, ଭାର୍ଗବ ଭଟ୍ଟ ୨ଟି ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା ପ୍ରଥମ ଇନିଂସ: ୨୭୧/ଅଲ୍‌ଆଉଟ (ରାଜେଶ ଧୂପର-୯୪, ଶୁଭ୍ରାଂଶୁ ସେନାପତି-୭୯, ଅତୀତ ସେଠ୍-୪/୬୭, ରସିଖ ସଲାମ-୩/୬୬, ଭାର୍ଗବ ଭଟ୍ଟ-୨/୬୨)। ବରୋଦା ପ୍ରଥମ ଇନିଂସ: ୧୨୭/୨ (ଶିଭାଲିକ ଶର୍ମା-୭୫*, ସୁକୀର୍ତ୍ତ ପାଣ୍ଡେ-୩୨*, ଗୋବିନ୍ଦ ପୋଦ୍ଦାର-୧/୩୪)।



ଓଡ଼ିଶା ଓ ବରୋଦା ମଧ୍ୟରେ ଚାଲିଥିବା ମ୍ୟାଚ୍‌ର ଏକ ମୁହୂର୍ତ୍ତ।

# ସୁପର କପ୍‌ରୁ ଓହରିଲା ରିଅଲ କଶ୍ମୀର ଏଫ୍‌ସି

**ନୂଆଦିଲ୍ଲୀ, ୧୬।୧୦ (ପି.ଟି.)**

ଆଇ-ଲିଗ୍ ଦଳ ରିଅଲ କଶ୍ମୀର ଆସନ୍ତା ସୁପର କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟରୁ ଓହରିଯାଇଛି। ସେମାନଙ୍କ ବିଦେଶୀ ଖେଳାଳିମାନଙ୍କୁ ଭିଜା ପ୍ରଦାନରେ ବିଳମ୍ବ ଘଟୁଥିବାରୁ ଏହି ନିଷ୍ପତ୍ତି ନିଆଯାଇଥିବା କ୍ଲବ ତରଫରୁ କୁହାଯାଇଛି। ଗୋଆରେ ସୁପର କପ୍ ଫୁଟ୍‌ବଲ ଅକ୍ଟୋବର ୨୫ରୁ ଆରମ୍ଭ ହେବ। ରିଅଲ କଶ୍ମୀର ସ୍ଥାନରେ ଡେମ୍ପୋ ଏଫ୍‌ସି ଟୁର୍ନାମେଣ୍ଟରେ ସାମିଲ କରାଯାଇଛି। ଶ୍ରୀନଗର ଦଳ 'ଗ୍ରୁପ୍ ଅଫ୍ ଡେଥ୍' ରେ ମୋହନ ବାଗାନ ସୁପର ଜାଏଣ୍ଟ, ଇଷ୍ଟ ବେଙ୍ଗଲ ଏଫ୍‌ସି ଓ ଚେନ୍ନାଇନ ଏଫ୍‌ସି ଦଳ ସହିତ ସ୍ଥାନ ପାଇଛି। ରିଅଲ କଶ୍ମୀର ଯଦି ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିଥାନ୍ତା ତେବେ ଅକ୍ଟୋବର ୨୫ ସୁପର କପ୍ ଓପନରରେ ପ୍ରଥମେ ଇଷ୍ଟ ବେଙ୍ଗଲକୁ ଭେଟିଥାନ୍ତା। ଦଳ ପରେ ଗ୍ରୁପ୍ 'ଏ'ରେ ଅକ୍ଟୋବର ୨୮ରେ ମୋହନବାଗାନ ଏସ୍‌ଜି ଓ ଅକ୍ଟୋବର ୩୧ରେ ଚେନ୍ନାଇନ ଏଫ୍‌ସି ସହ ମୁକାବିଲା କରିଥାନ୍ତା।

# ବାବରଙ୍କ ପାଇଁ ଡ୍ରେସିଂ ରୁମ୍‌ରେ ପ୍ରଶଂସକ

**ଲାହୋର, ୧୬।୧୦(ପି.ଟି.):** ବାବର ଆଜମଙ୍କୁ ଭେଟିବା ପାଇଁ ଜଣେ ପ୍ରଶଂସକ ଗଦାଫି ଷ୍ଟାଡିୟମରେ ସୁରକ୍ଷା ବ୍ୟାରିକେଡ୍ ଡେଇଁ ପାକିସ୍ତାନ ଡ୍ରେସିଂ ରୁମ୍‌ରେ ପଶିବାକୁ ଚେଷ୍ଟା କରିଥିଲେ। ଉକ୍ତ ପ୍ରଶଂସକଙ୍କୁ ରିମାଣ୍ଡରେ ନିଆଯିବା ପରେ ପୋଲିସ ଛାଡ଼ି ଦେଇଛି। ଉକ୍ତ ଯୁବକଙ୍କ ନାମ ଓଭାଇସ। ଡବ୍ଲ୍ୟୁଟିସି ଚାମ୍ପିୟନ ଦକ୍ଷିଣ ଆଫ୍ରିକା ଓ ପାକିସ୍ତାନ ମଧ୍ୟରେ ଖେଳାଯାଇଥିବା ପ୍ରଥମ ଟେଷ୍ଟ ମ୍ୟାଚ୍‌ର ଚତୁର୍ଥ ଦିନ ଏହି ଘଟଣା ଘଟିଥିଲା।

# ଅଷ୍ଟ୍ରେଲିଆ ୧୦ ଉଇକେଟରେ ବିଜୟୀ

**ବିଶାଖାପାଟଣା, ୧୬।୧୦**

ଅଧିନାୟିକା ଆଲିସା ହିଲିଙ୍କ ଅପରାଜିତ ଶତକ ଓ ଫୋଏବେ ଲିଚ୍‌ଫିଲ୍ଡଙ୍କ ଅର୍ଦ୍ଧଶତକ ବଳରେ ଅଷ୍ଟ୍ରେଲିଆ ଚଳିତ ଆଇସିସି ମହିଳା ବିଶ୍ୱକପ୍‌ରେ ଗୁରୁବାର ଖେଳାଯାଇଥିବା ବାଂଲାଦେଶ ବିପକ୍ଷ ମ୍ୟାଚ୍‌କୁ ୧୦ ଉଇକେଟରେ ଜିତି ନେଇଛି। ଏହା ଅଷ୍ଟ୍ରେଲିଆର ଚତୁର୍ଥ ବିଜୟ। ଏହି ବିଜୟ ସହ ଡିଫେଣ୍ଡିଂ ଚାମ୍ପିୟନ ଅଷ୍ଟ୍ରେଲିଆ ୫ ମ୍ୟାଚ୍‌ରେ ୯ ପଏଣ୍ଟ ସହ ଶୀର୍ଷକୁ ଫେରିଛି।

**ଆଇସିସି ମହିଳା ବିଶ୍ୱକପ୍**

ଟସ୍ ଜିତି ବାଂଲାଦେଶ ୫୦ ଓଭରରେ ୯ ଉଇକେଟ ହରାଇ ୧୯୮ ରନ କରିଥିଲା। ଦଳ ପାଇଁ ସୋଭନା ମୋଷ୍ଟାରୀ ଅପରାଜିତ ୬୬ (୯ ଚୌକା) ଓ ରୁବ୍ୟା ହାଇଦର ୪୪ (୮ ଚୌକା) ରନ କରିଥିଲେ। ଅଷ୍ଟ୍ରେଲିଆ ପାଇଁ ଆଶଲେ ଗାର୍ଡନର, ଆଲାନା କିଙ୍ଗ, ଆବାବେଲ ସଦରଲାଣ୍ଡ ଓ ଜର୍ଜିଆ ୱାରେହମ ୨ ଲେଖାଏ ଉଇକେଟ ନେଇଥିଲେ। ଚଳିତ ବିଶ୍ୱକପ୍‌ରେ ଅଷ୍ଟ୍ରେଲିଆ ପ୍ରତିପକ୍ଷ ଦଳକୁ ଅଲଆଉଟ୍ କରିବାରେ ପ୍ରଥମଥର ପାଇଁ ବିଫଳ ହୋଇଥିଲା। ଜବାବରେ ଅଷ୍ଟ୍ରେଲିଆ ୨୪.୫ ଓଭରରେ ବିନା ଉଇକେଟରେ ୨୦୨ ରନ କରି ମ୍ୟାଚ୍ ଜିତି ନେଇଥିଲା। ଅଧିନାୟିକା ହିଲି ୧୧୩ (୨୦ ଚୌକା) ଓ ଲିଚ୍‌ଫିଲ୍ଡ ୮୪ (୧୨ ଚୌକା ଓ ୧ ଛକା) ରନ କରି ଅପରାଜିତ ରହିଥିଲେ। ଏହା ହିଲିଙ୍କ ଚଳିତ ବିଶ୍ୱକପ୍‌ରେ ଦ୍ୱିତୀୟ ଶତକ ଥିଲା।



ମ୍ୟାଚ୍ ବିଜୟୀ ଭାଗୀଦାରି ପରେ ଆଲିସା ହିଲି ଓ ଫୋଏବେ ଲିଚଫିଲ୍ଡ।

**ସଂକ୍ଷିପ୍ତ ସ୍କୋର**

ବାଂଲାଦେଶ: ୫୦ ଓଭରରେ ୧୯୮/୯(ସୋଭନା ମୋଷ୍ଟାରୀ-୬୬, ରୁବ୍ୟା ହାଇଦର -୪୪, ଆଲାନ କିଙ୍ଗ-୨/୧୮)। ଅଷ୍ଟ୍ରେଲିଆ: ୨୪.୫ ଓଭରରେ ୨୦୨/୦(ଆଲିସା ହିଲି-୧୧୩*, ଫୋଏବେ ଲିଚଫିଲ୍ଡ-୮୪*)।

# ଅଭିଷେକ ପୁରୁଷ, ମନ୍ଧାନା ମହିଳା ପୁରସ୍କାର ବିଜେତା

**ଦୁବାଇ, ୧୬।୧୦ (ପି.ଟି.)**

ଭାରତର ଷ୍ଟାର ଓପନର ଅଭିଷେକ ଶର୍ମା ଓ ସ୍ମୃତି ମନ୍ଧାନା ସେପ୍ଟେମ୍ବର ମାସ ପାଇଁ ଯଥାକ୍ରମେ ପୁରୁଷ ଓ ମହିଳା ବିଭାଗରେ ଆଇସିସି ପ୍ଲେୟର ଅଫ୍ ଦି ମନ୍ଥ ପୁରସ୍କାର ଜିତିଛନ୍ତି। ଅଭିଷେକଙ୍କୁ ଏସିଆ କପ୍‌ରେ ଏବଂ ସ୍ମୃତି ମନ୍ଧାନାଙ୍କୁ ଅଷ୍ଟ୍ରେଲିଆ ବିପକ୍ଷ ସିରିଜରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଏହି ପୁରସ୍କାର ମିଳିଛି। ସେପ୍ଟେମ୍ବର ମାସରେ ଅଭିଷେକ ଖେଳିଥିବା ୭ଟି ମ୍ୟାଚରେ ୪୪.୮୫ ଆଭରେଜରେ ୩୧୪ ରନ ସଂଗ୍ରହ କରିଥିଲେ। ତାଙ୍କର ଷ୍ଟ୍ରାଇକ୍ ରେଟ୍ ୨୦୦ ରହିଥିଲା। ଏହି ୨୫ ବର୍ଷୀୟ କ୍ରିକେଟର ଏସିଆ କପ୍‌ରେ ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ ବିବେଚିତ ହୋଇଥିଲେ। ସେ ଆହୁରି ମଧ୍ୟ ଅନ୍ତର୍ଜାତୀୟ ଟି୨୦ ବ୍ୟାଟିଂ ର୍‌ୟାଙ୍କିଙ୍ଗରେ ସର୍ବାଧିକ ରେଟିଂ ପଏଣ୍ଟ ହାସଲ କରିଥିଲେ। ପୁରସ୍କାର ଦୌଡ଼ରେ ସେ ନିଜ ଦେଶର କୁଲଦୀପ ଯାଦବ ଓ ଜିମ୍ବାୱେର ବ୍ରାଏନ ବେନେଟ୍‌ଙ୍କୁ ପଛରେ ପକାଇ ଦେଇଥିଲେ। ଅନ୍ୟପକ୍ଷରେ ଅଷ୍ଟ୍ରେଲିଆ ବିପକ୍ଷ ଘରୋଇ ଅନ୍ତର୍ଜାତୀୟ ଦିନିକିଆ ସିରିଜରେ ମନ୍ଧାନାଙ୍କ ପ୍ରଦର୍ଶନ ଜବରଦସ୍ତ ରହିଥିଲା। ସେ ଏଥିରେ ୫୮, ୧୧୭ ଓ ୧୨୫ ରନ କରିଥିଲେ।

# ଟିଟ୍‌ମସଙ୍କ ଅବସର

**ବ୍ରିସ୍‌ବେନ୍, ୧୬।୧୦ (ଏପି):** ଅଲିମ୍ପିକ ଚାମ୍ପିୟନ ଆରିଆର୍ନ ଟିଟ୍‌ମସ ଏଲିଟ୍ ସୁଇମିଂରୁ ଅବସର ନେଇଛନ୍ତି। ସୋସିଆଲ ମିଡିଆରେ ଏନେଇ ସୂଚନା ଦେଇଛନ୍ତି। ଏହି ଖବର ଅଷ୍ଟ୍ରେଲୀୟ କ୍ରୀଡ଼ାପ୍ରେମୀମାନଙ୍କୁ ଆଶ୍ଚର୍ଯ୍ୟଚକିତ କରିଛି। ୨୫ବର୍ଷୀୟା ଟିଟ୍‌ମସ ହେଉଛନ୍ତି ୪ଥର ଅଲିମ୍ପିକ ସ୍ୱର୍ଣ୍ଣ ବିଜେତା। ଟିଟ୍‌ମସ ଗତବର୍ଷ ପ୍ୟାରିସ ଅଲିମ୍ପିକ୍ସ ୪୦୦ ମିଟର ଫ୍ରିଷ୍ଟାଇଲ ରେସ୍‌ରେ ତାଙ୍କ ଟାଇଟଲ ବଜାୟ ରଖିଥିଲେ।




MINERVA AUTOMOBILES: BOLANGIR, SONEPUR, NUAPADA: 7574891579, BHAWANIPATNA: 7574891577, KRISHNA AUTOMOTIVE: ROURKELA, SUNDERGARH: 8929207509, GN AUTONATION: SAMBALPUR, BARGARH: 9311772663, JHARSUGUDA: 9311772664


Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ